


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-295 ♦BHUBANESWAR ♦SUNDAY ♦21 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୫ ♦ଭୁବନେଶ୍ୱର ♦ରବିବାର ♦୨୧ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


**ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା**

## ସୁନା ୭୫ ହଜାର ଟପି ସର୍ବକାଳୀନ ରେକର୍ଡ



■ **ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି):** ଇସ୍ରାଏଲ୍-ଇରାନ୍ ମଧ୍ୟରେ ଯୁଦ୍ଧ ଯୋଗୁଁ ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ବଢ଼ିବାର ପ୍ରଭାବ ଏବେ ବିଶ୍ୱ ସୁନା ବଜାରରେ ଜୋରଦାର ଅନୁଭବ ହେବାରେ ଲାଗିଛି। କାରଣ ଶନିବାର ଘରୋଇ ବଜାରରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୭୫ ହଜାର ଟଙ୍କା ଅତିକ୍ରମ କରି ନୂଆ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୫,୨୫୦ ଟଙ୍କା ଏବଂ ରୁପା ୬୮ ହଜାର ଟଙ୍କା ସ୍ତର ଅତିକ୍ରମ କରିଯାଇଛି। ଅପରପକ୍ଷେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ପୂର୍ବ ଭଳି ସର୍ବାଧିକ ୮୮,୦୦୦ ଟଙ୍କା ସ୍ତରରେ ରହିଛି। ବଜାରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୮,୦୦୦ ଟଙ୍କା ଟପି ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ଚଳିତବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପ୍ରାୟ ୧୦ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିସାରିଛି। ତେବେ ଇସ୍ରାଏଲ ଓ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାଠାରୁ ସୁନା ମୂଲ୍ୟ ପାଖାପାଖି ୫୦୦୦ ଟଙ୍କା ମହଙ୍ଗା ହୋଇଛି।

**ବିଶେଷଜ୍ଞଙ୍କ ସତର୍କବାଣୀ**

## 'କ୍ଲାଉଡ ସିଡିଂ' ଆଣିପାରେ ପାଣିପାଗ ଯୁଦ୍ଧ



■ **ଦୁବାଇ, ୨୦।୪ (ଏଜେନ୍ସି):** ଅପ୍ରତ୍ୟାଶିତ ଲଗାଣ ବର୍ଷା ଯୋଗୁଁ ଦୁବାଇ ସମେତ ୟୁଏଇର ବିଭିନ୍ନ ସହରରେ ଉପୁଜିଥିବା ବନ୍ୟା ପରିସ୍ଥିତି ପାଣିପାଗ ବିଶେଷଜ୍ଞଙ୍କୁ ଚିନ୍ତିତ କରିଛି। ଦୁବାଇ ସହର ଯେଉଁ ଭଳି ଭାବେ ପାଣିରେ ଉବୁଟୁବୁ ହେବା ଦେଖାଯାଇଛି ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ତେବେ ଅଚାନକ ଭାବେ ଏଭଳି ସ୍ଥିତି ଦେଖାଯିବା ପଛର କାରଣ ତର୍ଜମା କରିବା ପରେ ପାଣିପାଗ ବିଶେଷଜ୍ଞମାନେ 'କ୍ଲାଉଡ ସିଡିଂ'କୁ ଦାୟୀ କରିଛନ୍ତି। ଯଦି ଏବେ ଠାରୁ ଏହା ପ୍ରତି ସତର୍କତା ଅବଲମ୍ବନ ନ କରାଯାଏ ତେବେ ଆଗକୁ ପାଣିପାଗଜନିତ ବିଭିନ୍ନ ସମସ୍ୟା ଦେଖାଯିବ ବୋଲି ସେମାନେ କହିଛନ୍ତି। କେବଳ ସେତିକି ନୁହେଁ, କ୍ଲାଉଡ୍ ସିଡିଂକୁ ଉପଯୋଗ କରି ବିଭିନ୍ନ ରାଷ୍ଟ୍ର ମଧ୍ୟରେ ପାଣିପାଗ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, କ୍ଲାଉଡ୍ ସିଡିଂ ମାଧ୍ୟମରେ ଆକାଶରେ ରହିଥିବା ବାଦଲର ସ୍ଥିତିକୁ ମନୁଷ୍ୟକୃତ ଉପାୟରେ ପରିବର୍ତ୍ତନ କରାଯାଇ ଅନାବୃଷ୍ଟି ଅଞ୍ଚଳରେ ବର୍ଷା କରାଯାଇଥାଏ। ବିମାନ ସହାୟତାରେ ଛୋଟ ▶ପୃଷ୍ଠା-୮

# ତାତିରେ ରେକର୍ଡ

## ପୃଥିବୀର ୧୦ ଉତ୍ତପ୍ତ ସହର ତାଲିକାରେ ବାରିପଦା, ବୌଦ୍ଧ



■ **ଭୁବନେଶ୍ୱର, ୨୦।୪ (ସମିସ):** ଗତ କିଛିଦିନ ଧରି ପ୍ରଚଣ୍ଡ ତାତିରେ ପୂରା ଓଡ଼ିଶା ସନ୍ତୁଳି ହେଉଥିବା ବେଳେ ଶନିବାର ତାତିରେ ଅଲୋଡ଼ା ରେକର୍ଡ କରିଛି ଓଡ଼ିଶା। ପୃଥିବୀର ପ୍ରଥମ ଦଶଟି ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ବାରିପଦା ଏବଂ ବୌଦ୍ଧ ସହର ସ୍ଥାନ ପାଇଛନ୍ତି। ଉଭୟ ସହର ୯ମ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛନ୍ତି। ବିଶ୍ୱବ୍ୟାପୀ ପାଣିପାଗ ସମ୍ବନ୍ଧରେ ଅଧ୍ୟୟନ ଏବଂ ତଥ୍ୟ ରଖୁଥିବା ସଂସ୍ଥା ଓଜିମେଟ ପକ୍ଷରୁ ଏହି ତଥ୍ୟ ପ୍ରକାଶ ପାଇଛି। ଏହାସହ ବୌଦ୍ଧ ଏବଂ ବାରିପଦା ଦେଶର ସବୁଠାରୁ ଉତ୍ତପ୍ତ ସହର ଏବଂ ଏସିଆ ମହାଦେଶରେ ତୃତୀୟ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। କେବଳ ବାରିପଦା କିମ୍ବା ବୌଦ୍ଧ ନୁହେଁ, ଆଜି ରାଜ୍ୟବ୍ୟାପୀ ବିଭିନ୍ନ ସହରରେ ପ୍ରଚଣ୍ଡ ତାତି ଅନୁଭୂତ ହୋଇଛି। ଚଳିତ ବର୍ଷରେ ଆଜି ପ୍ରଥମ ଥର ପାଇଁ ୨ଟି ସହରରେ ତାତି ୪୫ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୧୩ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ସେହିପରି ୩୦ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ସୋମବାରଠାରୁ ପାଗରେ ପରିବର୍ତ୍ତନ ହେବା ସହ କାଳବୈଶାଖୀ ତାତିରୁ ସାମୟିକ ସମୟ ପାଇଁ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଶନିବାର ବାରିପଦା ଏବଂ ବୌଦ୍ଧରେ ୪୫.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ନୂଆପଡ଼ାରେ ପାରଦ ୪୪ ଡିଗ୍ରୀ ଛୁଇଁଥିବା ବେଳେ ତାଳଚେର ଓ ବଲାଙ୍ଗୀରରେ ୪୩.୬ ଡିଗ୍ରୀ, ନୟାଗଡ, ଅନୁଗୋଳ ଓ କେନ୍ଦୁଝରରେ ୪୩.୫ ଡିଗ୍ରୀ, ଝାରସୁଗୁଡାରେ ୪୩.୨ ଡିଗ୍ରୀ, ହୀରାକୁଦରେ ୪୩.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁର, ସୁନ୍ଦରଗଡ ଓ ଟିଟିଲାଗଡରେ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଥିବା ବେଳେ ସୋନପୁରରେ ୪୨.୭ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ଢେଙ୍କାନାଳ ଓ ଭବାନୀପାଟଣାରେ ▶ପୃଷ୍ଠା-୮

> **ଚଳିତ ବର୍ଷରେ ପ୍ରଥମଥର ତାତି ଛୁଇଁଲା ୪୫ ଡିଗ୍ରୀ**
>
> **ବାରିପଦା, ବୌଦ୍ଧରେ ରେକର୍ଡ ୪୫.୨ ଡିଗ୍ରୀ ତାତି**
>
> **୧୩ଟି ସହରରେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ରେକର୍ଡ**
>
> **କାଲିଠାରୁ ଅଧିକ ସ୍ଥାନରେ କାଳବୈଶାଖୀ; ଖସିବ ପାରଦ**

**ବିଜେଡିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

## ଆଉ ୯ ପ୍ରାର୍ଥୀଙ୍କ ନାମ ଘୋଷଣା, ୪ ମହିଳା

■ **ଭୁବନେଶ୍ୱର, ୨୦।୪ (ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଧାନସଭା ପାଇଁ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ଆଉ ୯ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ତାଲିକାରେ ୪ ଜଣ ମହିଳା ପ୍ରାର୍ଥୀ ରହିଥିବା ବେଳେ ୪ ନୂଆ ମୁହଁଙ୍କୁ ଟିକଟ ମିଳିଛି। ବିଶେଷକରି ପୂର୍ବ ପର୍ଯ୍ୟାୟ ପରି ଷଷ୍ଠ ପର୍ଯ୍ୟାୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୁବ ଓ ମହିଳା ପ୍ରାର୍ଥୀଙ୍କୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ କରଞ୍ଜିଆ ବିଧାନସଭା ଆସନରୁ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରାର୍ଥୀ ହୋଇଥିବା ବେଳେ କେନ୍ଦ୍ରାପଡ଼ାରୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ▶ପୃଷ୍ଠା-୮

> **କେନ୍ଦ୍ରାପଡ଼ାରୁ ଗଣେଶ୍ୱର, ବଡ଼ଚଣାରୁ ଅଭିନେତ୍ରୀ ବର୍ଷା**
>
> **୯ ପ୍ରାର୍ଥୀରୁ ୪ନୂଆ ମୁହଁ, ୫ ବିଧାୟକଙ୍କ କଟିଲା ଟିକଟ**

### ଏଯାବତ୍ ୩୨ ମହିଳାଙ୍କୁ ବିଧାନସଭା ଟିକଟ

■ **ଭୁବନେଶ୍ୱର, ୨୦।୪ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଷଷ୍ଠ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ପ୍ରତିଟି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଯୁବ ଓ ମହିଳାଙ୍କୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଏହି ପର୍ଯ୍ୟାୟରେ ମଧ୍ୟ ଏହାର ପୁନରାବୃତ୍ତି ଘଟିଛି। ଷଷ୍ଠ ପର୍ଯ୍ୟାୟରେ ୯ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଏଥିରେ ୪ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। ବିଜେଡି ପକ୍ଷରୁ ଏଯାବତ୍ ଘୋଷିତ ୧୩୫ ଜଣିଆ ପ୍ରାର୍ଥୀ ବିଧାନସଭା ପ୍ରାର୍ଥୀ ତାଲିକାରେ ୩୨ ଜଣ ମହିଳାଙ୍କୁ ଟିକଟ ଦିଆଯାଇଛି। ମହିଳା ସଶକ୍ତିକରଣ ଯେ କଥାରେ ନୁହେଁ, ବରଂ କାମରେ; ଏହାକୁ ମୁଖ୍ୟମନ୍ତ୍ରୀ ଆଉଥରେ ପ୍ରମାଣିତ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହିଳା କିପରି ଆଗକୁ ବଢ଼ିବେ, ଆତ୍ମନିର୍ଭର ହେବେ, ରାଜ୍ୟ ବିକାଶର ସାରଥୀ ▶ପୃଷ୍ଠା-୮

**ବିଜେଡିର ପ୍ରଚାର ମଇଦାନ ପ୍ରସ୍ତୁତ**

## ନବୀନ-କାର୍ତ୍ତିକ 'ଷ୍ଟାର୍ ଓପନର୍'



> **୪୦ ଜଣିଆ ତାଲିକାରେ ଅଭିଜ୍ଞ ଓ ଯୁବନେତାଙ୍କୁ ପ୍ରାଧାନ୍ୟ**
>
> **ଭୋଟରଙ୍କ ସହ ପ୍ରତ୍ୟକ୍ଷ ସଂପର୍କ, ଦିଆଯିବ ବିକାଶର ବାର୍ତ୍ତା**
>
> **ପଶ୍ଚିମରେ ବିରୋଧୀଙ୍କୁ ଧୂଳି ଚଟାଇବ ଅଭେଦ୍ୟ ରଣନୀତି**



■ **ଭୁବନେଶ୍ୱର, ୨୦।୪ (ସମିସ):** ଷଷ୍ଠଥର ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇ ନୂଆ ଇତିହାସ ସୃଷ୍ଟି କରିବାକୁ ଶାସକ ବିଜୁ ଜନତା ଦଳ ନେଇଛି ବଜ୍ର ଶପଥ। ଏହି ଲକ୍ଷ୍ୟରେ ଦଳ ତା'ର ନିର୍ବାଚନ ରଣନୀତି ପ୍ରସ୍ତୁତ କରିଛି। ସୁଚିନ୍ତିତ ଭାବେ ଦଳ ବିଧାନସଭା ପ୍ରାର୍ଥୀ ଚୟନ କରୁଥିବାବେଳେ ଅଭିଜ୍ଞ ନେତାଙ୍କ ସହିତ ଯୁବବର୍ଗ ଏବଂ ମହିଳାଙ୍କୁ ପ୍ରାଧାନ୍ୟ ଦେଇଛି। ଜନତାଙ୍କ ପ୍ରସ୍ତାବ ଆଧାରରେ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବା ପାଇଁ ଐତିହାସିକ ନିଷ୍ପତ୍ତି ନେଇଛି ଦଳ। ଏହି କ୍ରମରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଆରମ୍ଭ ହୋଇଯାଇଥିବା ବେଳେ ଶନିବାର ଦଳ ତା'ର ଷ୍ଟାର୍ ପ୍ରଚାରକ ତାଲିକା ପ୍ରସ୍ତୁତ କରିଛି। ଉଭୟ ଅଭିଜ୍ଞ ବିଧାୟକ, ଦକ୍ଷ ସଂଗଠକ, ଧୂରୀଣ ପର୍ଯ୍ୟବେକ୍ଷକ, ଯୁବନେତା ଏବଂ ଜଣାଶୁଣା ମହିଳା ନେତ୍ରୀଙ୍କୁ ପ୍ରଚାର ଭାର ସମ୍ଭାଳିବାକୁ ଦାୟିତ୍ୱ ଦିଆଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ତଥା ରୂପାନ୍ତରିତ ଓଡ଼ିଶାର ପ୍ରମୁଖ ବିଦ୍ଧାଣି କାର୍ତ୍ତିକ ପାଣ୍ଡିଆନ 'ଷ୍ଟାର୍ ଓପନର୍' ଭାବେ ପ୍ରଚାର ମଙ୍ଗ ଧରିବେ। ତାଙ୍କ ସହିତ ଦଳର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ଇସ୍ତାହାର କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ରାଜ୍ୟସଭା ସାଂସଦ ତଥା ବ୍ରହ୍ମପୁର ଓ ସମ୍ବଲପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ, ପ୍ରବୀଣ ରାଜନେତା, ଦେବୀପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ସିଂ, ସଞ୍ଜୟ ଦାସବର୍ମା, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୁଜାରୀ, ▶ପୃଷ୍ଠା-୮

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ 'ଦ୍ୱୈତ' ଚରିତ୍ର


### ଏପଟେ ଭାଷଣ, ସେପଟେ ପ୍ରତାରଣା

■ **ଭୁବନେଶ୍ୱର, ୨୦।୪ (ସମିସ):** ଏପଟେ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ; ସେପଟେ କନ୍ୟା ସନ୍ତାନଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନର ପ୍ରତ୍ୟାହାର। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୋହରା ଚରିତ୍ର ଏବେ ପଦାରେ ପଡ଼ିଛି। କେନ୍ଦ୍ର ଶିକ୍ଷା ବିଭାଗ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ ପରେ କନ୍ୟାସନ୍ତାନଙ୍କ ଉଚ୍ଚଶିକ୍ଷାରେ ବାଧକ ହୋଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ତାଙ୍କରି ମନ୍ତ୍ରୀପଦ ଅବଧି ମଧ୍ୟରେ ପରିବାରର ଏକମାତ୍ର କନ୍ୟାସନ୍ତାନଙ୍କୁ ଗବେଷଣା ନିମନ୍ତେ ପ୍ରଦାନ କରାଯାଉଥିବା ସାବିତ୍ରୀବାଇ ଜ୍ୟୋତିରାଓ ଫୁଲେ ଫେଲୋସିପ୍ ବନ୍ଦ ହୋଇ ଯାଇଛି। ୨୦୨୩ ଓ ୨୦୨୪ରେ ଏହି ଫେଲୋସିପ୍ ନିମନ୍ତେ ବିଜ୍ଞପ୍ତି ଏଯାଏ ୟୁଜିସି ପ୍ରକାଶ କରୁନାହିଁ। ଫଳରେ ଓଡ଼ିଶା ସମେତ ଦେଶର ହଜାର ହଜାର ମେଧାବୀ ଛାତ୍ରୀ ଏହି ପ୍ରୋତ୍ସାହନ ଓ ଫେଲୋସିପ୍‌ରୁ ବଞ୍ଚିତ ହୋଇଛନ୍ତି।

ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଗବେଷଣା କ୍ଷେତ୍ରରେ ପରିବାରର ଏକମାତ୍ର କନ୍ୟାସନ୍ତାନଙ୍କ ନିମନ୍ତେ ସ୍ୱାମୀ ବିବେକାନନ୍ଦ ଫେଲୋସିପ୍ ପ୍ରଦାନ କରାଯାଉଥିଲା। ମାତ୍ର ୨୦୧୯ରେ ଏହାକୁ ବନ୍ଦ କରାଯାଇ ଏକମାତ୍ର କନ୍ୟାସନ୍ତାନମାନଙ୍କୁ ଗବେଷଣା ବା ପିଏଚ୍‌ଡି ନିମନ୍ତେ ସାବିତ୍ରୀବାଇ ଜ୍ୟୋତିରାଓ ଫୁଲେ ଫୋଲୋସିପ୍ ପ୍ରଦାନ କରିବାକୁ ୟୁଜିସି ନିଷ୍ପତ୍ତି ନେଲା। ୨୦୨୨ମସିହାରେ ଓଡ଼ିଶାର ▶ପୃଷ୍ଠା-୮

> **ଏକ କନ୍ୟା ସନ୍ତାନଙ୍କ ଉଚ୍ଚ ଶିକ୍ଷା ପ୍ରୋତ୍ସାହନ ୩ ବର୍ଷ ହେଲା ବନ୍ଦ**
>
> **୨୦୨୨ ପରେ ପ୍ରକାଶ ପାଇନି ସାବିତ୍ରୀବାଇ ଫେଲୋସିପ୍ ବିଜ୍ଞପ୍ତି**
>
> **କେଭିରୁ ଉଚ୍ଛେଦ ହୋଇଛି ୩ ପ୍ରତିଶତ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ**

## ଲୋକକଥା



ଖରା ତାତି କେତେ ବଢ଼ି ବଢ଼ି ଚାଲେ
ପରିସ୍ଥିତି ଅସମ୍ଭାଳ,
ଗଛଲତାଠାରୁ ପ୍ରାଣୀ ପରିଯ୍ୟନ୍ତ
ହୁଅନ୍ତି କେତେ ବିକଳ !
ତାତିରୁ ହୁଏ ସକାଳ,
ଗ୍ରୀଷ୍ମ ତାତିକୁ ନିର୍ବାଚନ ତାତି
ଝାଉଁଳି ପଡ଼େ 'କମଳ' !!

**ମହାନଦୀରେ ଡଙ୍ଗାବୁଡ଼ି ଘଟଣା**

## ମୃତ୍ୟୁସଂଖ୍ୟା ୮ କୁ ବୃଦ୍ଧି

■ **ଝାରସୁଗୁଡ଼ା, ୨୦।୪ (ସମିସ):** ମହାନଦୀର ଶରଧା ଫେରିଘାଟ ନିକଟରେ ଶୁକ୍ରବାର ହୋଇଥିବା ଡଙ୍ଗାବୁଡ଼ି ଘଟଣାରେ ମୃତକଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଆଜି ଅପରାହ୍ଣ ୨ଟା ସୁଦ୍ଧା ନିଖୋଜ ଥିବା ୭ଜଣଙ୍କ ଶବ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ, ରାୟଗଡ଼ ଜିଲ୍ଲା ଖରସିଆ ଅଞ୍ଜୁରୀପାଲିର ଟିକେଶ୍ୱର ରାଠିଆ (୭), ନବୀନ ରାଠିଆ (୭), ରାଧିକା ରାଠିଆ (୩୫), ତେରଷବାଇ ରାଠିଆ (୬୦), କୁନାଲ ରାଠିଆ (୯) ଓ ଲକ୍ଷ୍ମୀନ୍ ରାଠିଆ (୩୬) ଓ ଘାସ୍ମୀନ୍ ବାଇ ରାଠିଆ (୪୦) ବୋଲି ଜଣାପଡ଼ିଛି। ଚାଣ୍ଟିପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ଛତିଶଗଡ଼ର ରାୟଗଡ଼ ପ୍ରଶାସନ ପକ୍ଷରୁ ଆସିଥିବା ଶବବାହକ ଗାଡ଼ିରେ ମୃତକଙ୍କୁ ସେମାନଙ୍କ ଗାଁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତକାଲି ରାୟଗଡ଼ ଜିଲ୍ଲା ଖରସିଆ ଅଞ୍ଜୁରୀପାଲିର ରାଧିକା ନିଶାଦ(୪୦)ଙ୍କ ମୃତଦେହ ମିଳିଥିଲା।

ସ୍କୁବା ଡାଇଭର ଓ ଏନ୍‌ଡିଆରଏଫ୍ ଦଳ ଭୋର୍ ୫ଟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟ ବେଳେ ମୃତକଙ୍କ ଆତ୍ମୀୟ ପରିଜନ ନଦୀ କୂଳରେ ବସି ରହିଥିବାର ଦୃଶ୍ୟ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ନଦୀ ▶ପୃଷ୍ଠା-୮

> **ମୃତକଙ୍କ ମଧ୍ୟରେ ୫ ମହିଳା ଓ ୩ ଶିଶୁ**

### ପାଳନ ହେଉନି ଓଡ଼ିଶା ଡଙ୍ଗା ନିୟମ

■ **ଭୁବନେଶ୍ୱର, ୨୦।୪ (ସମିସ):** ରାଜ୍ୟରେ ନଦୀଘାଟ ଓ ଡ୍ୟାମ୍‌ଗୁଡ଼ିକରେ ଯାତାୟାତ ପାଇଁ ଲୋକେ ଡଙ୍ଗା ବ୍ୟବହାର କରିଥାନ୍ତି। ଏହି ଯାତାୟାତ ବ୍ୟବସ୍ଥାକୁ ସଠିକ କରିବା ସହ ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ଓଡ଼ିଶା ଡଙ୍ଗା ନିୟମ-୨୦୦୪ ପ୍ରଣୟନ କରାଯାଇଛି। ୨୦୦୪ ମସିହାରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଓଡ଼ିଶା ଡଙ୍ଗା ନିୟମ-୨୦୦୪ ଲାଗୁ କରାଯାଇଛି। ମାତ୍ର ସାରା ରାଜ୍ୟରେ ଏହାର ଖୁଲମଖୁଲା ଉଲଙ୍ଘନ ହେଉଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଥିବା ସମୁଦ୍ର, ନଦୀ, ହ୍ରଦ, ଜଳଭଣ୍ଡାର ଆଦି ଗୁଡ଼ିକରେ ପର୍ଯ୍ୟଟନ ପାଇଁ ହେଉ ବା ଯାତାୟାତ ପାଇଁ ହେଉ; ଯାତ୍ରୀମାନଙ୍କୁ ଲାଇଫ୍ ଜ୍ୟାକେଟ୍ ପିନ୍ଧିବା ସହ ଡଙ୍ଗା ଚାଳକମାନଙ୍କୁ ଡଙ୍ଗାରେ ଲାଇଫ୍-ବୋଏ (ପାଣିରେ ଭାସମାନ ରହୁଥିବା ଜୀବନ ସୁରକ୍ଷାକାରୀ ବଳୟ) ନେବା ▶ପୃଷ୍ଠା-୮

> **ଯାଞ୍ଚ ନାହିଁ କି ସଚେତନତା ନାହିଁ**
>
> **ବିନା ଲାଇଫ୍ ଜାକେଟରେ ଯାତ୍ରା କରୁଛନ୍ତି ଲୋକେ**

**ରକ୍ତ ସମ୍ପର୍କରେ ଲାଗିଲା ଛିଟା**

## ପୁତୁରାକୁ ହତ୍ୟାକଲା କକା



ଅଭିଯୁକ୍ତ ରୋହନ ବାଗ୍

■ **ଟିଟିଲାଗଡ଼, ୨୦।୪ (ସମିସ):** ରକ୍ତ ସମ୍ପର୍କରେ ଲାଗିଲା ଛିଟା। ପୁତୁରାକୁ ହତ୍ୟାକଲା କକା। ଏଭଳି ଘଟଣା ଦେଖିବାକୁ ମିଳିଛି ଟିଟିଲାଗଡ଼ ଥାନା ବେଲପଡ଼ା ଗାଁରେ। ଜଣେ ଦଶମଶ୍ରେଣୀ ଛାତ୍ରକୁ ଅପହରଣ ପରେ ହତ୍ୟା କରାଯାଇଛି। ଅପହରଣର ସାତଦିନ ପରେ ପୁଲିସ ମୃତଦେହ ଉଦ୍ଧାର କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଗତ ୧୪ ତାରିଖ ଦିନ ସନ୍ଧ୍ୟାରେ ବେଲପଡ଼ା ଗାଁର କାମନା ନିଧି ବାଗଙ୍କ ପୁଅ ଖେଳିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କଲାପରେ ମଧ୍ୟ ନାବାଳକ ପୁଅକୁ ପାଇ ନ ଥିଲେ। ପରେ ଟିଟିଲାଗଡ଼ ଥାନାକୁ ଆସି ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ମୃତ ଛାତ୍ରର ▶ପୃଷ୍ଠା-୮






# ନୂଆ ନ୍ୟାୟ ସଂହିତା ଐତିହାସିକ | ନୂଆ ଯୁଗ ଆଣିବ କାର୍ଯ୍ୟକାରିତା

ନୂଆଦିଲ୍ଲୀ,୨୦।୪(ଏଜେନ୍ସି)



ଦେଶରେ ଅପରାଧିକ ନ୍ୟାୟକରଣ ବ୍ୟବସ୍ଥାରେ ଲାଗୁ ହେବାକୁ ଯାଉଥିବା ନୂଆ ଆଇନ ନିର୍ଣ୍ଣାୟକ ମୋଡ଼ ଆଣିବା ସହିତ ଏକ ନୂଆ ଯୁଗ ସୃଷ୍ଟି କରିବ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। ନୂଆ ଭାରତୀୟ ନ୍ୟାୟ ସଂହିତା,ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମାଜ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବା ସହିତ ଅପରାଧିକ ନ୍ୟାୟକରଣ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। 'ଭାରତର ଅପରାଧିକ ନ୍ୟାୟ ପ୍ରଶାସନିକ ବ୍ୟବସ୍ଥାରେ ବିକାଶପଥ' ଶୀର୍ଷକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏହା କହିବା ସହିତ ଏଭଳି ନୂଆ ଆଇନ ଅପରାଧିକ ତଦନ୍ତ ଏବଂ ବିଚାର କ୍ଷେତ୍ରରେ ନୂଆ ଦିଗ ସୃଷ୍ଟି କରିବ। ବିଶେଷକରି କୌଣସି ଅପରାଧିକ ମାମଲାରେ ପୀଡ଼ିତଙ୍କ ସ୍ୱାର୍ଥ ରକ୍ଷା ସହିତ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଦୋଷୀ ପ୍ରତି ଯଥାସମୟରେ ଦଣ୍ଡ ବିଧାନ ପାଇଁ ପଥ ପରିଷ୍କାର କରିବ ବୋଲି ସେ କହିଛନ୍ତି। ୧୯୭୩ ମସିହାରେ ପ୍ରଣୀତ ଅପରାଧିକ ଦଣ୍ଡ ସଂହିତା ବଦଳରେ ଏବେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଲାଗୁ ହେବାକୁ ଯାଉଥିବାରୁ ସାଂପ୍ରତିକ ଡିଜିଟାଲ ଯୁଗରେ ଅପରାଧ ରୋକିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ। ଏହି ଆଇନରେ ଅପରାଧିକ ତଦନ୍ତ ପାଇଁ ଅଡିଓ ଭିଜୁଆଲ ରେକର୍ଡିଂ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ସହିତ ଫରେନସିକ୍ ବିଶେଷଜ୍ଞଙ୍କ ଉପସ୍ଥିତିରେ ଯାଞ୍ଚ ଏବଂ ଜବତ ବ୍ୟବସ୍ଥା ମଧ୍ୟ ନୂଆ ଧାରା ସୃଷ୍ଟି କରିବ। ଏହା ସାଧାରଣ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ସହିତ ଦୋଷୀକୁ ଯଥାଶୀଘ୍ର ଦଣ୍ଡିତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି।

### '୫ ବର୍ଷରେ ଦେଶ ପାଇଁ ୫ ମିନିଟ୍ ସମୟ ବାହାର କରନ୍ତୁ'

ବର୍ତ୍ତମାନ ଦେଶରେ ନିର୍ବାଚନ ଋତୁ ଚାଲିଥିଲା ବେଳେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ସରିଛି। ଏହାସହିତ ଆଗାମୀ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ହେବାକୁ ଯାଉଛି। ଗଣତନ୍ତ୍ରର ଏହି ମହାନ ପର୍ବରେ ପ୍ରତ୍ୟେକ ଭୋଟର ଯେଭଳି ନିଜର ମତଦାନ କରି ଦେଶ ପ୍ରତି ଦାୟିତ୍ୱ ସମ୍ପନ୍ନ କରିବେ ଏବଂ ଭୋଟ ପ୍ରତିଶତ ଯେଭଳି ବୃଦ୍ଧି ପାଇବ ସେଥିପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ପ୍ରତ୍ୟେକ ନାଗରିକ ସାଧାରଣ ନିର୍ବାଚନରେ ମତଦାନ କରିବାକୁ ପ୍ରଧାନବିଚାରପତି ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୁଡ଼ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ କୌଣସି ଗଣତନ୍ତ୍ର ବ୍ୟବସ୍ଥାରେ ମତଦାନ କରିବା ହେଉଛି ଜଣେ ନାଗରିକଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଏହି ସୁଯୋଗକୁ କେହି ବି ହାତଛଡା କରିବା ଉଚିତ ନୁହେଁ। ରାଷ୍ଟ୍ର ହିତ ପାଇଁ ପାଞ୍ଚ ବର୍ଷରେ ପାଞ୍ଚ ମିନିଟ୍ ସମୟ ବାହାର କରିବା ଦରକାର। ଚଳିତ ଲୋକସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗର 'ମୋ ଭୋଟ୍ ମୋ ସ୍ୱର' ମିଶନ ପାଇଁ ଏକ ଭିଡିଓ ବାର୍ତ୍ତାରେ ଜଷ୍ଟିସ ଚନ୍ଦ୍ରଚୁଡ଼ କହିଛନ୍ତି, ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବେ ଭାରତୀୟ ସମ୍ବିଧାନ ଆମକୁ ଅନେକ ଅଧିକାର ପ୍ରଦାନ କରେ। ତେଣୁ ପରୋକ୍ଷରେ ପ୍ରତ୍ୟେକ ସଚେତନଶୀଳ ନାଗରିକ ସାମ୍ବିଧାନିକ ଦାୟିତ୍ୱ ପ୍ରତି ସଚେତନ ରହି ଏହି କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ।

■ ୧୨ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ

## ୪୩ ଡିଗ୍ରୀ ଟପିଲା ପାରଦ

ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି)



ଦେଶରେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ଅସହ୍ୟ ଖରା ହେଉଛି। ଉତ୍ତାପ ବୃଦ୍ଧି ଯୋଗୁଁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଜଳଭଣ୍ଡାର ଶୁଖି ଯାଇଛି। ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ସ୍ଥିତି ସବୁଠାରୁ ଖରାପ ରହିଛି। ଏବେ ୧୨ଟି ରାଜ୍ୟ ଭୟଙ୍କର ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହେଉଛି। ଏଗୁଡ଼ିକ ମଧ୍ୟରେ ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ ଏବଂ ତାମିଲନାଡୁ ସାମିଲ ରହିଛି। ଏହି ସବୁ ରାଜ୍ୟରେ ତାପମାତ୍ରା ୪୩ ଡିଗ୍ରୀ ପାର କରିଛି। ସେହିପରି ହରିୟାଣାର ନାହଲ, ବିହାରର ବୋଧଗୟା, ପଶ୍ଚିମବଙ୍ଗର ଆସନସୋଲ ଏବଂ ମହାରାଷ୍ଟ୍ରର ଅକୋଲା ତାପମାତ୍ରା ୪୪ ଡିଗ୍ରୀ ଟପିଛି। ଏହି ସ୍ଥିତି ଆଗାମୀ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୁହାଯାଇଛି।

## ମତଦାନ ପରେ ବିଜେପି ସାଂସଦ ପ୍ରାର୍ଥୀଙ୍କ ମୃତ୍ୟୁ

**ମୋରାଦାବାଦ,୨୦।୪(ଏଜେନ୍ସି):** ଉତ୍ତରପ୍ରଦେଶର ମୋରାଦାବାଦ ଲୋକସଭା ଆସନ ପାଇଁ ଗତକାଲି ମତଦାନ ହୋଇଥିଲା ବେଳେ ଏହାର ଦିନକ ପରେ ଏଠାକାର ବିଜେପି ପ୍ରାର୍ଥୀ କନୱର ସର୍ବେଶ ସିଂଙ୍କ ଦେହାନ୍ତ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ରହିଥିବାରୁ ଗତକାଲି ଦିଲ୍ଲୀସ୍ଥିତ ଏମ୍ସକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ସର୍ବେଶଙ୍କୁ ୭୨ ବର୍ଷ ହୋଇଥିଲା। ସେ ସାଂସଦ ରହିବା ସହିତ ପାଞ୍ଚଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ମୋରାଦାବାଦ୍‌ରେ ସମାଜବାଦୀ ପାର୍ଟି ବିଜୟ ହୋଇଥିଲା। କିନ୍ତୁ ଚଳିତ ନିର୍ବାଚନରେ ବିଜେପି ସର୍ବେଶଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା। ତାଙ୍କ ପରଲୋକ ଖବର ପାଇ ରାଜ୍ୟ ବିଜେପିରେ ଗଭୀର ଶୋକ ଖେଳିଯାଇଛି।

## କାଶ୍ମୀର ବିଚ୍ଛିନ୍ନତାବାଦୀଙ୍କୁ ଭେଟିଲେ ବ୍ରିଟିଶ ସାଂସଦ

**ଲଣ୍ଡନ, ୨୦।୪ (ଏଜେନ୍ସି):** ବ୍ରିଟେନ ସାଂସଦ ରେଚଲ ହପକିନ୍ସ ନିଷିଦ୍ଧ ସଂଗଠନ ତଥା ଜମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ) ର କୂଟନୈତିକ ବ୍ୟୁରୋ ମୁଖ୍ୟ ଜାଫର ଖାନ ଏବଂ ଅନ୍ୟ ସଦସ୍ୟଙ୍କୁ ଭେଟିଛନ୍ତି। ବ୍ରିଟେନ ସଂସଦରେ ହୋଇଥିବା ଏହି ସାକ୍ଷାତରେ କାଶ୍ମୀର ଆତଙ୍କବାଦୀ ଯାସିନ ମଲିକ ମାମଲା ଉପରେ ଚର୍ଚ୍ଚା ହୋଇଥିଲା। ନିଜେ ରେଚଲ ଏହାର ସୂଚନା ଦେଇଛନ୍ତି। ସେ ସଦାସର୍ବଦା କାଶ୍ମୀରୀ ଏବଂ ସେମାନଙ୍କ ଅଧିକାର ପାଇଁ ଛିଡ଼ାହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଜେକେଏଲଏଫ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଉସୁକାଇବା ଏବଂ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହନ ଦେବା ଅଭିଯୋଗ ଲାଗିଥିଲା। ଏଥିପାଇଁ ୨୦୧୯ ରେ ଭାରତ ସରକାର ଏହି ଆତଙ୍କବାଦୀ ସଂଗଠନକୁ ନିଷିଦ୍ଧ ଘୋଷଣା କରିଥିଲେ।

## ୬ ସନ୍ତାନ ଜନ୍ମକଲେ ମହିଳା



**ଇସଲାମାବାଦ,୨୦।୪(ଏଜେନ୍ସି):** ପାକିସ୍ତାନ ରାୱଲପିଣ୍ଡି ଜିଲ୍ଲା ହଜାରା କଲୋନୀର ମହମ୍ମଦ ୱହିଦଙ୍କ ପତ୍ନୀ ଜିନତ ୱହିଦ(୨୭)ଙ୍କ କ୍ଷେତ୍ରରେ ବିରଳ ଘଟଣା ଘଟିଛି। ସେ ଶୁକ୍ରବାର ଜିଲ୍ଲା ହସ୍ପିଟାଲରେ ଘଣ୍ଟାଏ ମଧ୍ୟରେ ଗୋଟିଏ କି ଦୁଇଟି ନୁହେଁ ଏକାଥରକେ ୬ଟି ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଚାରି ପୁଅ ଏବଂ ୨ ଝିଅ ସାମିଲ ଅଛନ୍ତି। ୩ଟି ସନ୍ତାନ ଜନ୍ମ ଦେବା ପରେ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ସୁପରିଟେଣ୍ଡେଣ୍ଟ ଡ.ଫରଜାନା କହିଛନ୍ତି। ସମସ୍ତଙ୍କ ଓଜନ ୨ ପାଉଣ୍ଡରୁ କମ୍ ରହିଛି। ମାତ୍ର ମାଆ ଓ ଶିଶୁ ସମସ୍ତେ ସୁସ୍ଥ ଅଛନ୍ତି। ଶିଶୁଙ୍କୁ ଇନକ୍ୟୁବେଟରରେ ରଖାଯାଇଛି। ସେମାନଙ୍କ ପ୍ରତି କୌଣସି ବିପଦ ନ ଥିବା କୁହାଯାଇଛି।

## ସିସୋଦିଆଙ୍କ ଜାମିନକୁ ସିବିଆଇର ବିରୋଧ

**ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି):** ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଜାମିନ ଆବେଦନକୁ ସିବିଆଇ ଏବଂ ଇଡି ବିରୋଧ କରିଛି। ରାଉଜ ଆଭିନ୍ୟୁ କୋର୍ଟ ଉଭୟ ପକ୍ଷର ବିତର୍କ ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଛନ୍ତି। ୩୦ ତାରିଖରେ ଏହି ରାୟ ପ୍ରକାଶ ପାଇବ। ଶୁଣାଣି ସମୟରେ ଇଡି ଓକିଲ କହିଥିଲେ ଯେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ସିସୋଦିଆଙ୍କୁ ମାମଲାର ମାଷ୍ଟରମାଇଣ୍ଡ କହିଛନ୍ତି। ସେ ତଦନ୍ତକୁ ପ୍ରଭାବିତ କରିପାରନ୍ତି। ସିସୋଦିଆ ନିର୍ବାଚନ ପ୍ରଚାର ପାଇଁ ମଧ୍ୟ ଜାମିନ ମାଗିଥିଲେ। ମାତ୍ର ପରେ ଏହି ଆବେଦନକୁ ପ୍ରତ୍ୟାହାର କରି ନେଇଥିଲେ।

■ ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସମର୍ଥନ

## ୩ ଚୀନ୍ କମ୍ପାନୀଙ୍କୁ ନିଷିଦ୍ଧ କଲା ଆମେରିକା

**ୱାଶିଂଟନ, ୨୦।୪ (ଏଜେନ୍ସି):** ପାକିସ୍ତାନର ବାଲିଷ୍ଟିକ ମିସାଇଲ କାର୍ଯ୍ୟକ୍ରମ ପାଇଁ ଜ୍ଞାନକୌଶଳ ଯୋଗାଉ ଥିବା ଚୀନ୍‌ର ୩ କମ୍ପାନୀକୁ ଆମେରିକା ନିଷିଦ୍ଧ କରିଦେଇଛି। ଏହି ତାଲିକାରେ ବେଲାରୁଷ୍‌ର ମଧ୍ୟ ଗୋଟିଏ କମ୍ପାନୀ ସାମିଲ ରହିଛି। ଆମେରିକା ବିଦେଶ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମନ୍ତ୍ରାଳୟର ପ୍ରବକ୍ତା ମାଥ୍ୟୁ ମିଲର କହିଛନ୍ତି ଯେ କମ୍ପାନୀଙ୍କ ସମସ୍ତ ସମ୍ପତ୍ତି ଜବତ କରାଯିବ। ଏହାର ଅଧିକାରୀଙ୍କ ଆମେରିକା ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଇ ଦିଆଯାଇଛି। ଟ୍ରେଜେରି ବିଭାଗକୁ ଏହାର ସୂଚନା ଦିଆଯାଇଛି। ନିଷିଦ୍ଧ କମ୍ପାନୀଙ୍କ ମଧ୍ୟରେ ଚୀନ୍‌ର ଶିୟାନ ଲାଙ୍ଗଦେ ଟେକ୍ନୋଲୋଜି, ତିୟାଞ୍ଜିନ କ୍ରିଏଟିଭ ସୋର୍ସ, ଗ୍ରେନପେକ୍ସ କମ୍ପାନୀ ଏବଂ ବେଲାରୁଷର ମିନସ୍କ ହ୍ୱିଲ ଟ୍ରାକ୍ଟର ପ୍ଲାଣ୍ଟ ସାମିଲ ରହିଛି। ପାକିସ୍ତାନର ଦୀର୍ଘ ଦୂରଗାମୀ ବାଲିଷ୍ଟିକ ମିସାଇଲ ପାଇଁ ଚେଚିସ ଭେଇକିଲ ଯୋଗାଉ ଥିଲା। ମିସାଇଲ ଲଞ୍ଚ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ସେହିପରି ଚୀନ୍ କମ୍ପାନୀ ମିସାଇଲ ଉପକରଣ ଦେଉଥିଲା।

କଂଗ୍ରେସକୁ ଝଟ୍‌କା ପରେ ଝଟ୍‌କା

# ବିଜେପିରେ ମିଶିଲେ ହିମାଚଳ ପ୍ରଭାରୀ ତାଜିନ୍ଦର



**ନୂଆଦିଲ୍ଲୀ,୨୦।୪(ଏଜେନ୍ସି):** ୨୦୨୪ ସାଧାରଣ ନିର୍ବାଚନକୁ ନେଇ ସାରା ଦେଶରେ ରାଜନୀତିକ ମହଲ ସରଗରମ ରହିଥିବା ବେଳେ କଂଗ୍ରେସକୁ ବିଭିନ୍ନ ରାଜ୍ୟରେ ଝଟକା ପରେ ଝଟକା ଲାଗିବାରେ ଚାଲିଛି। ଦୁଇ ସପ୍ତାହ ଭିତରେ ବହୁ ପ୍ରମୁଖ ନେତା ଦଳ ଛାଡି ବିଜେପିରେ ସାମିଲ ହୋଇଥିଲେ। ଏବେ ହିମାଚଳ ପ୍ରଦେଶ କଂଗ୍ରେସ ପ୍ରଭାରୀ ତାଜିନ୍ଦର ସିଂହ ବିଟ୍ଟୁ ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ତାଜିନ୍ଦର ପ୍ରିୟଙ୍କା ଗାନ୍ଧୀଙ୍କ ଅତ୍ୟନ୍ତ ଘନିଷ୍ଠ ଭାବେ ଜଣାଶୁଣା। କିନ୍ତୁ ତାଙ୍କର ଏହି ନିଷ୍ପତ୍ତି ରାଜ୍ୟ କଂଗ୍ରେସ ନେତାଙ୍କୁ ବିସ୍ମିତ କରିଛି। ଦଳରୁ ଇସ୍ତଫା ଦେବା ପରେ ତାଜିନ୍ଦର ବିଜେପି ମହାସଚିବ ବିନୋଦ ତାୱଡେ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି।

## ମଧ୍ୟପ୍ରଦେଶରେ ବିଜେପିରେ ସାମିଲ ହେଲେ ୧୦୦ କଂଗ୍ରେସ ନେତା ଓ କର୍ମୀ



**ଭୋପାଳ,୨୦।୪(ଏଜେନ୍ସି):** ମଧ୍ୟପ୍ରଦେଶରେ ଜଣେ ପୂର୍ବତନ ବିଧାୟକଙ୍କ ସମେତ ୧୦୦ କଂଗ୍ରେସ ନେତା ଓ କର୍ମୀ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି। ଶନିବାର ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଉପସ୍ଥିତିରେ ପୂର୍ବତନ କଂଗ୍ରେସ ବିଧାୟକ ହରିବଲ୍ଲଭ ଶୁକ୍ଲା ଏବଂ ଶିବପୁରୀ ଜିଲ୍ଲାର ପ୍ରାୟ ୧୦୦ ନେତା ବିଜେପିରେ ସାମିଲ ହୋଇଛନ୍ତି। ମଧ୍ୟପ୍ରଦେଶର ୬ଟି ଲୋକସଭା ଆସନ ପାଇଁ ଗତକାଲି ପ୍ରଥମ ପର୍ଯ୍ୟାୟରେ ମତଦାନ କରାଯିବାର ପରଦିନ ଏହି ସଂଖ୍ୟକ କଂଗ୍ରେସ ନେତା ବିଜେପିରେ ସାମିଲ ହେବା ଘଟଣା ରାଜନୈତିକ ମହଲକୁ ସରଗରମ କରିଛି। ଏହି ସମସ୍ତ ନେତାଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ଯେ, ସେମାନେ ମୁକ୍ତ ଭାବେ ଦଳରେ ରହି କାର୍ଯ୍ୟ କରିବେ ଏବଂ ସେମାନଙ୍କ ଭୂମିକା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଏହି ନେତାମାନଙ୍କୁ କଂଗ୍ରେସ ଭର୍ତ୍ସନା କରିବା ସହିତ ସେମାନଙ୍କୁ ବିଶ୍ୱାସଘାତକ ବୋଲି କହିଛି।

## 'ଇଡି-ସିବିଆଇ ଲଗାଇ ଏନ୍‌ସିପି ଭାଙ୍ଗିଛି ବିଜେପି'

**ମୁମ୍ବାଇ, ୨୦।୪ (ଏଜେନ୍ସି):** କିଛି ସୁବିଧାବାଦୀ ଲୋକ ଏବେ ବିଜେପିରେ ସାମିଲ ହୋଇଛନ୍ତି। ବିଜେପିକୁ ନ ଗଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ନେବ ବୋଲି ଦିନେ ଏମାନେ କହୁଥିଲେ। ଇଡି ଏବଂ ସିବିଆଇକୁ ବ୍ୟବହାର କରି ବିଜେପି ଏପରି କିଛି ପଦକ୍ଷେପ ନେଇଥିଲା ଯେଉଁଥି ପାଇଁ ଏହି ଲୋକମାନେ ବିଜେପିକୁ ପଳାଇ ଥିଲେ। ମହାରାଷ୍ଟ୍ରରେ ଜିତି ପାରିବ ନାହିଁ ବୋଲି ଏହି ଦଳ ଜାଣିଥିଲା। ତେଣୁ ଇଡି, ସିବିଆଇ ଲଗାଇ ଏନ୍‌ସିପିକୁ ଭାଙ୍ଗି ଦେଇଥିଲା। ମହାରାଷ୍ଟ୍ରରେ ଯାହା ସବୁ ଘଟିଥିଲା, ଲୋକେ ତାହାକୁ ଜମାରୁ ପସନ୍ଦ କରୁନାହାନ୍ତି। ଲୋକଙ୍କୁ ଭୟଭୀତ କରାଇ ଦଳରେ ସାମିଲ କରିବାକୁ ନାପସନ୍ଦ କରାଯାଉଛି। ଏକ ସାକ୍ଷାତକାରରେ ଏନ୍‌ସିପି ଶରଦ ଚନ୍ଦ୍ର ପାୱାରର ମୁଖ୍ୟ ଶରଦ ପାୱାର ଏହି ମନ୍ତବ୍ୟ ଦେଇଛନ୍ତି। କିଏ ଅସଲ ଏନ୍‌ସିପି ତାହା ଲୋକେ ଜାଣନ୍ତି ବୋଲି କହିଛନ୍ତି।

## ଇରାନ ସମର୍ଥିତ ଇରାକ ଫୋର୍ସ ଉପରେ ଆକ୍ରମଣ

**ବାଗଦାଦ, ୨୦।୪ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏପରି ସମୟରେ ଇରାକର ଏକ ମିଲିଟାରୀ ବେସ୍ ଉପରେ ଏୟାରଷ୍ଟ୍ରାଇକ କରାଯାଇଛି। ଏହି ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଇରାନ ସମର୍ଥନ ପାଇଥିବା ପପୁଲାର ମୋବିଲାଇଜେସନ ଫୋର୍ସ (ପିଏମ୍‌ଏଫ) ମୁଖ୍ୟାଳୟ ଉପରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ଭଣ୍ଡାର ଗୃହକୁ ନିଶାଣ କରାଯାଇଥିଲା। ଏହା ପଛରେ କାହାର ହାତ ଅଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମାତ୍ର ପିଏମଏଫ୍ ଅଧିକାରୀ ଆମେରିକା ସେନାକୁ ଦୋଷ ଦେଇଛନ୍ତି। କିନ୍ତୁ ଆମେରିକା ଏହାକୁ ଖାରଜ କରିଦେଇଛି। ସେହିପରି ଏହି ଆକ୍ରମଣରେ ଦେଶର କୌଣସି ଭୂମିକା ନାହିଁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲର ଆକ୍ରମଣକୁ ଇରାନ ବିଦେଶ ମନ୍ତ୍ରୀ କଟାକ୍ଷ କରିଛନ୍ତି। ଇସ୍ରାଏଲ ଇସ୍ଫାହନ ସହରରେ ଆକ୍ରମଣ ପାଇଁ ଯେଉଁ ଅସ୍ତ୍ର ବ୍ୟବହାର କରିଥିଲା ତାହାକୁ ଧରି ଦେଶର ଶିଶୁ ଖେଳୁଥିବା କହିଛନ୍ତି। ଏହା ମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଇରାନର ଏସ୍-୩୦୦ ମିସାଇଲ ସିଷ୍ଟମ ଧ୍ୱଂସ ହୋଇ ଯାଇଥିବା ଉପଗ୍ରହ ଚିତ୍ରରୁ ଜଣାପଡିଛି।

## କର୍ଣ୍ଣାଟକ କଂଗ୍ରେସ, ବିଜେପି, ଜେଡିଏସ ମୁଖ୍ୟଙ୍କ ବିରୋଧରେ ଏତଲା

**ବେଙ୍ଗାଲୁରୁ, ୨୦।୪ (ଏଜେନ୍ସି):** ନିର୍ବାଚନ ନିୟମ ଉଲଂଘନକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ମୁଖ୍ୟ ଡିକେ ଶିବକୁମାର, ଜେଡିଏସ୍ ମୁଖ୍ୟ ଏଚ୍‌ଡି କୁମାର ସ୍ୱାମୀ ଏବଂ ବିଜେପି ମୁଖ୍ୟ ବିୱାଇ ବିଜେନ୍ଦ୍ରଙ୍କ ବିରୋଧରେ ରାଜ୍ୟ ନିର୍ବାଚନ କମିଶନ ଏତଲା ରୁଜୁ କରିଛନ୍ତି। ସୂଚନା ଅନୁଯାୟୀ ଆର୍‌ଆର୍ ନଗରରେ ଏକ ଜନସଭାକୁ ସମ୍ବୋଧନ କରି ଡିକେ ଶିବକୁମାର ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ସେହିପରି କୁମାରସ୍ୱାମୀ ନିର୍ବାଚନକୁ ନେଇ ମିଥ୍ୟା ବିବୃତ୍ତି ଦେଇଥିଲେ। ଏହା ବ୍ୟତୀତ ବିଜେପି ମୁଖ୍ୟ ଜଣେ କଂଗ୍ରେସ ନେତାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ।

## ଝିଅ ହତ୍ୟାକୁ 'ଲଭ୍ ଜିହାଦ' କହିଲେ କଂଗ୍ରେସ ନେତା



**ବେଙ୍ଗାଲୁରୁ, ୨୦।୪ (ଏଜେନ୍ସି):** କର୍ଣ୍ଣାଟକ କଂଗ୍ରେସ ସରକାରଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ହୁବଳୀର କଂଗ୍ରେସ କାଉନସିଲର ନିରଞ୍ଜନ ହିରେମଥ ଝିଅର ହତ୍ୟାକୁ ଲଭ୍ ଜିହାଦ କହିଛନ୍ତି। ହତ୍ୟାକାରୀ ଫୟାଜ ତାଙ୍କ ଝିଅକୁ ଫସାଇବାକୁ ଯୋଜନା କରୁଥିଲା ବୋଲି ଅଭିଯୋଗ କରିଛନ୍ତି। ସେ ବାରମ୍ବାର ଧମକ ଦେଉଥିଲା। କିନ୍ତୁ ତାଙ୍କ ଝିଅ ଏଥିପ୍ରତି ଧ୍ୟାନ ଦେଇ ନ ଥିଲା। ଲଭ୍ ଜିହାଦ ପାଇଁ ଭଲ ପରିବାରର ଝିଅଙ୍କୁ ନିଶାଣ କରାଯାଉଛି। ଏଭଳି ଲୋକଙ୍କୁ ଏନ୍‌କାଉଣ୍ଟର କରାଯିବା ଉଚିତ। ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛନ୍ତି। ସେ ଲଭ୍ ଜିହାଦ ଦାବିକୁ ଖାରଜ କରିଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁଁ ହତ୍ୟା ହୋଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ହୁବଳୀ ସ୍ଥିତ ବିଭିବି କଲେଜରେ କାଉନସିଲରଙ୍କ ଝିଅ ନେହାକୁ ଫୟାଜ ୭ ଥର ଛୁରି ଭୁସି ହତ୍ୟା କରିଥିଲା।

**ନିର୍ମଳାଙ୍କ ସୂଚନା**

# ଏନ୍‌ଡିଏ ଫେରିଲେ ପୁଣି ଫେରିବ ନିର୍ବାଚନୀ ବଣ୍ଡ !

ନୂଆଦିଲ୍ଲୀ, ୨୦।୪(ଏଜେନ୍ସି)



ଭାରତୀୟ ଜନତା ପାର୍ଟି(ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ବା ଏନଡିଏ ଯଦି ଲୋକସଭା ନିର୍ବାଚନ ଜିତି ସରକାର ଗଢ଼େ ତେବେ ରାଜନୈତିକ ଦଳଙ୍କ ପାଇଁ ଚାନ୍ଦା ସଂଗ୍ରହର ମାଧ୍ୟମ ଭାବେ ନୂଆ ରୂପରେ କେତେକ ଅଦଳବଦଳ ସହ ନିର୍ବାଚନୀ ବଣ୍ଡ ଫେରିବ। ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ଏକ ସାକ୍ଷାତକାରରେ ଏହି ସୂଚନା ଦେବା ସଙ୍ଗେ କହିଛନ୍ତି ଯେ ପୁଣି ନିର୍ବାଚନୀ ବଣ୍ଡ ଅଣାଯିବା ପୂର୍ବରୁ ବ୍ୟାପକ ସ୍ତରରେ ସଂପୃକ୍ତ ସମସ୍ତ ପକ୍ଷଙ୍କ ସହ ଆଲୋଚନା, ମତ ବିନିମୟ କରାଯିବ। ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉଥିବା ଏକ ଆବେଷ୍ଟନୀ ବା ଫ୍ରେମୱାର୍କ ଗଢ଼ାଯିବ ଯାହା ରାଜନୈତିକ ଫଣ୍ଡିଂକୁ ସ୍ୱଚ୍ଛ ତଥା ପାରଦର୍ଶୀ କରୁଥିବ ଓ ରାଜନୈତିକ ଫଣ୍ଡରେ ଯେପରି କଳାଧନ ଆଦୌ ନପଶେ ତାହା ସୁନିଶ୍ଚିତ କରୁଥିବ। ନିର୍ବାଚନୀ ବଣ୍ଡକୁ ନେଇ କିଛି ନିୟମ ବଦଳାଯିବା ଦରକାର ବୋଲି ସ୍ୱୀକାର କରିଥିଲେ ହେଁ ସୀତାରମଣ ସୁପ୍ରିମକୋର୍ଟଙ୍କ ଦ୍ୱାରା ରଦ୍ଦ ହୋଇଥିବା ନିର୍ବାଚନୀ ବଣ୍ଡ ସ୍କିମ୍ ଉପରେ ଭରସା ତୁଟାଇନାହାନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶରେ ନିର୍ବାଚନ କମିସନ ତାଙ୍କ ୱେବସାଇଟରେ ଷ୍ଟେଟ୍ ବ୍ୟାଙ୍କଠାରୁ ପାଇଥିବା ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ଡାଟା ଅପଲୋଡ୍ କରିଛନ୍ତି। ସୀତାରମଣ ମାନିଛନ୍ତି ଯେ ସେହି ଡାଟା ଅଧ୍ୟୟନ ଓ ଅନୁଶୀଳନରୁ ଜଣାପଡୁଛି, ଲାଭ କରୁନଥିବା କମ୍ପାନୀମାନେ ବି ଚାନ୍ଦା ଦେଇଛନ୍ତି। ସେଲ୍ କମ୍ପାନୀମାନେ ବି ଚାନ୍ଦା ଦେଇଛନ୍ତି। ଅର୍ଥ ବିଭାଗ, କମ୍ପାନୀ ବ୍ୟାପାର ବିଭାଗ, ଆଇନ ବିଭାଗ, କର ବିଭାଗ, ରିଜର୍ଭ ବ୍ୟାଙ୍କ, ବ୍ୟାଙ୍କର୍ସ, ଚାର୍ଟାଡ ଆକାଉଣ୍ଟାଣ୍ଟସ୍ ଫୋରମ୍, ବିଭିନ୍ନ ରାଜନୈତିକ ଦଳ ଆଦି ତଥ୍ୟାଭିଜ୍ଞ ମହଲ ସହ ବିସ୍ତୃତ ଆଲୋଚନାରେ ଏପରି ଅସଙ୍ଗତି ଓ ତ୍ରୁଟିବିଚ୍ୟୁତିଗୁଡ଼ିକୁ ସଜାଡ଼ିବାର ଉପାୟ ଖୋଜା ଯାଇପାରିବ। ଉନ୍ନତ ଦେଶମାନଙ୍କର ରାଜନୈତିକ ଫଣ୍ଡିଂ ପଦ୍ଧତି ଓ ଆଇନର ତର୍ଜମାରୁ ସର୍ବୋତ୍ତମ ପଦ୍ଧତିକୁ ବାଛିବା ସମ୍ଭବ ହେବ। ୨୦୧୮ରେ ନିର୍ବାଚନୀ ବଣ୍ଡ ସ୍କିମ ଅଣାଯାଇଥିଲା। ବଣ୍ଡ ଷ୍ଟେଟ୍ ବ୍ୟାଙ୍କ ଆଫ୍ ଇଣ୍ଡିଆ ବିକ୍ରି କରୁଥିଲା। ଯେଉଁ ଭାରତୀୟ କମ୍ପାନୀ, କର୍ପୋରେଟ୍ ହାଉସ, ବିଦେଶୀ କମ୍ପାନୀ ହୋଇଥିଲେ ତା'ର ଭାରତୀୟ ସବସିଡିଆରୀ ବା ଅନୁବନ୍ଧିତ କମ୍ପାନୀ ରାଜନୈତିକ ଦଳଙ୍କୁ ଦାନ ଦେବାକୁ ଇଚ୍ଛୁକ ସେମାନେ ନିର୍ବାଚନୀ ବଣ୍ଡ କିଣୁଥିଲେ ଓ ତାଙ୍କ ପସନ୍ଦର ଦଳକୁ ତାହା ଦେଉଥିଲେ।

ନିୟମାନୁଯାୟୀ ଦାତାଙ୍କ ପରିଚୟ, କେତେ ମୂଲ୍ୟର ବଣ୍ଡ କିଣିଲେ,କେଉଁ ଦଳ ସେ ବଣ୍ଡ ଭଙ୍ଗାଇଲା ତାହା ବ୍ୟାଙ୍କ ଗୋପନ ରଖୁଥିଲା ଓ ରାଜନୈତିକ ଦଳମାନେ ମଧ୍ୟ କେତେ ପାଇଲେ, କାହାଠାରୁ ପାଇଲେ ତାହା ଗୋପନ ରଖୁଥିଲେ। ଦାତା ଯାହା ଦାନ ଦେଲେ ତାହା ଉପରେ ୧୦୦% ଆୟକର ଛାଡ଼ର ସୁବିଧା ପାଉଥିଲେ। ଗତ ଫେବୃଆରୀ ୧୫ ତାରିଖରେ ସୁପ୍ରିମକୋର୍ଟ କିନ୍ତୁ ଏହି ସ୍କିମକୁ ଅସାମ୍ବିଧାନିକ ଓ ବେଆଇନ ରାୟ ଦେଇ ରଦ୍ଦ କରିଥିଲେ। ସୁପ୍ରିମକୋର୍ଟଙ୍କ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସ୍କିମରେ ଯେଉଁଭଳି ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷାର ବ୍ୟବସ୍ଥା ଥିଲା ତାହା ନାଗରିକଙ୍କ ସୂଚନା ପାଇବାର ଅଧିକାରର ଉଲ୍ଲଙ୍ଘନ କରୁଥିବା ଦର୍ଶାଇ ସ୍କିମକୁ ରଦ୍ଦ କରିଥିଲେ।

## ଦେବଗଡ଼ ଓ କୁଚିଣ୍ଡାରେ ପ୍ରଣବଙ୍କ ରଣହୁଙ୍କାର

# ଅପାରଗତାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ କଲେ ନିଶାଣ





**ଭୁବନେଶ୍ୱର,୨୦।୪(ସମିସ):** ବିଜୁ ଜନତା ଦଳ ଲୋକଙ୍କ ଦଳ। ନେତାଙ୍କୁ ଜନତା ଦରକାର, ଜନତାଙ୍କୁ ନେତା ନୁହେଁ। ତେଣୁକରି ଆମେ ସମସ୍ତେ ସମାନ। ଏହି ଆଭିମୁଖ୍ୟ ନେଇ କାମ କରୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାବାସୀ ବାରମ୍ବାର ଆଶୀର୍ବାଦ ଦେଇ ଆସୁଛନ୍ତି। ରାଜ୍ୟ ସରକାରଙ୍କର ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚିବା ଆବଶ୍ୟକ ବୋଲି ବିଜେଡି ସଂଗଠନ ସମ୍ପାଦକ ତଥା ସମ୍ବଲପୁର ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ଆଜି ଦେବଗଡ଼ ତଥା କୁଚିଣ୍ଡାରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ଶ୍ରୀ ଦାସ ଏହା କହିବା ସହିତ ଅପାରଗତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶାଣିତ ଆକ୍ରମଣ କରିଛନ୍ତି।

ଆଜି ପୂର୍ବାହ୍ନରେ ଦେବଗଡ଼ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଦାସ କହିଥିଲେ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ହିଁ ବିଜେଡିର ଏକମାତ୍ର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ରାଜ୍ୟର କୋଣ ଅନୁକୋଣରେ ରୂପାନ୍ତରଣ ସ୍ପଷ୍ଟ ବାରି ହୋଇପଡୁଛି। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣ ପାଇଁ ପଣ କରିଛନ୍ତି। କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଏହି ରୂପାନ୍ତରଣ ଅସହ୍ୟ ହୋଇଛି। ୧୦ ବର୍ଷ ଧରି କେନ୍ଦ୍ର ସରକାରରେ ମନ୍ତ୍ରୀ ରହିଥିଲେ ସୁଦ୍ଧା ଓଡ଼ିଶା କଥା ଦୂରରେ ଥାଉ ନିଜ ଅଞ୍ଚଳ

- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ବି ସମ୍ବଲପୁରରେ ବିଦ୍ୟାଳୟଟିଏ ଖୋଲି ପାରିଲେ ନାହିଁ
- ନେତାଙ୍କୁ ଜନତା ଦରକାର, ଜନତାଙ୍କୁ ନେତା ନୁହେଁ
- ଘରେ ଘରେ ପହଞ୍ଚୁ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ବାର୍ତ୍ତା
- ଏକାଠି ଲଢ଼ିବା, ବିଜେଡିକୁ ବଡ଼ ବିଜୟ ଦେବା

ପାଇଁ କିଛି କଲେ ନାହିଁ। ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ବିରୋଧ କରୁଥିବା ଦେବଗଡ଼ ବିଧାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟଟିଏ ମଧ୍ୟ କରିପାରିଲେ ନାହିଁ। ଏହା ହେଉଛି ଶ୍ରୀ ପ୍ରଧାନଙ୍କର ଅବଦାନ। ଏବେ ନିର୍ବାଚନ ଥିବାରୁ ଉନ୍ନତି ନାମରେ ଲୋକଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି। ବିକାଶ ବିରୋଧୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମିଥ୍ୟା ପ୍ରତିଶୃତିକୁ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ଶ୍ରୀ ଦାସ କହିଥିଲେ।

ଦେବଗଡ଼ରେ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସ କର୍ମୀମାନଙ୍କ ଉତ୍ସାହ ବୃଦ୍ଧି କରିବା ସହ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ। ଦେବଗଡ଼ରେ ଦଳୀୟ ସଂଗଠନକୁ ସୁଦୃଢ଼ କରି ବିଜେଡିକୁ ଏକ ବଡ ବିଜୟ ଆଣିଦେବା ଲାଗି ଶ୍ରୀ ଦାସଙ୍କ ଉପସ୍ଥିତିରେ ହଜାର ହଜାର ଦଳୀୟ କର୍ମୀ ସଂକଳ୍ପ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଦେବଗଡ଼ ବିଜେଡି ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, କେନ୍ଦୁପତ୍ର ତୋଳାଳୀ ସଂଘ ରାଜ୍ୟ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି, ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉମା ଶଙ୍କର ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସମ୍ବଲପୁର ଲୋକସଭା କ୍ଷେତ୍ର ଅର୍ନ୍ତଗତ କୁଚିଣ୍ଡା ବିଧାନସଭା ମଣ୍ଡଳୀ ବିଜେଡି ପକ୍ଷରୁ ସ୍ଥାନୀୟ ସିନେମା ହଲ୍ ଠାରେ ଅନୁଷ୍ଠିତ ସମ୍ମିଳନୀରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିବାରୁ କୁଚିଣ୍ଡାବାସୀଙ୍କୁ ଶ୍ରୀ ଦାସ କୃତଜ୍ଞତା ଜଣାଇଥିଲେ। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଛନ୍ତି। ଏଣୁ ସମସ୍ତ ମତଭେଦ ଦୂର କରି ସମସ୍ତେ ଏକ ହୋଇ ଦଳ ପାଇଁ କାମ କରିବା ସହିତ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟଦେଇ ବିଜୟୀ କରାଇବା ବୋଲି ଶ୍ରୀ ଦାସ କହିଥିଲେ। ସମ୍ବଲପୁର ଜିଲ୍ଲାରେ ଯେପରି ଶଙ୍ଖ ଚିହ୍ନରେ ଅଧିକରୁ ଅଧିକ ଭୋଟ ହୋଇପାରିବ ସେଥିପାଇଁ ସମସ୍ତଙ୍କୁ କାମ କରିବାକୁ ପଡ଼ିବ ବୋଲି ସଂଗଠନ ସମ୍ପାଦକ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ସଞ୍ଜିତ ମହାନ୍ତି, ପୂର୍ବତନ ନଗର ସଭାପତି ଗଣେଶ ରାମ ଅଗ୍ରୱାଲ, ଭୀମରାଜ ପ୍ରସାଦ, ଗଗନ ଶର୍ମା, ସଞ୍ଜୟ ବେହେରା, ଲକ୍ଷ୍ମଣ ସା, ଗଣେଶ ଅଗ୍ରୱାଲ, ମିଳନ ଖୁଣ୍ଟିଆ, ତନୟ ଧୁରୁଆ, ଜିଲ୍ଲା ପରିଷଦ ସଭ୍ୟ ଜମନକିରା ସୁଜତା ଖୁଣ୍ଟିଆ, ଅଜିତ ମହାପାତ୍ର, ଭୁବନେଶ୍ୱର କିଷାନ, ମୁନୁ ମିଶ୍ର, ଅଶୋକ ପରିଡ଼ାଙ୍କ ସହିତ ବାମରା, କୁଚିଣ୍ଡା ଓ ଜମନକିରା ଅଞ୍ଚଳର ନେତୃବୃନ୍ଦ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ବଜ୍ରପାତରେ ୨ ମୃତ

**ବନ୍ଧୁଗାଁ/ପୋଡ଼ାଗଡ଼, ୨୦।୪(ସମିସ):** କୋରାପୁଟ ଜିଲ୍ଲାରେ ଆଜି ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକଦ୍ୱୟ ହେଲେ, କୋରାପୁଟ ସଦର ଥାନା ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ବେଞ୍ଜିଖୋଲା ଗାଁର ବକ୍ସି ସାଉନ୍ତା ଏବଂ ବନ୍ଧୁଗାଁ ବ୍ଲକ୍ କାବ୍ରିବାଡ଼ି ପଞ୍ଚାୟତ ଡିମିଟିଗୁଡ଼ା ଗ୍ରାମର କିଷ୍ଟମା କାଡ୍ରାକା (୬୦)। ଶନିବାର ଅପରାହ୍ଣରେ ବକ୍ସି ସ୍ତ୍ରୀ ସହ ଘରକୁ ଫେରୁଥିବାବେଳେ ଅଚାନକ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା ଓ ବଜ୍ରପାତ ହେବାରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପୋଡ଼ାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ ପୁଲିସ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ବଡ଼ ମେଡିକାଲ ପଠାଇଛନ୍ତି। ସେହିପରି କିଷ୍ଟମା ନିଜ ଘର ପଛରେ ଥିବା ପଣସ ଗଛ ତଳେ ଠିଆ ହୋଇଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବନ୍ଧୁଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ କରାଯିବ ବୋଲି କହିଛନ୍ତି।

■ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଲା

# କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ନିଲମ୍ବିତ

**କେନ୍ଦ୍ରାପଡ଼ା,୨୦।୪(ସମିସ):** ୫୪ସେକେଣ୍ଡର ଏକ ଭାଇରାଲ ଅଡିଓ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଓଡ଼ିଶା ଅବକାରୀ କମିସନର ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାଇରାଲ ହୋଇଥିବା ଅଡିଓରେ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ଦେବୀପ୍ରସାଦ ମିଶ୍ର ଓ ଜଣେ ବିଦେଶୀ ମଦ ଦୋକାନ ମାଲିକଙ୍କ ମଧ୍ୟରେ କଥୋପକଥନ ରହିଛି। ଏହି ବିବାଦୀୟ ଅଡିଓ ଭାଇରାଲ ହେବା ପରେ ଅଭିଯୋଗକାରୀ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଅବକାରୀ କମିସନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୧୦ ତାରିଖରେ ଅବକାରୀ ଡେପୁଟି କମିସନର କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିବା ବେଳେ ଗତ ଶୁକ୍ରବାର ରାତିରେ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକଙ୍କୁ କମିସନର ନିଲମ୍ବନ କରିଛନ୍ତି। ଏନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆଜି ନିଜ ପ୍ରତିକ୍ରିୟାରେ ଏହାର ପ୍ରାଥମିକ ତଦନ୍ତ ଶେଷ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ନୂତନ ନିଯୁକ୍ତି ପର୍ଯ୍ୟନ୍ତ ଅବକାରୀ ଅଧୀକ୍ଷକଙ୍କ ଦାୟିତ୍ୱରେ କେନ୍ଦ୍ରାପଡ଼ା ତହସିଲଦାର ରହିବେ ବୋଲି ଜିଲ୍ଲାପାଳ କହିଛନ୍ତି। ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।



## ୩ ଲୋକସଭା, ୧୬ ବିଧାନସଭା ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର,୨୦।୪(ସମିସ):** ଶନିବାର କଂଗ୍ରେସ ପକ୍ଷରୁ ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ୩ଟି ଲୋକସଭା ଓ ୧୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳ ପକ୍ଷରୁ ସମ୍ବଲପୁର, ଆସିକା ଓ କେନ୍ଦୁଝର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ସମ୍ବଲପୁରରେ ଦଳ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆସ୍କାରେ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରିଛି। ତେବେ କେନ୍ଦୁଝର ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ପୂର୍ବରୁ ଏଠାରୁ ଦଳ ମୋହନ ହେମ୍ବ୍ରମଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଆଜି ପ୍ରକାଶିତ ତାଲିକାରେ ମୋହନଙ୍କ ବଦଳରେ ବିନୋଦ ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ସମାନ ଭାବେ ବିଧାନସଭା ପାଇଁ ଦଳ ପକ୍ଷରୁ ୧୬ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏଥିମଧ୍ୟରୁ ୩ ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା ସିପ୍ରା ମଲ୍ଲିକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଛି। ବିଜେପି ଛାଡ଼ି କଂଗ୍ରେସରେ ମିଶିଥିବା ସୋନାଲି ସାହୁଙ୍କୁ ଦଳ ଖୋର୍ଦ୍ଧାରୁ ଟିକେଟ ଦେଇଛି। ଝାରସୁଗୁଡ଼ା ବିଧାନସଭା ଆସନରୁ କଂଗ୍ରେସ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରିଥିବା ବେଳେ ବଡସାହିରୁ କ୍ଷୀରୋଦ ପାତ୍ର, ସୁକିନ୍ଦାରୁ ବିଭୁ ଭୂଷଣ ରାଉତ, ରାଜନଗରରୁ ଅଶୋକ ପ୍ରତିହାରୀ, ମହାକାଳପଡ଼ାରୁ ଲୋକନାଥ ମହାରଥୀ, ନିମାପଡ଼ାରୁ ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ, ପିପିଲିରୁ ଜ୍ଞାନରଞ୍ଜନ ପଟ୍ଟନାୟକ, ଚିଲିକାରୁ ପ୍ରଦୀପ ସ୍ୱାଇଁ ଏବଂ ଗୋପାଳପୁରରୁ ଶ୍ୟାମସୁନ୍ଦର ସାହୁଙ୍କୁ ପ୍ରାର୍ଥୀ କରିଛି। ଅପରପକ୍ଷେ ଦଳ କନ୍ଧମାଳ, ଜୟଦେବ ଓ କବିସୂର୍ଯ୍ୟନଗରରେ ପ୍ରାର୍ଥୀ ପରିବର୍ତ୍ତନ କରିଛି। କନ୍ଧମାଳରେ ଦଳ ମନୋଜ ଆଚାର୍ଯ୍ୟଙ୍କ ସ୍ଥାନରେ ଶରତ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ଜୟଦେବରେ ଜୟନ୍ତ ଭୋଇଙ୍କ ସ୍ଥାନରେ କୃଷ୍ଣ ସଗରିଆ ଓ କବିସୂର୍ଯ୍ୟନଗର ବିପିନ ସ୍ୱାଇଁଙ୍କ ବଦଳରେ ସଞ୍ଜୟ ମଣ୍ଡଳଙ୍କୁ ମଇଦାନକୁ ଓହ୍ଲାଇଛି।

# ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି ଧର୍ମେନ୍ଦ୍ର, ଜୟନାରାୟଣ

**ଭୁବନେଶ୍ୱର, ୨୦।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେପି ନେତାଙ୍କ ବେଆଇନ୍ କାର୍ଯ୍ୟ ସେତିକି ବଢ଼ି ଚାଲିଛି। କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପିର ସାଂସଦ, ବିଧାୟକ ପ୍ରାର୍ଥୀ ବାରମ୍ବାର ଆଇନ୍ ଭଙ୍ଗ କରି ଚାଲିଛନ୍ତି। କେଉଁଠି ସରକାରୀ କର୍ମଚାରୀଙ୍କୁ ଧମକାଇଲେଣି ତ ଆଉ କେଉଁଠି ଛୋଟ ପିଲାମାନଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କଲେଣି। ଏବେ ପୁଣି ଅଭିଯୋଗ ଆସିଛି ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ବିରୋଧରେ। ଓଡ଼ିଶା ବିଜେପି ନେତା ଏବଂ ପ୍ରାର୍ଥୀଙ୍କ ଦ୍ୱାରା ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଘନ ହେଉଥିବା ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଆସୁଛି। ଆଜି ମଧ୍ୟ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଜୟନାରାୟଣଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ଶ୍ରୀ ପ୍ରଧାନ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀ ମିଶ୍ର ସମ୍ବଲପୁର ସ୍ଥିତ ଜାତୀୟ ରାଜପଥର ଚିଫ୍ କନଷ୍ଟ୍ରକ୍ସନ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରେ




- ସରକାରୀ କାର୍ଯ୍ୟାଳୟରେ ବୈଠକ କରୁଛନ୍ତି
- ଇସିଙ୍କ ନିକଟରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ନିର୍ବାଚନୀ ସଭା ଆୟୋଜନ କରିଥିଲେ। ସେହିପରି ଆଜି ଶ୍ରୀ ପ୍ରଧାନ ଏବଂ ଶ୍ରୀ ମିଶ୍ର ଏନ୍‌ସିସି ଅଧିକାରୀ ଏବଂ କ୍ୟାଡେଟ୍ ମାନଙ୍କ ସହ ବୈଠକ କରିଥିଲେ। ସରକାରୀ କାର୍ଯ୍ୟାଳୟ ପରିସରରେ ଏନ୍‌ସିସି ଅଧିକାରୀ ଏବଂ କ୍ୟାଡେଟ୍ ମାନଙ୍କ ସହିତ ବୈଠକ କରି ଉଭୟ ବିଜେପି ନେତା ଦିନକରେ ଆଉ ଥରେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ନିର୍ବାଚନ ପ୍ରଚାରରେ ସରକାରୀ କାର୍ଯ୍ୟାଳୟ କିମ୍ବା ଏହାର ପରିସର ବ୍ୟବହାର କରିବା, ସରକାରୀ ଅଧିକାରୀଙ୍କ ସହ ବୈଠକକୁ ଭାରତୀୟ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। କିନ୍ତୁ ଅଭ୍ୟାସଗତ ଆଇନ୍ ଭଙ୍ଗକାରୀ ଭାବେ ଶ୍ରୀ ପ୍ରଧାନ ଏବଂ ଶ୍ରୀ ମିଶ୍ର ପୁଣି ଥରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଆଜି ବିଜେଡି ଦାବି ପତ୍ର ସହିତ ଶ୍ରୀ ପ୍ରଧାନ ଏବଂ ଶ୍ରୀ ମିଶ୍ରଙ୍କ ବୈଠକ ସମୟର ଫଟୋ ଏବଂ ଭିଡିଓ ପ୍ରମାଣ ସ୍ୱରୂପ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ତୃତୀୟ ଦିନରେ ୮ ଲୋକସଭା ଓ ୨୭ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ

**ଭୁବନେଶ୍ୱର,୨୦।୪(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଗତ ଗୁରବାରଠାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଶନିବାର ଏହା ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନ ସୁଦ୍ଧା ବିଧାନସଭା ଆସନ ପାଇଁ ମୋଟ ୨୭ ଜଣ ପ୍ରାର୍ଥୀ ନାମାଙ୍କନ କରିଥିବା ବେଳେ ଲୋକସଭା ପାଇଁ ୮ ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ଏହାମଧ୍ୟରୁ ଶନିବାର ଲୋକସଭା ପାଇଁ ୪ ଜଣ ଏବଂ ବିଧାନସଭା ପାଇଁ ୧୬ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତା ୨୫ ତାରିଖ ଯାଏଁ ନାମାଙ୍କନ ପ୍ରକ୍ରିୟା ଜାରି ରହିବ। ୨୬ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

• ଖଣିଯାନ୍ତ୍ରିକ ମହାବିଦ୍ୟାଳୟରେ ଜଣ୍ଡିସ୍ ଘଟଣା

## ନମୁନା ସଂଗ୍ରହ କଲା ଡାକ୍ତରୀ ଟିମ୍

**କେନ୍ଦୁଝର, ୨୦।୪(ସମିସ):** କେନ୍ଦୁଝର ଖଣି ଯାନ୍ତ୍ରିକ ମହାବିଦ୍ୟାଳୟର ଗନ୍ଧମାର୍ଦ୍ଦନ ଛାତ୍ରାବାସରେ ଜଣ୍ଡିସ୍ ବ୍ୟାପିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଡାକ୍ତରୀ ଟିମ୍। ସେମାନେ ହଷ୍ଟେଲରେ ବ୍ୟବହାର ହେଉଥିବା ପାଣିର ନମୁନା ସଂଗ୍ରହ କରିବା ସହ ଛାତ୍ରମାନଙ୍କୁ ଚିକିତ୍ସା କରିଛନ୍ତି। ହଷ୍ଟେଲର ୨୦ରୁ ଅଧିକ ଛାତ୍ର ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏତେସଂଖ୍ୟାରେ ଛାତ୍ର ହଷ୍ଟେଲରେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏଡିପିଏଚ୍‌ଓଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ହଷ୍ଟେଲ ଯାଇ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଏହାର ମୂଳ କାରଣ ଖୋଜିଛନ୍ତି। ହଷ୍ଟେଲରେ ବ୍ୟବହାର ହେଉଥିବା ପାଣି ଏହାର ମୂଳ କାରଣ ବୋଲି ସନ୍ଦେହ କରାଯାଉଛି। ଜଣ୍ଡିସ ଆକ୍ରାନ୍ତ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ସ୍ଥିର ଥିବା ବେଳେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ଆକ୍ରାନ୍ତ ଥିବା କେତେକ ଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘରକୁ ଚାଲିଯାଇଥିବା ଜଣାପଡ଼ିଛି। କେନ୍ଦୁଝର ସିଡିଏମ୍‌ଓଙ୍କ କହିବା ଅନୁସାରେ, ନମୁନା ପରୀକ୍ଷା ପରେ କାରଣ ଜଣାପଡ଼ିବ।

# ବିଜେଡିରେ ଯୋଗଦେଲେ ବଲାଙ୍ଗିର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମୁକେଶ ଜୈନ




**ଭୁବନେଶ୍ୱର,୨୦।୪(ସମିସ):** ବଲାଙ୍ଗିର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ଜୈନ ତେରାପନ୍ଥ ସମାଜର ରାଜ୍ୟ ସଭାପତି ମୁକେଶ ଜୈନଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀମତୀ ସାହୁ ଓ ଡକ୍ଟର ପାତ୍ର ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀମତୀ ସାହୁ ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ମୁକେଶ ଜୈନ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଜିଲ୍ଲା ସମ୍ପାଦକ ଅଶୋକ ମିଶ୍ର, ୮ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ନିମାଇଁ ଚରଣ ବେହେରା, ତପନ ଠାକୁର, ବିଜୟ କୁମାର ମାରୁ, ପ୍ରଶାନ୍ତ ମହାନ୍ତି, ନରସିଂହ ସିଂହ, ବିପିନ ଠାକୁର, ଜିତୁ ବିଶି, ଧୁବେଲ ପୋଡ଼, ଚତୁର୍ଗ ନାଗ, ଗତିକୃଷ୍ଣ ବାଗର, ତରୁଣ ମାଝୀ, ଯୁଗଳ ସାହୁ, ଝସକେତନ ବାଗ, ତରୁଣ ମହଲ, ଗୁଣନିଧି ପୁଟେଲ, ଭଗବାନ ବାରିକ, ଅମିତ ରଣା, ଆକାଶ ଅଗ୍ରୱାଲ, ଚୁଳ ଚନ୍ଦ୍ର ଧପ, ଶୁକୁରୁ ସାହୁ, ରାଜା ନାଗ, ରାଜା ଖାନ, ମନୋଜ ନାଏକ, ତ୍ରିନାଥ ସାହୁ, ଦେବେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ପବାବ ଅଗ୍ରୱାଲ, ସୁନାଧର ବେହେରା, ନାରାୟଣ ବାଗ, ମକରୁ ମାଝୀ, ହେମନ୍ତ କୁଣପାନ, ପାର୍ଥ ମହାନନ୍ଦ, ସୁବୋଧ ବେହେରା, ଅଜିତ ବେହେରା, ମନମୋହନ ନାଏକ, କୌଶଖ ନାଏକ, ଲକ୍ଷ୍ମଣ ବେହେରା, ମନଖୁସି ବେଜ, କୃପତି ଜାନି, ସନ୍ତୋଷ ବେହେରା, ବବଲୁ ବୁଡେକ, ରାଜେଶ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ଶଙ୍ଖ ଧରିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି

**ଭୁବନେଶ୍ୱର,୨୦।୪(ସମିସ):** ଗଜପତି ଜିଲ୍ଲା ଅନ୍ତର୍ଗତ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟ ସମ୍ପାଦକ ତଥା ପୂର୍ବତନ ଗଜପତି ଜିଲ୍ଲା ସଭାପତି ପ୍ରଦୀପ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂର୍ଗେସ ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି କାଶୀନଗର ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ସାହୁକାର, ପୂର୍ବତନ କଂଗ୍ରେସ ଗୁମ୍ମା ବ୍ଲକ ଉପାଧ୍ୟକ୍ଷ ବେରିନିକୋ ଗମାଙ୍ଗୋ, ପାରଳାଖେମୁଣ୍ଡି ବାର ଆସୋସିଏସନର ସଭାପତି ସ୍ୱରୁପ କୁମାର ପାଲୋ, ପ୍ରମୋଦ ପାଣିଗ୍ରାହୀ, ଖଗେଶ୍ୱର ବେହେରା, ସୁଲାମୀ ଶବର, ଲକ୍ଷବଚ୍ଚ



କର୍ଜୀ, ଅନୀତା ରଇତା, କୃଷ୍ଣ କୁମାର ବେହେରା, ୱାଇ.ଧନଞ୍ଜୟ ରାଓ, ଟି.ଦୁର୍ଗା ପ୍ରସାଦ, କେ.ଭବାନୀ ପ୍ରସାଦ, ବି.ରାଜୁ, କେ.ଲକ୍ଷ୍ମୀନାରାୟଣ, ଗୋପୀନାଥ ଦାସ, ସନ୍ତୋଶ ପାତ୍ର, ଶିବପ୍ରସାଦ ପାଟ୍ଟୋଜୋଶୀ, ବେଲାରସେନ ଦାସ, ପୁରୁଷୋତ୍ତମ ମହାକୁଡ଼, ପ୍ରମୋଦ ପ୍ରଧାନ, ବିଭୂତି ନାୟକ, ପ୍ରମିଳା ନାୟକ, ଲକ୍ଷ୍ମୀ ସେଠୀ, ଜୁଲି ଦାସ, ସୁବାଶ ନାୟକ, ମନଥ ଶବର, ବୋୟଶୀ ମଣ୍ଡଳ, ପ୍ରଭାତୀ ଦାସ, ବିଜିଳୀ ପ୍ରଧାନ, ଇମ୍ପାଲେ ଗୋମାଙ୍ଗୋଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ବିଜେଡିର ୬ଷ୍ଠ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା


ବର୍ଷା ପ୍ରିୟଦର୍ଶିନୀ
ବଡ଼ଚଣା


ଦେବାଶିଷ ମାର୍ଣ୍ଡି
ସାରସକଣା


ବାସନ୍ତୀ ହେମ୍ବ୍ରମ
କରଞ୍ଜିଆ


ସନାତନ ମହାକୁଡ଼
ଚମ୍ପୁଆ


ରଘୁନାଥ ସାହୁ
ଚିଲିକା


ଅଭିମନ୍ୟୁ ସେଠୀ
ଆନନ୍ଦପୁର


ବିଦ୍ୟାସ୍ମିତା ମହାଲିକ
ରେମୁଣା


ସୁଭାସିନୀ ସାହୁ
ସିମୁଳିଆ



ଗଣେଶ୍ୱର ବେହେରା
କେନ୍ଦ୍ରାପଡ଼ା

### କଣ୍ଟାବାଞ୍ଜି ମୈଦାନରେ ନବୀନ

# ପଶ୍ଚିମ ଓଡ଼ିଶାର ଏକାଧିକ ନିର୍ବାଚନମଣ୍ଡଳୀକୁ ସପକ୍ଷ ହାୱା

**ବରଗଡ଼, ୨୦।୪ (ସମିସ):** ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହେବା ଘୋଷଣା ପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଶ୍ଚିମ ଓଡ଼ିଶାର ବହୁ ନିର୍ବାଚନମଣ୍ଡଳୀରେ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଏବେ ଆଲୋଚନାର ବିଷୟ ପାଲଟିଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ବଲାଙ୍ଗିର ଲୋକସଭା ଅଧୀନରେ ଆସୁଛି। ଗତ ୨୦୧୯ ନିର୍ବାଚନରେ ବଲାଙ୍ଗିରରୁ ବିଜେପିର ସଙ୍ଗୀତା ସିଂହଦେଓ ସାଂସଦ ନିର୍ବାଚିତ ହୋଇଥିବା ବେଳେ କଣ୍ଟାବାଞ୍ଜିରୁ ବିଧାନସଭା ଆସନ କଂଗ୍ରେସର ସନ୍ତୋଷ ସିଂ ସାଲୁଜାଙ୍କ ପାଖକୁ ଯାଇଥିଲା। ଏହାଛଡ଼ା ବଲାଙ୍ଗିର ଲୋକସଭା ଆସନରେ ଥିବା ସାତଟି ବିଧାନସଭା ଆସନ ମଧ୍ୟରୁ ଚାରୋଟିରେ ବିଜେଡି ବିଧାୟକ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ଗୋଟିଏରେ ବିଜେପି ଓ ଦୁଇଟିରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ।

ଏବେ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଆସନରୁ ଲଢ଼ିବାକୁ ନିଷ୍ପତ୍ତି ନେବା ପରେ ଏହି ସମସ୍ତ ସାତଟି ଆସନରେ ବିଜେଡି ପ୍ରାର୍ଥୀ ଲାଭରେ ରହିବେ ବୋଲି କୁହାଯାଉଛି। କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରକୁ ଲାଗି କଳାହାଣ୍ଡି ଲୋକସଭା କ୍ଷେତ୍ର ବିଶେଷକରି ନୂଆପଡ଼ା, ଖଡ଼ିଆଳ, ଜୁନାଗଡ଼, ଭବାନୀପାଟଣା ବିଧାନସଭା କ୍ଷେତ୍ର ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱର ପ୍ରଭାବ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିବ। କଳାହାଣ୍ଡି ଲୋକସଭା ଆସନ ମଧ୍ୟ ଗତ ୨୦୧୯ ନିର୍ବାଚନରେ ବିଜେପି ପାଖକୁ ଯାଇଥିଲା ଏବଂ ଏଠାରୁ ଦଳର ପୂର୍ବତନ ସଭାପତି ବସନ୍ତ ପଣ୍ଡା ସାଂସଦ ହୋଇଥିଲେ। ତେଣୁ ଏଭଳି ଏକ ଭୌଗୋଳିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା କଣ୍ଟାବାଞ୍ଜି ବିଧାନସଭା ଆସନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱର ପ୍ରଭାବ ବହୁ ଆସନରେ ଦେଖିବାକୁ ମିଳିବ।



ନୂଆପଡ଼ାରୁ ଏଥର କଂଗ୍ରେସର ରାଜ୍ୟ ସଭାପତି ଶରତ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ସେହିପରି ନର୍ଲାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ମଇଦାନରେ ଅଛନ୍ତି। ଗତ ନିର୍ବାଚନରେ କଳାହାଣ୍ଡି ଲୋକସଭା ଅନ୍ତର୍ଗତ ଏକମାତ୍ର ଖଡ଼ିଆଳ ବିଧାନସଭା ଆସନରେ କଂଗ୍ରେସକୁ ସଫଳତା ମିଳିଥିଲା। ଏହି ଆସନରୁ କଂଗ୍ରେସର ଅଧିରାଜ ମୋହନ ପାଣିଗ୍ରାହୀ ନିର୍ବାଚିତ ହୋଇଥିଲେ। ପରବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଅଧିରାଜ କଂଗ୍ରେସ ଛାଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଗ୍ରହଣ କରି ବିଜେଡିରେ ଯୋଗଦେଇ ପୁଣି ଖଡ଼ିଆଳରେ ପ୍ରାର୍ଥୀ ହୋଇଛନ୍ତି। କଣ୍ଟାବାଞ୍ଜି ଓ ଖଡ଼ିଆଳ ନିର୍ବାଚନମଣ୍ଡଳୀର ସୀମା ବହୁଦୂର ପର୍ଯ୍ୟନ୍ତ ଲାଗି ଥିବାରୁ ଏହି ଅଞ୍ଚଳରେ ବିଜେଡିର ପ୍ରଭାବ ବେଶ ବୃଦ୍ଧି ପାଇବ ବୋଲି ରାଜନୀତି ବିଶେଷଜ୍ଞଙ୍କ ମତ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ନିର୍ବାଚନୀ ମାଷ୍ଟରଷ୍ଟ୍ରୋକ୍‌ର ପ୍ରଭାବ ବଲାଙ୍ଗିର ଓ କଳାହାଣ୍ଡି ଲୋକସଭା କ୍ଷେତ୍ର ବ୍ୟତୀତ ପଶ୍ଚିମ ଓଡ଼ିଶାର ଅନ୍ୟ ସମସ୍ତ ଆସନ ଏବଂ ବଲାଙ୍ଗୀର ଜିଲ୍ଲାକୁ ଲାଗିଥିବା କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ଫୁଲବାଣୀ ଓ ବରଗଡ଼ ଜିଲ୍ଲାରେ ମଧ୍ୟ ଦେଖବାକୁ ମିଳିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ଏଠାରୁ ପ୍ରାର୍ଥୀ ହେବା ପରେ ଅଞ୍ଚଳରେ କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଜାଗ୍ରତ ହୋଇଥିବା ବେଳେ ବିରୋଧୀ କଂଗ୍ରେସ ଓ ବିଜେପି ଚିନ୍ତାରେ ପଡ଼ିଛନ୍ତି।

### ୩ ଲୋକସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା

| | |
|---|---|
| ସମ୍ବଲପୁର | ଦୁଲାଲ ଚନ୍ଦ୍ର ପ୍ରଧାନ |
| କେନ୍ଦୁଝର | ବିନୋଦ ବିହାରୀ ନାୟକ |
| ଆସ୍କା | ଦେବକାନ୍ତ ଶର୍ମା |

### ୧୬ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା

| | |
|---|---|
| ଝାରସୁଗୁଡ଼ା | ଅମିତା ବିଶ୍ୱାଳ |
| ବଡ଼ସାହି | କ୍ଷୀରୋଦ ଚନ୍ଦ୍ର ପାତ୍ର |
| ସୁକିନ୍ଦା | ବିଭୁଭୂଷଣ ରାଉତ |
| କଣ୍ଟାମାଳ | ଶରତ କୁମାର ପ୍ରଧାନ |
| କେନ୍ଦ୍ରାପଡ଼ା | ସିପ୍ରା ମଲ୍ଲିକ |
| ରାଜନଗର | ଅଶୋକ ପ୍ରତିହାରୀ |
| ମହାକାଳପଡ଼ା | ଲୋକନାଥ ମହାରଥି |
| ନିମାପଡ଼ା | ସିଦ୍ଧାର୍ଥ ରାଉତରାୟ |
| ପିପିଲି | ଜ୍ଞାନରଞ୍ଜନ ପଟ୍ଟନାୟକ |
| ଜୟଦେବ | କୃଷ୍ଣ ସଗରିଆ |
| ଖୋର୍ଦ୍ଧା | ସୋନାଲୀ ସାହୁ |
| ଚିଲିକା | ପ୍ରଦୀପ କୁମାର ସ୍ୱାଇଁ |
| ଖଣ୍ଡପଡ଼ା | ମନୋଜ କୁମାର ପ୍ରଧାନ |
| ଦଶପଲ୍ଲା | ନକୁଳ ନାଏକ |
| କବିସୂର୍ଯ୍ୟନଗର | ସଞ୍ଜୟ କୁମାର ମଣ୍ଡଳ |
| ଗୋପାଳପୁର | ଶ୍ୟାମ ସୁନ୍ଦର ସାହୁ |

### ବିଜେପୁର ନିର୍ବାଚନମଣ୍ଡଳୀ

# ସ୍ୱାମୀଙ୍କ ହ୍ୟାଟ୍ରିକ ରେକର୍ଡ ଦୋହରାଇବା ଲକ୍ଷ୍ୟରେ ରୀତା

**ବରଗଡ଼,୨୦।୪(ସମିସ):** ବରଗଡ଼ ଜିଲ୍ଲାର ବିଜେପୁର ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ନିର୍ବାଚନମଣ୍ଡଳୀ। ଉପନିର୍ବାଚନ ପାଇଁ ହେଉ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ପାଇଁ; ଭିନ୍ନଭିନ୍ନ କାରଣକୁ ନେଇ ଏହି ନିର୍ବାଚନମଣ୍ଡଳୀ ଚର୍ଚ୍ଚାରେ ରହି ଆସିଛି। ଚଳିତ ନିର୍ବାଚନରେ ବିଜେପୁର ପାଇଁ ତିନି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ୧୯୮୫ରେ କଂଗ୍ରେସ ହାୱା ସତ୍ତ୍ୱେ ଏଠାରୁ ଜନତା ଦଳର ନିକୁଞ୍ଜ ବିହାରୀ ସିଂ ବିଜୟୀ ହୋଇଥିଲେ ଏବଂ ଏହାର ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ସେ ବିଜୟ ଲାଭ କରିଥିଲେ। ତେବେ ଏହି ନର୍ବାଚନମଣ୍ଡଳୀରେ ସର୍ବାଧିକ ସଫଳତା ପାଇଥିବା ରାଜନେତା ହେଉଛନ୍ତି ସ୍ୱର୍ଗତ ସୁବଳ ସାହୁ। ସେ ଏହି ନର୍ବାଚମଣ୍ଡଳୀରୁ ଲଗାତାର ତିନିଥର ବିଜୟୀ ହୋଇଥିବା ରେକର୍ଡ କରିଛନ୍ତି। ସ୍ୱର୍ଗତ ସାହୁଙ୍କ ପତ୍ନୀ ରୀତା ସାହୁ ଏବେ ସମାନ ହ୍ୟାଟ୍ରିକ ଆଶାରେ ମଇଦାନରେ ଅଛନ୍ତି।

ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ସରକାର ଥିବା ବେଳେ ଏହି ଆସନରୁ ୨୦୦୪ ମସିହାରେ ସୁବଳ କଂଗ୍ରେସ ପ୍ରାର୍ଥୀ ହୋଇ ୬୬,୪୦୭ ଭୋଟ ପାଇ ବିଜେଡିର ଅଶୋକ ପାଣିଗ୍ରାହୀଙ୍କୁ ପ୍ରାୟ ୨୨ହଜାର ଭୋଟରେ ପରାସ୍ତ କରିଥିଲେ। ଏହି ସଫଳତାକୁ ଦୋହରାଇ ସେ ୨୦୦୯ରେ ୫୬୮୬୪ ଭୋଟ ପାଇ ବିଜେଡିର ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ପ୍ରାୟ ୯ହଜାର ଭୋଟରେ



ପରାସ୍ତ କରିଥିଲେ। ଏହାର ପରବର୍ତ୍ତୀ ନିର୍ବାଚନ ୨୦୧୪ରେ ସେ ୫୩୨୯୦ ଭୋଟ ପାଇ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ

୪୦୦ରୁ ଅଧିକ ଭୋଟରେ ପରାସ୍ତ କରି ହ୍ୟାଟ୍ରିକ କରିଥିଲେ। ଶ୍ରୀ ସାହୁଙ୍କ ପରଲୋକ ପରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ପତ୍ନୀ ତଥା ବର୍ତ୍ତମାନର ବିଧାୟିକା ରୀତା ସାହୁ ବିଜେଡିରୁ ପ୍ରାର୍ଥୀ ହୋଇ ୧୦୨୮୭୧ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ପ୍ରାର୍ଥୀ ହୋଇ ୫୭ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ଏହି ଆସନଟି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଛାଡ଼ିବା ପରେ ହୋଇଥିବା ଉପନିର୍ବାଚନରେ ପୁଣି ବିଜେଡିରୁ ରୀତା ସାହୁ ପ୍ରାର୍ଥୀ ହୋଇ ରେକର୍ଡ ସଂଖ୍ୟକ ୧୩୫୯୫୭ ଭୋଟ ପାଇ ବିଜୟୀ ହୋଇଥିଲେ। ରାଜ୍ୟ ସରକାରଙ୍କ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଥିବା ରୀତା ସାହୁ ତୃତୀୟଥର ପାଇଁ ଚଳିତ ନର୍ବାଚନରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ବିଜେପୁର ନିର୍ବାଚନମଣ୍ଡଳୀରେ ସୁବଳ ସାହୁଙ୍କର ଏହି ହ୍ୟାଟ୍ରିକ ବିଜୟକୁ ପୁଣିଥରେ ଦୋହରାଇବା ପାଇଁ ସେ ଆଶା ରଖି ନିଜର ନର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଚଳିତ ନିର୍ବାଚନରେ ତାଙ୍କର ପୂର୍ବବର୍ଷର ସଫଳତାକୁ ଦୋହରାଇଲେ, ସେ ନିଜର ଦିବଂଗତ ସ୍ୱାମୀ ସୁବଳ ସାହୁଙ୍କ ହ୍ୟାଟ୍ରିକ ବିଜୟର ସମକକ୍ଷ ହେବେ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

### ନିର୍ବାଚନ ମଇଦାନରେ ଦମ୍ପତି

# ସ୍ୱାମୀ ସାଂସଦ, ସ୍ତ୍ରୀ ବିଧାୟିକା ପ୍ରାର୍ଥୀ

**ବ୍ରହ୍ମପୁର, ୨୦।୪(ସମିସ):** ନିର୍ବାଚନ ଋତୁରେ ନେତାଙ୍କ ଉତ୍ସାହ ଗଣତନ୍ତ୍ରର ପର୍ବକୁ ଆହୁରି ଆକର୍ଷିତ କରୁଛି। କର୍ମୀଙ୍କ ମନୋବଳ ବୃଦ୍ଧି ବି ହେଉଛି। ଭୋଟର ମଧ୍ୟ ଅନେକ ବିକଳ୍ପ ପାଉଛନ୍ତି। ନିର୍ବାଚନ ରଣାଙ୍ଗନରେ ବାପା-ପୁଅ, ଭାଇ-ଭାଇ, ଭାଇ-ଭଉଣୀ ମଧ୍ୟରେ ଲଢ଼େଇ ହେବାର ଅନେକ ନଜିର ଅତୀତରେ ଓ ଏବେ ବି ଦେଖିବାକୁ ମିଳୁଛି। ଚଳିତ ନିର୍ବାଚନରେ ଏକ ଦମ୍ପତି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସ୍ୱାମୀ ସାଂସଦ ପ୍ରାର୍ଥୀ ଲାଗି ନାମାଙ୍କନ ଭରିଥିବା ବେଳେ ସ୍ତ୍ରୀ ବିଧାନସଭା ପ୍ରାର୍ଥୀ ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗଣତନ୍ତ୍ରର ଏଭଳି ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି ବ୍ରହ୍ମପୁର ସହରରେ। ଯୁବନେତା ସୋମନାଥ ବେହେରା ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଶୁଭସ୍ମିତା ପାଣିଗ୍ରାହୀ ଗୋପାଳପୁର ବିଧାନସଭା ଲାଗି ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଉଭୟେ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ସ୍ୱାମୀ-ସ୍ତ୍ରୀ ନିର୍ବାଚନ ଲଢ଼ିବେ। ଏନେଇ ଉଭୟଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସୋମନାଥ ୧୯୯୮ ମସିହାରୁ ବାମପନ୍ଥୀ ବିଚାରଧାରାରେ ପ୍ରଭାବିତ ହୋଇ ଏସୟୁସିଆଇ ପାର୍ଟି ସହ ରହି ଆସିଛନ୍ତି। ଅନେକ ସମୟରେ ଲୋକଙ୍କ ନ୍ୟାଯ୍ୟ ଦାବି ଲାଗି ଆନ୍ଦୋଳନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ସମ୍ପ୍ରତି ତାଙ୍କ ସ୍ତ୍ରୀ ମଧ୍ୟ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଗୋପାଳପୁର ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ତାଙ୍କ ସ୍ତ୍ରୀ ଶୁଭସ୍ମିତା ପାଣିଗ୍ରାହୀ ଜଣେ ଉଚ୍ଚଶିକ୍ଷିତା। ୨୦୧୫ ମସିହାରୁ ସେ ଏହି ଦଳର ଛାତ୍ର ସଂଗଠନ ସହିତ ଜଡ଼ିତ ଥିଲେ। ସ୍ୱାମୀ ଓ ସ୍ତ୍ରୀ ସଂଗଠନ ସହିତ ରହି କାମ କରୁଥିଲେ। ବର୍ତ୍ତମାନ ତାଙ୍କୁ ଦଳ ଏଭଳି ସୁଯୋଗ ଦେଇଥିବାରୁ ସେମାନେ କୃତଜ୍ଞତା ଜଣାଇଛନ୍ତି।



# ମା’ ଶାରଳାଙ୍କୁ ଦର୍ଶନ କରି ପ୍ରଚାର ଆରମ୍ଭ କଲେ ପ୍ରଶାନ୍ତ



**ଜଗତସିଂହପୁର, ୨୦।୪ (ସମିସ):** ଜଗତସିଂହପୁର ବିଧାନସଭା ଆସନ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଆଜି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଶାରଳାଙ୍କ ଆଶିଷ ଭିକ୍ଷା କରି ପ୍ରଚାର ଆରମ୍ଭ କରିଛନ୍ତି। ଆଜି ଅପରାହ୍ଣରେ ସେ ମା’ଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସିଦ୍ଧବକୁଳ ବେଦୀ ନିକଟରେ ମା’ଙ୍କର ପଣ୍ଡା ସେବକମାନେ ତାଙ୍କୁ ମା’ଙ୍କ ପାଦୁକ ଚନ୍ଦନ, ଆଜ୍ଞାମାଳ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମୁଦୁଲି କହିଥିଲେ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାରେ ସମସ୍ତ ବିଜେଡି ପ୍ରାର୍ଥୀଙ୍କ ବିଜୟ ପାଇଁ ସେ ମା’ ଶାରଳାଙ୍କ ଆଶିଷ ଭିକ୍ଷା କରିଛନ୍ତି। ସେ ଆହୁରି କହିଥିଲେ, ସରକାରଙ୍କର ସମସ୍ତ ଜନମଙ୍ଗଳ କାର୍ଯ୍ୟକ୍ରମ ଓ ବିକାଶର ଧାରାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। ସମସ୍ତଙ୍କୁ ଏଥିସହିତ ଯୋଡ଼ିବା ପାଇଁ ତାଙ୍କର ଉଦ୍ୟମ ଜାରି ରହିବ। ମା’ଙ୍କ ଦର୍ଶନ ପରେ ଶ୍ରୀ ମୁଦୁଲି ଜଗତସିଂହପୁରରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସହରରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲି ବିଜେଡି କାର୍ଯ୍ୟାଳୟ ସିପି ଛକରେ ପହଞ୍ଚିବା ପରେ ଦଳୀୟ କାର୍ଯ୍ୟାଳୟକୁ ଶ୍ରୀ ମୁଦୁଲି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତଙ୍କ ସହ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, କନକପ୍ରଭା ଲେଙ୍କା, ମନୋଜ ମହାନ୍ତି, ଶ୍ରୀରାମଚନ୍ଦ୍ର ସାହୁ, ଶ୍ରୀକାନ୍ତ ଜେନା, ତ୍ରିଲୋଚନ ମହାନ୍ତି, ଆଲୋକ ଖୁଣ୍ଟିଆ, ବିଜୟ ରାଉତ, ବିଷ୍ଣୁ ଚରଣ ସ୍ୱାଇଁ, ସୁମନ୍ତ ପାଳ, ପ୍ରଣତି ନାୟକଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଅକଳରେ କେନ୍ଦୁଝର ବିଜେପି

# ମୋହନ ହଟହଟା; ଅଖିଳ ହଟାଅ ଦାବି

**କେନ୍ଦୁଝର/ପାଟଣା/ତୁରୁମୁଙ୍ଗା, ୨୦।୪(ସମିସ):** ଘରେ ନ ପଶୁଣୁ ବିଜେପିର ବାଜିଲାଣି ଚାଳ। ସବୁ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ଆରମ୍ଭରୁ କର୍ମୀଙ୍କ ବିରୋଧର ସମ୍ମୁଖୀନ ହେଲେଣି। ନିର୍ବାଚନ ଯେତିକି ପାଖଉଛି, ବିଜେପିର ବିବାଦ ସେତିକି ବଢୁଛି। କେଉଁଠି ମେଳି କରି ପ୍ରାର୍ଥୀଙ୍କୁ ବିରୋଧ କଲେଣି ତ ଆଉ କେଉଁଠି ପ୍ରାର୍ଥୀଙ୍କୁ କର୍ମୀ ଅଟକ ରଖିଲେଣି। ଏ ପର୍ଯ୍ୟନ୍ତ ଜିଲ୍ଲାର ୪ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଘୋଷଣା ସରିଛି। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଚମ୍ପୁଆ ଓ ତେଲକୋଇ ନିର୍ବାଚନମଣ୍ଡଳୀରେ ଦଳ କାହାକୁ ପ୍ରାର୍ଥୀ କରିବ ଜଣାପଡ଼ିନାହିଁ। କିନ୍ତୁ କିନ୍ତୁ ଦଳୀୟ କନ୍ଦଳ ସବଠି ଚରମରେ ପହଞ୍ଚିଲାଣି।

### ମେଳି କରି ବିରୋଧ କଲେ ଦଳୀୟ ନେତା

କେନ୍ଦୁଝର ସଦରରୁ ବିଧାୟକ ପ୍ରାର୍ଥୀ ହୋଇଥିବା ମୋହନ ମାଝୀଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ମୋହନ ଶନିବାର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଦ୍ମପୁର ଶିଶୁ ବିଦ୍ୟାମନ୍ଦିରରେ ନିର୍ବାଚନୀ ସଭା କରୁଥିଲେ। ସ୍ଥାନୀୟ ଲୋକେ ସେଠାରେ ତାଙ୍କୁ ଘେରାଉ କରିବା ସହ ବିରୋଧ କରିଥିଲେ। ଖବର ପାଇ ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ମୋହନ ସେଠାରୁ ଉଦ୍ଧାର ପାଇଥିଲେ। ଗତ ୫ ବର୍ଷ ମଧ୍ୟରେ ବିଧାୟକ ଥିବା ମୋହନ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନଥିବା ଅଭିଯୋଗ କରିଛନ୍ତି ଲୋକେ। ଆଜି ସେ ପଦ୍ମପୁର ଶିଶୁ ବିଦ୍ୟାମନ୍ଦିରରେ ନିର୍ବାଚନୀ ସଭା କରୁଥିବା ବେଳେ ତାଙ୍କୁ ଘେରାଉ କରି ଲୋକେ






ପ୍ରଶ୍ନ ପଚାରିଥିଲେ। ଏପରିକି ‘ଗୋବ୍ୟାକ୍ ମୋହନ’ ବୋଲି ନାରା ଦେଇଥିଲେ। ପରିସ୍ଥିତି ଏମିତି ହେଲା ଯେ ଶେଷରେ ପୁଲିସ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କଲା।

ସେହିପରି ପାଟଣାରେ ପ୍ରାର୍ଥୀ ହୋଇଥିବା ଅଖିଳ ଚନ୍ଦ୍ର ନାଏକଙ୍କୁ ଆରମ୍ଭରୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ପାଟଣାରେ ଆଗରୁ ସଂଗଠନ ସହିତ ରହି କାମ କରୁଥିବା ନେତା ବା ନେତ୍ରୀଙ୍କୁ ଦଳ ପ୍ରାର୍ଥୀ ନକରି ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ପାଟଣା ନିର୍ବାଚନ ମଣ୍ଡଳୀରେ ପ୍ରବଳ ବିରୋଧ ହେଉଛି। ଏପରିକି ଜିଲ୍ଲା ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତା ମଧ୍ୟ ଏଠାରେ ପ୍ରାର୍ଥୀ ବଦଳାଇବା ସପକ୍ଷରେ ମତ ଦେଉଥିବା ଶୁଣିବାକୁ ମିଳୁଛି। ଏହାକୁ ନେଇ ଗୁରୁବାର ରାଜ୍ୟ କାର୍ଯ୍ୟାଳୟ ଘେରଉ କରାଯାଇଥିବା ବେଳେ ଶନିବାର ବିଜେପିର ଗୋଟିଏ ଗୋଷ୍ଠୀ ଖୋଲା ବିଦ୍ରୋହ ଘୋଷଣା କରିଛନ୍ତି। ଅଖିଳଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଶନିବାର ପାଟଣା ବୈତରଣୀ ନଦୀ କୂଳ ଧାନବେଣୀ ପାର୍ଶ୍ୱରେ ବିଜେପିର ଅସନ୍ତୋଷ ଗୋଷ୍ଠୀ ପକ୍ଷରୁ ଏକ ସାମାବେଶ ଅନୁଷ୍ଠିତ ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ନିଷ୍ପତ୍ତି ସମାବେଶରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଟିକଟ ଆଶାୟୀ ମମିତା ନାଏକ, ଯୁବ ମୋର୍ଚ୍ଚା ସଭାପତି ସବୀର ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ତଥା ଟିକଟ ଆଶାୟୀ ସତ୍ୟବ୍ରତ ନାଏକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ସାହାରପଡ଼ା ମଣ୍ଡଳ ସଭାପତି ବୁଲୁ ବାରିକ, କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ, କେନ୍ଦେଇପଶି ମଣ୍ଡଳ ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ସିଂ, ବିଜୟ ବାରିକ ପ୍ରମୁଖ ଯୋଗ ଦେଇ ଅଖିଳଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ନୂତନ ପ୍ରାର୍ଥୀ ଦେବାକୁ ଦାବି କରିଥିଲେ। ସମାବେଶରେ ହଜାରରୁ ଅଧିକ ବିଜେପି କର୍ମୀ ସାମିଲ ହୋଇଥିଲେ। ଏହି ବିଦ୍ରୋହ ପଛରେ ଜିଲ୍ଲା ନେତୃତ୍ୱର ଗୋଟିଏ ପ୍ରଭାବଶାଳୀ ଗୋଷ୍ଠୀ ରହିଛନ୍ତି। ତେଣୁ ପାଟଣାରେ ବିଜେପିର ପ୍ରାର୍ଥୀଙ୍କୁ ନେଇ ଆଗାମୀ ଦିନରେ ରୋଚକ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି।






## ରେମୁଣା ନିର୍ବାଚନମଣ୍ଡଳୀ

# ସରପଞ୍ଚରୁ ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା

**ବାଲେଶ୍ୱର, ୨୦ ।୪(ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ଦୁଇଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି । ରେମୁଣାରୁ ବିଦ୍ୟାସ୍ମିତା ମହାଲିକ ଏବଂ ସିମୁଳିଆରୁ ସୁବାସିନୀ ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି । ତେବେ ରେମୁଣାରୁ ପ୍ରାର୍ଥୀ ହୋଇଥିବା ବିଦ୍ୟାସ୍ମିତାଙ୍କୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ବିଦ୍ୟାସ୍ମିତା ନୂଆ ମୁହଁ ହୋଇଥିଲେ ହେଁ ରାଜନୀତିରେ ପୁରୁଣା ଖେଳାଳି । ସେ ବର୍ତ୍ତମାନ ରେମୁଣାର ପତ୍ରିପାଳ ପଞ୍ଚାୟତର ସରପଞ୍ଚ ପଦରେ ଅଧିଷ୍ଠିତ ଅଛନ୍ତି ।



୨୦୨୨ ମସିହାରେ ବିଦ୍ୟାସ୍ମିତା ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କ ସହ ଜଡ଼ିତ ରହି କାର୍ଯ୍ୟ କରୁଛନ୍ତି । ସରପଞ୍ଚ ହେବା ପରେ ପଞ୍ଚାୟତ ଯେପରି ତାଙ୍କ ପାଇଁ ଗୋଟିଏ ପରିବାର ଥିଲା, ଏବେ ରେମୁଣା ନିର୍ବାଚନମଣ୍ଡଳୀ ତାଙ୍କ ପରିବାର ସଦୃଶ ହୋଇଛି ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ସାଙ୍ଗକୁ ତାଙ୍କର ଲୋକସମ୍ପର୍କ; ଏହି ଦୁଇଟିକୁ ଆୟୁଧ କରି ସେ ମଇଦାନକୁ ଓହ୍ଲାଇବେ ବୋଲି କହିଛନ୍ତି ।

ଦଳ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯିବା ପରେ ରେମୁଣାର ବିଭିନ୍ନ ସଙ୍ଗଠନ ଏବଂ ବହୁ ସରପଞ୍ଚ ତାଙ୍କୁ ରେମୁଣାଠାରେ ଥିବା କନକ ଦୁର୍ଗାମନ୍ଦିରରେ ଶୁଭେଚ୍ଛା ଜଣାଇଛନ୍ତି । ଜଣେ ସାଧାରଣ ପରିବାରର ମହିଳାଙ୍କୁ ବିଧାୟିକା ପ୍ରାର୍ଥୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସେମାନେ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ବିଦ୍ୟାସ୍ମିତା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଜିଲ୍ଲା ସଭାପତି ଅଶ୍ୱିନୀ ପାତ୍ରଙ୍କ ସମେତ ରେମୁଣା ମାଟିର ସମସ୍ତ ଜନପ୍ରତିନିଧିଙ୍କୁ କୃତଜ୍ଞତା ପ୍ରଦାନ କରିବା ସହ ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ଥିବା କାରଣରୁ ଆଜି ଏହି ସୁଯୋଗ ସେ ପାଇଛନ୍ତି ବୋଲି କହିଛନ୍ତି ।

# ପଦାରେ ପଡ଼ିଲା ବିଜେପିର ମିଛ 'ମିଶ୍ରଣ ପର୍ବ'

**ବ୍ରହ୍ମପୁର,୨୦ ।୪(ସମିସ):** ନିର୍ବାଚନ ସମୟରେ ମିଶ୍ରଣ ପର୍ବ ଜରିଆରେ ଦଳଡିଆଁ ଭଳି ଘଟଣା କିଛି ନୂଆ କଥା ନୁହେଁ । ହେଲେ ଲୋକଙ୍କୁ ମିଛ କହି ଘରୁ ଡାକିନେଇ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ହଟହଟା କରିବା ଭଳି ଘଟଣା ବିଜେପି ଭଳି ଏକ ଜାତୀୟ ଦଳର ଗରିମାକୁ ତଳେ ପକାଇଛି ବୋଲି ବ୍ରହ୍ମପୁର ସହରର ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି । ଲୋକଙ୍କୁ ମିଛ କହି ସାଙ୍ଗରେ ନେଇ ଯେ ନେତାଏ ନିଜ ପାଖ ଲୋକଙ୍କୁ ଧୋକା ଦେଇପାରନ୍ତି, ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁରରେ ।

ବ୍ରହ୍ମପୁରର ସୀମାଞ୍ଚଳ ସାହୁ ୨୦୧୨ରୁ ବିଜେଡିର ଜଣେ ଶୃଙ୍ଖଳିତ ଓ ସକ୍ରିୟ କର୍ମୀ ଭାବେ ଦଳୀୟ କାର୍ଯ୍ୟ କରିଆସୁଛନ୍ତି । ହଠାତ୍ ଗତ ୧୮ ତାରିଖ ଦିନ ସୀମାଞ୍ଚଳ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ସେଠାରେ ଗେରୁଆ ଦଳରେ ସାମିଲ ହୋଇଥିଲେ । ଏହାର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାକୁ ନେଇ ବିଜେଡି ଶିବିରରେ ହଟଚମଟ ସୃଷ୍ଟି ହୋଇଥିଲା । ତେବେ ଏନେଇ ସୀମାଞ୍ଚଳ ମୁହଁ ଖୋଲିବା ପରେ ବ୍ରହ୍ମପୁର ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି । ସୀମାଞ୍ଚଳ କହିଛନ୍ତି ଯେ ନିକଟରେ ବିଜେଡି ଛାଡ଼ିଥିବା ଟି. ଗୋପୀ ଭୁବନେଶ୍ୱର ବୁଲାଇନେବା ଆଳରେ ମିଛ କଥା କହି ତାଙ୍କୁ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ନେଇଥିଲେ ଏବଂ ସେଠାରେ ତାଙ୍କୁ ଦଳରେ ସାମିଲ





- ମିଛ କହି ଡାକିନେଇ ଟୋପି ପିନ୍ଧାଇଦେଲେ : ସୀମାଞ୍ଚଳ
- ୨୪ଘଣ୍ଟା ନ ପୂରୁଣୁ ପଦ୍ମ ପଙ୍କରୁ ମୁକୁଳି ଶଙ୍ଖକୁ ଫେରିଲେ

କରାଯାଇଥିଲା । ପାଖରେ କେହି ସାହାରା ନଥିବାରୁ ଏକୁଟିଆ ସୀମାଞ୍ଚଳ ଦୋଛକିରେ ପଡ଼ି ଗେରୁଆ ଟୋପି ପିନ୍ଧିବାକୁ ବାଧ୍ୟ ହୋଇଥିଲେ ।

ତେବେ ସୀମାଞ୍ଚଳ ଭୁବନେଶ୍ୱରରୁ ଫେରିବା ପରେ ଏ ସଂପର୍କରେ ତାଙ୍କର ଜଣେ ବନ୍ଧୁଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା । ପରେ ସେ ବିଜେଡି ଜିଲ୍ଲା ସଭାପତି ତଥା ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନିକଟକୁ ଯାଇ ସବୁ ସତ ଜଣାଇବା ପରେ ପୁଣି ତାଙ୍କୁ ବିଜେଡିରେ ସାମିଲ କରାଯାଇଛି । ଡାକ୍ତର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଓ କର୍ପୋରେଟର ଟି. ତିରୁପତି ପାତ୍ର, ନୀଳକଣ୍ଠ ସାହୁ, ମୁକୁନ୍ଦ ଗୌଡ଼ ଓ ବିଜୟ ସିଂସାମନ୍ତଙ୍କ ଉପସ୍ଥିତିରେ ସୀମାଞ୍ଚଳଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା ।

ସୀମାଞ୍ଚଳ କହିଛନ୍ତି, ବିଜେପି ଏଭଳି ମିଛ ମିଶ୍ରଣ ପର୍ବ କରି ଲୋକଙ୍କୁ ଭୁଆଁ ବୁଲାଉଛି । ସେ କେବେ ବିଜେଡିରୁ ଇସ୍ତଫା ଦେଇ ନଥିଲେ । ଗେରୁଆ ଟୋପି ପିନ୍ଧିବା ପରେ ମଧ୍ୟ ବିଜେପି ପକ୍ଷରୁ ତାଙ୍କୁ ସଭ୍ୟ ଭାବେ ପଞ୍ଜୀକରଣ କରାଯାଇନଥିବା ସେ ସ୍ପଷ୍ଟ କରିଛନ୍ତି । ପ୍ରକୃତ କଥା ହେଲା, ନିକଟରେ ବିଜେଡି ଛାଡ଼ିଥିବା ଟି.ଗୋପୀଙ୍କ କେହି ସମର୍ଥକ ନାହାନ୍ତି । ସେ କାଳେ ଏକୁଟିଆ ହୋଇଯିବେ ଓ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ତାଙ୍କୁ କେହି ଗ୍ରହଣ କରିବେ କି ନାହିଁ, ଏଭଳି ଆଶଙ୍କା କରି ନିଜେ ମିଛ କଥା କହି ସୀମାଞ୍ଚଳଙ୍କୁ ସାଙ୍ଗରେ ନେଇ ମିଶ୍ରଣ ପର୍ବରେ ସାମିଲ କରିଥିବା ଜଣାପଡ଼ିଛି । କେବଳ ଟି.ଗୋପୀ ନୁହନ୍ତି, ସମର୍ଥକ ବିହୀନ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏକୁଟିଆ ଯାଇ ବିଜେପିରେ ସାମିଲ ହୋଇଛନ୍ତି ଓ ଦଳ ମଧ୍ୟ ସେମାନଙ୍କୁ ଗ୍ରହଣ କରିଛି ।

## ନବରଙ୍ଗପୁର ରାଜନୀତି ସରଗରମ

# କଂଗ୍ରେସ ପାଇଁ ଅଡୁଆ ପରିବାରବାଦ

**ନବରଙ୍ଗପୁର,୨୦।୪(ସମିସ):** ନବରଙ୍ଗପୁର ଜିଲ୍ଲା ରାଜନୀତି ସରଗରମ ହେବାରେ ଲାଗିଛି । ଡାବୁଗାଁର ପୂର୍ବତନ ବିଧାୟକ ଭୁଜବଳ ମାଝୀ ଓ ତାଙ୍କ ଝିଅ ତଥା ଜିଲ୍ଲା ପରିଷଦ ସଭ୍ୟା ଲିପିକା ମାଝୀ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି । ଭୁଜବଳ ନବରଙ୍ଗପୁର ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ଝିଅ ତଥା ପାପଡ଼ାହାଣ୍ଡି ଜୋନ-୨ ଜିଲ୍ଲା ପରିଷଦ ସଭ୍ୟା ଲିପିକାଙ୍କୁ ଡାବୁଗାଁ ବିଧାନସଭା ଆସନରୁ ପ୍ରାର୍ଥିନୀ କରିଛି କଂଗ୍ରେସ । ଉଭୟ ଗାଁ ଗାଁ ବୁଲି ଲୋକଙ୍କ ପାଖରେ ଭୋଟ ଭିକ୍ଷା କରୁଛନ୍ତି । ତେବେ ପରିବାରବାଦ ରାଜନୀତି ବାପା-ଝିଅଙ୍କ ପଥରେ କଣ୍ଟା ସାଜିପାରେ ଜିଲ୍ଲାର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଭୁଜବଳ ଜିଲ୍ଲା କଂଗ୍ରେସର ସଭାପତି ଥିବା ବେଳେ ନିଜ ପରିବାରର ୩ଜଣଙ୍କୁ ଟିକଟ ଦେଇଥିବାରୁ କଂଗ୍ରେସ କର୍ମୀ ଏହାକୁ ଦୃଢ଼ ବିରୋଧ କରୁଛନ୍ତି । ଲିପିକାଙ୍କୁ ଛାଡ଼ି ତାଙ୍କର ଜଣେ ସଂପର୍କୀୟ ଶାଳକ ଦିଲ୍ଲୀପ ପ୍ରଧାନୀ ନବରଙ୍ଗପୁର ଆସନରୁ କଂଗ୍ରେସ ଟିକଟ ପାଇଥିବା ବେଳେ କୋରାପୁଟ ଜିଲ୍ଲା କୋଟପାଡ଼ ଆସନରୁ ସଂପର୍କୀୟ ପୁତୁରା ଅନାମ ଦିଆନ ଟିକଟ ପାଇଛନ୍ତି । ଏହି ଦୁଇଜଣ ଟିକଟ ପାଇବା ପଛରେ ଭୁଜବଳଙ୍କ ହାତ ଥିବା କଂଗ୍ରେସ କର୍ମୀମହଲରେ ଅଭିଯୋଗ ହେଉଛି । ତେଣୁ କର୍ମୀ ମହଲରେ





**ନିର୍ବାଚନୀ ମଇଦାନରେ ବାପା- ଝିଅ**

ଥିବା ଅସନ୍ତୋଷର ଏହି ନିଆଁ ତାଙ୍କୁ ନିର୍ବାଚନରେ ଅଡୁଆ କରିପାରେ ବୋଲି କୁହାଯାଉଛି । ଏହା ଭିତରେ ବାପ-ଝିଅଙ୍କୁ ନେଇ ଲୋକ କେମିତି ଗ୍ରହଣ କରିବେ, ତାହା ଦେଖିବା ବାକି ରହିଲା ।

କଂଗ୍ରେସର ଗଡ଼ ଭାବେ ଜଣାଶୁଣା ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ୨୦୧୯ରେ ବିଜେଡି ହାତକୁ ଚାଲି ଯାଇଥିଲା । ତେବେ ଗଡ଼ ପୁନଃ ଦଖଲ ଆଶା ନେଇ ମଇଦାନକୁ ଓହ୍ଲାଇଛନ୍ତି ଲିପିକା । ନିଜର ଡାକ୍ତର ବୃତ୍ତିକୁ ଛାଡ଼ି ଗତ ପଞ୍ଚାୟତ ନିର୍ବାଚନରେ ପାପଡ଼ାହାଣ୍ଡି ଜୋନ-୨ରେ କଂଗ୍ରେସ ତରଫରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ ସେ ନିର୍ବାଚିତ ହୋଇଥିଲେ । ଜିଲ୍ଲାରେ ବିଜେଡି ଏକତରଫା ବିଜୟ ହାସଲ କରିଥିବା ବେଳେ ଲିପିକା ଏକମାତ୍ର କଂଗ୍ରେସ ପ୍ରାର୍ଥିନୀ ଭାବେ ବିଜୟୀ ହୋଇଥିଲେ । କିନ୍ତୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ କଂଗ୍ରେସ ଏବେ ଦୁର୍ବଳ ହୋଇପଡ଼ିଛି । ଭୁଜବଳ ମଧ୍ୟ ନିଜ ବିଧାୟକ ଆସନ ଝିଅକୁ ଛାଡ଼ି ନବରଙ୍ଗପୁର ସାଂସଦ ପ୍ରାର୍ଥୀ ହୋଇଛନ୍ତି । ତେଣୁ ପରିବର୍ତ୍ତିତ ସମୀକରଣ ଓ କର୍ମୀମହଲରେ ବିରୋଧ ଭିତରେ ଭୁଜବଳ କେଉଁ ରଣନୀତି ଆପଣାଇବେ, ତାହାକୁ ସମସ୍ତେ ଅନେଇ ବସିଛନ୍ତି ।

# ବିଜେଡ଼ିରେ ଯୋଗଦେଲେ ପୂର୍ବତନ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନ

**ଭୁବନେଶ୍ୱର,୨୦ ।୪(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନଙ୍କ ସମେତ ଶତାଧିକ ବିଜେପି କର୍ମୀ ଆଜି ବିଜେଡିରେ ମିଶିଛନ୍ତି । ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସନ୍ନ୍ୟାସୀ ପ୍ରଧାନଙ୍କ ସହ ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ସାହୁ, ଶ୍ରୀ ପ୍ରଧାନ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରଣପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ସାହୁ, ଶ୍ରୀ ପ୍ରଧାନ ଓ ଡକ୍ଟର ପାତ୍ର କହିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସନ୍ନ୍ୟାସୀ ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲେ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ନୟାଗଡ଼ ଜିଲ୍ଲାପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜୋନ-୪ର ଜିଲ୍ଲାପରିଷଦ ସଦସ୍ୟା ସଂଯୁକ୍ତା ପାଢ଼ୀ, ଜୋନ ୩ର ଜିଲ୍ଲାପରିଷଦ ସଦସ୍ୟ ଚିନ୍ମୟ ଦାଶ, ରଣପୁର ଆପା ସଂଘର ଅଧ୍ୟକ୍ଷା ନର୍ମଦା ରାୟ, ଜୋନ ୨୧ର ଜିଲ୍ଲାପରିଷଦ ସଦସ୍ୟ କିଶୋର ପଟ୍ଟନାୟକ, ବିଜେପି ମହିଳା ନେତ୍ରୀ ସ୍ମିତା ସିଂହ, ସମିତି ସଭ୍ୟ ଭାଗବତ ସେଠୀ, ରଣପୁର ନିର୍ବାଚନ ମଣ୍ଡଳୀର ବିଜେପି କୃଷକ ମୋର୍ଚ୍ଚା ସଭାପତି ଜନାର୍ଦ୍ଦନ ଦଳବେହେରା, ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ତ୍ରିନାଥ ବିଶ୍ୱାଳଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।




## ମାଡ଼ି ଚାଲିଛି 'ଅପରାଜିତା ନିଆଁ'

# ବେଗୁନିଆରେ ସାଂସଦଙ୍କୁ ପୂରାଇ ନ ଦେବାକୁ ନିଷ୍ପତ୍ତି



**ଖୋର୍ଦ୍ଧା/ବେଗୁନିଆ, ୨୦ ।୪(ସମିସ):** ସାଂସଦ ଅପରାଜିତାଙ୍କୁ ନେଇ ବେଗୁନିଆ ବିଜେପିରେ ଲାଗିଥିବା ଅସନ୍ତୋଷର ନିଆଁ ଲିଭିବା ପରିବର୍ତ୍ତେ ଦିନକୁ ଦିନ ମାଡ଼ି ଚାଲିଛି । ଏହି ନିର୍ବାଚନମଣ୍ଡଳୀର ୪୦ଟି ପଞ୍ଚାୟତରେ ସାଂସଦ ଅପରାଜିତାଙ୍କୁ ଜୋରଦାର ବିରୋଧ ପ୍ରଦର୍ଶନ କରାଯାଉଛି । ଆଜି ୨୩ ନମ୍ବର ଜୋନର ଦୁର୍ଗାପୁର ପଞ୍ଚାୟତ ଗୁଡୁମଗ୍ରାମସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଅସନ୍ତୋଷ କର୍ମୀମାନେ ଅପରାଜିତାଙ୍କ ବିରୋଧରେ ଏକାଠି ହୋଇଥିଲେ । ବେଗୁନିଆ (ମଧ୍ୟ) ମଣ୍ଡଳ ସଭାପତି ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଧ୍ୟ ସମାନ ଅଭିଯୋଗ ହୋଇଥିଲା । କର୍ମୀମାନେ ବିଷୋଦ୍‌ଗାର କରି କହିଥିଲେ ଯେ ସାଂସଦଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଏଠାରେ ସକ୍ରିୟ ପୁରୁଣା କର୍ମୀଙ୍କୁ ଉପେକ୍ଷା କରାଯାଇ ନୂତନ କର୍ମୀଙ୍କୁ ଧରି ସାଂସଦ କାର୍ଯ୍ୟ କରୁଛନ୍ତି । ଏନେଇ ବାରମ୍ବାର ରାଜ୍ୟ ନେତୃତ୍ୱଙ୍କୁ ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତେଣୁ ଏହାର ପ୍ରତିବାଦସ୍ୱରୂପ, ଆଗାମୀ ଦିନରେ ସେମାନେ ସାଂସଦଙ୍କୁ ବେଗୁନିଆରେ ପ୍ରବେଶ କରାଇଦେବେ ନାହିଁ ବୋଲି ସର୍ବସମ୍ମତିକ୍ରମେ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି ।

**ଗୁଡୁମରେ ପୁଣି ଏକାଠି ହେଲେ ଉପେକ୍ଷିତ କର୍ମୀ**

ଏଥିରେ ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥା, ଖୋର୍ଦ୍ଧା ଜିଲ୍ଲା ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ହାଇଦର ଅଲ୍ଲୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶାନ୍ତି ଶେଖର ମହାପାତ୍ର, ଦୁର୍ଗାପୁର ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ପ୍ରଧାନ ଓ ଉପସଭାପତି ପ୍ରାଣବନ୍ଧୁ ସାହୁଙ୍କ ସମେତ ତିନି ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ । ମଣ୍ଡଳ ସମ୍ପାଦକ ଲିଙ୍ଗରାଜ ପାଇକରାୟ ଧନ୍ୟବାଦ ଦେଇଥିଲେ ।

## ସୋନପୁର ବିଧାନସଭା ଆସନ

# ଅଭିଜ୍ଞଙ୍କ ସହ ଲଢ଼ିବେ ନବାଗତ

**ସୋନପୁର,୨୦ ।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଭିନ୍ନ କୌଶଳ ଅବଲମ୍ବନ କରି ନେତାମାନେ ଜନତାଙ୍କ ନିକଟକୁ ପହଞ୍ଚିବା ପାଇଁ ପ୍ରୟାସ କରୁଛନ୍ତି । କିଏ ନିଜ ଦଳର ନେତାଙ୍କୁ ନେଇ ବୈଠକ କରୁଛନ୍ତି ତ କିଏ ନାମଯଜ୍ଞ ଅବା ମନ୍ଦିର ଦର୍ଶନ କରି ଲୋକଙ୍କ ସମର୍ଥନ ନେବା ପାଇଁ ଉଦ୍ୟମ କରୁଛନ୍ତି । ତେବେ ଏହା ଭିତରେ ସୋନପୁରରେ ଏକ ଚର୍ଚ୍ଚା ଜୋର୍ ଧରିଛି । ତାହା ହେଲା, ଅଭିଜ୍ଞଙ୍କୁ ଟକ୍କର ଦେବେ ନବାଗତ । ଜିଲ୍ଲାର ଦୁଇ ବରିଷ୍ଠ ନେତା ବିଜେଡିର ନିରଞ୍ଜନ ପୂଜାରୀ ଏବଂ ବିଜେପିର ପ୍ରମୋଦ ମହାପାତ୍ରଙ୍କ ସହ ଲଢ଼େଇ କରୁଛନ୍ତି ନିର୍ବାଚନ ରଣାଙ୍ଗନ ପାଇଁ ଦୁଇ ନୂଆ ମୁହଁ ସୋନାଲି ବିଶି ଏବଂ ପ୍ରିୟବ୍ରତ ସାହୁ । ରାଜନୀତିର ପୋଖତ ଖେଳାଳି ଭାବେ ନିରଞ୍ଜନ ପୂଜାରୀ ଖୁବ୍ ଜଣାଶୁଣା । ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର ମଧ୍ୟ ରାଜନୀତିରେ ବହୁ ଦିନ ହେଲା ସମ୍ପୃକ୍ତ । ଉଭୟ ଭେଟେରାନ ସହ ଦୁଇ ନୂଆ ମୁହଁ କେଉଁ ରଣକୌଶଳରେ ଆପଣାଇବେ, ତାହା ଦେଖିବାକୁ ବାକି ରହିଲା । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବିଧାନସଭା ଆସନ ପାଇଁ ସର୍ବପ୍ରଥମେ ନବନିର୍ମାଣ କୃଷକ ସଂଗଠନ ସମର୍ଥିତ 'ମୋ ଦଳ' ପ୍ରାର୍ଥୀ ଭାବେ ସୋନାଲି ବିଶିଙ୍କ ନାମ ଘୋଷଣା ହୋଇଥିଲା । କିଛି ଦିନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ କରିବା ପାଇଁ ବିଜେଡି ଘୋଷଣା କରିଥିଲା । ପରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ସୋନପୁର ପୌର ପରିଷଦର ପୂର୍ବତନ ନଗରପାଳ ତଥା ଜିଲ୍ଲା ଶାଖା ସଭାପତି ପ୍ରମୋଦ ମହାପାତ୍ରଙ୍କୁ ବିଜେପି ପ୍ରାର୍ଥୀ କରିଥିଲା । ଶେଷରେ ପ୍ରିୟବ୍ରତ ସାହୁଙ୍କ ନାମରେ ମୋହର ଲଗାଇଛି କଂଗ୍ରେସ । ଫଳରେ ସୋନପୁରର ନିର୍ବାଚନ ମୈଦାନରେ ବରିଷ୍ଠଙ୍କୁ ଟକ୍କର ଦେବେ ନବାଗତ । ଏହି ଚାରି ପ୍ରାର୍ଥୀଙ୍କ ମଧ୍ୟରୁ ଉଭୟ ନିରଞ୍ଜନ ଏବଂ ପ୍ରମୋଦଙ୍କ ପୂର୍ବରୁ ନିର୍ବାଚନ ଲଢ଼ିବାର ଅଭିଜ୍ଞତା ରହିଛି ।









ପୂର୍ବରୁ ନିରଞ୍ଜନ ବିନିକା ନିର୍ବାଚନ ମଣ୍ଡଳୀରୁ ୨୦୦୦ ଓ ୨୦୦୪ରେ ବିଜେଡି-ଭାଜପା ମେଣ୍ଟ ଏବଂ ସୋନପୁରରେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକଟରେ କ୍ରମାଗତ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି । ନବୀନଙ୍କ ମନ୍ତ୍ରିମଣ୍ଡଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ସେ ମନ୍ତ୍ରୀ ରହି ଆସିଛନ୍ତି ଓ ବିଧାନସଭାର ବାଚସ୍ପତି ରହି ସୂଚାରୁରୂପେ ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି କ୍ରମାଗତ ଷଷ୍ଠଥର ପାଇଁ ଦଳୀୟ ପ୍ରାର୍ଥୀ କରିଛି । ଅଞ୍ଚଳରେ ତାଙ୍କ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ନେଇ ଲୋକଙ୍କ ପାଖକୁ ଯାଉଛନ୍ତି । ସେ ବିଭିନ୍ନ ଅଞ୍ଚଳରେ ବିଜେଡି ଛାତ୍ର ଓ ଯୁବ ସମାବେଶ କରି ସମସ୍ତଙ୍କୁ ସଂଗଠିତ କରୁଛନ୍ତି ।

ଅପରପକ୍ଷରେ ପ୍ରମୋଦ ମହାପାତ୍ର ମଧ୍ୟ ରାଜନୀତିର ଧୂରୀଣ ଖେଳାଳି । ଦଳର ସଂଗଠନ ସହିତ ୧୯୯୫ମସିହାରୁ ସେ ଜଡ଼ିତ ଅଛନ୍ତି । ୧୯୯୩ରେ ସୁବର୍ଣ୍ଣପୁର ପୌରପରିଷଦ ନିର୍ବାଚନରେ ବିଜୟୀ ହୋଇ ସେ ପୌରାଧ୍ୟକ୍ଷ ହୋଇଥିଲେ । ତେବେ ୨୦୧୪ରେ ବିଜେପି ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚନ ଲଢ଼ିଥିଲେ ହେଁ ବିଜେଡିର ନିରଞ୍ଜନ ପୂଜାରୀଙ୍କ ନିକଟରୁ ପରାସ୍ତ ହୋଇଥିଲେ । ଅଭିଜ୍ଞ ପ୍ରମୋଦ ଏବେ ତୃଣମୂଳସ୍ତରର ନେତା ଓ କର୍ମୀଙ୍କୁ ଭେଟୁଛନ୍ତି । ତେବେ ପ୍ରଥମଥର ପାଇଁ ନିର୍ବାଚନ ଲଢୁଥିବା ସୋନାଲି ବିଶି ସ୍ୱତନ୍ତ୍ର ଢଙ୍ଗରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ଟ୍ରାକ୍ଟର ରାଲି କରି ବିଭିନ୍ନ ସ୍ଥାନର ଚାଷୀଙ୍କୁ ସଂଗଠିତ କରୁଛନ୍ତି । ନିଜେ ଟ୍ରାକ୍ଟର ଚଳାଇ ସମର୍ଥକଙ୍କ ସହିତ ମିଶି ଭୋଟ ଭିକ୍ଷା କରୁଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଯୁବ ଚେହେରା ପ୍ରିୟବ୍ରତ ସାହୁଙ୍କୁ ପ୍ରାର୍ଥୀ କରି ଏକ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା ଦେବା ପାଇଁ ରଣକୌଶଳ ସ୍ଥିର କରିଛି । କଂଗ୍ରେସ ସଂଗଠନ ସହିତ ସେ ଛାତ୍ର ସମୟରୁ ଜଡିତ ରହି ଯୁବ କଂଗ୍ରେସ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରିଛନ୍ତି । ବିଭିନ୍ନ ସମୟରେ ସେ କୋଶଳ ଆନ୍ଦୋଳନ ସହ ଜଡିତ ରହିଛନ୍ତି । ଏଥର ସୋନପୁରରେ ଅଭିଜ୍ଞ ବନାମ ନବାଗତଙ୍କ ମଧ୍ୟରେ ରୋଚକ ଲଢ଼େଇ ହେବ ବୋଲି କୁହାଯାଉଛି ।

## ବୁଥ୍ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

# ବିଦ୍ୟୁତ୍, ଜଳ, ଶୌଚାଳୟ ଉପରେ ପ୍ରାଧାନ୍ୟ

ଭଦ୍ରକ, ୨୦।୪(ସମିସ)



ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ଭଦ୍ରକ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ମତଦାନ ପାଇଁ ନିର୍ଦ୍ଧାରିତ ସମୁଦାୟ ୧୩୦୯ଟି ବୁଥ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ରିଟର୍ଣ୍ଣିଂ ଅଧିକାରୀ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ଏବଂ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ମତଦାନ କାର୍ଯ୍ୟ ପରିଚାଳନା ପାଇଁ ଜିଲ୍ଲାର ସମସ୍ତ ବୁଥ୍‌ରେ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା ନେଇ ଜିଲ୍ଲାପାଳ ବ୍ଲକୱାରୀ ଟିକିନିଖି ସମୀକ୍ଷା କରିଥିଲେ। ଆଭାସୀ ଜରିଆରେ ଯୋଡ଼ି ହୋଇଥିବା ବିଡିଓ ମାନେ ନିଜନିଜ ବ୍ଲକର ବୁଥ ଏବଂ ରିଜର୍ଭ ପୋଲିଂ ଅଧିକାରୀ, ସଖୀ ଓ ମିଶ୍ରିତ ବୁଥ୍ ପାଇଁ ମହିଳା ପୋଲିଂ ଅଧିକାରୀ ମାନଙ୍କ ପାଇଁ ହବ୍‌ରେ ବିଶେଷ କରି ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ, ଶୌଚାଳୟ ଆଦି ପ୍ରସ୍ତୁତି ଓ ସମସ୍ୟା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଏସବୁ ବ୍ୟତୀତ ବୁଥ ପ୍ରସ୍ତୁତି କରାଯାଇଥିବା ସ୍କୁଲ ବା ଅଙ୍ଗନବାଡ଼ି ପରିସରର ପ୍ରାଚୀର, କବାଟ, ଝରକା, କକ୍ଷ ଭିତର ଓ ବାହାରେ ଆଲୋକ ବ୍ୟବସ୍ଥା, ଆବଶ୍ୟକ ଫର୍ଣ୍ଣିଚର, ରାମ୍ପ, ଫ୍ୟାନ ଆଦିର ଉପଲବଧି ନେଇ ମଧ୍ୟ ଅବଗତ କରାଇଥିଲେ। ବିଶେଷକରି ବୁଥ୍ ଥିବା ସମସ୍ତ '୫-ଟି' ଓ ଅନ୍ୟ ବିଦ୍ୟାଳୟ ମାନଙ୍କର ସର୍ବୋତ୍ତମ ଅବସ୍ଥାରେ ଥିବା କକ୍ଷକୁ ବୁଥ୍ ରୂପେ ବ୍ୟବହାର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପ୍ରତି ବ୍ଲକର ହାତଗଣତି କାଁ ଭାଁ କେତୋଟି ବୁଥ୍‌ରେ ବିଦ୍ୟୁତ ସଂଯୋଗ, ନଳକୂପରୁ ଲୁଣା ପାଣି ବାହାରିବା, ଶୌଚାଳୟ ନିର୍ମାଣାଧୀନ ଥିବା ସମସ୍ୟା ବ୍ୟତୀତ ଅନ୍ୟ ସମସ୍ତ ବୁଥ୍ ଠିକ୍ ଭାବେ ପ୍ରସ୍ତୁତ ଥିବା ସମୀକ୍ଷାରୁ ଜଣା ପଡ଼ିଥିଲା। ବାକିଥିବା ସଂପୃକ୍ତ ବୁଥ୍ ଗୁଡ଼ିକର କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ୱେବ୍‌କାଷ୍ଟିଂ ହେବାକୁ ଥିବା ବୁଥ୍ ଗୁଡ଼ିକରେ ମଧ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ କୁହାଯାଇଥିଲା। ଅଦ୍ୟାବଧି ବିଦ୍ୟୁତ ସଂଯୋଗ ନଥିବା ବୁଥ୍ ପାଇଁ ସଂପୃକ୍ତ ସ୍କୁଲକୁ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ବିଡିଓ, ବିଇଓ, ପୌର ନିର୍ବାହୀ ଅଧିକାରୀମାନେ ନିଜ ନିଜ ଅଧୀନରେ ଥିବା ସମସ୍ତ ବୁଥ୍ ପରିଦର୍ଶନ କରି ସମସ୍ୟା ଥିଲେ ପ୍ରଶାସନକୁ ଅତିଶୀଘ୍ର ଜଣାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟର ଓସ୍‌ୱାନ୍ ହଲ୍‌ରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ଚରଣ ବାରିକ୍, ଓ ଏଡିଇଓ, ବିଇଓମାନେ ଉପସ୍ଥିତ ଥିଲେ।

## ରେଳପଥରୁ ଇଆର୍‌ଏସ ଚାବି ଚୋରି: ୨ ଗିରଫ

**ତିହିଡ଼ି, ୨୦।୪(ସମିସ):** ତିହିଡ଼ି ଥାନା ଅଧୀନ ଧାମରା ରେଳପଥରୁ ଇଆର୍‌ଏସ ଚାବି ଚୋରି କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ରେଳପଥକୁ ଧରି ରଖିବା ପାଇଁ ଇଆରଏସ ଚାବି ଲଗାଯାଇଥାଏ। ସୁରକ୍ଷା ଦୃଷ୍ଟିରୁ ଏହି ଚାବିର ବହୁତ ଗୁରୁତ୍ୱ ଥିବା ବେଳେ ବହୁ ସମୟରେ ଦୁର୍ବୃତ ମାନେ ଏହାକୁ ଖୋଲିନେଇ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛନ୍ତି। କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ପୁଲିସ ୪୦ଗୋଟି ଇଆରଏସ ଜବତ କରିଛି। ଗିରଫ ହୋଇଥିବା ଯୁବକ ଦୁଇଜଣ ହେଲେ ଅଚକ ପଞ୍ଚାୟତ ନନ୍ଦପୁର ମୁସଲିମ ସାହିର। ସେମାନେ ହେଉଛନ୍ତି ତମିଦ ସାହାଙ୍କ ପୁଅ ମୁରାଦ ଓରଫ ଅଲି ମୁରାଦ ଓ ହୋସେନ ସାହାଙ୍କ ପୁଅ ଚନୁ ଓରଫ ତମିଦ ସାହା।



## ତୁଳସୀପୁରଠାରେ ନାମ ସଂକୀର୍ତ୍ତନ

**ବାରିକପୁର,୨୦।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ତୁଳସୀପୁର ଠାରେ ଅଷ୍ଟପ୍ରହରୀ ହରିନାମ ସଂକୀର୍ତ୍ତନ ଉତ୍ସବ ଭାବ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ପୂଜକ ଆଶିଷ କୁମାର ଦାଶ ବୈଦିକ ମନ୍ତ୍ର ଆହ୍ୱାନରେ ପଞ୍ଚସଖାଙ୍କୁ ପୂଜାର୍ଚ୍ଚନା କରିବା ପରେ କୀର୍ତ୍ତନ ମଣ୍ଡପ ଠାରେ ଅଧିବାସ ନାମ ଆରମ୍ଭ ହୋଇଥିଲା।ଏଥିରେ ମୁଖ୍ୟ ସଙ୍କଳ୍ପ କର୍ତ୍ତା ଭାବେ ହିମାଂଶୁ ସାମଲ ଘଟ କଳସ ସ୍ଥାପନ କରିଥିଲେ। ଏହା ଛଡା ଶାରୁଅ, କପିଳ ପ୍ରମୁଖ ଗ୍ରାମର ନିମନ୍ତ୍ରିତ ସଙ୍କୀର୍ତ୍ତନ ମଣ୍ଡଳୀ ତୁଳସୀପୁର କୀର୍ତ୍ତନ ମଣ୍ଡପ ଠାରେ ପହଞ୍ଚି ନାମ ପରିବେଷଣ କରିଥିଲେ। ବାର୍ଷିକ ସଙ୍କୀର୍ତ୍ତନ ଉତ୍ସବକୁ ଗ୍ରାମର ସୁରେଶ ସାମଲ, ଗିରିଶ ଚନ୍ଦ୍ର ସାମଲ, ଜଗଦୀଶ ସାମଲ, ଦିଲ୍ଲିପ ସାମଲ, କରୁଣାକର ସାମଲ, ପରେଶ ନାୟକ, ପ୍ରକାଶ ଚନ୍ଦ୍ର ବେହେରା, ଶଶିକାନ୍ତ ସାମଲ, ପ୍ରଭାକର ସେଠୀ, ଖଗେଶ୍ୱର ସାମଲ, ଗୌରାଙ୍ଗ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତଙ୍କ ସ୍ମୃତିସଭା

**ଭଦ୍ରକ, ୨୦।୪(ସମିସ):** ଭଦ୍ରକ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସହାୟତାରେ ଉକ୍ତ ସ୍ମୃତି ସଭାଟି ଅନୁଷ୍ଠିତ ହୋଇଯାଇଛି। ବହୁ ବୁଦ୍ଧିଜୀବୀ, ପୂର୍ବତନ ଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ସ୍ୱର୍ଗତ ସ୍ୱାଇଁଙ୍କ ବହୁବିଧ ପ୍ରତିଭା ଉପରେ ଆଲୋଚନା ରଖିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଦାସ, ବାଦଲ କିଶୋର ମହାପାତ୍ର, ସୁବଳଚରଣ ପତ୍ରୀ, କରୁଣାକର ଉପାଧ୍ୟାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ସୁରେଶ କୁମାର ସାହୁ, ରବିନାରାୟଣ ମଲ୍ଲିକ, ଅଜିତ କୁମାର ନାଏକ, ତରୁଣ କୁମାର ଭଟ୍ଟାଚାର୍ଯ୍ୟ, ବିଜୟ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର, ଅକ୍ଷୟ କୁମାର ନାୟକ, ଅକ୍ଷୟ କୁମାର ପଣ୍ଡା, ଯୁଧିଷ୍ଠିର ବାରିକ, ଅରବିନ୍ଦ ବସନ୍ତ ରାୟ, ତପସ୍ୱିନୀ ପହି, ଦେବବ୍ରତ ମହାନ୍ତି, ସନ୍ତୋଷ କୁମାର ଖିଲାର, ସୋମନାଥ ଜେନା, ତପନ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ହରମୋହନ କୁଅଁର ସ୍ମୃତିସଭାରେ ସଭାପତିତ୍ୱ କରିଥିଲେ।

## ଯୁବ ଡାକ୍ତର ଭବାନୀ ଶଙ୍କରଙ୍କ ବିୟୋଗ

**ତିହିଡ଼ି, ୨୦।୪(ସମିସ):** ତିହିଡ଼ି ଅଞ୍ଚଳର ଯୁବ ଡାକ୍ତର ଭବାନୀଶଙ୍କର ନାୟକଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା। ସେ ଗତକିଛି ଦିନ ଧରି ଯକୃତ ରୋଗରେ ପୀଡିତ ଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ସିକନ୍ଦରାବାଦର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ଗତକାଲି ଅପରାହ୍ନରେ ଆମ୍ବୁଲାନ୍ସରେ ତାଙ୍କୁ ଓଡ଼ିଶା ଅଣାଯାଉଥିବା ବେଳେ ରାସ୍ତାରେ ପରଲୋକ ହୋଇଯାଇଥିଲା। ସମାଜସେବୀ ନିଶାକର ନାୟକଙ୍କର ସେ ଏକମାତ୍ର ପୁତ୍ର ଅଟନ୍ତି। ଭବାନୀ ସହିଦନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତରଭାବେ କାର୍ଯ୍ୟ କରୁଥିଲେ। ତିହିଡ଼ିରେ ମା' ହୋମିଓ କ୍ଲିନିକ ଖୋଲି ଲୋକଙ୍କର ଚିକିତ୍ସା ମଧ୍ୟ କରୁଥିଲେ। ସେ ଅତ୍ୟନ୍ତ ସରଳ ଓ ଜଣେ ଉତ୍ତମ ଚିକିତ୍ସକ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁଖବର ପାଇବା ମାତ୍ରେ ତିହିଡ଼ିରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ମହଲେରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ତିହିଡ଼ି ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ ତରଫରୁ ମଧ୍ୟ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି। ତାଙ୍କ ମରଶରୀର କଟକରେ ପହଞ୍ଚିବା ପରେ ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ ସଂପନ୍ନ କରାଯାଇଛି। ତାଙ୍କର ପୈତୃକ ଘର ତିହିଡ଼ି ତାଳପଦାରେ ହୋଇଥିବା ବେଳେ ସ୍ଥାୟୀ ଭାବେ ତିହିଡ଼ି ହାଇସ୍କୁଲ ସମ୍ମୁଖରେ ରହୁଥିଲେ। ତାଙ୍କର ପତ୍ନୀ ଓ ୨ପୁଅ ଅଛନ୍ତି।



## କଲ୍ୟାଣୀରେ ୧୦୪ ତମ ଜଗନ୍ନାଥ ମହୋତ୍ସବ

**ଅସୁରାଳି, ୨୦।୪(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀର କୁମାରସାହିଠାରେ ଶ୍ରୀଜଗନ୍ନାଥ ସପ୍ତାପୂଜା କମିଟି ଆନୁକୂଲ୍ୟରେ ୧୦୪ ତମ ପୂଜାଉତ୍ସବ ଆୟୋଜିତ ହୋଇଛି। ପ୍ରଥମ ଦିବସରେ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଉପବିଷ୍ଟ କରାଯାଇ ଯଥାବିଧି ପୂଜା ଅର୍ଚ୍ଚନା କରାଯାଉଛି। କର୍ତ୍ତା ବାଇଧର ଓଝା, ହରିହର ସୂତାର ଓ ଶ୍ରୋତା ଭାବରେ ହରିହର ବେହେରା ଓ ନିରଞ୍ଜନ ସୂତାର ପୂଜା ବିଧି ସମ୍ପନ୍ନ କରୁଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତା ରଘୁନାଥ ସୂତାର, ପ୍ରାକ୍ତନ ସରପଞ୍ଚ ଚନ୍ଦ୍ରମଣି ବେହେରା, ବିଭୂତି ଭୂଷଣ ବଳ ପ୍ରମୁଖ ସହଯୋଗ କରୁଛନ୍ତି।

## ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ଲାଗି ମୈଦାନକୁ ଓହ୍ଲାଇଲେ ପୌରାଧକ୍ଷା

### ୨ ହଜାରରୁ ଅଧିକ ସମର୍ଥକଙ୍କ ଗହଣରେ ବିଜୁ ଭବନରେ ସାମିଲ ହେଲେ

**ଭଦ୍ରକ, ୨୦।୪(ସମିସ):** ଭଦ୍ରକରେ ଏବେ ନିର୍ବାଚନୀ ତାତି ବଢ଼ିବାରେ ଲାଗିଛି। ନିକଟରେ ବିଜେଡି ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ଠାରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିବା ଭଦ୍ରକର ସ୍ୱାଧୀନ ପୌରାଧକ୍ଷା ଗୁଲମକ୍କୀ ଦଲାୱଜି ହବିବି ଏବେ ଭଦ୍ରକ ବିଧାନସଭାର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କ ଲାଗି ମଇଦାନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୌରାଧକ୍ଷା ଗୁଲମକ୍କୀ ଦଲୱଜି ହବିବି ଓ ତାଙ୍କ ସ୍ୱାମୀ ଯୁବନେତା ଜାହିଦ ହବିବି ପ୍ରାୟ ୨ହଜାରରୁ ଅଧିକ ସମର୍ଥକଙ୍କ ଗହଣରେ ଏକ ବିରାଟ ପଟୁଆରରେ ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ 'ବିଜୁ ଭବନ'ରେ ପହଞ୍ଚିଥିଲେ। ପ୍ରଥମେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ପୌରାଧକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆସନ୍ତା ନିର୍ବାଚନରେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ରାଜ୍ୟର ବିକାଶ ଧାରାକୁ ଜାରି ରଖିବାକୁ ଲୋକଙ୍କ ପାଖକୁ ଯାଇ ଭଦ୍ରକ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଓ ଲୋକସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ବିଜୟୀ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଧାନସଭା ପ୍ରାର୍ଥୀ ଶ୍ରୀ ସାମଲ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ସର୍ବାଙ୍ଗୀନ ବିକାଶ ଓ ଭାଇଚାରାକୁ ଅତୁଟ ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ଜାହିଦ ହବିବି, ଉସମାନ ଉଲ୍ଲହକ, ପ୍ରାକ୍ତନ କାଉନସିଲର ଆୟୁବ ଖାଁ, କାଉନସିଲର ରେଶମ୍ ପରୱିନ ପ୍ରମୁଖ ବହୁ କାଉନସିଲର, ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।




## ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ

**ବାସୁଦେବପୁର, ୨୦।୪(ସମିସ):** ବାସୁଦେବପୁର ପୌରପାଳିକାର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ସାହିତ୍ୟ ସାରସ୍ୱତ ଅନୁଷ୍ଠାନ ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ଜାତୀୟ କବି ସଂଗ୍ରାମୀକବି ବାଞ୍ଛାନିଧି ମହାନ୍ତିଙ୍କର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମିରାକିଲ ପବ୍ଲିକ ସ୍କୁଲର ପରିଚାଳକ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ମୁରଲୀଧର ସାହୁ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଝାଡେଶ୍ୱର କଲେଜର ଅଧ୍ୟାପକ ଡ. ଅଜୟ କୁମାର ପଣ୍ଡା ଯୋଗ ଦେଇ ଉଦବୋଧନ ଦେଇଥିଲେ। ଚାରଣକବି, କଳା କୋକିଳ ବାଞ୍ଛାନିଧି ମହାନ୍ତି ସ୍ୱାଧୀନତା ସଂଗ୍ରାମର ଆନ୍ଦୋଳନକୁ ଦ୍ୱିଗୁଣିତ କରିବା ପାଇଁ ତାଙ୍କର କାଳଜୟୀ କବିତା ସମଗ୍ର ଓଡ଼ିଶାର ସଂଗ୍ରାମୀମାନଙ୍କୁ ଶତ ସିଂହର ବଳ ଯୋଗାଇ ଦେଇଥିଲା। ସେ ବାସୁଦେବପୁର ବ୍ଲକ ମଧ୍ୟରେ ସୀମିତ ନ ଥିଲା। ତାଙ୍କର ଉଜସ୍ୱନୀ ସଂଗ୍ରାମୀ କବିତା ଓଡ଼ିଶାର କୋଣ ଅନୁକୋଣରେ ଗୁଞ୍ଜରିତ କରିଥିଲା। ଆଜି ବି ତାଙ୍କର କବିତା ଉପସ୍ଥିତି ଜାହିର କରିଛି। ସ୍ରଷ୍ଟା ଓ ସୃଷ୍ଟିର ସଂପାଦିକା ମିରାଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠ ଉତ୍ସବରେ ସ୍ନିଗ୍ଧା ମହାନ୍ତି ସଂଯୋଜନା କରିଥିଲେ। ବହୁ କବି ଓ କବୟିତ୍ରୀମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଆୟୋଜିତ ପ୍ରାକ୍ତନ ଅଧକ୍ଷ ସୂର୍ଯ୍ୟମଣୀ ଶତପଥି, କମଳାକାନ୍ତ କର, ବସନ୍ତ କୁମାର ଦାଶ, ଅଧ୍ୟାପକ ରତ୍ନାକର ବାରିକ, ସଭାର ଅଧ୍ୟାପକ ବନମାଳୀ କୁଅଁର, ପ୍ରାକ୍ତନ ଅଧକ୍ଷ ଭାଗୀରଥି ପଲାଇ, ଧନେଶ୍ୱର ରାଉତ, ପ୍ରହଲ୍ଲାଦ ବାରିକ ପ୍ରମୁଖ ଯୋଗଦେଇ ଥିଲେ।




## ବିଜେଡି ପ୍ରାର୍ଥୀ ସଞ୍ଜୀବଙ୍କ କର୍ମୀ ସମ୍ମିଳନୀ

**ବନ୍ତ/ଆଗରପଡ଼ା, ୨୦।୪(ସମିସ):** ଭଣ୍ଡାରିପୋଖରୀ ନିର୍ବାଚନ ମଣଳୀ ଅନ୍ତର୍ଗତ ବନ୍ତ ୧୫ନଂ ଜିଲ୍ଲା ପରିଷଦ ଜୋନରେ ଥିବା ୮ଗୋଟି ପଞ୍ଚାୟତ ମଧ୍ୟରୁ ଶନିବାର ବଡ଼ବର୍ଚ୍ଚିକୟାଁ ଓ କାଦବରାଙ୍ଗ ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ବର୍ଚ୍ଚିକୟାଁ ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ଏକ ବିଶାଳ ବାଇକ୍ ରାଲିର ଆୟୋଜନ କରାଯାଇଥିଲା। ବିଜେଡି ଉପସଭାପତି ପ୍ରଶାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ବିଷ୍ଣୁ ଜେନା, ବସନ୍ତ ଖିଲାରଙ୍କ ସମେତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି କାଦବରାଙ୍ଗ ପଞ୍ଚାୟତ ପକ୍ଷରୁ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତରୁ ଏକ ବିଶାଳ ବାଇକ୍ ରାଲିରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କୁ ପଞ୍ଚାୟତ ସଭାପତି ତଥା ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ, ଯୁବନେତା ବିଷ୍ଣୁ ଦାସ, ପଞ୍ଚାୟତ ଯୁବ ବିଜେଡି ସଭାପତି କିଶୋର ରାଉତ, ଆଦିତ୍ୟ ଯେନା, ବାସୁଦେବ ଯେନା, ରମେଶ ଚନ୍ଦ୍ର ପହି, ଦାମୋଦର ପଣ୍ଡା, କାହ୍ନୁ ଖିଲାର, ବ୍ରଜ କିଶୋର ରାଉତ, ଅନି ପାତ୍ର, ରାଧାକାନ୍ତ ଜେନା, ରୁଦ୍ର ପ୍ରତାପ ଜେନା, ବିକାଶ ପାଲ ପ୍ରମୁଖ କର୍ମୀଙ୍କ ଗହଣରେ କାଦବରାଙ୍ଗ ଶିବ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଜେଡି ଉପସଭାପତି ପ୍ରଶାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡ଼ି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ସରପଞ୍ଚ ତପୋଇ ସେଠୀ, ସମିତିସଭ୍ୟା ଦିପାରାଣୀ ଯେନା, ବିଶ୍ୱମ୍ବର ଯେନାଙ୍କ ସମେତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉଭୟ ସମ୍ମିଳନୀରେ ଶ୍ରୀ ମଲ୍ଲିକ ନବୀନଙ୍କ ଜନହିତକର କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ଉପସ୍ଥାପନା କରିବାକୁ କର୍ମୀଙ୍କୁ ଆହ୍ୱାନ କରିଥିଲେ।




### ● ଗାଈଗୋରୁ ଚୋରି ବିଫଳ

## ବାଇକ ଛାଡ଼ି ଦୁର୍ବୃତ୍ତ ଫେରାର






**ଧାମନଗର, ୨୦।୪(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ୪ନମ୍ବର ୱାର୍ଡ ଅଧୀନ ମୁନସିପାଣା ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ଦେଢଟା ବେଳେ ଉକ୍ତ ଗ୍ରାମର ପାକୁଆ ଯେନାଙ୍କ ଗୁହାଳରେ ୩ଜଣ ଦୁର୍ବୃତ ପଶି ଗାଈ ଚୋରି କରି ନେଇ ଯାଉଥିବା ବେଳେ ଗ୍ରାମବାସୀ ଚୋରଙ୍କୁ କାବୁ କରିବା ପାଇଁ ଚେଷ୍ଟା କରୁଥିଲେ ହେଲେ ଗ୍ରାମବାସୀଙ୍କୁ ଚକମା ଦେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ଖବର ନେବାରୁ ଯାହା ଜଣାଯାଏ ଗାଈଗୋରୁ ଚୋରି ବିଫଳ। କିନ୍ତୁ ଏକ ଲାଲି ରଙ୍ଗର ହୁଣ୍ଡା ସାଇନ ବାଇକ, ଗାମୁଛା, ଜୋତା ଛାଡି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏନେଇ ପାକୁଆ ଯେନା ଧାମନଗର ଥାନାରେ ଲିଖିତ ଏତଲା ଦେଇଥିବା ଶ୍ରୀ ଯେନା ସୂଚନା ଦେଇଛନ୍ତି। ଏତଲା ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି ଖୁବଶୀଘ୍ର ଚୋର ଧରାଯିବ ଏବଂ ରାତି ପେଟ୍ରୋଲିଂ କଡାକଡି କରାଯିବ ବୋଲି ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକ ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି।

### ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଧାମନଗର ସହର

ଧାମନଗର, ୨୦।୪(ସମିସ)



ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ତରଫରୁ ତିନିଦିନିଆ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗୋପୂଜନ ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୯ ଘଟିକା ସମୟରେ ୧୦୦୮ କଳସ ପୂଜନ କରାଯାଇଥିଲା। ଏହି ଅବସରରେ ବ୍ଲକ ବଜାର ରାମ ମନ୍ଦିର ନିକଟସ୍ଥ ଜୟନଗର ପୁଷ୍କରିଣୀରୁ ମହିଳାମାନଙ୍କ ଏକ ବିଶାଳ କଳସ ଶୋଭାଯାତ୍ରା ବାହାରି କୋର୍ଟ ଛକ, ସାନ ଓ ବଡ ବଜାର ପରିକ୍ରମା କରି ମେଡିକାଲ ବଜାର ଦେଇ ମେଳଣ ପଡ଼ିଆ ସ୍ଥିତ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ପରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସାଧୁ ସନ୍ଥ ପୂଜନ କାର୍ଯକ୍ରମରେ ସାଧୁ ସନ୍ଥମାନେ ମାର୍ଗ ଦର୍ଶନ କରିବା ସହ ସନାତନ ଧର୍ମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶୁକ୍ରବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିବା ବେଳେ ସନ୍ଧ୍ୟାରେ ବ୍ଲକ ଓ ଏନ୍‌ଏସି ଅଞ୍ଚଳରୁ ଆସିଥିବା ସୁଦୃଶ୍ୟ ମେଢ଼ ସାଙ୍ଗକୁ ଭଳିକି ଭଳି ବାଜା କୀର୍ତ୍ତନ ମଣ୍ଡଳୀ ବାହାରି ଏକ ବିଶାଳ ଶୋଭାଯାତ୍ରାରେ ପୂରା ଅଞ୍ଚଳ ଦୁଲୁକିଥିଲା। ଏହି ଶୋଭାଯାତ୍ରା ସର୍ଦ୍ଦାର ସାଗର ଭୂୟାଁ ପାର୍କ, ଚୂନପଡ଼ା ଛକ, ସାନ ବଜାର, ଥାନାଛକ, ବଡ ବଜାର ପ୍ରଭୃତି ଅଞ୍ଚଳ ପରିକ୍ରମା କରି ମେଡିକାଲ ନିକଟସ୍ଥ ମେଳଣ ଓ ଯଜ୍ଞ ପଡ଼ିଆଠାରେ ପହଞ୍ଚିଥିଲା। ଏଥିରେ ବହୁ ଦୁରଦୂରାନ୍ତରୁ ସାମିଲ ହୋଇଥିବା ଭକ୍ତ ଓ ଶ୍ରାଦ୍ଧାଳୁ ମାନଙ୍କୁ ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନାଙ୍କ ତତ୍ତ୍ୱାବଧାନରେ ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ବିଜେଡି ସାଂସଦ ପ୍ରାର୍ଥୀ ସାଂସଦ ମଞ୍ଜୁଲତା ମଣ୍ଡଳ, ଜଗଦୀଶ ପାତ୍ର, ଉପାଧକ୍ଷ ଓସିମ ଏଜଦାନି କାଦରି ପ୍ରମୁଖ ଯୋଗଦେଇ ଦହି ସର୍ବତ ଓ ଥଣ୍ଡା ପାନୀୟ ବଣ୍ଟନ କରିଥିଲେ। ଏଥିରେ ବିଭିନ୍ନ ୱାର୍ଡର କାଉନସିଲଙ୍କ ସମେତ ବହୁ ଦଳୀୟ ନେତା କର୍ମୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ ବଜାର ଠାରୁ ଆରମ୍ଭ କରି ମେଡିକାଲ ବଜାର ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ମଧ୍ୟ ଜଳଛତ୍ର ସେବାକେନ୍ଦ୍ରରେ ଦହି ଓ ଥଣ୍ଡା ପାଣି ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ବିଜେପି ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ କୈଳାସ ମହାପାତ୍ର, ମନୋଜ ମଲ୍ଲିକ, ଅଶୋକ ପୁହାଣ, ସରୋଜ ମହାପାତ୍ର, କୈଳାସ ଗୁପ୍ତା, ଶରତ ମହାନ୍ତି, ବିଜୟ କୁମାର ରାମ, ନାରାୟଣ ରାଉତ, ବିରେନ୍ଦ୍ର ଜେନା, ଅରବିନ୍ଦ ପତି, ବୁଦ୍ଧଦେବ ଜେନା, ଦୀପ୍ତିରଞ୍ଜନ ଜେନା, ବୈକୁଣ୍ଠ ନାଥ ସାହୁ, ରଞ୍ଜିତା ସ୍ୱାଇଁ, ଶ୍ରୀଧର ବେହେରା, ପ୍ରୀତମ ଦାସ, ପୁଷ୍ପାଞ୍ଜଳି ବେହେରା, ଅନନ୍ତ ଜେନା, ସ୍ୱାଧୀନ ସମ୍ବିତ୍ ଦାସଙ୍କ ସମେତ ବହୁ ରାମଭକ୍ତ ଓ ନେତୃମଣ୍ଡଳୀ ପ୍ରମୁଖ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଏସ୍‌କେ ରାୟ, ଧାମନଗର ତହସିଲଦାର ଦୀପକ ଦାସ, ବିଡିଓ ବନବିହାରି ଦିନ୍ଦା, ଏସଡିପିଓ ତ୍ରିଲୋଚନ ସେଠୀ, ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ଓ ଅନ୍ୟ ଅଧିକାରୀଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଗାଡ଼ି ଫାଇନାନ୍ସ ଏଜେଣ୍ଟଙ୍କ ମୃତ୍ୟୁକୁ ନେଇ ସନ୍ଦେହ

**ଧର୍ମଶାଳା, ୨୦।୪(ସମିସ)**

ଧର୍ମଶାଳା ଥାନା ଅଧୀନ ଭାଲୁଖାଇ ଗ୍ରାମ ବ୍ରାହ୍ମଣୀ ନଦୀବନ୍ଧ ତଳୁ ଆଜି ମଧ୍ୟାହ୍ନରେ ଜଣେ ଗାଡ଼ି ଫାଇନାନ୍ସ ଏଜେଣ୍ଟଙ୍କୁ ମୁମୂର୍ଷ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ପୁଅ ଶରତ ବାରିକ (୪୭)। ଘଟଣା ସ୍ଥଳରେ ତାଙ୍କ ବାଇକ୍ ଓ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ବାଇକକୁ କେହି ଗାଡ଼ି ଧକ୍କା ଦେଇ ଚାଲିଯାଇଥିବାରୁ ତାଙ୍କର ଏପରି ଅବସ୍ଥା ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଅନୁମାନ କରାଯାଉଥିଲା। ମୃତ ଶରତଙ୍କ ପୁତୁରା ଦେବାଶିଷ ବାରିକ ବିସ୍ଫୋରକ ବୟାନ ଓ ଅଭିଯୋଗ ଘଟଣାର ମୋଡ ବଦଳାଇ ଦେଇଛି। ପୂର୍ବ ଶତ୍ରୁତାରୁ ତାଙ୍କ ଦାଦାଙ୍କୁ ଗାଡ଼ି ଧକ୍କା କରାଯାଇ ହତ୍ୟା କରାଯାଇଥିବା ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ଅଭିଯୁକ୍ତଙ୍କ ନାମ ମଧ୍ୟ ପୁଲିସକୁ କହିବା ପରେ ପୁଲିସ ସନ୍ଦେହରେ ଜଣଙ୍କୁ ଥାନାରେ ଅଟକ ରଖିଛି। ସେପଟରେ ଶବ କଟକରୁ ଫେରିବା ପରେ ଥାନା ଆଗରେ ରଖି ପରିବାର ଓ ଗାଁ ଲୋକ ଧାରଣାରେ ବସିଛନ୍ତି। ହତ୍ୟାକାରୀକୁ ଗିରଫ କରାଯିବା ସେମାନଙ୍କର ଦାବି



- ଗାଡ଼ି ଚଢ଼ାଇ ହତ୍ୟା ଅଭିଯୋଗ ଆଣିଲେ ପରିବାର
- ଭାଲୁଖାଇ ନଦୀବନ୍ଧ ନିକଟରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର
- କଟକ ନେବା ବାଟରେ ମୃତ୍ୟୁ
- ଅଭିଯୁକ୍ତ ଅଟକ, ଶବ ରଖି ଧାରଣା ଦେଲେ ପରିବାର

ରହିଛି। ତେବେ ଏହି ମୃତ୍ୟୁ ଦୁର୍ଘଟଣାଜନିତ ନା ସୁପରିକଳ୍ପିତ ହତ୍ୟାକାଣ୍ଡ ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି।

ସୂଚନା ମୁତାବକ, ଆଜି ପୂର୍ବାହ୍ନରେ ଶରତ ବାଇକ୍ ଯୋଗେ ବ୍ରହ୍ମବରଦାରୁ କୁଆଖିଆ ଯାଉଥିବାବେଳେ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର ଭାଲୁଖାଇ ନିକଟରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପଛରେ କିଛି ରହସ୍ୟ ରହିଥିବା ମୃତ ଶରତଙ୍କ ପୁତୁରା ଅବିନାଶ ବାରିକ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଦାଦା ଶରତଙ୍କ ସହିତ ଧର୍ମଶାଳା ଥାନା ଅଧୀନ ଚୋରମୁହାଁ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଦୀପକ ରଞ୍ଜନ ସାମଲଙ୍କ ଟଙ୍କା ଧାର ଉଦ୍ଧାରକୁ ନେଇ ଗାଳିଗୁଲଜ ଓ ବଚସା ହୋଇଥିଲା। ପରେ ଶରତ ବାଇକରେ ଘରକୁ ଯାଉଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ କାର୍‌କୁ ବାଇକ ପଛପଟୁ ଧକ୍କା ଦେଇଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଦାଦା ଶରତ ବାରିକ ବନ୍ଧ ତଳକୁ ଖସି ପଡ଼ିଥିଲେ। ସେଥିପାଇଁ ଦାଦାଙ୍କ ମୃତ୍ୟୁ ହେଲା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ମୁଁ ଘଟଣାର ତଦନ୍ତ କରୁଛି। ଅଭିଯୋଗ ପାଇଲା ପରେ ଦୀପକ ସାମଲକୁ ଥାନାକୁ ଆଣି ଅଟକ ରଖାଯାଇଛି। ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ଶ୍ରୀ ନାୟକ କହିଛନ୍ତି। ଅନ୍ୟପକ୍ଷରେ ରାତିରେ କଟକରୁ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ଧର୍ମଶାଳା ଥାନାରେ ଶବ ରଖି ପରିବାର ଲୋକ ଓ ଗ୍ରାମବାସୀ ହତ୍ୟାକାରୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି। ଡିଏସପି ବଳରାମ ନାୟକ, କୁଆଖିଆ ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ବଡଚଣା ଥାନା ଅଧିକାରୀ ଶରତ ପାତ୍ର ପ୍ରମୁଖ ଧର୍ମଶାଳା ଥାନାରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରୁଛନ୍ତି।

### ଡିଲର ଚୟନକୁ ଗ୍ରାମବାସୀଙ୍କ ବିରୋଧ

## ବିଡିଓଙ୍କ ଅଫିସ୍ ଆଗରେ ଧାରଣା; ପ୍ରତିଶ୍ରୁତି ପରେ ଓହରିଲେ

**ଦଶରଥପୁର, ୨୦।୪(ସମିସ):** ଦାଶରଥପୁର ବ୍ଲକସ୍ଥ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମରେ ଯୋଗାଣ ବିଭାଗର ଖୁଚୁରା ବିକ୍ରୟ କେନ୍ଦ୍ର(ଡିଲର) ନ ଥିଲା। କିଛିଦିନ ତଳେ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଲର ଚୟନ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଚାଉଳିଆ ଗ୍ରାମର ରମେଶ ଜେନା ଓ ଶୁଧାଂଶୁ ଶେଖର ରାୟ ଆବେଦନ କରିଥିଲେ। ତେବେ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରା ନ ଯାଇ ରମେଶ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକୁ ଗ୍ରାମର ଅଧିକାଂଶ ଲୋକେ ବିରୋଧ କରୁଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଦେଢ ମାସ ହେବ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ ଓ ବ୍ଲକ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ଦିଆଯାଇଥିଲା। କୌଣସି ଅଧିକାରୀ ଶୁଣି ନ ଥିଲେ। ଆଜି ଚାଉଳିଆ ଗ୍ରାମର ଲୋକେ ଦଶରଥପୁର ବ୍ଲକ କାର୍ଯ୍ୟାଳୟକୁ



ଯାଇ ଦରଖାସ୍ତ ଦେଇ ସେମାନଙ୍କ ଦାବି ଶୁଣିବାକୁ ଅନୁରୋଧ କରିଥିଲେ। ବିଡିଓ ଓ ଯୋଗାଣ ବିଭାଗ ଅଧିକାରୀ ଅନୁପସ୍ଥିତ ଥିବାରୁ ଏବିଡିଓଙ୍କୁ ଦରଖାସ୍ତ ଦେଇ ଆଜି ଦାବି କାର୍ଯ୍ୟକାରୀ କରିବାକୁ ଜିଦ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ୨ ଘଣ୍ଟା ଧାରଣାରେ ବସିବା ପରେ ବିଡିଓଙ୍କ ସହ ଏବିଡିଓ ତ୍ରିଲୋଚନ ସେଠି ଆଲୋଚନା କରିଥିଲେ। ଅଭିଯୋଗକାରୀ ଅନ୍ୟ ଡିଲରଠାରୁ ସେମାନଙ୍କ ରାସନ ନେବାକୁ ବ୍ୟବସ୍ଥା କରାଇବା ସହ ନିର୍ବାଚନ ପରେ ଡିଲର ଚୟନ ସମ୍ପର୍କରେ ପୁନଶ୍ଚ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରତ ଗ୍ରାମବାସୀମାନେ ଉଠିଥିଲେ। ୨ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁନଶ୍ଚ ଧାରଣା ଦିଆଯିବ ବୋଲି ବିଶ୍ୱଜିତ ରାୟ, ବୃନ୍ଦାବନ ଜେନା, ସୁଧାଂଶୁ ଶେଖର ରାୟ, ସତ୍ୟବ୍ରତ ବାରିକ, ଉତ୍ତମ ଜେନା, ଚଗୁଲ ସାହୁ, ଗଜେନ୍ଦ୍ର ବାରିକ, କଳ୍ପତରୁ ନାୟକ, ଶରତ ସାହୁ, ବିରଞ୍ଚି ସାହୁ, ନିମାଇଁ ସାହୁ, ରାଧୁ ସାହୁ, ବିଶ୍ୱରଞ୍ଜନ ରାୟ ପ୍ରମୁଖଙ୍କ ସମେତ ବହୁ ପୁରୁଷ ଓ ମହିଳା ଚେତାବନୀ ଦେଇଛନ୍ତି।

## କପାସି ମହାବୀର ପୀଠରେ ଅଖିଳଚକ୍ର ପକ୍ଷରୁ ଆଲୋଚନାଚକ୍ର



**ବିଂଝାରପୁର, ୨୦।୪(ସମିସ):** ରାମ ଚେତନା ଶତାବ୍ଦୀ ଶତାବ୍ଦୀ ଧରି ମାନବ ଜାତିର ବିବେକ ଦ୍ୱାରା ଅନୁପ୍ରାଣିତ ହୋଇଆସିଛି। ପରମଭକ୍ତ ହନୁମାନ ଦିବ୍ୟ ଚେତନାର ପ୍ରତୀକ ଭାବେ ପ୍ରତିଭାତ ହୋଇଛି। ଭବିଷ୍ୟତ ବାଣୀ ଅନୁସାରେ ଭକ୍ତ ହନୁମାନ ହିଁ ଭବିଷ୍ୟତର ବ୍ରହ୍ମା ଓ ଅନାଗତ ସୃଷ୍ଟିର ପ୍ରବର୍ତ୍ତକ ବୋଲି ଅଖିଳଚକ୍ର ପକ୍ଷରୁ କପାସି ମହାବୀର ପୀଠରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ହରେକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି।

କପାସି ଛକ ନିକଟବର୍ତ୍ତୀ ମହାବୀର ପୀଠରେ ଆୟୋଜିତ ହନୁମାନ ମେଳା ଓ ରାମାଭିଷେକ ମହୋତ୍ସବ ଅବସରରେ ଅଖିଳଚକ୍ର ପକ୍ଷରୁ ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂସ୍କୃତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ପାଦକ ହରେକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବେ ଡଃ ଶ୍ରୀହରି ଧଳ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଗୌରାଙ୍ଗ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ପୀତାମ୍ବର ସ୍ୱାଇଁ, ସୁସଂଗଠକ ରବୀନ୍ଦ୍ର କୁମାର ପରିଡ଼ା, ଅବସରପ୍ରାପ୍ତ ସବକଲେକ୍ଟର ପରୀକ୍ଷିତ ସେଠୀ ପ୍ରମୁଖ ଯୋଗ ଦେଇ ଏହି ମହାବୀର ପୀଠର ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ନବକିଶୋର ସାହୁ, ଅରୁଣ କୁମାର ସାମଲ, ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକ, ଭକ୍ତ ଚତୁର୍ଭୁଜ ସ୍ୱାଇଁ, ସମାଜସେବୀ ନିମାଁଇ ଚରଣ ବେହେରା, ଶିକ୍ଷାବିତ ପ୍ରସନ୍ନ ମହାପାତ୍ର, ପ୍ରଫୁଲ୍ଲ ରାଉତ, ଅଶୋକ ମହାପାତ୍ର, ନାରାୟଣ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ଏହି ପୀଠର ବିକାଶରେ ସେମାନଙ୍କ ଅବଦାନ ପାଇଁ ଅଖିଳଚକ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଶରତ ପରିଡ଼ା ମାନପତ୍ର ପାଠ କରିଥିଲେ। ପୀଠର ମହାତ୍ମ୍ୟ ବୃଦ୍ଧି କରିଥିବା, ଶ୍ରୀରାମଙ୍କ ମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ, ବରିଷ୍ଠ ପୂଜକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

### ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

## କୋର୍ଟର ଦ୍ୱାରସ୍ଥ ହେଲେ ବାପାମାଆ

**ଦଶରଥପୁର, ୨୦।୪ (ସମିସ)**

ଟ୍ରାକ୍ଟର ଧକ୍କାରେ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ପ୍ରତି ପୁଲିସ ଅଣଦେଖା କରୁଚି। ଫଳରେ ମୃତ ଯୁବକଙ୍କ ବାପାମାଆ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି।

ଦଶରଥପୁର ବ୍ଲକ ତଥା ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତ ଆଦୋଳା ଲେଙ୍କା ସାହିର ବିନୋଦ ଲେଙ୍କାଙ୍କ ପୁଅ ଅଭିଜିତ ଲେଙ୍କା (୧୮) ଓ ତାଙ୍କ ସାଙ୍ଗ ଅଭିନାଶ ଘଡ଼ାଇ ସ୍କୁଟିରେ ୧୩ ତାରିଖ ବିଳମ୍ବିତ ରାତିରେ ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଜନବଗିତାସ୍ଥ ନିଜ ଭଉଣୀ ଘରକୁ ଯାଉଥିବାବେଳେ ବାସୁଦେବପୁର ନିକଟରେ ବେପୁରଆ ଭାବେ ଟ୍ରାକ୍ଟର ଚଳାଇ ଆସୁଥିବା ବିରଜାପୁର ପଞ୍ଚାୟତ ଦାସସାହିର ଟ୍ରାକ୍ଟର



ଚାଳକ ଅଭୟ ଦାସ ପଛପଟୁ ଧକ୍କା ଦେବାରୁ ଅଭିଜିତ୍ ଓ ଅଭିନାଶ ଛିଟିକି ପଡ଼ିଥିଲେ। ଅଭିଜିତ୍ ଗୁରୁତର ଆହତ ହୋଇଥିବାବେଳେ ଅଭିନାଶ ସାମାନ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଅଭିଜିତ୍‌ଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଅଭିଜିତଙ୍କ ବାପା ବିନୋଦ ବିହାରୀ ଲେଙ୍କା ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନା ପୁଲିସ ୧୬୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ଅଭିଯୋଗକୁ ଇତିମଧ୍ୟରେ ଏକ ସପ୍ତାହ ଅତିକ୍ରାନ୍ତ ହେବାକୁ ବସିଥିବାବେଳେ ପୁଲିସ ଅଭିଯୁକ୍ତ ଟ୍ରାକ୍ଟର ଚାଳକଙ୍କୁ ଧରିବାରେ ସକ୍ଷମ ହୋଇନାହାଁନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରର ମାଲିକ ଟ୍ରାକ୍ଟର ହୁଲିଆ ବଦଳାଇ ଦେବାରେ ସକ୍ଷମ ହୋଇଛନ୍ତି। ଏ ନେଇ ପୁଲିସକୁ ଅବଗତ କରାଯାଇଥିଲେ ମଧ୍ୟ ପୁଲିସ ତାହାକୁ ଗୁରୁତ୍ୱ ନ ଦେଇ ପକ୍ଷପାତିତା ନୀତି ଅବଲମ୍ବନ କରୁଥିବା ମୃତ ଅଭିଜିତଙ୍କ ବାପା ବିନୋଦ ଲେଙ୍କା ଅଭିଯୋଗ କରିବା ସହିତ ଯାଜପୁର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମାମଲା ଦାଏର କରି ସଠିକ୍ ଢ଼ଙ୍ଗରେ ପୁଲିସକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

## ବ୍ଲକ୍ କଂଗ୍ରେସ ସଭାପତିରୁ ସୁକିନ୍ଦା ବିଧାୟକ ପ୍ରାର୍ଥୀ



**ସୁକିନ୍ଦା, ୨୦।୪(ସମିସ):** ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ତୃତୀୟ ପର୍ଯ୍ୟାୟରେ ୧୬ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ସୁକିନ୍ଦା ବିଧାନସଭା ଆସନ ପାଇଁ ଦାନଗଦି ବ୍ଲକ କଂଗ୍ରେସ ସଭାପତି ବିଭୁଭୂଷଣ ରାଉତଙ୍କ ନାମ ରହିଛି। କଂଗ୍ରେସ ଦଳ ତାଙ୍କୁ ସୁକିନ୍ଦା ଅଞ୍ଚଳ ଲୋକଙ୍କ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଓ ସମ୍ପାଦକ ଶରତ ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନମିଟିକିରିରେ ବିଜେଡି କର୍ମୀ ସମ୍ମିଳନୀ




**ଷଠିପୁର, ୨୦।୪(ସମିସ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ନମିଟିକିରି ଗାଁରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରଫିଉଦ୍ଦିନ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯାଜପୁର ବିଧାନସଭା ଆସନର ବିଜୁ ଜନତା ଦଳର ପ୍ରାର୍ଥୀ ସୁଜାତା ସାହୁ, ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ଯୋଗ ଦେଇ ବିଗତ ଦିନରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚଳିତ ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଯୁବ ନେତା ଇଂ ସୌମ୍ୟରଞ୍ଜନ ଧଳ, ସରପଞ୍ଚ ପର୍ଶୁରାମ ଦଳେଇ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସ୍ୱାଇଁ, ଦିଲ୍ଲୀପ ଧଳ, ପଙ୍କଜ ଧଳଙ୍କ ସମେତ ମାଳଆନନ୍ଦପୁର ପଞ୍ଚାୟତର ୧ ହଜାରରୁ ଅଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ଶ୍ରମିକ ଦିବସ ପ୍ରସ୍ତୁତି ବୈଠକ



**ବଡ଼ଚଣା, ୨୦।୪ (ସମିସ):** ଆସନ୍ତା ମଇ ୧ ତାରିଖରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ପାଇଁ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଆଜି ଚଣ୍ଡିଖୋଲ ଛକସ୍ଥ ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଶ୍ରମିକ ନେତା ରମେଶ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ବନ୍ଧାଳୋସ୍ଥ ଯୁବ ତାଲିମ କେନ୍ଦ୍ରରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହେବା ସହ ରାଜ୍ୟର ବିଶିଷ୍ଟ ଶ୍ରମିକ ନେତା, ସମାଜସେବୀ ସମେତ ଦକ୍ଷ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ନାରାୟଣ ନାୟକ, ଦିଲ୍ଲୀପ ପ୍ରଧାନ, କାର୍ତ୍ତିକ ବେହେରା, ରାଜେଶ ଜେନା, ପ୍ରଫୁଲ୍ଲ ସାହୁ, ଶୁଭଶ୍ରୀ ଓଝା, ସ୍ମିତିପ୍ରଜ୍ଞା ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଖରସ୍ରୋତାରେ ବୁଡ଼ି ଦୁଇଭାଇଙ୍କ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ରାଶି ପ୍ରଦାନ

**ବ୍ୟାସନଗର, ୨୦।୪(ସମିସ):** ଗତ ଗୁରୁବାର ଦିନ ରସୁଲପୁର ବ୍ଲକ ଯୋକଡିଆ ଖରସ୍ରୋତା ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଯାଜପୁରରୋଡ ଥାନା ପନାସିଆ ଶିବାନନ୍ଦ ନଗରର ଦୁଇଭାଇ ଶାଶ୍ୱତ ଓ ସ୍ୱସ୍ତିକଙ୍କ ପରିବାରବର୍ଗଙ୍କ ନିକଟରେ



ପହଞ୍ଚି ସମବେଦନା ଜଣାଇଛନ୍ତି ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ତଥା ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ। ଶାଶ୍ୱତ ଏହି ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଓ ତାଙ୍କ ଭାଇଙ୍କ ଅସମୟରେ ଅକାଳ ବିୟୋଗରେ ପରିବାର ଲୋକ ମ୍ରିୟମାଣ ହୋଇପଡ଼ିଛନ୍ତି। ଉକ୍ତ ପରିବାର ଲୋକଙ୍କୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ସହିତ ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଛନ୍ତି।

### କଳିଙ୍ଗନଗର ପ୍ରିମିୟର ଲିଗ୍

## ଏମ୍‌ଏମ୍‌ସିସି ସମ୍ବଲପୁର ବିଜୟୀ




**ବ୍ୟାସନଗର, ୨୦।୪(ସମିସ):** କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡ଼େମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମରେ ଚାଲିଥିବା ଚତୁର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍ ସର୍ବଭାରତୀୟ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳ ଏବି ୟୁନିକ୍ରନ୍ସ, ଭୁବନେଶ୍ୱର ଓ ଏମଏମସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଏମଏମସିସି ୧ ରନ୍‌ରେ ବିଜୟୀ ହୋଇଛି। ଏବି ୟୁନିକ୍ରନ୍ସ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମଏମସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ଓଡ଼ିଶା ରଣଜୀ ଟ୍ରଫି ଖେଳାଳି ରାମଚନ୍ଦ୍ର ବେହେରା ୩୧ ଓ ଭାଗମେନ୍ଦର ଲମେ ୩୭ ରନ୍ କରିଥିଲେ। ଏବି ୟୁନିକ୍ରନ୍ସର ଅରୁଣ ଛପ୍ତାନା ୨ଟି ଓ ସହିଲ ଦତ୍ତ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଏବି ୟୁନିକ୍ରନ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ୍ କରିଥିଲା। ଦଳ ପକ୍ଷରୁ ସାହିଲ ଦତ୍ତ ୩୦ ଓ ସୁଜିତ୍ ଲେଙ୍କା ୨୪ ରନ୍ କରିଥିଲେ। ଏମଏମସିସିର ଦେବବ୍ରତ ପ୍ରଧାନ ୩ଟି ଓ ମନୋଜ ବାରିକ ୨ଟି ୱିକେଟ ନେଇଥିଲେ। ଏମଏମସିସି ଦଳର ଦେବବ୍ରତ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ସନ୍ତୋଷ ତ୍ରିପାଠୀ ଓ ରୁଦ୍ରନାରାୟଣ ପୁହାଣ ପ୍ରଦାନ କରିଥିଲେ। ଅତିଥି ଭାବେ ଯୁବ ସମାଜସେବୀ ଦୈତାରୀ ଧଳ ଓ ନେମ୍ ଏଣ୍ଡ ଫେମ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ବନୋଜ ଜେନା ଯୋଗ ଦେଇଥିଲେ। ଖେଳକୁ ଅସିତ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିଲେ। ଅସୀମ ଦାସ ଓ କ୍ଷୀତିଶ ମାଝୀ ସ୍କୋରର, ବୁବୁ ସିହ୍ନା ଓ ଏସକେ ରସିଦ ଉଲ ଭାଷ୍ୟକାର ଥିବା କେପିଏଲର ନିର୍ଦ୍ଦେଶକ ନିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।



## ସେତୁ ଉପରେ ଠିଆ ହୋଇ ମହାନଦୀ ଦେଖୁଥିଲେ

# ଆମ୍ବୁଲାନ୍ସ ଧକ୍କାରେ ଦମ୍ପତି ମୃତ

**ବୌଦ୍ଧ/ ଅନୁଗୋଳ, ୨୦।୪(ସମିସ):** ବୌଦ୍ଧ ମହାନଦୀ ସେତୁ ଉପରେ ଶନିବାର ବାଇକ୍ ରଖି ନଦୀ ଦେଖିବା ଏକ ଦମ୍ପତିଙ୍କ ପାଇଁ କାଳ ହୋଇଛି। ଆମ୍ବୁଲାନ୍ସ ଧକ୍କାରେ ସ୍ୱାମୀ, ସ୍ତ୍ରୀଙ୍କ ଜୀବନ ଯାଇଛି। ମୃତକ ହେଲେ, ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବହିରା ପଞ୍ଚାୟତ ସଦେଇପୁର ଗ୍ରାମର ମିଟୁ ବେହେରା ଓ ତାଙ୍କ ପତ୍ନୀ ମନୋରମା ବେହେରା। ତେବେ ଦୁଇ ଶିଶୁଙ୍କ ଆଖି ଆଗରେ ବାପା, ମା'ଙ୍କ ଜୀବନ ଯିବା ହୃଦୟବିଦାରକ ଥିଲା। ମିଟୁ ତାଙ୍କ ପତ୍ନୀ ମନୋରମା ଓ ତାଙ୍କ ଦୁଇ ଛୋଟ ଝିଅଙ୍କୁ ବାଇକ୍‌ରେ ଧରି ଘରକୁ ଫେରୁଥିଲେ। ନଦୀ ଦେଖିବାକୁ ମହାନଦୀ ବ୍ରିଜ୍ ଉପରେ ଅଟକିଥିଲେ। ଦୁଇ ଝିଅ ଫୁଟ୍‌ପାଥ୍ ଉପରେ ଛିଡା ହୋଇ ମହାନଦୀ ଦେଖୁଥିଲେ। ମିଟୁ ବାଇକ୍ ଉପରେ ବସିଥିଲେ। ମନୋରମା ବାଇକ୍ ନିକଟରେ ଛିଡ଼ା ହୋଇଥିଲେ। ଏହି

### ଦୁଇ ଶିଶୁଙ୍କ ସାମ୍ନାରେ ଚାଲିଗଲା ବାପା-ମା'ଙ୍କ ଜୀବନ

ସମୟରେ କିଆକଟା ପଟୁ ବୌଦ୍ଧ ଆଡ଼କୁ ଆସୁଥିବା ଏକ ଆମ୍ବୁଲାନ୍ସ ସ୍ୱାମୀ ସ୍ତ୍ରୀଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ଆମ୍ବୁଲାନ୍ସ ଚାଳକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲ୍ଲା



ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ମିଟୁଙ୍କୁ ମୃତ ଘୋଷଣା କରିଥିବା ବେଳେ ମନୋରମାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। କିଆକଟା ଥାନା ପୁଲିସ ଅଧିକ ତଦନ୍ତ କରୁଛି।

# ତରିମୂଳ ଗାଁରେ ଗୋଷ୍ଠୀ ସଂଘର୍ଷ, ୬ ଗୁରୁତର

**ରାମଚନ୍ଦ୍ରପୁର, ୨୦।୪ (ସମିସ):** ଜମିବାଡି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୬ ଗୁରତର ଆହତ ହୋଇଥିବା ବେଳେ ୩ଜଣ ସାମାନ୍ୟ ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ତରିମୂଳ ଗାଁରେ ଘଟିଛି ଏଭଳି ଘଟଣା। ଗାଁର କାଠିଆ ଦାସଙ୍କ ପରିବାର ସହ ସେହି ଗ୍ରାମର ସୁଦର୍ଶନ ଦାସଙ୍କ ପରିବାର ମଧ୍ୟରେ ଏକ ଜମିକୁ କେନ୍ଦ୍ର କରି ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ଏପରିକି ବିବାଦ ଥାନା ଫାଣ୍ଡିଠାରୁ ଆରମ୍ଭ କରି କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥିଲା। ଏହାକୁ କେନ୍ଦ୍ର କରି ପୂର୍ବରୁ ବହୁବାର ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହୋଇଛି। ତେବେ ଆଜି ସନ୍ଧ୍ୟାରେ ବାଡ଼ ବୁଜିବାକୁ କେନ୍ଦ୍ର କରି କାଠିଆଙ୍କ ପରିବାର ଉପରେ ସଂଘବଦ୍ଧ ହୋଇ ସୁଦର୍ଶନଙ୍କ ପରିବାରର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କାଠିଆଙ୍କ ପରିବାରର ୫ଜଣ ସଦସ୍ୟ ଆହତ ହୋଇଥିବା ବେଳେ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ସେହିପରି ପ୍ରତି ଆକ୍ରମଣରେ ସୁଦର୍ଶନଙ୍କ ପରିବାରର ୩ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ରହିଛନ୍ତି। ସମସ୍ତ ଆହତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଘସିପୁରା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟିପିଏସ୍ଓଡିଏଲର ମହିଳା ମିଟର ଟେଷ୍ଟିଂ ଲ୍ୟାବ୍‌କୁ ଏନ୍ଏବିଏଲ୍ ମାନ୍ୟତା

### ମହିଳାଙ୍କୁ କରୁଛି ସଶକ୍ତ, ଯୋଗାଇଛି ନିଯୁକ୍ତି ସୁଯୋଗ

**ବ୍ରହ୍ମପୁର, ୨୦।୩ (ସମିସ):** ଟାଟା ପାୱାର ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଟର ଲିମିଟେଡ୍ (ଟିପିଏସ୍ଓଡିଏଲ)ର ଆମ୍ବଗଡ଼ ସ୍ଥିତ ମହିଳା ମିଟର ଟେଷ୍ଟିଂ ଲ୍ୟାବକୁ ନ୍ୟାସନାଲ ଏକ୍ରେଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନ୍ଏବିଏଲ) ପକ୍ଷରୁ ମାନ୍ୟତା ମିଳିଛି। ଗତବର୍ଷ ଉଦ୍‌ଘାଟନ ହୋଇଥିବା ଏହି ଅତ୍ୟାଧୁନିକ ଲ୍ୟାବ୍‌ର ସମସ୍ତ କର୍ମଚାରୀ ମହିଳା। ସ୍ଥାନୀୟ ମହିଳାମାନଙ୍କୁ ବୈଷୟିକ କ୍ଷେତ୍ରରେ ସୁଯୋଗ ଦେବା ସହ ସେମାନଙ୍କୁ ସଶକ୍ତ କରିବା ଏହାର ଉଦ୍ଦେଶ୍ୟ। ସ୍ମାର୍ଟ ମିଟରର ଗୁଣବତ୍ତା ସୁନିଶ୍ଚିତ କରିବା ପ୍ରକ୍ରିୟାରେ ଏନ୍ଏବିଏଲ୍ ମାନ୍ୟତା ଗୁରୁତ୍ୱ ବହନ କରେ। ଟେଷ୍ଟିଂ ଏବଂ କାଲିବ୍ରେସନରେ ଉଚ୍ଚ ଗୁଣବତ୍ତା ସହ ଟେକ୍ନିକାଲ ମାନ ଉପରେ ଲ୍ୟାବର ଗୁରୁତ୍ୱକୁ ଯାଞ୍ଚ କରିବା ପରେ ଏହି ମାନ୍ୟତା ମିଳିଛି। ଭାରତୀୟ ମାନକ ଆଧାରରେ ମିଟରଗୁଡ଼ିକର ମାନ ବଜାୟ ରଖିବାରେ ଟିପିଏସଓଡିଏଲର ମହିଳା ମିଟର ଟେଷ୍ଟିଂ ଲ୍ୟାବର ଗୁରତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଏନ୍ଏବିଏଲ୍ ମାର୍ଗଦର୍ଶିକା ଅନୁଯାୟୀ କାଲିବ୍ରେଟେଡ ହୋଇଥିବା ଅଟୋମେଟେଡ ଟେଷ୍ଟ ବେଞ୍ଚ ସୁବିଧା ରହିଛି। ଏହି ଲ୍ୟାବକୁ ୭ଜଣିଆ ମହିଳା ଦଳ ପରିଚାଳନା କରୁଛନ୍ତି। ଅତ୍ୟାଧୁନିକ ଲ୍ୟାବରେ ଦୈନିକ ୧୦୦୦ ଉ୦୦୦ ସ୍ମାର୍ଟ ମିଟର ଟେଷ୍ଟ କରିବାର କ୍ଷମତା ରହିଛି।

ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବ୍ରହ୍ମପୁରର ଆମ୍ବଗଡ଼ସ୍ଥିତ ମହିଳା ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍ଏବିଏଲ୍ ମାନ୍ୟତା ମିଳିଥିବାରୁ ଆମେ ଗର୍ବିତ। ଉଚ୍ଚମାନର ଗୁଣବତ୍ତା ଓ ଟେକ୍ନିକାଲ୍ ସଠିକତା ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଇବା ସହ ମହିଳାମାନଙ୍କୁ ଟେକ୍ନିକାଲ ସୁଯୋଗ ଦେଇ ସଶକ୍ତ କରିବା ଦିଗରେ ଆମର ନିଷ୍ଠାକୁ ପ୍ରମାଣିତ କରୁଛି। ଭରସାଯୋଗ୍ୟ ସେବା ଯୋଗାଇ ଉପଭୋକ୍ତାଙ୍କ ବିଶ୍ୱାସ ଓ ସନ୍ତୁଷ୍ଟି ବଢ଼ାଇବାରେ ଏହା ସହାୟକ ହେବ।

# ୨୨ ରେ ସରିବ +୨ ଖାତାଦେଖା

ଭୁବନେଶ୍ୱର, ୨୦।୪(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସଇ) ପରିଚାଳିତ +୨ ପରୀକ୍ଷା ଖାତାଦେଖା ଆସନ୍ତା ୨୨ ତାରିଖ ସରିବ। ଅନଲାଇନ୍ ମୂଲ୍ୟାଙ୍କନ ଶେଷ ହୋଇଥିବା ବେଳେ ଅଫଲାଇନ୍‌ରେ ସ୍ୱଳ୍ପ ଖାତା ଦେଖିବା ବାକି ଅଛି। ସମ୍ପୂର୍ଣ୍ଣ ଖାତାଦେଖା ସୋମବାର ଶେଷ ହେବ ବୋଲି ପରିଷଦର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ବିଜେଡି ଷ୍ଟାର ପ୍ରଚାରକ ତାଲିକା

ନବୀନ ପଟ୍ଟନାୟକ
କାର୍ତ୍ତିକ ପାଣ୍ଡିଆନ୍
ପ୍ରଣବ ପ୍ରକାଶ ଦାସ
ଦେବୀ ପ୍ରସାଦ ମିଶ୍ର
ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ଚନ୍ଦ୍ରଶେଖର ସାହୁ
ଅଶୋକ ଚନ୍ଦ୍ର ପଣ୍ଡା
ସ୍ନେହାଙ୍ଗିନୀ ଛୁରିଆ
ନିରଞ୍ଜନ ପୂଜାରୀ
ପ୍ରତାପ ଜେନା
ପ୍ରତାପ କେଶରୀ ଦେବ
ଅତନୁ ସବ୍ୟସାଚୀ ନାୟକ
ଅରୁଣ କୁମାର ସାହୁ
ସଞ୍ଜୟ କୁମାର ଦାସବର୍ମା
ପଦ୍ମନାଭ ବେହେରା
ପ୍ରଦୀପ କୁମାର ଅମାତ
ଏନ୍ ଭାସ୍କର ରାଓ
ସୁବାସ ସିଂ
ଡ଼ ସସ୍ମିତ ପାତ୍ର
ମାନସ ରଞ୍ଜନ ମଙ୍ଗରାଜ
ନିରଞ୍ଜନ ବିଶି
ମମତା ମହନ୍ତ
ମୁଜିବୁଲ୍ଲା ଖାନ୍ (ମୁନ୍ନା)
ସୁଲତା ଦେଓ
ରବୀନ୍ଦ୍ର କୁମାର ଜେନା
ସରୋଜିନୀ ହେମ୍ବ୍ରମ୍
ସୁଶାନ୍ତ ସିଂ
ପ୍ରୀତି ରଞ୍ଜନ ଘଡ଼େଇ
ପ୍ରଣବ କୁମାର ବଳବନ୍ତରାୟ
ଚିରଞ୍ଜୀବ ବିଶ୍ୱାଳ
ରମେଶ ଚନ୍ଦ୍ର ମାଝୀ
ସୁଧୀର କୁମାର ସାମଲ
ବ୍ୟୋମକେଶ ରାୟ
ଦେବୀ ରଞ୍ଜନ ତ୍ରିପାଠୀ
ବିଜୟ ନାୟକ
ଶ୍ରୀମୟୀ ସ୍ୱେତା ସ୍ନିଗ୍ଧା ମିଶ୍ର
ଏସ୍‌କେ ନିଜାମୁଦ୍ଦିନ୍
ଇଶ୍ୱର ପାଣିଗ୍ରାହୀ
ଅମରେଶ ଜେନା
ଏଲିନା ଦାଶ

# ବିଜେପି ଛାଡ଼ିଲେ ସତ୍ୟ ଜେନା

**ଭୁବନେଶ୍ୱର, ୨୦।୪(ସମିସ):** କଟକ ବିଜେପିକୁ ଆଜି ଆଉ ଏକ ବଡ଼ ଧକ୍କା ଲାଗିଛି। ଦଳର ପ୍ରାଥମିକ ସଦସ୍ୟ ପଦରୁ ବରିଷ୍ଠ ନେତା ସତ୍ୟ ଜେନା ଇସ୍ତଫା ପ୍ରଦାନ କରିଛନ୍ତି। ସେ ନିଜର ଇସ୍ତଫାପତ୍ର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଜେନା ପୂର୍ବରୁ ରାଜ୍ୟ ବିଜେପିର ସମ୍ପାଦକ ଦାୟିତ୍ୱ ତୁଲାଇଥିବା ବେଳେ ଏବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ଇସ୍ତଫା କଟକ ବିଜେପି ସଂଗଠନକୁ ଏକ ବଡ଼ କ୍ଷତି ବୋଲି ବିଜେପି କର୍ମୀ ମହଲରେ ମତ ପ୍ରକାଶ ପାଇଛି।

# କୁଶ ଆପଟ କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି

ଭୁବନେଶ୍ୱର, ୨୦।୪ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳୀୟ ନେତାମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ନେତା କୁଶ ଆପଟଙ୍କୁ ଦଳର କେନ୍ଦୁଝର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ମୀନାକ୍ଷୀ ମହନ୍ତଙ୍କୁ ରାଇରଙ୍ଗପୁର ଓ ଯଶିପୁର ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ଦୀପ ମିଶ୍ରଙ୍କୁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପ୍ରଚାର ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

# ଅବଶିଷ୍ଟାଂଶ...

## 'କ୍ଲାଉଡ ସିଡିଂ' ଆଣିପାରେ...

ଛୋଟ କଣିକା ବାଦଲ ମଧ୍ୟକୁ ଛଡାଯାଇ ଜଳକଣାରେ ପରିବର୍ତ୍ତନ କରାଯାଏ ଏବଂ ପରେ ପରେ ଏହା ମାଧ୍ୟମରେ ବର୍ଷା କରାଯାଇଥାଏ। କ୍ଲାଉଡ ସିଡିଂ ପ୍ରକ୍ରିୟା ୧୯୪୦ରୁ ଆରମ୍ଭ ହୋଇଥିଲା ବେଳେ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ୟୁଏଇ, ଜର୍ମାନୀ, ଚାଇନା, ଭାରତ ଏବଂ ମେକ୍ସିକୋ ଭଳି ବିଶ୍ୱର ବିଭିନ୍ନ ଦେଶରେ ଏହି ଉପାୟରେ କୃତ୍ରିମ ବର୍ଷା କରାଯାଇଥାଏ। ସାଉଦି ଆରବରେ ଏହି ଉପାୟରେ ବର୍ଷା କରାଇବା ଲାଗି କେବଳ ୨୦୨୩ରେ ୪୫୦ରୁ ଅଧିକ ବିମାନ ଉପଯୋଗ କରାଯାଇଛି। କିନ୍ତୁ ଏଭଳି ପ୍ରକ୍ରିୟାକୁ ନେଇ ଆଗାମୀ ଦିନରେ ବିପଦ ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏବେ ଦୁବାଇରେ ଯେତେ ପରିମାଣର ବର୍ଷା ହେଇଛି ତାହା ସେଠାକାର ବର୍ଷକର ବର୍ଷା ସହ ସମାନ । ଅଧିକ ବର୍ଷା ବନ୍ୟା ପରିସ୍ଥିତି ସୃଷ୍ଟି କରିବା ସହିତ ପ୍ରାକୃତିକ ପରିବେଶ ଉପରେ ଗଭୀର ପ୍ରଭାବ ପକାଇବ ବୋଲି ସେମାନେ କହିଛନ୍ତି।

## ତାତିରେ ରେକର୍ଡ...

୪୨ ଡିଗ୍ରୀ, ଚାନ୍ଦବାଲି ଓ ମାଲକାନଗିରିରେ ୪୧.୬ ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ପାଣିପାଗ କେନ୍ଦ୍ର ରବିବାର ୧୨ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ସତର୍କ ସୂଚନା ଜାରି କରିଛି। ତନ୍ମଧ୍ୟରୁ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଶନିବାର ରାଜ୍ୟର କିଛି ଅଞ୍ଚଳରେ କାଳବୈଶାଖୀ ହୋଇଥିବା ବେଳେ ରବିବାରଠାରୁ ଏହାର ବିସ୍ତୃତି ବଢ଼ିବ। କନ୍ଧନମାଳ, ଗଞ୍ଜାମ, ରାୟଗଡା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ସେହିପରି ୨୨ ତାରିଖ କିଛି ଜିଲ୍ଲାକୁ ଚାଡ଼ିଦେଲେ ରାଜ୍ୟର ପ୍ରାୟ ଅଧିକାଂଶ ଅଞ୍ଚଳରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ଆଉ ୯ ପ୍ରାର୍ଥୀଙ୍କ...

ପ୍ରାର୍ଥୀ କରାଯାଇଛି। ସେହିପରି ଚିଲିକାରୁ ରଘୁନାଥ ସାହୁ, ଆନନ୍ଦପୁରରୁ ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, ସିମୁଳିଆରୁ ସୁଭାସିନୀ ସାହୁ, ରେମୁଣାରୁ ବିଦ୍ୟାସ୍ମିତା ମହାଲିକଙ୍କୁ ଟିକଟ ମିଳିଛି। ବଡ଼ଚଣାରୁ ବର୍ଷା ପ୍ରିୟଦର୍ଶିନୀ ନିର୍ବାଚନ ଲଢ଼ିବାକୁ ଯାଉଥିବା ବେଳେ ଚମ୍ପୁଆରୁ ସନାତନ ମହାକୁଡ଼ଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ପ୍ରଦାନ କରିଛନ୍ତି। ତାଲିକାରେ ନୂଆମୁହଁ ଭାବେ ଦଳ ୪ଜଣଙ୍କୁ ଟିକଟ ପ୍ରଦାନ କରିଛି। ସେମାନେ ହେଲେ ବିଦ୍ୟାସ୍ମିତା ମହାଲିକ, ସୁଭାଶିନୀ ସାହୁ, ବର୍ଷା ପ୍ରିୟଦର୍ଶିନୀ ଓ ଅଭିମନ୍ୟୁ ସେଠୀ। ଅପରପକ୍ଷେ ଏହି ଷଷ୍ଠ ପର୍ଯ୍ୟାୟ ତାଲିକାରୁ ୫ ବିଧାୟକଙ୍କ ଟିକଟ କଟିଛି। ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବଡ଼ଚଣା ବିଧାୟକ ଅମର ଶତପଥୀ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତଙ୍କୁ ଦଳ ଟିକଟ ପ୍ରଦାନ କରିନାହିଁ। ଏହି ପର୍ଯ୍ୟାୟର ୯ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ବିଜେଡି ୧୩୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

## ଏଯାବତ୍ ୩୨ ମହିଳାଙ୍କୁ...

ହେବେ। ଉପରୋକ୍ତ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିଜର ପ୍ରତିଟି କାର୍ଯ୍ୟକ୍ରମ, ଯୋଜନା ଜାରି ରଖିଛନ୍ତି। ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଚଳିତଥର ମଧ୍ୟ ଲୋକସଭାରେ ୩୩ ପ୍ରତିଶତ ଅର୍ଥାତ୍ ୭ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ପ୍ରଦାନ କରିଛନ୍ତି।

## ନବୀନ-କାର୍ତ୍ତିକ...

ଚିରଞ୍ଜୀବ ବିଶ୍ୱାଳ, ଶ୍ରୀମୟୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଏହି ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ସ୍ଥାନ ପାଇଛନ୍ତି।

୨୦୧୯ ନିର୍ବାଚନରେ ଥିବା ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେପିକୁ ଏଥର ଚେକ୍ ଦେବା ଲାଗି ଅଣ୍ଟା ଭିଡ଼ିଛି ବିଜେଡି। ଗତ ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ବିଜେପି ୫ଟି ଲୋକସଭା ସହିତ କିଛି ବିଧାନସଭା ଆସନ ନିଜ ଦଖଲକୁ ନେଇଥିଲା। ତେବେ ୫-୫ଟି ସାଂସଦ ପଶ୍ଚିମ ଓଡ଼ିଶାରୁ ଜିତାପଟ୍ ହାସଲ କିରଥିଲେ ମଧ୍ୟ ସେଠାରେ ବିକାଶ ପକ୍ରିୟା ସେପରି ଆଖିଦୃଶିଆ ହୋଇପାରି ନାହିଁ। ପଶ୍ଚିମ ଓଡ଼ିଶା ଯେପରି ବିକାଶର ଟ୍ରାକରେ ଦୌଡ଼ିବ ସେଥିପାଇଁ ରାଜ୍ୟ ସରକାର ଅହରହ ଉଦ୍ୟମ କରୁଛନ୍ତି। ମାତ୍ର ମୁଖ୍ୟ ବିରୋଧୀ ବିଜେପିର ସାଂସଦମାନେ ଏଥିରେ ବିଭିନ୍ନ ମସୟରେ ଅନ୍ତରାୟ ସୃଷ୍ଟି କରୁଥିବା ନଜିର୍ ଆସିଛି। ଅତଏବ ପଶ୍ଚିମରେ ବିଜୟ ବାନା ଉଡ଼ାଇବା ସହ ଏଥର ରାଜ୍ୟ ବିଜେପିର ସ୍ୱପ୍ନକୁ ଭାଙ୍ଗିବା ଲକ୍ଷ୍ୟରେ ଅଛି ବିଜେଡି। ସେଥିପାଇଁ ଖୋଦ୍ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଥିବା ବେଳେ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବଲପୁରରୁ ଲୋକସଭା ପ୍ରାର୍ଥୀ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲା ବିଜେପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ଯାହାଫଳରେ ଏହା ସ୍ଥାନୀୟ ବିଜେଡି ସଂଗଠନକୁ ବେଶ୍ ଶକ୍ତିଶାଳୀ କରିଥିବା ବେଳେ କର୍ମୀଙ୍କ ମନୋବଳ ଆକାଶଛୁଆଁ କରିଥିଲା। ସମାନ ଭାବେ ଚଳିତଥର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ପାଇଁ ପଶ୍ଚିମ ଓଡ଼ିଶାର କଣ୍ଟାବାଞ୍ଜି ବିଧାନସଭା ଆସନକୁ ଭାଛିଛନ୍ତି। ଭୌଗୋଳିକ, ରାଜନୀତିକ ଦୃଷ୍ଟିକୋଣରୁ ଏହି ଆସନର ବେଶ୍ ମହତ୍ତ୍ୱ ରହିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀତ୍ୱ ପୂରା ଅଞ୍ଚଳର ସମୀକରଣରେ ବେଶ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ବିଜେଡି ପ୍ରାର୍ଥୀମାନେ ଏଠାରୁ ସର୍ବାଧିକ ଲାଭାନ୍ୱିତ ହେବାକୁ ଥିବାବେଳେ ପ୍ରଣବ ପ୍ରକାଶଙ୍କ ପରି କୁଶଳୀ ସଂଗଠକଙ୍କ ସମ୍ବଲପୁର ପ୍ରାର୍ଥୀତ୍ୱ ବିଜେଡି ସଂଗଠନକୁ ସ୍ଥାନୀୟ ଅଞ୍ଚଳରେ ଡବଲ ଡୋଜ୍ ପ୍ରଦାନ କରିଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି ପଶ୍ଚିମ ଓଡ଼ିଶାର ସବୁ ଆସନରେ ବଛା ବଛା ତଥା ଅଭିଜ୍ଞ ତଥା ଦଳପ୍ରତି ସମର୍ପିତ ନେତାମାନଙ୍କୁ ପ୍ରାର୍ଥୀ କରାଯାଇଛି। ନିର୍ବାଚନରେ ସବୁଠାରୁ ବଡ଼ ଅସ୍ତ୍ର କୁହାଯାଉ ଥିବା ପ୍ରଚାର ଅଭିଯାନ ଯେପରି ବୃହତ୍ ବିଜୟରେ ରୂପାନ୍ତରିତ ହେବ ତାହା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅଛି ବିଜେଡି। ବିଜେଡିର ଏପରି ରଣନୀତି ଆଗାମୀ ନିର୍ବାଚନରେ ପଶ୍ଚିମ ଓଡ଼ିଶାରେ ବିଜେଡିକୁ ବୃହତ୍ ବିଜୟ ଦେଇପାରେ ବୋଲି ଆକଳନ କରୁଛନ୍ତି ରାଜନୀତିକ ମହଲ। କେବଳ ପଶ୍ଚିମ ନୁହେଁ; ଅପରପକ୍ଷେ ଉପକୂଳରୁ ନେଇ ଉତ୍ତର, ଦକ୍ଷିଣରୁ ନେଇ ପୂର୍ବ ପର୍ଯ୍ୟନ୍ତ ସବୁଆଡ଼େ ବିଜେଡିର ବିଜୟ ବାନା ସୁନିଶ୍ଚିତ କରିବା ପାଇଁ ପ୍ରଚାରକ ତାଲିକାରେ ଗୁରୁତ୍ୱ ଦିଆଯାଇଛି।

ଗତ ୨୫ ବର୍ଷ ଧରି ଓଡ଼ିଶାକୁ ବିକାଶ ପଥରେ ଟାଣି ନେଉଥିବା ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ବଜ୍ର ଶପଥ ନେଇଛନ୍ତି ଦଳର କର୍ମକର୍ତ୍ତା। ଗତ ୫ ବର୍ଷରେ ଓଡ଼ିଶା ଦେଖିଥିବା ଅଭୂତପୂର୍ବ ରୂପାନ୍ତରଣ ଆଗାମୀ ୧୦ ବର୍ଷରେ ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦେଇଛି। ଗୋଟିଏ ପଟେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କ୍ରୀଡ଼ା, କୃଷି, ବିପର୍ଯ୍ୟୟ ପରିଚାଳନା, ଆଇଟିରେ ଓଡ଼ିଶା ପାଇଥିବା ଉକ୍ରର୍ଷ ଏବଂ ଆଗାମୀ ୧୦ ବର୍ଷର ଉଜ୍ଜ୍ୱଳ ଭବିଷ୍ୟତକୁ ନେଇ ବିଜେଡି ଲୋକଙ୍କ ପାଖକୁ ଯିବ। ବିକାଶ ଓ ସଫଳତା ହିଁ ବିଜେଡି ବିଜୟର ମାପକାଠି ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷ ବୁଲି ବୁଲି ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତା ପହଞ୍ଚାଇବେ। ତାଙ୍କ ସହିତ ଦଳର ଅଭିଜ୍ଞ ଏବଂ ଯୁବ ଶକ୍ତି ପ୍ରଚାର ରଣନୀତିକୁ ସଫଳ କରିବେ। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପ୍ରତି ବଢ଼ି ଚାଲିଥିବା ବିପୁଳ ଜନସମର୍ଥନକୁ ନେଇ ଦଳୀୟ କର୍ମୀ ବେଶ୍ ଉତ୍ସାହିତ ଥିବା ବେଳେ ତାରକା ପ୍ରଚାରକ ତାଲିକା ବିରୋଧୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

## ମୃତ୍ୟୁ ସଂଖ୍ୟା...

ଭିତରୁ ଜଣକ ପରେ ଜଣଙ୍କ ଶବ କୂଳକୁ ଅଣାଯାଉଥିବା ବେଳେ ଆତ୍ମୀୟସ୍ୱଜନ ପାଖକୁ ଦୌଡ଼ି ଯାଉଥିଲେ। ଶେଷ ଶବ ଅପରାହ୍ନ ୨ଟାରେ ଉଦ୍ଧାର ହୋଇଥିଲା।

ଉଦ୍ଧାର କାର୍ଯ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ବଲପୁର ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଶେଖର ଲାଲ, ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଏସପି ପରମାରସ୍ମିଥ ପୁରୋଷତ୍ତମ ଦାସ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହାସହ ଛତିଶଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋୟଲ, ଏସ୍‌ପି ଦିବ୍ୟାଙ୍ଗ ପଟେଲ, ପୁଷୋର ତହସିଲଦାର ପଙ୍କଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

ପ୍ରକାଶ ଥାଉକି, ଛତିଶଗଡ଼ର ଖରସିଆ ଓ କତରଲିଆ ଅଞ୍ଚଳରୁ ଶୁକ୍ରବାର ସକାଳ ୧୧ଟାରେ ଗୋଟିଏ ପରିବାର ଓ ତାଙ୍କ ସମ୍ପର୍କୀୟ ଲଖନପୁରର ଶରଧା ଫେରି ଘାଟରୁ ଡଙ୍ଗା ଯୋଗେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବାଞ୍ଜିପାଲିସ୍ଥ ପଥରସେନୀ ମନ୍ଦିରକୁ ମାନସିକ ପୂଜା କରିବାକୁ ଯାଇଥିଲେ। ସେଠାରୁ ପୂଜାର୍ଚ୍ଚନା କରି ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ଉକ୍ତ ଡଙ୍ଗାରେ ୪୦ ଜଣ ପୁରୁଷ, ୬ ଜଣ ମହିଳା ଓ ୪ ଜଣ ଶିଶୁଙ୍କ ସମେତ ୨ ଜଣ ନାଉରିଆ ମୋଟ ୫୨ ଜଣ ଥିଲେ।

## ପାଳନ ହେଉନି...

ପାଇଁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅଧିକାଂଶ ସ୍ଥାରେ ଏହି ନିୟମ ପ୍ରତି ଆଖି ବୁଜି ଦିଆଯାଉଥିବା ଦେଖାଯାଉଛି। ଫଳରେ ଶୁକ୍ରବାର ଝାରସୁଗୁଡ଼ା ଲଖନପୁରସ୍ଥିତ ମହାନଦୀରେ ବୁଡ଼ି ୮ ଜଣ ପ୍ରାଣ ହରାଇବା ଭଳି ଦୁଃଖଦ ଘଟଣା ବାରମ୍ବାର ସାମ୍ନାକୁ ଆସୁଛି।

ଯାତ୍ରୀବାହୀ ଡଙ୍ଗା ଓ ଦ୍ରବ୍ୟ ପରିବହନ କରୁଥିବା ଡଙ୍ଗାଗୁଡ଼ିକର ପଞ୍ଜୀକରଣ, ଡଙ୍ଗା ଓ ଲଞ୍ଚ ଚାଳକମାନଙ୍କୁ 'ଲାଇଫ୍ ବୋଏ' ବଣ୍ଟନ ସହ ବିଭିନ୍ନ ସୁରକ୍ଷା ପାଇଁ ନିୟମରେ ବ୍ୟବସ୍ଥା ରହିଛି। ଏଥିରେ ଡଙ୍ଗାବୁଡ଼ି ଦୁର୍ଘଟଣା ଏବଂ ଜୀବନହାନୀ ନଘଟିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ସଚେତନତା କାର୍ଯ୍ୟକ୍ରମ ପ୍ରତି ମଧ୍ୟ ଉଲ୍ଲେଖ ରହିଛି। ହେଲେ ରାଜ୍ୟରେ କ୍ରମାଗତ ଭାବେ ଡଙ୍ଗାବୁଡ଼ି ଘଟଣା ଘଟୁଥିଲେ ମଧ୍ୟ ଏଥିପ୍ରତି ଦୃଢ଼ତାର ସହ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ପରିସ୍ଥିତି 'ଯଥା ପୂର୍ବଂ ତଥା ପରଂ' ହୋଇ ରହୁଥିବା ଅଭିଯୋଗ ହୋଇଛି।

ଏହାବ୍ୟତୀତ ପଞ୍ଚାୟତିରାଜ ବିଭାଗ ତରଫରୁ ଘାଟ ନିଲାମି ସମୟରେ ଡଙ୍ଗା ଚାଳକମାନଙ୍କୁ ନିୟମର ଅନୁପାଳନ ସମ୍ପର୍କରେ ଅବଗତ କରାଇବା ଏବଂ ଏ ସମ୍ପର୍କରେ ନିୟମିତ ତଦାରଖ କରିବା ନେଇ ଆଇନରେ ଉଲ୍ଲେଖ ରହିଛି। ହେଲେ କୌଣସି ସ୍ଥାନରେ ଡଙ୍ଗାର ଯାଞ୍ଚ ନହେବା ଯୋଗୁଁ ଲୋକଙ୍କ ମଧ୍ୟରେ ସଚେତନତା ରହୁ ନ ଥିବା ପରିଲକ୍ଷୀତ ହେଉଛି। ସେହିପରି ଡଙ୍ଗା ଚାଳକ ମଧ୍ୟ ଅଧିକ ଅର୍ଥ ଲୋଭରେ ଡଙ୍ଗାର କ୍ଷମତାଠାରୁ ଅଧିକ ଲୋକ ଓ ଗାଡ଼ି ଏଥିରେ ନେବା ଆଣିବା କରୁଛନ୍ତି। ଫଳରେ ଅନେକ ସମୟରେ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାମାନ ଘଟୁଛି। ସେହିଭଳି ସୁରକ୍ଷା ଜ୍ୟାକେଟ୍ ପିନ୍ଧି ଯାତାୟାତ କରିବା ଯାତ୍ରୀମାନଙ୍କର ନୈତିକ ଦାୟିତ୍ୱ ରହିଥିଲେ ମଧ୍ୟ ଏହାକୁ ବାଧ୍ୟତାମୂଳକ ମଧ୍ୟ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗକୁ ଡଙ୍ଗା ଲାଇସେନ୍ସ ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାର ପ୍ରାବଧାନ ରହିଛି। ରାଜ୍ୟର ବିଭିନ୍ନ ପ୍ରମୁଖ ଜଳଭଣ୍ଡାରରେ ଯାତାୟାତ କରୁଥିବା ଡଙ୍ଗା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର, ଅଗ୍ନିଶମ ସେବା ଅଧିକାରୀମାନେ ନିୟମିତ ଭାବେ ଡଙ୍ଗାର ସ୍ଥିତି ଅନୁଧ୍ୟାନ କରିବା, ଡଙ୍ଗାରେ ଯଥେଷ୍ଟସଂଖ୍ୟକ ଜୀବନ ସୁରକ୍ଷାକାରୀ ଲାଇଫ୍ ଜ୍ୟାକେଟ୍ ରଖାଯିବା, ଅନଧିକୃତ ଭାବେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ନେଉଥିବା ମାଛ ଧରା ଡଙ୍ଗା ବା ଅନ୍ୟ ଡଙ୍ଗାକୁ ଜବତ କରାଯିବା ନିମନ୍ତେ ବ୍ୟବସ୍ଥା ରହିଛି। ହେଲେ ଏହି ସମସ୍ତ ବିଭାଗ ନିଜ ନିଜ କାମ ପ୍ରତି ସମ୍ବେଦନଶୀଳ ନ ଥିବାରୁ ବାରମ୍ବାର ରାଜ୍ୟରେ ଡଙ୍ଗାବୁଡ଼ି ଭଳି ଅଘଟଣ ଘଟୁଥିବା ସାମନାକୁ ଆସୁଛି।

ବଡ଼ କଥା ହେଉଛି ଯେ ରାଜ୍ୟରେ ଏଭଳି ଘଟଣା ଉପରେ କିପରି ରୋକ୍ ଲାଗିବ, ସେନେଇ ଗତ ବର୍ଷ ଏପ୍ରିଲ ମାସରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ସେ ଡଙ୍ଗା ନିୟମ ପାଳନ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ନିୟମରେ ଉଲ୍ଲେଖ ଥିବା ସବୁ ଦିଗକୁ ଗୁରୁତ୍ୱର ସହ ନେଇ ଏହାର ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ...

୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ସହ ସମଗ୍ର ଦେଶରୁ ୧୧୨୯ ଜଣ ମେଧାବୀ ଛାତ୍ରୀ ଏହି ଫୋଲୋସିପ୍ ପାଇଁ ମନୋନୀତ ହୋଇଥିଲେ। ମନୋନୀତ ଛାତ୍ରୀଙ୍କୁ ସେମାନଙ୍କ ଗବେଷଣା ନିମନ୍ତେ ପ୍ରଥମ ଦୁଇ ବର୍ଷ ମାସିକ ୩୧ ହଜାର ଟଙ୍କା ଓ ପରବର୍ତ୍ତୀ ଅବଧିରେ ମାସିକ ୩୫ ହଜାର ଟଙ୍କା ଫେଲୋସିପ୍ ରାଶି ମିଳିଥାଏ; ମାତ୍ର ୨୦୨୨ ମସିହା ପରେ ଏହି ଫେଲୋସିପ୍‌ର ବିଜ୍ଞପ୍ତି ତ ଆଉ ପ୍ରକାଶ ପାଇନାହିଁ। ଅନ୍ୟପକ୍ଷରେ ୨୦୨୨ରେ ମନୋନୀତ ଛାତ୍ରୀମାନଙ୍କୁ ମଧ୍ୟ ଫେଲୋସିପ୍ ଅର୍ଥରାଶି ଠିକ୍ ସମୟରେ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଇତିମଧ୍ୟରେ ଗୋଟିଏ ଶିକ୍ଷାବର୍ଷ ଅତିକ୍ରମ କରି ଆଉ ଏକ ଶିକ୍ଷାବର୍ଷ ଆରମ୍ଭ ହେବାକୁ ବସିଲାଣି, ତଥାପି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ବା ୟୁଜିସିର ନିଦ ଭାଙ୍ଗୁନାହିଁ। ବିଡ଼ମ୍ବନା ହେଉଛି ନାରୀ ଶିକ୍ଷା, ମହିଳା କଲ୍ୟାଣ, ବେଟି ପଢ଼ାଓ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ଦେଉଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସକ୍ଷମ ହୋଇ ନାହାନ୍ତି। ଶିକ୍ଷାବର୍ଷ ଶେଷ ହୋଇଥିଲେ ମଧ୍ୟ ଆବେଦନ ଆରମ୍ଭ ହେଉନଥିବାରୁ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବହୁ ଆଶାୟୀ ଆବେଦନ କରିବାକୁ ଅପେକ୍ଷା କରି ନିରାଶ ହେଉଛନ୍ତି। ୟୁଜିସି ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏପରିକି ଏହି ଫେଲୋସିପ୍ ଆରମ୍ଭରୁ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବାବେଳେ ଏହା ବାଟବଣା ହୋଇଥିବା ଅଭିଯୋଗ ହେଉଛି। ଅନୁରୂପ ଭାବେ ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ରେ ଏକକ କନ୍ୟାସନ୍ତାନଙ୍କ ନାମଲେଖା ପାଇଁ ଥିବା ୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଚଳିତ ଶିକ୍ଷା ବର୍ଷରୁ ପ୍ରତ୍ୟାହାର କରିନେଇଛନ୍ତି। ଏପ୍ରିଲ ପହିଲାରୁ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନ ସମୟରେ ଏକକ କନ୍ୟା ସନ୍ତାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାରୁ ଅଭିଭାବକମାନେ ନିରାଶ ହୋଇଛନ୍ତି।

## ପୁତୁରାକୁ ହତ୍ୟାକଲା...

କକାଙ୍କୁ ସନ୍ଦେହ କରି ଥାନାରେ ଅଟକରଖି ପଚରାଉଚରା କରିଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର କହିବା ଅନୁଯାୟୀ ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମ ଏକ ଟିମ୍ ଗଠନ କରି ଉକ୍ତ ଗାଁର ରୋହନ ବାଗ୍ ଅର୍ଥାତ୍‌କୁ ଥାନାକୁ ଆଣି ପଚରାଉଚରା କରିବା ପରେ ନିଜେ ତାଙ୍କ ପୁତୁରାକୁ ହତ୍ୟାକରି ଏକ ନାଳ ଭିତରେ ଭିଙ୍ଗି ଦେଇଥିବା ସ୍ୱୀକାର କରିଥିଲା। ଏହାସହ ପରିବାରଲୋକଙ୍କୁ ଏକ ଚିଠି ଲେଖି ୩ ଲକ୍ଷ ଟଙ୍କା ଦାବି କରିଥିବା ପୁଲିସ ସୂଚନା ଦେଇଛି।

**AFFIDAVIT**

By virtue of an affidavit before The Notary Public, Puroshattam, Ganjam, I, Kurman Krushna Pradhan, S/o Kurman rama Pradhan,of Vill/ Po/PS/Taluk: Puroshattampur,Dist:Ganjam, Odisha declare That, in my SLC of Upper Primary School, Chattamundali, Dist: Ganjam Odisha my name recoreded as kruman Krushan Padhan instead of Kurman Krushana Pradhan,S/o Kurman Rama Pradhan.That myself Kurman Krushana Pradhan and Kurman Krushana Padhan,S/o Kurman Rama Prahan both are one and same person.

**AFFIDAVIT**

I, S Dinesh, S/o- Maguni Patra resident of Gola Gandapalli, Rambha, Subalaya, Ganjam, Pin-761028, Odisha declare by this affidavit No. 726, date-18/04/2024, that now onwards I shall be known as **S. DINABANDHU PATRA** for all future purposes.

**AFFIDAVIT**

I, S Dileep Kumar, S/o- S. Dinabandhu Patra, resident of Gola Gandapalli, Rambha, Subalaya, Ganjam, Pin-761028, Odisha declare by this affidavit No. 727, date-18/04/2024, that now onwards I shall be known as **S. DILEEP KUMAR PATRA** for all future purposes.

**LOST**

ମୁଁ ଶ୍ରୀମତୀ ମମତା ସାହୁ, ପିତା: ହରେକୃଷ୍ଣ ସାହୁ, ସା/ପୋ: ମତୋ, ଥାନା; ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଘୋଷଣା କରୁଅଛି ଯେ, ଗତ ୩୧.୩.୨୪ରିଖରେ ବାଇକ ଯୋଗେ ମତୋରୁ ଚାନ୍ଦବାଲି କୁ ଯାଉଥିବା ବେଳେ ମୋର କେତେକ ଦରକାରୀ ନଥିପତ୍ର ଥିବା ବ୍ୟାଗଟି ମୋ ଅଜ୍ଞାତରେ କେଉଁଠି ଖସି ପଡିଛି। ଯେଉଁ ବ୍ୟାଗରେ ଥିବା କବଲା କ୍ରମିକ ସଂଖ୍ୟା ୧୫୧୧/୨୦୦୩ ଜମିର କବଲା ରହିଥିଲା ମୁଁ ଉପରୋକ୍ତ ଜମିର ନଥିପତ୍ର ବନ୍ଧକ ରଖି ମତୋ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଋଣ ଆବେଦନ କରିଅଛି। ଯଦି କୌଣସି ବ୍ୟକ୍ତି ଏହି ଜମିର ମାଲିକାନା କିମ୍ବା ଦାବିଦାର ଅଥବା କୌଣସି ଅଭିଯୋଗ କରିବାକୁ ଚାହୁଁଛନ୍ତି, ୭ଦିନ ମଧ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଜଣାଇପାରିବେ।

**AFFIDAVIT**

By virtue of an affidavit sworn before the Notary Public, Bargarh, Dated 10.04.2024, I Sushree Padhan D/o Bhubaneswar Padhan, Resident of Bandhapali, Ghess, PS: Melchhamunda, Dist: Bargarh, Odisha declare that my Father's actual & correct name is Bhubaneswar Padhan which is mentioned in the Aadhar Card 9189 5516 8455, but in my Educational Certificate my Father's name is mentioned as Bhubaneshwar Padhan. By this affidavit No.221, Dated 10.04.2024, both the name Bhubaneswar Padhan & Bhubaneshwar Padhan is same & one person. Henceforth he shall be known as **BHUBANESWAR PADHAN** for all purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

CAD-60

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା- ୯୧
RHS-27/2000
LIG-116

**ବିଜ୍ଞାପନ**

ତା.୦୮.୦୪.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ଆଇ.ଜି-୧୧୬ (LIG-116), ସୁନାବେଡା (କାକି) ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ପିତା- ୰ ଗୋବିନ୍ଦ ପ୍ରଧାନ, ଗ୍ରାମ- ଏଲ.ଆଇ.ଜି-୧୧୬, ପୋ/ଥା- ହାଉସିଂ ବୋର୍ଡ କଲୋନୀ, ସୁନାବେଡା, ଜିଲ୍ଲା- କୋରାପୁଟ (ଓଡ଼ିଶା), ପିନ୍-୭୬୩୦୦୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଉକ୍ତ ଗୃହଟିକୁ ଦାନ ସୂତ୍ର ଆଧାରରେ ଶ୍ରୀମତୀ ଭାରତୀ ପ୍ରଧାନ, ସ୍ୱାମୀ- ଅରୁଣ କୁମାର ନାୟକ ଓ ପିତା- ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ସ୍ଥାନ- ଜି-୪୮, ହାଲ ଟାଉନସିପ, ପୋଷ୍ଟ/ଥାନା- ସୁନାବେଡ଼ା-୨, ଜିଲ୍ଲା- କୋରାପୁଟ (ଓଡ଼ିଶା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0052/2425

# ଗୁଡ଼ ମର୍ଣ୍ଣିଂ ଓଡ଼ିଶା




## ପ୍ରକଳ୍ପ, ପ୍ରତିବାଦ, ସଂଘର୍ଷ ଓ ସଫଳତା

ଲୋୟର ସୁକତେଲ ପକଳ୍ପ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୨୩ ବର୍ଷ ଲାଗିଛି । ଏହାରି ଭିତରେ ପ୍ରକଳ୍ପ ବିରୋଧରେ ପ୍ରତିବାଦର ସ୍ୱର ଉଠିଥିବା ବେଳେ ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନକୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ସଂଘର୍ଷ କରିବା ପରେ ଶେଷରେ ସଫଳତା ମିଳିଥିଲା । ଯାହାକି ବଲାଙ୍ଗୀର ପାଇଁ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲା । ୨୦୦୧ରେ ଶିଳାନ୍ୟାସ କରିବା ପରଠାରୁ ଗାଁରେ ପ୍ରଭାବିତ ହେବାକୁ ଥିବା ୨୯ ଖଣ୍ଡ ଗାଁ ବିରୋଧ କରିଥିଲେ । ଅନେକ ବିରୋଧକାରୀଙ୍କ ବିରୋଧରେ ଏବେ ବି ମାମଲା ଚାଲିଛି । ଗ୍ରାମବାସୀ ବିସ୍ଥାପନ ଓ ଥଇଥାନ ବ୍ୟବସ୍ଥାକୁ ବିରୋଧ କରି ଆନ୍ଦୋଳନ କରିଥିବାରୁ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବାକୁ ୨୩ ବର୍ଷ ସମୟ ଲାଗିଥିଲା । ଶେଷରେ ଏହି ପ୍ରକଳ୍ପ ଡ୍ୟାମ୍ କାମ ସମ୍ପୂର୍ଣ୍ଣ ହେବା ପରେ ୨୦୨୪ ଜାନୁୟାରୀ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଯାହାକି ବଲାଙ୍ଗୀର ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲା ।



*ସୁକତେଲ ନଏଦ୍ ଉପରେ ମାଗୁରବେଡ଼ା ଠାନେ ବନ୍ଧା ହେବା ବନ୍ଧନ୍ । ବନ୍ଧନ୍ ଥି ଅଟକିବା ସୁକତେଲ ନଏଦ୍‌ର ପାଏନ୍ । ସେ ପାଏନ୍ ଗାଁ କେ ଗାଁ, ଜମିନ୍ କେ ଜମିନ୍ ଲାଗ୍‌ବା । ଆଉ ଫସ୍‌ଲେ ନାଇ ଦୁଇ ଫସ୍‌ଲି ହେବା ଚାଷ୍ । ଜମିନ୍ ଥି ଫଲବା ସୁନାର ଫସଲ୍ । ଆର୍ ଗାଁ ଗାଁରେ ନାଇ ରହେ ପାନିର୍ ଗୁଲ୍‌ଗୁଲା । ଅଞ୍ଚଲ୍‌ର ବିକାଶ ସାଙ୍ଗେ ସାଙ୍ଗେ ଜିଲ୍ଲାର ବିକାଶ ହେବା । ଆର୍ ଇଟା ହେବା ବଲାଙ୍ଗିର୍ ବିକାଶ୍‌ର ବନ୍ଧନ୍ । ଏନ୍ତା କେତେଟା ସପନ୍ କେ ନେଇକରି ମୁଲ୍ ହେଇଥିଲା ଲୋୟର ସୁକତେଲ ବନ୍ଧନ୍‌ର ସପନ୍ । ଆର୍ ଆଜି ସେ ସପନ୍ ପୂରା ହେଇଛେ । କୁଡ଼ିଏ ବଛର୍ ତ୍ୟାଗ୍, ବଳିଦାନ୍ ଆଉ ସଂଘର୍ଷର କଥା କେ ନେଇକରି ଆମର୍ ଇ ଉପସ୍ଥାପନା* ***'ବିକାଶର ବନ୍ଧନ୍'*** *।*

## ଲୋୟର ସୁକତେଲ

# ବିକାଶର ବନ୍ଧନ୍

ଲୋୟର ସୁକତେଲ ପ୍ରକଳ୍ପରେ ୧୨ଟି ରେଡିଆଲ ଗେଟ୍ ରହିଛି । ୧୨ ଗେଟ ବିଶିଷ୍ଟ ଏହି ଡ୍ୟାମ୍‌ର ଉଚ୍ଚତା ୩୦ ମିଟର ଥିବା ବେଳେ ଲମ୍ବ ୧୪୧୦ ମିଟର ରହିଛି । ଏହି ଡ୍ୟାମ୍‌ରେ ପ୍ରାୟ ୩୨ କୋଟି ୨ ଲକ୍ଷ ୮ ହଜାର ଘନମିଟର ଜଳ ସଂରକ୍ଷଣ ହୋଇରହିପାରିବ । ଏହି ଡ୍ୟାମ୍‌ରୁ ଉଭୟ ବାମ ଓ ଡାହାଣ ପାର୍ଶ୍ୱରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ପ୍ରାୟ ଏକ ଲକ୍ଷ ଏକର ଜମିକୁ ପାଣି ମାଡ଼ିବ । ଜଳସେଚନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ପ୍ରେସରାଇଜ ପାଇପ୍ ଜଳସେଚନ ବ୍ୟବସ୍ଥା କରାଯାଇଛି । ଯାହାକି ସ୍କାଡା ପଦ୍ଧତିରେ ସ୍ୱୟଂଚାଳିତ ଭାବେ କାମ କରିବ । ପମ୍ପ ହାଉସରୁ ବିଭିନ୍ନ ସ୍ଥାନକୁ ମାଟି ତଳେ ପାଇପ୍ ବିଛାଇ ଏକ ନେଟୱର୍କ ତିଆରି କରାଯିବ । ଉଭୟ ପାର୍ଶ୍ୱରେ ପମ୍ପହାଉସ୍‌ର ବ୍ୟବସ୍ଥା କରାଯାଇଛି । ବାମ ପାର୍ଶ୍ୱରେ ରାନୀପାଲି ଠାରେ ପମ୍ପହାଉସ୍ ନିର୍ମାଣ କରାଯାଉଥିବା ବେଳେ ଏହି ପମ୍ପହାଉସରୁ ୧୯ ୯୫ କିଲୋମିଟର ପାଇପ ବିଛାଯାଇଛି । ସେହିପରି ଡାହାଣ ପାର୍ଶ୍ୱରେ ଖୁଣ୍ଟପାଲି ଠାରେ ପମ୍ପହାଉସ୍ ନିର୍ମାଣ କରାଯାଉଥିବା ବେଳେ ୩୨୮ ୯ କିଲୋମିଟର ପାଇପ୍ ଜାଲ ସୃଷ୍ଟି କରାଯାଇଥିବା ଜଣାପଡ଼ିଛି । ଏହା ଦ୍ୱାରା ବଲାଙ୍ଗିର ଓ ସୋନପୁର ଜିଲ୍ଲାର ୧ ଲକ୍ଷ ଏକର ଜମିକୁ ପାଣି ମାଡ଼ିବ । ୨୦୩ ଖଣ୍ଡ ଗାଁର ୮୦ ହଜାରରୁ ଅଧିକ ଚାଷୀ ଏହାର ଫାଇଦା ପାଇବେ । ସେହିପରି ୭୦ ହଜାରରୁ ଅଧିକ ପରିବାରକୁ ପାନୀୟ ଜଳ ଯୋଗାଣ ହୋଇପାରିବ ।






**ବଲାଙ୍ଗିରରୁ ଶିଶିରକାନ୍ତ ଶତପଥୀ ଓ ଅଭିଲାଷ ହୋତାଙ୍କ ରିପୋର୍ଟ**

## ପ୍ରକଳ୍ପ ପରିକଳ୍ପନାଠୁ ଉଦ୍‌ଘାଟନ ଯାତ୍ରା

ବଲାଙ୍ଗିର ଜିଲ୍ଲା ଏକ ମରୁଡ଼ି ପ୍ରବଣ ଜିଲ୍ଲା । ଜିଲ୍ଲା ଦେଇ ସେହିଭଳି କିଛି ବଡ଼ ନଦୀର ପ୍ରବାହ ନାହିଁ । ଫଳରେ ଜିଲ୍ଲାରେ ହେଉଥିବା ଧାନଚାଷ ସମ୍ପୂର୍ଣ୍ଣ ଭାବେ ବର୍ଷା ଉପରେ ନିର୍ଭରଶୀଳ । ଅବଶ୍ୟ କିଛି ବର୍ଷ ହେଲା ଜିଲ୍ଲାର ଜଳସେଚନ ହାରରେ ଉନ୍ନତି ହୋଇଛି । ଉଠାଜଳସେଚନ, ମେଗା ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା କିଛି ପରିମାଣର ଜମିକୁ ପାଣି ମାଡ଼ିଛି । ଏମିତିରେ ବଲାଙ୍ଗିର ଦେଇ ବହିଯାଇଥିବା ସୁକତେଲ ନଦୀରେ ଏକ ଡ୍ୟାମ୍ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ମାଗୁରବେଡ଼ା ଠାରେ ଲୋୟର ସୁକତେଲ ଡ୍ୟାମ୍ ନିର୍ମାଣ କରିବା ପାଇଁ ୧୯୯୪ ମସିହାରେ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା । ୧୯୯୯ ମସିହାରେ ଏହି ପ୍ରସ୍ତାବକୁ ମୋହର ବାଜିଥିବା ବେଳେ ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ । ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ସରିବା ପରେ ୨୦୧୩ ମସିହାରେ ଏହି ଡ୍ୟାମ୍ କାମ ଆରମ୍ଭ ହୋଇଥିଲା । ଏହି ଡ୍ୟାମକୁ ସ୍ଥାନୀୟ ଲୋକେ ଆରମ୍ଭରୁ ହିଁ ପ୍ରବଳ ବିରୋଧ କରିଥିଲେ । ୨୦୧୩ ରୁ ୨୦୧୮ ମସିହା ପର୍ଯ୍ୟନ୍ତ କାମ ସ୍ୱାଭାବିକ ଭାବେ ଚାଲିଥିଲା । ୨୦୧୮ରେ ପୁଣି ବିସ୍ଥାପନ ଓ ଥଇଥାନକୁ ନେଇ ବିରୋଧ ଆରମ୍ଭ ହୋଇଥିଲା । ପ୍ରାୟ ତିନି ବର୍ଷ ଧରି କାମ ବନ୍ଦହେବା ପରେ ୨୦୨୧ରେ ଏହି ପ୍ରକଳ୍ପକୁ ୫ଟି ଉପକ୍ରମରେ ସାମିଲ କରାଯାଇ ପୁଣି କାମ ଆରମ୍ଭ ହୋଇଥିଲା । ଜିଲ୍ଲା ପ୍ରଶାସନ ଜରିଆରେ ରାଜ୍ୟ ସରକାର ବିସ୍ଥାପିତଙ୍କ ବିସ୍ଥାପନ ଓ ଥଇଥାନ ସମସ୍ୟାକୁ ତ୍ୱରିତ କରିଥିଲେ । ଫଳରେ ବିସ୍ଥାପିତ ମାନେ ନିଜ ଆଡୁ ଗାଁ ଛାଡ଼ି ଦେଇଥିଲେ । ଫଳସ୍ୱରୂପ ଆଜି ଏହି ଡ୍ୟାମ୍ କାମ ସମ୍ପୂର୍ଣ୍ଣ ହେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା । ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ଡ୍ୟାମ୍‌ରେ ଜଳ ସଂରକ୍ଷିତ କରି ରଖାଯାଇଥିଲା ।







## ଅତ୍ୟାଧୁନିକ ବ୍ୟବସ୍ଥା ସହ ଆଦର୍ଶ ପ୍ରକଳ୍ପ

ବଲାଙ୍ଗିରରେ ନିର୍ମାଣ ହୋଇଥିବା ଲୋୟର୍ ସୁକତେଲ ପ୍ରକଳ୍ପ ଅତ୍ୟାଧୁନିକ ବ୍ୟବସ୍ଥା ସହ ରାଜ୍ୟର ଏକ ଆଦର୍ଶ ପ୍ରକଳ୍ପ ଭାବେ ବିବେଚନା କରାଯାଉଛି । ଖୁବ୍‌ଶୀଘ୍ର ଏହି ପ୍ରକଳ୍ପର ଜଳ ପରିଚାଳନା ସ୍ୱୟଞ୍ଚାଳିତ ହେବ ବୋଲି ଜଣାପଡ଼ିଛି । ଯେଉଁଥିପାଇଁ ଏକ ଅଟୋମେସନ କେନ୍ଦ୍ର ନିର୍ମାଣ କରାଯାଇଛି । ସେହିପରି ଏହି ପ୍ରକଳ୍ପରୁ ହେବାକୁ ଥିବା ଜଳସେଚନ ପାଇଁ ମଧ୍ୟ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଚାପଯୁକ୍ତ ପାଇପ ଯୋଗାଣ ବ୍ୟବସ୍ଥାକୁ ରାଜ୍ୟ ସରକାର ମଞ୍ଜୁରୀ ପଦାନ କରିଛନ୍ତି । ଡ୍ୟାମ୍‌ରୁ ବଡ଼ ପାଇପ୍ ଯୋଗେ ପାଣି ଜଳସେଚନ ପାଇଁ ଯିବ । ସେହିଠାରୁ ଚିହ୍ନଟ ହୋଇଥିବା ଅଞ୍ଚଳକୁ ପୁଣି ଛୋଟ ପାଇପ୍‌ରେ ଜଳସେଚନ କରାଯିବ । ଏହା ସହିତ ଏହି ଛୋଟ ପାଇପରୁ ପୁଣି ଚାଷୀମାନେ ନିଜ ଆବଶ୍ୟକତା ଅନୁସାରେ ବୁନ୍ଦା ଜଳସେଚନର ବ୍ୟବସ୍ଥା ମଧ୍ୟ କରିପାରିବେ । ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅତ୍ୟାଧୁନିକ ଶୈଳୀରେ ଚାଲିବ । ଏଥିପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଠିକ ସମୟରେ ପାଣି ଯୋଗାଣ କରାଯିବ ବୋଲି ଜଣାପଡ଼ିଛି । ରାଜ୍ୟରେ ପୂର୍ବରୁ ଏହିଭଳି ଜଳସେଚନ ବ୍ୟବସ୍ଥା ନ ଥିବା ବେଳେ ଲୋୟର ସୁକତେଲରେ ଏହି ବ୍ୟବସ୍ଥା କରାଯାଇଛି । ଫଳରେ ଏହାକୁ ଆଦର୍ଶ ପ୍ରକଳ୍ପ ଭାବେ ବିବେଚନା କରାଯାଉଛି ।

## ଉଦାହରଣ ସାଜିଲା ବିସ୍ଥାପନ ଓ ଥଇଥାନ ବ୍ୟବସ୍ଥା

ରାଜ୍ୟର ବିଭିନ୍ନ ବୃହତ୍ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବାର ଉଦାହରଣ ରହିଛି । କିନ୍ତୁ ଲୋୟର ସୁକତେଲ ପ୍ରକଳ୍ପ ବିସ୍ଥାପିତଙ୍କ ଥଇଥାନ ଦିଗରେ ରାଜ୍ୟ ସରକାର ଉଠାଇଥିବା ପଦକ୍ଷେପ ଉଦାହରଣ ସୃଷ୍ଟି କରିଛି । ବିସ୍ଥାପିତଙ୍କୁ ଜମି ଯୋଗାଇଦେବା ସହିତ ଘର ନିର୍ମାଣ, ଆତ୍ମନିର୍ଭର ହେବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା । ବଲାଙ୍ଗିର ତହସିଲ୍‌ର ସଦେଇପାଲି, ଝାଙ୍କରପାଲି, ଲର୍କିପାଲି, ଲୋଇସିଂହା ତହସିଲର କୁଶମେଲ, ଉପରବାହାଲ ଭଳି ପ୍ରାୟ ୧୦ଟି ଅଞ୍ଚଳରେ ପ୍ରାୟ ଚାରି ହଜାରରୁ ଅଧିକ ବିସ୍ଥାପିତଙ୍କୁ ଜମି ପ୍ରଦାନ କରାଯାଇଛି । କେବଳ ଏତିକି ନୁହଁ ସେହି ଅଞ୍ଚଳର ଲୋକଙ୍କ ପାଇଁ ସ୍କୁଲ, ଅଙ୍ଗନବାଡ଼ି, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସହ ଅନ୍ୟ ପ୍ରାଥମିକ ବ୍ୟବସ୍ଥା କରାଯାଇଛି । ଏହି ଅଞ୍ଚଳକୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି । ବିସ୍ଥାପିତଙ୍କ ଭାବାବେଗକୁ ସମ୍ମାନ ଜଣାଇ କଲୋନୀଗୁଡ଼ିକରେ ସେହି ଗାଁର ଦେବଦେବୀଙ୍କ ପାଇଁ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି । ଯେଉଁଥିପାଇଁ ବିସ୍ଥାପିତମାନେ ଖୁସି ପ୍ରକାଶ କରିଛନ୍ତି ।



## ୨୯ଟି ଗ୍ରାମବାସୀଙ୍କ ତ୍ୟାଗର ପ୍ରକଳ୍ପ

ବଲାଙ୍ଗିର ଜିଲ୍ଲାର ଲୋଇସିଂହା ବ୍ଲକ ମାଗୁରବେଡ଼ା ନିକଟରେ ବହିଯାଇଥିବା ସୁକତେଲ ନଦୀ ପରେ ନିର୍ମାଣ କରାଯାଇଛି ଲୋୟରସୁକତେଲ ପ୍ରକଳ୍ପ । ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗିର ଦେଇ ବହିଯାଇଥିବା ସୁକତେଲ ନଦୀ ପାଣିକୁ ସଂରକ୍ଷଣ କରାଯାଇ ଜିଲ୍ଲାର ଜଳସେଚନ ହାରବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପଛରେ ଲୋଇସିଂହା ଓ ବଲାଙ୍ଗିର ସଦର ବ୍ଲକର ୨୯ଟି ଗାଁର ଲୋକଙ୍କ ତ୍ୟାଗ ପାଇଁ ସଫଳ ହୋଇପାରିଛି । ୧୫ଟି ଗାଁ ସମ୍ପୂର୍ଣ୍ଣ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୪ ଟି ଗାଁ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହି ପ୍ରକଳ୍ପରେ ପରଧିଆପାଲି, କଏଣ୍ଡାପାଲି, କୁମିଆପାଲି, ଗଡ଼ଶଙ୍କର ଡୁଙ୍ଗୁରିପାଲି, ଖୁଣ୍ଟାପାଲି, କଅଖାଲ, ଚୁଡ଼ାପାଲି, କୁଟେନସିଲେଟ, ଡୁଲୁଶର, ବାରପିଟା, କଙ୍କରା, କଏଁଣ୍ଡାପାଲି, ଗର୍ଜନ, ବଡ଼ତେଲେନପାଲି, ସାନତେଲେନପାଲି, ପୋଢ଼ମୁଣ୍ଡ, ତାବଲବାଞ୍ଜି, ସରଗାଟପାଲି, ଖଗସାବାହାଲ, ବାରପୁରଗିଆ, ଡୁମେରପିଟା, ବିଜାପାଟି, ଭୁଣ୍ଡିମୁହାଣ, ବନଛୋରପାଲି, ତୁଷୁରାବାହାଲ, କପିଲବାହାଲ, ଉଚ୍ଚବାହାଲ, ବୁଢ଼ାବାହାଲ, ଅନ୍ତପାଲି ଗାଁ କ୍ଷତିଗ୍ରସ୍ତ ହୋଇଛନ୍ତି ।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର





ମାଲକାନଗିରି ଜିଲ୍ଲାର ଅଧିକାଂଶ ଅଧିବାସୀ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି । ଏଠାରେ ଏକାଧିକ ଜନଜାତି ବସବାସ କରନ୍ତି । ଏହି ଆଦିବାସୀ ଜନଜାତିଙ୍କ ଚାଲି ଚଳଣ ବେଶ ନିଆରା । ସାରା ବିଶ୍ୱ ଆଧୁନିକତାକୁ ଆଦରି ନେଇଥିବା ବେଳେ ଏମାନେ ନିଜର ସଂସ୍କୃତି ଓ ପରମ୍ପରାକୁ କେବେ ଭୁଲି ନାହାନ୍ତି । ପୂର୍ବ କାଳରେ ଲୋକେ ନିଜର ପ୍ରତିପୋଷଣ ପାଇଁ ଦେଣ ନେଣ ତଥା ଅଦଳ ବଦଳ ପ୍ରଥା ପ୍ରଚଳନ କରିଥିବା ବେଳେ ଏହି ପ୍ରଥାକୁ ଅନେକ ମାତ୍ରାରେ ଆଜି ମଧ୍ୟ ମାଲକାନଗିରି ଜିଲ୍ଲାର ଆଦିବାସୀ ଲୋକେ ବଞ୍ଚାଇ ରଖିଛନ୍ତି ।

## ଏବେ ବି ବଞ୍ଚିଛି 'ଅଦଳବଦଳ'







ଅଶୋକ ମିଶ୍ର
ମାଲକାନଗିରି

ପ୍ରକୃତିର ଅବଦାନ ଅନନ୍ୟ ଓ ଏହାର ସୃଷ୍ଟି ମଧ୍ୟ ବେଶ ନିଆରା । କୁହାଯାଏ ପ୍ରକୃତିମୟ ପରିବେଶ ମଣିଷ ଜୀବନରେ ଅନେକ ପରିବର୍ତ୍ତନ ଆଣେ, ଥକା ମନକୁ ଶାନ୍ତ କରିଦିଏ ଏବଂ ମନୁଷ୍ୟର ଚରିତ୍ରକୁ ମଧ୍ୟ ବଦଳାଇ ଦିଏ । ତେବେ ଏପରି ପ୍ରକୃତି କୋଳ ମଧ୍ୟରେ ରହିଥିବା ସ୍ଥାନ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ମାଲକାନଗିରି ଜିଲ୍ଲା । ଯାହାର ଭୌଗଳିକ ସ୍ଥିତି ଜଙ୍ଗଲ ପାହାଡ଼ ଘେରା ଅଟେ । ଜିଲ୍ଲାକୁ ଦେଖିଲେ ସତେ ଯେମିତି ପ୍ରକୃତିର କୋଳରେ କଅଁଳ ଛୁଆଟେ ଶୋଇ ରହିଛି ପରି ମନେହୁଏ । ମାଲକାନଗିରି ଜିଲ୍ଲାର ଅଧିକାଂଶ ଅଧିବାସୀ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି । ଏଠାରେ ଏକାଧିକ ଜନଜାତି ବସବାସ କରନ୍ତି । ଏହି ଆଦିବାସୀ ଜନଜାତିଙ୍କ ଚାଲି ଚଳନି ବେଶ ନିଆରା, ଏମାନେ ପ୍ରକୃତି ସହ ତାଳ ଦେଇ ତାହାରି କୋଳରେ ବଢ଼ି ଆସିଛନ୍ତି । ପ୍ରାକୃତିକ ପରିବେଶ ଏମାନଙ୍କ ସରଳ, ନିରାଡମ୍ବର ଏବଂ ନିଷ୍କପଟ କରିଥିବା ବେଳେ ଏମାନେ ଆଜି ମଧ୍ୟ ବେଶ ସରଳ ଜୀବନ ଯାପନ କରନ୍ତି । ସାରା ବିଶ୍ୱ ଆଧୁନିକତାକୁ ଆଦରି ନେଇଥିବା ବେଳେ ଏମାନେ ପ୍ରକୃତି କୋଳରେ ରହି ମଧ୍ୟ ଆଧୁନିକତା ସହ ତାଳ ଦେଉଥିବା ସହ ନିଜର ସଂସ୍କୃତି ଓ ପରମ୍ପରାକୁ କେବେ ଭୁଲି ନାହାନ୍ତି । ଖାସ ଏଇଥି ପାଇଁ ଆଜି ମଧ୍ୟ ମାଲକାନଗିରି ଜିଲ୍ଲାରେ ଏହି ଆଦିବାସୀ ସମ୍ପ୍ରଦାୟର ଲୋକେ ନିଜର ପୁରାତନ ପରମ୍ପରାକୁ ଅନେକ ମାତ୍ରାରେ ବଞ୍ଚାଇ ରଖିଛନ୍ତି । ତେବେ ପୂର୍ବ କାଳରେ ଲୋକେ ନିଜର ପ୍ରତିପୋଷଣ ପାଇଁ ଦେଣ ନେଣ ତଥା ଅଦଳ ବଦଳ ପ୍ରଥା ପ୍ରଚଳନ କରିଥିବା ବେଳେ ଏହି ପ୍ରଥାକୁ ଅନେକ ମାତ୍ରାରେ ଆଜି ମଧ୍ୟ ମାଲକାନଗିରି ଜିଲ୍ଲାର ଆଦିବାସୀ ଲୋକେ ବଞ୍ଚାଇ ରଖିଛନ୍ତି । ଯୁଗ ବଦଳିଛି ଆଉ ବଦଳିଛି ସଭ୍ୟତା ହେଲେ ମାଲକାନଗିରି ଜିଲ୍ଲାର ଆଦିବାସୀ ଲୋକେ ଆଜି ମଧ୍ୟ ସେହି ପୁରୁଣା ପରମ୍ପରାକୁ ଭୁଲି ପାରି ନାହାନ୍ତି । ପ୍ରକୃତି ଉପରେ ପ୍ରାୟ ନିର୍ଭରଶୀଳ ଏହି ଲୋକ ମାନେ ଆଜି ମଧ୍ୟ ଜଙ୍ଗଲ ଜାତ ଦ୍ରବ୍ୟରୁ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ତେବେ ପରମ୍ପରାକୁ ଗୁରୁତ୍ୱ ଦେଉଥିବା ଏହି ଆଦିବାସୀ ଲୋକେ ନିଜର ଆବଶ୍ୟକ ସାମଗ୍ରୀ ଲାଗି ଜଙ୍ଗଲରୁ ସଂଗ୍ରହ କରୁଥିବା ମହୁଲ, ଟୋଲା, କରଞ୍ଜ ଭଳି ଅନେକ ସାମଗ୍ରୀକୁ ପରସ୍ପର ମଧ୍ୟରେ ଅଦଳ ବଦଳ କରିଥାନ୍ତି । ଖରାଦିନ ହେଲେ ମାଲକାନଗିରି ଜିଲ୍ଲାରେ ଆଦିବାସୀଙ୍କ ଜୀବନ ଓ ଜୀବିକା କହିଲେ ବିଶେଷ କରି ମହୁଲ ଫୁଲକୁ ବୁଝାଯାଏ । ଏହି ସମୟରେ ଜିଲ୍ଲାର କୋୟା, ପରଜା ଓ ଡିଡାଇ ଭଳି ଅନେକ ଆଦିବାସୀ ସମ୍ପ୍ରଦାୟର ଲୋକେ ପାହାଡ ଜଙ୍ଗଲକୁ ବାହାରି ଯାଆନ୍ତି ମହୁଲ ଫୁଲ ସଂଗ୍ରହ କରିବା ଲାଗି । ପାହାନ୍ତିଆ ସକାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଆଦିବାସୀମାନେ ଜଙ୍ଗଲରୁ ଏପରି ଭାବେ ଗୋଟିଏ ଗୋଟିଏ ମହୁଲ ଫୁଲ ଗୋଟେଇ ଥାଆନ୍ତି । ପରେ ଏହାକୁ ଭାରରେ ବୋହି ନିଜ ନିଜ ଘରକୁ ନେଇ ଖରାରେ ଶୁଖେଇ ଥାଆନ୍ତି ସେମାନେ । ମହୁଲ ଫୁଲ ଦୁଇ ତିନିଦିନ ଖରାରେ ଶୁଖିବା ପରେ ଏହାର ରଙ୍ଗ ସବୁଜରୁ ନାଲି ହେବା ପରେ ଏହା ବିକ୍ରି ଉପଯୋଗି ହୋଇଯାଏ । ହାଟ ବଜାରରେ କିଲୋ ପିଛା ୧୫ରୁ ୨୫ଟଙ୍କା ଦରରେ ମହୁଲ ବିକ୍ରି କରି ଆଦିବାସୀ ଲୋକେ ନିଜର ଜୀବିକା ଅର୍ଜନ କରନ୍ତି । ତେବେ ଏସବୁ ଭିତରେ ମାଲକାନଗିରି ଜିଲ୍ଲାର କୋୟା ଆଦିବାସୀ ଲୋକେ ଆଜି ମଧ୍ୟ ପୁରୁଣା ପରମ୍ପରାକୁ ବଞ୍ଚାଇ ରଖି ଏହି ମହୁଲକୁ ଅଦଳ ବଦଳ କରନ୍ତି । ନିଜର ଆବଶ୍ୟକୀୟ ସାମଗ୍ରୀ ଲାଗି ଆଦିବାସୀ ଲୋକେ ଏଯାଏଁ ଅନେକ ସ୍ଥାନରେ ଅଦଳ ବଦଳ ପ୍ରଥା ଉପରେ ହିଁ ବିଶ୍ୱାସ କରୁଥିବା ବେଳେ ବିଶେଷ କରି ମହିଳାମାନେ ବର୍ତ୍ତମାନ ହାତରେ ମହୁଲ ଭରା ଟୋକେଇ ନେଇ ପରିବା ବିକାଳିଙ୍କ ଠାରୁ ଟମାଟୋ ନେବା ଲାଗି ଅଦଳ ବଦଳ କରୁଥିବା ଦେଖିବାକୁ ମିଳୁଛି । ମହୁଲ ବଦଳରେ ଟମାଟୋ ମିଳିଗଲା ବାସ୍, ଏତିକିରେ ସେମାନେ ଖୁସି । କାରଣ ସେମାନେ ଜାଣନ୍ତି ନାହି ବଜାରରେ କାହାର ଦାମ କେତେ । କେବଳ ଯେ ମହୁଲକୁ ଏପରି ଅଦଳ ବଦଳ କରାଯାଏ ତାହା ନୁହେ ଅନେକ ସ୍ଥାନରେ ପନିପରିବା, ଖାଦ୍ୟ ସାମଗ୍ରୀ ଏପରି ଅନେକ କିଛି ଏମାନେ ଅଦଳ ବଦଳ କରନ୍ତି । ଏହି ପ୍ରଥା ଅନେକ ସ୍ଥାନରେ ବନ୍ଦ ହୋଇ ଯାଇଥିବା ବେଳେ ଅନେକ ସ୍ଥାନରେ ଲୋକେ ଏହାକୁ ଭୁଲି ମଧ୍ୟ ଗଲେଣି । ତେବେ ମାଲକାନଗିରି ଜିଲ୍ଲାରେ କିନ୍ତୁ ଏହି ପ୍ରଥା ଆଜି ମଧ୍ୟ ବଞ୍ଚି ରହିଥିବା ବେଳେ ଏହା ଆଦିବାସୀଙ୍କ ନିଆରା ପରମ୍ପରାର ଏକ ଝଲକ ଅଟେ । ଯେଉଁଠି ଲୋକେ ଏହିପରି ଅନେକ ପୁରାତନ ପ୍ରଥା ତଥା ପଦ୍ଧତିକୁ ଆଜି ମଧ୍ୟ ଆପଣେଇ ରଖିଛନ୍ତି । ଏହି ପ୍ରଥା ହୁଏତ ପୁରୁଣା ହୋଇଗଲାଣି, ବିଂଶ ଶତାବ୍ଦିରେ ଲୋକେ ଢେର ଆଗକୁ ମଧ୍ୟ ଗଲେଣି । କିନ୍ତୁ ଏହି ଲୋକଙ୍କ ପାଇଁ ଏହା ସେମାନଙ୍କ ଭିତରେ ଥିବା ସମ୍ପର୍କକୁ ସୁଦୃଢ କରି ରଖିବାର ଏକ ମାଧ୍ୟମ ବୋଲି ସେମାନେ ପ୍ରକାଶ କରିଛନ୍ତି ।

## କୃଷିପ୍ରିୟ ଲରିଆ
## ଛତିଶଗଡ଼ରୁ ଓଡ଼ିଶା

ବରଗଡ଼ର ଜୀବନରେଖା ଭାବେ ପରିଚିତ ଜୀରାନଦୀ । ଜୀରାନଦୀ ଅନେକ ଲୋକଙ୍କର ଜୀବନ ଜୀବିକା ସହିତ ଯୋଡି ହୋଇଯାଇଥିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟର ଲରିଆ ସମ୍ପ୍ରଦାୟର ଲୋକଙ୍କ ପାଇଁ ପେଟପାଟଣାର ମାଧ୍ୟମ ସାଜିଛି ଦଶନ୍ଧି ଦଶନ୍ଧି ଧରି । ଜୀରାନଦୀର ବାଲି ପଠାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି ଏହି ଲରିଆ









ବଦ୍ରି ନାରାୟଣ ସାହୁ
ବରଗଡ଼

ଲରିଆ ସମ୍ପ୍ରଦାୟର ଲୋକମାନେ ଭୂମିହୀନ ଥିବା ବେଳେ ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏଠାକୁ ପ୍ରତିବର୍ଷ ଆସଥାନ୍ତି । ଅନ୍ୟପକ୍ଷରେ ଏହି ନଦୀପଠାରେ ସେମାନେ କୁଡିଆ ଘର କରି ରହୁଥିବା ବେଳେ ପରିବାରର ମହିଳା ଏବଂ ପୁରୁଷ ସମସ୍ତେ ମିଶ ଚାଷ କାର୍ଯ୍ୟରେ ଲାଗିଥାନ୍ତି । ଏହି ଲରିଆ ସମ୍ପ୍ରଦାୟର ଲୋକମାନେ ଖୁବ୍ ପରିଶ୍ରମୀ ଥିବା ବେଳେ ଦିନସାରା ଖରାରେ କାମ କରୁଥିବା ବେଳେ ଛୋଟ ଛୋଟ ପିଲାମାନେ ବାଲିପଠାରେ ଖେଳକୁଦରେ ମାତିଥାନ୍ତି ।

ସାରା ଭାରତରେ ଜଳସେଚନ ବ୍ୟବସ୍ଥାକୁ କୃଷି ଉତ୍ପାଦନର ମୂଳ ଲକ୍ଷ୍ୟ । କିନ୍ତୁ ବହୁ କ୍ଷେତ୍ରରେ ଚାଷୀ ନିଜ ସ୍ୱଚେଷ୍ଟାରେ ବିନା ଜଳସେଚନ ବ୍ୟବସ୍ଥାରେ କିପରି ପନିପରିବା ଚାଷ କରି ଲାଭ ଅର୍ଜନ କରାଯାଇପାରେ ଏ କଥାକୁ ପ୍ରମାଣ କରି ଦେଖାଇଛନ୍ତି ଛତିଶଗଡ଼ର ଅଧିବାସୀ । ବରଗଡ଼ର ଜୀବନରେଖା ଭାବେ ପରିଚିତ ଜୀରାନଦୀ । ଏହି ନଦୀ ଅନେକ ଲୋକଙ୍କର ଜୀବନ ଜୀବିକା ସହିତ ଯୋଡି ହୋଇଯାଇଥିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟର ଲରିଆ ସମ୍ପ୍ରଦାୟର ଲୋକଙ୍କ ପାଇଁ ପେଟପାଟଣାର ମାଧ୍ୟମ ସାଜିଛି ଦଶନ୍ଧି ଦଶନ୍ଧି ଧରି । ଜୀରା ନଦୀର ବାଲି ପଠାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି ଏହି ଲରିଆ ସମ୍ପ୍ରଦାୟର ଲୋକେ । ବରଗଡ଼ ସହରରୁ ପାଞ୍ଚ କିଲୋମିଟର ଦୂରରେ ରହିଛି ସୟାଁ ଗାଁ । ଗାଁର ନିକଟରେ ବୋହିଯାଇଛି ଜୀରା ନଦୀ । ଏହି ନଦୀପଠାକୁ ଦୂରରୁ ଦେଖିଲେ ଲାଗେ ସତେ ଯେମିତି ଲମ୍ବି ଯାଇଛି ଏକ ସବୁଜ ଗାଲିଚା । ଅପରପକ୍ଷେ ଏହି ନଦୀ ପଠାକୁ ପାଖରେ ଦେଖିଲେ ଜଣାପଡେ ତାହା ହେଉଛି ବିଭିନ୍ନ ପ୍ରକାର ପନିପରିବା ଚାଷରେ ପରିପୂର୍ଣ୍ଣ । ତାକୁ ଚାଷ କରିଥାନ୍ତି ପଡୋଶୀ ଛତିଶଗଡ଼ ରାଜ୍ୟର ଲରିଆ ସମ୍ପ୍ରଦାୟ ଲୋକମାନେ । ଏମାନେ ଦଶହରା ମାସ ପରେ ଏଠାକୁ ଆସ ବର୍ଷା ସମୟରେ ନଈର ପ୍ରଖର ଜଳସ୍ରୋତରେ ଅସମତଳ ନଦୀପଠାକୁ ସମତଳ କରିଥାନ୍ତି । ଏହି ଲରିଆ ସମ୍ପ୍ରଦାୟର ଲୋକମାନଙ୍କ ଏହା ନିଜର ଚାଷ ଜମି ହୋଇ ନ ଥିବା ସତ୍ତ୍ୱେ ସେମାନେ ଖୁବ ଯତ୍ନର ସହକାରେ ସେହି ବାଲି ପଠାକୁ ଚାଷ କାର୍ଯ୍ୟ ପାଇଁ ବ୍ୟବହାର ଉପଯୋଗୀ କରିଥାନ୍ତି । ତାପରେ ପ୍ରାୟ ଛଅ ମାସ ଧରି ଚାଷ କରିଥାନ୍ତି



କାକୁଡି, କଲରା, ଜହ୍ନି, କଖାରୁ, ଲାଉ, ତରଭୁଜ, ଟମାଟର, ଭେଣ୍ଡି ତଥା ଅନ୍ୟାନ୍ୟ ପନିପରିବା । ଏହି ଉତ୍ପାଦିତ ଫସଲକୁ ନେଇ ପରିବାର ଉଭୟ ପୁରଷ ମହିଳା ବରଗଡ଼ ସ୍ଥିତ ମୁଖ୍ୟ ବଜାରକୁ ବିକ୍ରି କରିବାକୁ ଆଣିଥାନ୍ତି । ତେବେ ଏମାନଙ୍କ ଉତ୍ପାଦିତ ଏହି ପନିପରିବା ଏକ ଭିନ୍ନ ପରିଚୟ ରହିଥିବା ବେଳେ ବଜାରରେ ଏହାର ଚାହିଦା ମଧ୍ୟ ବେଶ ଅଧିକ ରହିଛି । ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା ଚିଚୋଲି, ରାୟପୁର ନିକଟସ୍ଥ ନୟାପରା ଆଦି ଅଞ୍ଚଳରୁ ଆସିଥିବା ଏହି ଲରିଆ ସମ୍ପ୍ରଦାୟ ଲୋକମାନେ ଜୀରା ନଦୀପଠାରେ ରହିବା ସହ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଛନ୍ତି । ସେହିପରି ବଜାରରେ ଏମାନଙ୍କ ଉତ୍ପାଦିତ ପନିପରିବା ବିକ୍ରି ଭଲ ହେଉଥିବା ସହ ପରିଶ୍ରମର ସଠିକ ମୂଲ୍ୟ ପାଇପାରୁଛନ୍ତି । ତେବେ ଧିରେ ଧିରେ ଜୀରା ନଦୀର ଜଳସ୍ରୋତ କମିବା ସହ ବିସ୍ତୀର୍ଣ୍ଣ ବାଲୁକା ଶର୍ଯ୍ୟା ନ ଥିବା ଯୋଗୁଁ ଏମାନେ ଠିକ ଭାବେ ଚାଷ କାର୍ଯ୍ୟ କରି ପାରୁ ନ ଥିବା କହିଛନ୍ତି । ଛତିଶଗଡ଼ରୁ ଆସୁଥିବା ଏହି ଲରିଆ ସମ୍ପ୍ରଦାୟ ଲୋକଙ୍କ ପ୍ରଚେଷ୍ଟାରୁ ପ୍ରମାଣିତ ହେଉଛି ଯେ ନିଜର ଇଚ୍ଛା ଶକ୍ତି ଓ ପ୍ରାକୃତିକ ସମ୍ପଦକୁ ସଠିକ୍ ବିନିଯୋଗ କଲେ ସବୁଜ ପୃଥିବୀ ସୃଷ୍ଟ ହେବା ସହ ନିଜ ପାଇଁ ରୋଜଗାର ପନ୍ଥା ମଧ୍ୟ ବାହାର କରାଯାଇପାରିବ ।

## ପୁଲିଂ ଓ ପ୍ରିଜାଇଡିଂ ଅଫିସରଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ




**ଆନନ୍ଦପୁର,୨୦।୪(ସମିସ):** ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ତାଲିମ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ତାଲିମ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ଆନନ୍ଦପୁର ଉପଜିଲାପାଳ ଫାଲଗୁନୀ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତଦାତାମାନେ କିପରି ସୁବିଧାରେ ମତଦାନ କରିପାରିବେ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ତାଲିମ ପ୍ରଦାନ କରାଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ପାଇଁ ସାଧାରଣ ନିର୍ବାଚନ ଆସନ୍ତା ମେ’ ୨୫ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଏପ୍ରିଲ ୨୯ରୁ ମେ’ ୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ମେ’ ୭ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ଘୋଷଣା ହୋଇଛି। ଆନନ୍ଦପୁର ଉପଖଣ୍ଡ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ପରିଚାଳନା ନିମନ୍ତେ ଫ୍ଲାଗମାର୍ଚ୍ଚ ସହିତ ପେଟ୍ରୋଲିଂ ବ୍ୟବସ୍ଥା କୁ କଡାକଡି କରାଯାଇଥିବା ଆନନ୍ଦପୁର ପୁଲିସ ଏସଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କଠାରୁ ସୂଚନା ମିଳିଛି।

## ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରତିନିଧି ଦଳର ଚମ୍ପୁଆ ଗ୍ରସ୍ତ



**ଚମ୍ପୁଆ, ୨୦।୪(ସମିସ):** ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବିଭିନ୍ନ ୱାର୍ଡରେ ରହିଥିବା ଜଳାଶୟ ଗୁଡିକର ପୁନରୁଦ୍ଧାର ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗର ରାଜ୍ୟ ଟେକ୍ନିକାଲ ଟିମର ସଦସ୍ୟ ରତିକେଶ ରିତୁପର୍ଣ୍ଣା ନାୟକ ଚମ୍ପୁଆ ଗ୍ରସ୍ତ କରି ଧଳାଡିହ ରଜାବନ୍ଧ ଓ ୫ ନଂ. ୱାର୍ଡରେ ଥିବା ସାହେବ ବନ୍ଧର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ସଂପର୍କରେ ସ୍ୱୟଂସହାୟିକା ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ଆଗାମୀ ବର୍ଷା ଦିନ ପୂର୍ବରୁ ଶେଷ କରାଯାଇପାରିବ ସେଥିନିମିତ୍ତ ମିଶନଶକ୍ତି ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନାରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଧାକର ଦାଶ, ସିଟି ମିଶନ ମାନେଜର ଅନନ୍ତ ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ସତିସ ମହାନ୍ତ ପ୍ରଭୃତି ସହାୟତା କରିଥିଲେ।

## ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ



**ତୁରୁମୁଙ୍ଗା,୨୦।୪(ସମିସ):** ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଯମୁନାପଶି ଗ୍ରାମବାସୀ। ଏନେଇ ଶନିବାର ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁଙ୍କୁ ଗ୍ରାମର ଡମ୍ବରୁ ଧର ନାଏକ, ନିରାକାର ନାଏକ, ବୁଲୁ କୁମାର ମହାପାତ୍ର, ୭ ନମ୍ବର ୱାର୍ଡର ୱାର୍ଡମେମ୍ବର ତେଜସ୍ୱିନୀ ନାଏକ, ଶୁଶୀଲ କୁମାର ମହାରଣା ନିରୁପମା ନାଏକ ପ୍ରମୁଖ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମରେ ୩ଟି ୱାର୍ଡରେ ୧୫୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ବର୍ଷ ବର୍ଷ ଧରି ଗ୍ରାମରେ ପାନୀୟ ଜଳ ସମସ୍ୟା ସହ ଗ୍ରାମରେ ଥିବା ପଶୁ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ବିଶେଇପାଟ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଗ୍ରାମରେ ଥିବା ବନ କର୍ମଚାରୀ ବିଟ୍ ହାଉସରେ କର୍ମଚାରୀ ରହୁ ନଥିବା ଏଏନ୍ଏମ୍ ସେଣ୍ଟରରେ ଏନଏମ୍ ରହୁ ନଥିବା, ରାସ୍ତାଘାଟ ସମସ୍ୟା, କେନାଲ ମରାମତି ସହ ଗୋଡି ପୋଖରୀରେ ଥିବା ବିଦେଶୀ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଡଲଙ୍ଗ ଠାରେ ଥିବା ଦେଶୀ ମଦ ଦୋକନକୁ ବନ୍ଦ କରିବା ଆଦି ସମସ୍ୟା ଓ ଦାବି ନେଇ ବିଡିଓଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ସମସ୍ୟା ଓ ଦାବି ପୂରଣ ନହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ ଦିନେ ଦୁଇଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ଏବଂ ଏଏନ୍ଏମ୍ ସେଣ୍ଟରର ସମସ୍ୟା ଦୂର କରାଯିବ ବୋଲି କହିବା ସହ ଅନ୍ୟ ସମସ୍ୟା ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

### ପାନଚାଷ ଯୋଗାଇଛି ରୋଜଗାର

# ଉଦାହରଣ ସୃଷ୍ଟି କଲେ କ୍ରୀଡ଼ା ଶିକ୍ଷକ

**ହାଟଡ଼ିହି,୨୦।୪(ସମିସ)**

ପାନଚାଷ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଏହା ରୋଜଗାରର ଅନ୍ୟ ଏକ ଉତ୍ସ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ସମୟର ସଦ୍‌ବିନିଯୋଗ କରି ଚାକିରିରୁ ଅବସର ପାଇବା ପରେ ପାନଚାଷକୁ ରୋଜଗାରର ଅନ୍ୟ ଏକ ଉତ୍ସ ବୋଲି ପ୍ରମାଣ କରି ଦେଖାଇଛନ୍ତି ହାଟଡିହି ବ୍ଲକ୍ ଢେଙ୍କା ପଞ୍ଚାୟତ ଖଳାଗଡ଼ିଆ ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନୃସିଂହ ଚରଣ ସାମଲ। ଶ୍ରୀଯୁକ୍ତ ସାମଲ ୧୯୭୯ ମସିହା ନଭେମ୍ବର ୧ତାରିଖରେ ଜଣେ କ୍ରୀଡ଼ା ଶିକ୍ଷକ ଭାବେ ତାଙ୍କ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୨୦ମସିହା ଜାନୁଆରୀ ୨୦ତାରିଖରେ କର୍ମମୟ ଜୀବନରୁ ଅବସର ନେଇଛନ୍ତି।

କ୍ରୀଡ଼ା ଶିକ୍ଷକ ସହ ସେ ଜଣେ ଭଲ ଲେଖକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ଜୀବନର ବ୍ୟସ୍ତତା ହିଁ ପ୍ରକୃତ ସୁଖ ବୋଲି ଶ୍ରୀଯୁକ୍ତ ସାମଲ କହନ୍ତି।



ତେବେ ଚାକିରି ଜୀବନରୁ ଅବସର ନେବାର ୧୦ବର୍ଷ ପୂର୍ବେ ସେ ପାନଚାଷ ଆରମ୍ଭ କରିଥିଲେ। ଅବସର ପରେ ସେ ସମୟକୁ ଅପଚୟ ନ କରିବା ସହିତ ନିଜେ ଆଉ କିଛି ଅର୍ଥ ରୋଜଗାର କରିବା ଏବଂ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଏଭଳି ଏକ ପ୍ରୟାସ ଜାରି ରଖିବା ସହ ଅନ୍ୟ ଚାଷୀମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ତେବେ ସେ ପାନଚାଷ ସହିତ ୬ବର୍ଷ ପୂର୍ବେ ମାଛଚାଷ ମଧ୍ୟ କରିଆସୁଛନ୍ତି। ଉନ୍ନତ କିସମର ଚାଷ ପ୍ରଣାଳୀ ପାଇବାକୁ ରାଜ୍ୟ ସହ ଦେଶର ବିଭିନ୍ନ ସ୍ଥାନକୁ ଯାଇ ସେଠାରୁ ଚାଷ ସମ୍ବନ୍ଧରେ ଜ୍ଞାନ ଲାଭ କରି ପ୍ରଥମେ ୨ଗୋଟି ପାନ ଗଛରୁ ପାନଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ଶ୍ରୀଯୁକ୍ତ ସାମଲ ନିଜର ୧୦ ଡେସିମିଲ ବିଲରେ ପାନଚାଷ କରି ବେଶ୍ ଦି’ପଇସା ରୋଜଗାର କରିବା ସହିତ ନିଜ ସ୍ୱାସ୍ଥ୍ୟକୁ ନିରୋଗୀ ରଖିପାରିଛନ୍ତି। କେନ୍ଦୁଝର ଜିଲ୍ଲାଟି ଏକ ଉଷ୍ଣପ୍ରବାହ ଜିଲ୍ଲା ହୋଇଥିବାରୁ ପାନଚାଷ ପାଇଁ ଏହାର ମାଟି ଏବଂ ପାଣିପାଗ ଉତ୍କୃଷ୍ଟ ହେଉନାହିଁ ବୋଲି ସେ କହିଛନ୍ତି। ଏଥିସହ କ୍ଷେତ୍ର ଅଧିକାରୀମାନେ ପାନଚାଷର ସଠିକ୍ ଚାଷ ପ୍ରଣାଳୀ ଜାଣିନାହାଁନ୍ତି ବୋଲି ସେ ଅତି ଦୁଃଖର ସହ କହିଛନ୍ତି। ଯାହା ଫଳରେ ବିଭିନ୍ନ ସମୟର ପାଣିପାଗ ବେଳେ ତାଙ୍କ ପାନଚାଷରେ ଅନେକ କ୍ଷତି ସହୁଛନ୍ତି। ତାଙ୍କୁ ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ମିଳିପାରିଲେ ସେ ଅଧିକ ଚାଷ କରି ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି।

### ବସ୍‌ଷ୍ଟାଣ୍ଡକୁ ଯାଉନି ବସ୍; ଯାତ୍ରୀ ହନସନ୍ତ

## ଡହଡହ ଖରାରେ ହୀନସ୍ତା ହେଉଛନ୍ତି ଯାତ୍ରୀ

**ହାଟଡିହୀ,୨୦।୪(ସମିସ):** ହଦଗଡ଼ ସ୍ଥାନଟି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ଏକ ପ୍ରମୁଖ ସ୍ଥାନ ଭାବେ ବେଶ୍ ଜଣାଶୁଣା। ଏଠାରୁ ଜିଲ୍ଲା ଓ ଜିଲ୍ଲା ବାହାରର ବିଭିନ୍ନ ସ୍ଥାନକୁ ଗମନାଗମନ ପାଇଁ ସରକାରୀ ଅନୁମତିକ୍ରମେ କିଛି ଯାତ୍ରୀବାହୀ ବସ୍ ମାଲିକଙ୍କୁ ଏଥିନିମନ୍ତେ ରୁଟ୍ ପରମିଟ୍ ମିଳିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବିଭିନ୍ନ ସ୍ଥାନକୁ ଯିବା ପାଇଁ ଏଠାରୁ ୫ଗୋଟି ବସ୍ ମଧ୍ୟ ଚଳାଚଳ କରୁଛି। ସେଥିରୁ ୪ଗୋଟି ବସ୍ ପୁରୁଣା ବଜାରର ବସଷ୍ଟାଣ୍ଡକୁ ଯାଉଥିବା ବେଳେ, ପ୍ରତିଦିନ ଦିବା ପ୍ରାୟ ୧୨ଟା ସମୟରେ ମାଛଗଡ଼ରୁ ହଦଗଡ଼କୁ ପହଞ୍ଚୁଥିବା ‘ବର୍ଷାରାଣୀ’ ନାମକ ଯାତ୍ରୀବାହୀ ବସ୍‌ଟି ହଦଗଡ଼ ସ୍ଥିତ ପୁରୁଣା ବଜାର ବସଷ୍ଟାଣ୍ଡକୁ ନ ଯାଇ ହଦଗଡ଼ ମେଡ଼ିକାଲ ଛକରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଉଛି। ଯାହାଫଳରେ ଯାତ୍ରୀମାନେ ଡହଡହ ଖରାରେ ଛୁଆପିଲା ସହ ନିଜ ସାମଗ୍ରୀକୁ ଧରି ବଡ଼ ହୀନସ୍ତା ହୋଇ ଯାଉଥିବା ଦେଖାଯାଇଛି। ପ୍ରକାଶ ଥାଉକି, ହଦଗଡ଼ର ଜବାହର ନବୋଦୟ ବିଦ୍ୟାଳୟରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବିଭିନ୍ନ ସ୍ଥାନରୁ ଶତାଧିକ ପିଲା ଆସି ଅଧ୍ୟୟନ କରୁଛନ୍ତି।




ଏଥିସହ ସାଳନ୍ଦୀ ନଦୀର ନଦୀବନ୍ଧ ଏବଂ ତା’ ଚତୁଃପାଶ୍ୱର୍ରେ ରହିଥିବା ପ୍ରାକୃତିକ ମନଲୋଭା ପରିବେଶ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଥିବାରୁ ପ୍ରତିଦିନ ଏଠାକୁ ଶତାଧିକ ଅଭିଭାବକ ଏବଂ ପର୍ଯ୍ୟଟକ ଆସିଥା’ନ୍ତି। ବିଶେଷ କରି ଏଠାକାର ଦୁର୍ଗମ ଅଞ୍ଚଳ ମଧ୍ୟରେ ଥିବା ଦଲକି, ପିତନାଉ, ରତ୍ନମରା ଓ ଜୁଣପଶି ଭଳି ଗାଁର ଶତକଡ଼ା ୬୦ପ୍ରତିଶତ ଲୋକଙ୍କ ବନ୍ଧୁବାନ୍ଧବ ଘର ଠାକୁରମୁଣ୍ଡା, କରଞ୍ଜିଆ ଓ ମାଛଗଡ଼ ଅଞ୍ଚଳରେ ହୋଇଥିବାରୁ ସେମାନେ ବିଶେଷ କରି ଗମନାଗମନ ନିମନ୍ତେ ଯାତ୍ରବାହୀ ବସ୍ ‘ବର୍ଷାରାଣୀ’ ଉପରେ ନିର୍ଭର କରିଥା’ନ୍ତି। ଏନେଇ ସ୍ଥାନୀୟ ଲୋକେ ‘ବର୍ଷାରାଣୀ’ ବସ୍ କଣ୍ଡକ୍ଟରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ମାତ୍ର ୫ଶହ ମିଟର ଆଗରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ଗାଡ଼ି ଯାଉନାହିଁ। ଚଳିତବର୍ଷର ରେକର୍ଡ ଭଙ୍ଗା ଡହଡହ ଖରାରେ ଚାଲି ଯାତ୍ରୀମାନେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ଏନେଇ ରାସ୍ତାରୋକ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ଧାନଝଡ଼ା ମେସିନ ବୋଝେଇ ଗାଡ଼ି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

**ଆନନ୍ଦପୁର,୨୦।୪(ସମିସ):** ଆଜି ଅପରାହ୍ନ ୩ ଘଟିକାରେ ଆନନ୍ଦପୁର ବ୍ଲକ ଛକ ସ୍ଥିତ ଭେଣ୍ଡିଂ ଜୋନ୍ ନିକଟରେ ଏକ ଧାନଝଡା ମେସିନ ବୋଝେଇ ଗାଡ଼ି ଧକାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଧାନଝଡା ମେସିନ୍ ବୋଝେଇ କରି ହାଟଡିହି ଅଞ୍ଚଳକୁ ଯାଉଥିବା ବେଳେ ସମୁଖରୁ ବାଇକରେ ଆସୁଥିବା ପଦ୍ମପୁର ଗ୍ରାମର ମହେଶ୍ୱର ସାହୁଙ୍କ ପୁଅ ଆକାଶ ସାହୁ(୨୨)କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ଦୁର୍ଘଟଣା ଘଟାଇଥିବା ଗାଡି ଓ ବାଇକ ଜବତ କରି ଆନନ୍ଦପୁର ଡାକ୍ତରଖାନାରେ ପହଞ୍ଚି ମୃତଦେହର ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ଶ୍ରୀରାମ ନବମୀ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧନା

**ଢେଙ୍କିକୋଟ,୨୦।୪(ସମିସ):** ଢେଙ୍କିକୋଟଠାରେ ଥିବା ଶ୍ରୀରାମ ନବମୀ ମହୋତ୍ସବ କମିଟି ତାର ୩୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାରେ ଢେଙ୍କିକୋଟ ଠାରେ ଥିବା ସବୁ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଦୁର୍ଗା ପୂଜା କମିଟି, ଶାରଦୀୟ ଦୁର୍ଗାପୂଜା କମିଟି, ମା’ ଶ୍ୟାମା କାଳୀପୂଜା କମିଟି, ମହାଲକ୍ଷ୍ମୀ ପୂଜା କମିଟି,



ଲକ୍ଷ୍ମୀନାରାୟଣ ପୂଜା କମିଟି, ଶ୍ରୀ ଜଗନ୍ନାଥ କମିଟି, ବାବା ବିଶ୍ୱନାଥ ଶିବମନ୍ଦିର କମିଟି ସମେତ ବିନ୍ଦାସ କ୍ଲବ ଓ ଦିଲଦାର୍ କ୍ଲବ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଉଦ୍‌ଘୋଷକ ସଂଜୟ କୁମାର ସାହୁ। କମିଟିର ସଭାପତି ରାଜକିଶୋର ସାହୁ, ସମ୍ପାଦକ ମକରଧ୍ୱଜ ସାହୁ, କୋଷାଧ୍ୟକ୍ଷ ତୃପ୍ତିରଞ୍ଜନ ସାହୁ, ଉପ ସଭାପତି କୃପାସିନ୍ଧୁ ଦଳେଇ, ସହ ସମ୍ପାଦକ ଅଶେଷ କୁମାର ସାହୁଙ୍କ ସମେତ ବେଣୁଧର ସାହୁ, ଜଗନ୍ନାଥ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ଅନୁଷ୍ଠାନ ଗୁଡିକୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା।। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ନିମନ୍ତ୍ରିତ ଅତିଥି ମାନେ ଯୋଗଦେଇଥିଲେ।

### କଟକଣା ମାନୁନାହାନ୍ତି ବ୍ୟାଙ୍କ ଅଧିକାରୀ

## ଖରାରେ ଗ୍ରାହକ ହେଉଛନ୍ତି ହନ୍ତସନ୍ତ




**ରାମଚନ୍ଦ୍ରପୁର,୨୦।୪(ସମିସ):** ରାଜ୍ୟ ସରକାର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟା ପରେ ଜରୁରୀ କାମ ନ ଥିଲେ ପଦାକୁ ନ ବାହାରିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ଏଭଳି ନିର୍ଦ୍ଦେଶନାମାକୁ କେତେକ ସ୍ଥାନରେ ଫୁ’ କରି ଦିଆଯାଇଥିବା ଦେଖାଯାଇଛି। ରାମଚନ୍ଦ୍ରପୁର ବଜାରରେ ଥିବା ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖା ସକାଳ ୧୦ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାରବାର ଚାଲୁଥିବା ବେଳେ ଅନେକ ଦୂରଦୂରାନ୍ତରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବୃଦ୍ଧବୃଦ୍ଧା ଏବଂ ଅନେକ ପେନ୍‌ସନ୍ ଭୋଗି ଏବଂ ସ୍କୁଲ ପିଲା ବ୍ୟାଙ୍କକୁ ଆସି ସେବା ପାଇବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ବ୍ୟାଙ୍କରେ ଗ୍ରାହକଙ୍କ ଭିଡ଼ ଯୋଗୁ ଅନେକ ସମୟରେ ୪୩ ଡିଗ୍ରୀ ଖରାରେ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଲାଇନରେ ଠିଆ ହେବାକୁ ପଡୁଛ। ଯାହା କଷ୍ଟସାଧ୍ୟ ବ୍ୟାପାର। ଏପରି ସ୍ଥଳେ ଖରାର ପ୍ରକୋପକୁ ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ଖରାରୁ ରକ୍ଷା ପାଇଁ ବ୍ୟାଙ୍କ ସମ୍ମୁଖରେ ଛାମୁଡିଆ ମାରିବା ସହ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ରଖିବା ଜରୁରୀ ହୋଇଥିଲେ ମଧ ଏଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଫଳରେ ସାଧାରଣ ଉପଭୋକ୍ତାଟିଏ ଅଂଶୁଘାତ ଭଳି ସମସ୍ୟାରେ ସମ୍ମୁଖିନ ହେବାକୁ ପଡୁଛି। ଏଭଳି ସମସ୍ୟା କେବଳ ରାମଚନ୍ଦ୍ରପୁର ନୁହେଁ; ରାମଚନ୍ଦ୍ରପୁର ଅଞ୍ଚଳରେ ଥିବା ଅନେକ ସରକାରୀ ପ୍ରତିଷ୍ଠାନ ଏଭଳି କଟକଣାକୁ ମାନୁନଥିବା ଦେଖାଯାଉଛି। ବିଭାଗୀୟ ଅଧିକାରୀ ଏଦିଗରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାମ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ମହୋତ୍ସବ

ବାଲିବନ୍ଧ,୨୦।୪ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ଗ୍ରାମରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ସ୍ୱାମୀ ଅଭୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଭବ୍ୟ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖେଣ୍ଡରା ରାମନବମୀ କମିଟି ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କର ବିଶାଳ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ଅରଡେଇ ନଦୀରୁ କଳସ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଶ୍ରୀରାମ ନବମୀ କମିଟିର ସଭାପତି କାହ୍ନୁଚରଣ ମହାନ୍ତ ଏବଂ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ମୋହନ ଚରଣ ମହାନ୍ତ, ଜହରଲାଲ ମହାନ୍ତ, ଡିସେମ୍ବର ମହାନ୍ତ, ଅର୍ଜୁନ ମହାନ୍ତ, ବିଶ୍ୱନାଥ ମହାନ୍ତ, ରବିନନ୍ଦନ ବାରିକ, ପରେମ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିନୋଦ ବିହାରୀ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଲାଲମହୋନ ମହାନ୍ତ,



ଅଜୟ କୁମାର ମହାନ୍ତ, ଫକିର ପାତ୍ର, ଚଉବନ ଦାସ, ମଳୟ କୁମାର ମହାନ୍ତ, ରାମଜୀବନ ମହାନ୍ତ, କଳାକର ମହାନ୍ତ, ନେତ୍ରାନନ୍ଦ ମହାନ୍ତ, ମହେଶ୍ୱର ମହାନ୍ତ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ କାର୍ଯ୍ୟକ୍ରମକୁ ସୂଚାରୂପେ ପରିଚାଳନା କରିଥିଲେ। ଝୁମ୍ପୁରା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ଭଗପଶିରେ ବିଜେଡିର ଶଙ୍ଖ ଧ୍ୱନି କର୍ମଶାଳା

**ତୁରୁମୁଙ୍ଗା/ପାଟଣା,୨୦।୪(ସମିସ):**

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଭଗପଶିଠାରେ ବିଜୁ ଜନତା ଦଳ ପାଟଣା ତରଫରୁ ଶନିବାର ଶଙ୍ଖ ଧ୍ୱନି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ଶଙ୍ଖ ଫୁଙ୍କି ଆଗାମୀ ନିର୍ବାଚନ ବିଜୁ ଜନତା ଦଳକୁ ଜିତାଇବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା କାହ୍ନୁଚରଣ ନାଏକ, ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ, ସଂଯୋଜକ କାନନ ବିହାରୀ ପହି, ବରିଷ୍ଠ ବିଜେଡି ନେତା



ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାଏକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ୍, ଜିଲ୍ଲା ଉପସଭାପତି ଗୋବିନ୍ଦ ମହାନ୍ତ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦୀଲ୍ଲିପ କୁମାର ସାହୁ, ଝୁମ୍ପୁରା ବ୍ଲକ ସଭାପତି ଯଦୁମଣି ରାଉତ, ଚମ୍ପୁଆ ବ୍ଲକ ସଭାପତି ଭାଗୀରଥି ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜଦେଓ, ନିରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ସାହୁ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀର ମହିଳା ସଂଯୋଜକ କିରଣବାଳା ସିଂ, ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ମହାପାତ୍ର, ଅଜୟ ପଟ୍ଟନାୟକ, ଅଙ୍କୁର ମହାନ୍ତ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ପ୍ରମୁଖ ନାରୀନେତ୍ରୀ ଭାମାମଣୀ ଦାସ ଯୋଗଦେଇ ଆଗାମୀ ନିର୍ବାଚନ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ।

## ଶ୍ରୀରଘୁନାଥଜୀଉଙ୍କ ଅଷ୍ଟଦିନାତ୍ମକ ମହୋତ୍ସବ

**ଆନନ୍ଦପୁର,୨୦।୪(ସମିସ):** କେନ୍ଦୁଝର ଭଞ୍ଜ ବଂଶୀ ରାଜାଙ୍କ ଦ୍ୱାରା ବୀରଗୋବିନ୍ଦପୁରରେ ପ୍ରତିଷ୍ଠା ହୋଇଥିବା ଶ୍ରୀ ରଘୁନାଥଜୀଉ ମନ୍ଦିରରେ ଅଷ୍ଟ ଦିନାତ୍ମକ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଦିବ୍ୟ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଥିବା ବେଳେ ଯୁବଗୋଷ୍ଠୀଙ୍କ ଉଦ୍ୟମ ଯୋଗୁ ପ୍ରତିଦିନର କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଛି। ମନ୍ଦିର ବିଶୋଇ ଗଜେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜକ ବିରଞ୍ଚି ନାରାୟଣ ମିଶ୍ର ଓ ଦିଲୀପ କୁମାର ଦାଶ ଶ୍ରୀରଘୁନାଥଙ୍କ ପୂଜାର୍ଚ୍ଚନା ଯଥା ରୀତିନୀତିରେ କରୁଥିବା ବେଳେ ସେବାୟତମାନଙ୍କ ସହଯୋଗରେ ଏହି ଦିବ୍ୟ କାର୍ଯ୍ୟକ୍ରମ ପାଳିତ ହେଉଛି। ଶ୍ରୀ ରାମଲକ୍ଷ୍ମଣଜୀଉଙ୍କ ଏହି ଅଷ୍ଟ ଦିନାତ୍ମକ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ, ଦ୍ୱିତୀୟ ଦିବସରେ ମଙ୍ଗଳପାକ, ତୃତୀୟ ଦିବସରେ ଶୁଭ ବିବାହ, ଚତୁର୍ଥ ଦିବସରେ ବନବାସ, ପଞ୍ଚମ ଦିବସରେ



ଲଙ୍କାପୋଡି, ଷଷ୍ଠ ଦିବସରେ ରାବଣ ବଧ, ସପ୍ତମ ଦିବସରେ ଅଭିଷେକ ଉତ୍ସବ ଓ ଶେଷ ଦିନରେ ଅନ୍ଧାରୀ ବିଜେ ଉତ୍ସବ ପରମ୍ପରା ଅନୁଯାୟୀ ପାଳିତ ହେଉଅଛି। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଶ୍ରୀରାମଚରିତମାନସ, ନବାହ୍ନ ପାରାୟଣ, ଶ୍ରୀରାମଲାଲାଙ୍କ କଥାମୃତ, ପ୍ରବଚନ, ନାମ ସଂକୀର୍ତ୍ତନ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜକ ଯୁବଗୋଷ୍ଠୀମାନଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଶ୍ରୀରଘୁନାଥଙ୍କ ମେଳଣ ପଡିଆରେ ଉଠାଦୋକାନ ବସିଥିବାରୁ ସନ୍ଧ୍ୟାରେ ଜନସମାଗମ ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଦିଲୀପ କୁମାର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ରଞ୍ଜୀବ ରଣା, ସୁଶାନ୍ତ ମାଝୀ, ସମ୍ପଦ କୁମାର ମାଝୀ, ଭବାନୀ ଶଙ୍କର ମାଝୀ, ପ୍ୟାରୀମୋହନ ରଣା ମହେଶ୍ୱର ମାଝୀ, ବିଜୟ ଦାସ, ଗୌରାଙ୍ଗ କୁଅଁର, ସୁକାନ୍ତ ଦାସ, ଜୟଦେବ ରଣା, ସ୍ନେହାଶିଷ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।

# ସଂପର୍କ ଯୋଡ଼ିବ ବିଜୁ ସେତୁ

**ବାରିକପୁର,୨୦।୪(ସମିସ):** ଏବେ ପଞ୍ଚାୟତରୁ ପଞ୍ଚାୟତ ଓ ଗାଁକୁ ଗାଁ ସଂପର୍କ ଯୋଡିବାକୁ ଯାଉଛି ବିଜୁ ସେତୁ। ଯାହାର ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବରାହନୂଆପଡା ଠାରେ। ସୂଚନା ମୁତାବକ ବୈତରଣୀ ନଦୀର ବହୁଚର୍ଚ୍ଚିତ କଣ୍ଟି ଏସ୍କେପ ଠାରୁ ୫ଶହ ମିଟର ଦୂରରେ ବରାହନୂଆପଡା ଗାଁ ଅବସ୍ଥିତ। ପୂର୍ତ୍ତ ବିଭାଗ ରାସ୍ତାର ଖୋଲା ମୁହଁ ଠାରୁ ଗାଁକୁ ଗୋଟିଏ ସଂକୀର୍ଣ୍ଣ ପାଳ ରାସ୍ତା ରହିଛି। ବ୍ୟକ୍ତିଗତ ପାଳବାଡି ସ୍ଥାନରେ କଚ୍ଚା ରାସ୍ତାଟି ରହିଥିବା ବେଳେ ଗ୍ରାମବାସୀ ଯାତାୟାତ କରିବା କଷ୍ଟକର ହେଉଛି। ଏପରିକି ଦୈବ ଦୁର୍ଘଟଣା ବେଳେ ଡମକଳ ଓ ମେଡିକାଲ ଗାଡ଼ି ମଧ୍ୟ ଗାଁକୁ ଯିବା କଷ୍ଟକର ହେଉଛି। ତେଣୁ ବାହାଣିଆ ନିକଟ ଖୋଲା ନାଳ ଉପରେ ଏକ ସେତୁ ଟିଏ ହେଲେ ସଂଯୁକ୍ତ ସରକାରୀ ସ୍ଥାନରେ ରାସ୍ତା ନିର୍ମାଣ ସହିତ ଗମନାଗମନ ସୁବିଧା ହେବ ବୋଲି ଗ୍ରାମବାସୀ ମାନେ ପୂର୍ବରୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଓ ପ୍ରଶାସନିକ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମ ବାସୀଙ୍କ ପାଇଁ ଏକ ସେତୁ ନିର୍ମାଣ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ଖୋଲା ନାଳ ଉପରେ ଏକ ପୋଲ ନିର୍ମାଣ ହେବାକୁ ଯାଉଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ହନୁମାନ ମନ୍ଦିର ଠାରୁ ସେତୁ ଯାଏଁ ସରକାରୀ ରାସ୍ତା ମଧ୍ୟ ନିର୍ମିତ ହେବ। ଏହାଦ୍ୱାରା ନୂଆପଡ଼ା ସମେତ ଟିଖିଲିଆ, ଦାଣ୍ଡକୂଳ, କୂଳସାହି, ମୁଢାପଦା ଗ୍ରାମର ଜନସାଧାରଣ ଅଳ୍ପ ସମୟ ମଧ୍ୟରେ ମାଳଦାରେ ପହଞ୍ଚି ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଯାଇପାରିବେ। ଏହାସହିତ ଚାରିଚକିଆ ଯାନ ବାହାନ ମଧ୍ୟ ଗାଁକୁ ଯିବା ସହଜ ହୋଇଯିବ। ଆସନ୍ତା ୨୦୨୫ ମସିହା ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଜଣାଯାଇଛି।



## ଗ୍ରୀଷ୍ମପ୍ରବାହରେ ନଈ ନାଳ ଶୁଖିଲା

# ତାତିରେ କଲବଲ ପଶୁପକ୍ଷୀ ଓ ମଣିଷ

**ଅସୁରାଳି,୨୦।୪(ସମିସ):** ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହି ରାଜ୍ୟବାସୀଙ୍କୁ କଲବଲ କରୁଥିବା ବେଳେ ଧାମନଗର ବ୍ଲକ ଅଞ୍ଚଳରେ ମଧ୍ୟ ଚଳିତ ଗ୍ରୀଷ୍ମ ପ୍ରବାହ ଅଧିବାସୀଙ୍କୁ କଲବଲ କରୁଛି। ପିଲା ଠାରୁ ବୃଦ୍ଧ ବୃଦ୍ଧ ସମସ୍ତେ ତ୍ରାହି ତ୍ରାହି ଡାକୁଛନ୍ତି। ରାତି ପାହିଲେ ଆକାଶରୁ ନିଆଁ ବର୍ଷା ହେଉଛି। ସକାଳ ୭ଟା ଠାରୁ ପ୍ରବଳ ଗୁଳୁଗୁଳି ଆରମ୍ଭ ହେଇଯାଉଛି। ଏହାରି ଭିତରେ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କୁ ବିଶେଷ କରି ବୁଢା ବୁଢ଼ୀ ତଥା ଶଯ୍ୟାଶାୟୀ ଅସୁସ୍ଥ ଲୋକ ମାନଙ୍କୁ ଉହଳ ବିକଳ କରୁଛି। ଗଡ଼ିଆ, ପୋଖରୀ, କୁଆ ସମସ୍ତ ଜଳାଶୟ ଶୁଷ୍କ। ଏମିତି କି ନଦୀ ଥିବା ଅଞ୍ଚଳରେ ମଧ୍ୟ ନଦୀ ଗୁଡିକରେ ଜଳ ପ୍ରବାହ ଆଦୌ ନାହିଁ କହିଲେ ଚଳେ। ଫଳରେ ଗୃହ ପାଳିତ ପଶୁ ପକ୍ଷୀ ସହିତ ସମସ୍ତ ପ୍ରାଣୀ ଜଳ ଟୋପେ ପାଇଁ ହନ୍ତସନ୍ତ ହେଉଛନ୍ତି। ବେଆଇନ୍ ଗଛ କଟା ସାଙ୍ଗକୁ ବନ ବିଭାଗର ଅଦୁରଦର୍ଶୀତା ପାଇଁ ପଥଚାରୀ କିମ୍ବା ପଶୁପକ୍ଷୀ ଟିକେ ଛାଇ ପାଇବାକୁ ବଞ୍ଚିତ ହେଉଛନ୍ତି। ପର୍ଯ୍ୟାପ୍ତ ବୃକ୍ଷରୋପଣ ନହେବା ବେଳେ ବେଧଡ଼କ ଗଛ କଟାର ପରିଣାମ ଭୋଗିବାକୁ ପଡୁଛି। ପରିବେଶର ସନ୍ତୁଳନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଞ୍ଚାୟତରେ ପାଣି ଟାଙ୍କି ନିର୍ମିତ ହୋଇ ପାଇପ୍ ବିଛାଇ ଦେଇଛନ୍ତି ହେଲେ ଲୋକଙ୍କ ଶୋଷ ମେଣ୍ଟୁନି। ଅଧିକାଂଶ ଅଞ୍ଚଳରେ କେଉଁଠି ଅଧପନ୍ତରିଆ କାର୍ଯ୍ୟ ତ କେଉଁଠି ନିର୍ମାଣ ନହେଉଣୁ ପାଇପ୍‌ରେ ପାଣି ଆସୁନି, କେଉଁଠି ଟ୍ୟାପ ଅଚଳ। ଭୂତଳ ଜଳସ୍ତର କମିଥିବା ବେଳେ ପିଇବା ପାଣି ପାଇଁ ଲୋକେ ହଇରାଣ ହେଉଛନ୍ତି। ସରକାରୀ ଯୋଜନାରେ ଜଳଛତ୍ର କରିବାର ଯୋଜନା ଥିଲେ ବି ସେମିତି ଆବଶ୍ୟକତା ଅନୁସାରେ କେଉଁଠି ଜଳଛତ୍ର କରି ପଥଚାରୀ ମାନଙ୍କୁ ଜଳ ଯୋଗାଇବାର ବ୍ୟବସ୍ଥା ନାହିଁ। ବରଂ ସ୍ୱେଚ୍ଛାକୃତ ଭାବେ କିଛି ସାମାଜିକ ସଂଗଠନ କେତେକ ସ୍ଥାନରେ ଜଳଛତ୍ର କରି ଲୋକଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ଯଦି ସ୍ଥିତି ଏହିପରି ଲାଗି ରୁହେ ଆଗାମୀ ଦିନରେ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିବ। ଜିଲ୍ଲା ପ୍ରଶାସନ ଏହି ସମୟରେ ତୁରନ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ସାଧାରଣ ଲୋକେ ଅନୁରୋଧ କରିଛନ୍ତି।



# ବିନା ଶ୍ରେଣୀଗୃହରେ ଚାଲିଛି ପାଠପଢା

**ବନ୍ତ/ଆଗରପଡ଼ା,୨୦।୪(ସମିସ):** ପିଲା ଅଛନ୍ତି, ଶିକ୍ଷାଦାନ ପାଇଁ ଶିକ୍ଷକ ବି ଅଛନ୍ତି। କିନ୍ତୁ ଶିକ୍ଷା ଲାଭ ପାଇଁ ଶୈକ୍ଷିକ ବାତାବରଣ ନାହିଁ। ଯଦ୍ୱାରା ପିଲାମାନେ ଗୁଣାତ୍ମକ ଶିକ୍ଷା ଲାଭରୁ ବଞ୍ଚିତ ହେଉଛନ୍ତି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକରେ। ସୂଚନା ଅନୁଯାୟୀ; ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ବଟକୃଷ୍ଣ ମଇ ବିଦ୍ୟାଳୟ (ଶ୍ରୀରାମପୁର), ବିପିନବିହାରୀ ମଇ ବିଦ୍ୟାଳୟ (ଭଗାରାମ), ଭାବଗ୍ରାହୀ ମଇ ବିଦ୍ୟାଳୟ (କୁଆଁରନ୍ଦା), ଏକାଦଶୀ ମଇ ବିଦ୍ୟାଳୟ (ଧାନଘର), ନରାଜପୁର ମଇ ବିଦ୍ୟାଳୟ(ନରାଜପୁର), ବିଷ୍ଣୁପ୍ରସାଦ ମଇ ବିଦ୍ୟାଳୟ (ଗୋହିରା), ବାସୁଦେବ ଜିୟୁ ମଇ ବିଦ୍ୟାଳୟ (କେନ୍ଦୁଆପଦା), ଯଶବନ୍ତପୁର, ଦେବତାଗଡ଼ିଆ, ଜିରିଣା, ପଳସା, ରାମଚନ୍ଦ୍ରପୁର, କୁମ୍ଭକରାଳ; ଏହିପରି ୧୩ ଗୋଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଛି। ସେଥିମଧ୍ୟରୁ ରାମଚନ୍ଦ୍ରପୁର ଓ କୁମ୍ଭକରାଳ ବିଦ୍ୟାଳୟ ଦୁଇଟି ବିଭିନ୍ନ ପ୍ରକାର ପାରିପାଶ୍ୱିର୍କ ପରିସ୍ଥିତିରୁ ବନ୍ଦ ହୋଇଯାଇଥିବା ବେଳେ ୧୧ଟି ବିଦ୍ୟାଳୟ ଶିକ୍ଷାଦାନ କରୁଛନ୍ତି। ଉକ୍ତ ୧୧ଟି ବିଦ୍ୟାଳୟରେ ୬ଷ୍ଠ ଓ ୭ମ ଶ୍ରେଣୀରେ ଶିକ୍ଷାଲାଭ କରିବା ପାଇଁ ପିଲା ଅଛନ୍ତି। ତାଙ୍କୁ ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ବି ଅଛନ୍ତି। କିନ୍ତୁ ଶିକ୍ଷାଲାଭ କରୁଥିବା ପିଲାଙ୍କ ପାଇଁ ଶୈକ୍ଷିକ ବାତାବରଣ ନାହିଁ। ଏହି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଗୁଡ଼ିକ କୌଣସିବ୍ୟକ୍ତି ବିଶେଷଙ୍କ ପ୍ରଚେଷ୍ଟାରେ ଓ ନିଜସ୍ୱ ଦାନ ଜାଗାରେ ଗଢି ଉଠିଥିବାରୁ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ଉନ୍ନତି ନିମନ୍ତେ ସରକାରୀ ଅନୁଦାନ ମିଳିନଥାଏ। କେବଳ ସର୍ବଶିକ୍ଷା ଅଭିଯାନ ତରଫରୁ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ ଘର ଓ ପିଲାଙ୍କୁ ବହି-ଖାତା ଏବଂ ପୋଷାକ ଆଦି ପ୍ରଦାନ କରାଯାଇଥାଏ। ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗୋହିରା ଠାରେ ୧୯୯୨ ମସିହାରେ ବିଷ୍ଣୁପ୍ରସାଦ ମଇ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା। ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ୬ଷ୍ଠ ଓ ୭ମ ଶ୍ରେଣୀରେ ୧୪ ଜଣ ପିଲା ଅଧ୍ୟୟନ କରୁଛନ୍ତି। ୧୪ ଜଣ ପିଲାଙ୍କୁ ଶିକ୍ଷାଦାନ ପାଇଁ ଜଣେ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ବିଡମ୍ବନାର ବିଷୟ ଉକ୍ତ ପିଲାଙ୍କ ଅଧ୍ୟୟନ ପାଇଁ କୌଣସିନିଜସ୍ୱ ଶ୍ରେଣୀ ଗୃହ ନାହିଁ। ସେମାନେ ବର୍ତ୍ତମାନ ଗୋହିରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହରେ ଶିକ୍ଷାଲାଭ କରୁଛନ୍ତି। ପ୍ରତିଷ୍ଠାକୁ ୩୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାର ଭିତ୍ତିଭୂମିରେ କୌଣସିଉନ୍ନତି ହୋଇପାରିନାହିଁ। ଅପରପକ୍ଷରେ ପ୍ରାଥମିକ ବିଦ୍ୟାଳୟ ୨୦୨୧ ମସିହାରୁ ନିକଟସ୍ଥ ବିଦ୍ୟାଳୟରେ ମିଶିଯାଇଥିବାରୁ ଏହା ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଖାଲି ଗୋହିରା ନୁହେଁ; ଏହିପରି ଅନ୍ୟ ୧୦ ଗୋଟି ବିଦ୍ୟାଳୟର ଅବସ୍ଥା ମଧ୍ୟ ସଙ୍କଟାପନ୍ନ। ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ପିଲା ଆସୁଛନ୍ତି। ସରକାର ଶିକ୍ଷକଙ୍କୁ ଦରମା ମଧ୍ୟ ଦେଉଛନ୍ତି; କିନ୍ତୁ ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା ପାଇଁ କୋଣସି ସରକାରୀ ଅନୁଦାନର ସୁବିଧା ଯୋଗାଇ ଦେଉନଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ ହେଉଛି। ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ପ୍ରୟାସ ଜାରି ରଖିଥିବା ବେଳେ ଏହି ସବୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାମାନେ ଗୁଣାତ୍ମକ ଶିକ୍ଷା ଲାଭରୁ ବଞ୍ଚିତ ହେବା ବଡ଼ ଦୁଃଖ ଓ ବିଡ଼ମ୍ବନାର ବିଷୟ। ତେଣୁ ଉକ୍ତ ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହେଉଛି।



# ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଭଦ୍ରକ ରୋଟାରୀ କ୍ଲବ୍ ପରିଦର୍ଶନ

**ଭଦ୍ରକ,୨୦।୪(ସମିସ):** ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଭଦ୍ରକ ରୋଟାରୀ କ୍ଲବ ଅଫିସିଆଲ୍ ପରିଦର୍ଶନ ଓ ବିଦ୍ୟାଳୟସ୍ତରୀୟ ସୁନ୍ଦର ବକ୍ତୃତା ପ୍ରତିଯୋଗିତା ଏବଂ ବିବେକାନନ୍ଦ ଦିବସ ପାଳନ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଓ ସମ୍ମାନିତ ଅତିଥି ଆସିଷ୍ଟାଣ୍ଟ ଗଭର୍ଣ୍ଣର୍ ସାଜନ ସୁରେଖା ଯୋଗଦେଇ ୨୭୦ ଜଣ ଛାତ୍ରଛାତ୍ରୀଙ୍କୁ ରୋଟାରୀ ଆୱାର୍ଡ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଡ.ଗୋଲକ ବିହାରୀ ସାହୁ, ଅଟଳବିହାରୀ ନାୟକ, ଡ.ପ୍ରଫୁଲ୍ଲ ସାହୁ, ରାଧାରାଣୀ ମହାପାତ୍ର, ଅଭୟ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଲେଖିକା ଓ ଶିକ୍ଷାବିତ୍ ଡ.ଝରଣା ପଟ୍ଟନାୟକ, କୃତି ଶିକ୍ଷକ ଭାବେ ପ୍ରଶାନ୍ତ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଚେୟାରମେନ ଗୟାଧର ପଣ୍ଡା, ଆୱାର୍ଡ କମିଟି ଚେୟାରମେନ ଅମ୍ବିକା ବଲ୍ଲଭ ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ୍ ସଭାପତି ପ୍ରଣବ କୁମାର ସାହୁଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ତଥା ଡିଆର୍‌ସିସି ଇନ୍ଦ୍ରଜିତ ସାହୁ ରୋଟାରୀ ଆୱାର୍ଡ ବଣ୍ଟନ ବ୍ୟବସ୍ଥା କରିଥିଲେ। ସୀତାକାନ୍ତ ଦାସ, ବସନ୍ତ ପାଣିଗ୍ରାହୀ, ଉମାକାନ୍ତ ଜେନା, ବାଦଲ କିଶୋର ମହାପାତ୍ର, ନାସିର ବକ୍ସ, ସନ୍ତୋଷ ନାୟକ, ଶାନ୍ତିସ୍ୱରୂପ ମିଶ୍ର, ଶଶିଶେଖର କରଶର୍ମା, ପୂର୍ଣ୍ଣଚନ୍ଦ୍ର ସାହୁ, ଭାସ୍କର ପାଢ଼ୀ, ପ୍ରମୋଦ ଜେନା, ଅଭିଜିତ ନାୟକ, ଶୈଳେନ୍ଦ୍ର ପାଢ଼ୀ, କମଳା ବେହେରା, ଝୁରନ୍‌ବାଳା ଖୁଣ୍ଟିଆ, ବୈରାଗୀ ଧଳ ପ୍ରମୁଖ ପୁରସ୍କାର ବିତରଣ ଓ ସଭା କାର୍ଯ୍ୟରେ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରୀ ଭବନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କର ଅଫିସିଆଲ୍ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗିଲାଲ ବଳଦେବା ସହଯୋଗ କରିଥିଲେ। କ୍ଲବ୍ ପ୍ରାଙ୍ଗଣରେ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇ ପଥିକଙ୍କୁ ଦହି ସର୍ବତ ପ୍ରଦାନ କରାଯାଇଥିଲା। ମିଶନ ପବ୍ଲିକ ସ୍କୁଲ ଓ ସିଆଇଟିର ରୋଟାରାକ୍ଟ ସଭ୍ୟମାନେ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସନ୍ତୋଷ ନାୟକ ଧନ୍ୟବାଦ୍ ଦେଇଥିଲେ।




# ବିଶାଣିଖରିଦା ବାସନ୍ତୀ ଦୁର୍ଗା ପୂଜାର ରୌପ୍ୟ ଜୟନ୍ତୀ



**ଭଦ୍ରକ,୨୦।୪(ସମିସ):** ଚରମ୍ପା ବିଶାଣିଖରିଦା ଠାରେ ମା'ବାସନ୍ତୀ ଦୁର୍ଗା ପୂଜା କମିଟି ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କମିଟିର ଉପଦେଷ୍ଟା ପୂର୍ବତନ ପ୍ରଧାନଶିକ୍ଷକ ଗଗନବିହାରୀ ରାଉତଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ପଣ୍ଡିତ ଦୈତ୍ୟାରୀ ମହାପାତ୍ର ମୁଖ୍ୟଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଇଂ.ଅଭୟ ସୂତାର ସମ୍ମାନୀତ ଅତିଥି ଓ ଅଧ୍ୟାପକ ନିହାର ରଞ୍ଜନ କର ସମ୍ମାନିତ ବକ୍ତା ଭାବେ ଯୋଗ ଦାନ କରି ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ପୂଜକ ପଣ୍ଡିତ ମାଧବାନନ୍ଦ ମିଶ୍ର ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଂପାଦକ ଚିତ୍ତରଞ୍ଜନ ବିଶ୍ୱାଳ, ସଭାପତି ଦୀପ୍ତିରଞ୍ଜନ ଦାସ ଓ ସର୍ବବରିଷ୍ଠ ପ୍ରତିଷ୍ଠାତା ଭାଗବତ ପଢିଆରୀ, କାଳୀପୂଜା କମିଟି ସଭାପତି ଶ୍ୟାମସୁନ୍ଦର ଗୁପ୍ତା, ସଂପାଦକ ନାରାୟଣ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଅନୁପ ବୋଷ, ଦୁର୍ଗାପୂଜା ସଂପାଦକ ଜୟନ୍ତୀ ସେନାପତି ଓ ସମାଜସେବୀ ସଂପାଦନା ମଣ୍ଡଳୀ ସଭ୍ୟ ବାବୁଲାଲ ଦାସ ପ୍ରମୁଖ ବ୍ୟକ୍ତିମାନେ ମଞ୍ଚାସୀନ ହୋଇଥିବା ବେଳେ କମିଟିର ସଂପାଦକ ଚିତରଞ୍ଜନ ବିଶ୍ୱାଳଙ୍କ ସୁକନ୍ୟା ଧୃତିକା ବିଶ୍ୱାଳ ଏକ ସୁନ୍ଦର ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କମିଟିର ରୌପ୍ୟ ଜୟନ୍ତୀ ମୁଖପତ୍ର 'ବାସନ୍ତିକା' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ଓ ମୁଖ୍ୟ ସଂପାଦକ ଗଗନ ବିହାରୀ ରାଉତ ପତ୍ରିକା ସଂପର୍କରେ ସମୀକ୍ଷା କରିଥିଲେ। ବାସନ୍ତୀ ଦୁର୍ଗା ପୂଜା କମିଟିର ପ୍ରାଣ ପ୍ରତିଷ୍ଠାତା ସୁଦର୍ଶନ ବିଶ୍ୱାଳ ଓ ଉଦୟନାଥ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ବକ୍ତାମାନେ ମାତୃଶକ୍ତି ଓ ତାର ଉପାସନା ସଂପର୍କରେ ସୁଦୀର୍ଘ ଭାଷଣ ପ୍ରଦାନ କରିଥିଲେ। କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ। ସଞ୍ଚାଳକ ଶ୍ରୀତମ ପାଣିଗ୍ରାହୀ ଉତମ ସଞ୍ଚାଳନା କରିଥିବାବେଳେ ବାବୁଲାଲ ଦାସ ଶେଷ ସ୍ୱର୍ଶ ଦେଇଥିଲେ ଓ ପରେ ପରେ ସୁନ୍ଦର ମନୋରମ ଭଜନ ସଂଧ୍ୟାର ଆୟୋଜନ କରାଯାଇଥିଲା।

# ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ

**ଦୋବଲ,୨୦।୪(ସମିସ):** ଷେଣ୍ଢପୁର-ଧାମନଗର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ଛାଡ଼ି ଠିକାଦାର ଛୁ ମାରିଥିବା ବେଳେ ଅଧାଖଣ୍ଡିଆ ରାସ୍ତାରେ ଗାଡ଼ି ମୋଟର ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଅଦିନିଆ ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ଜଳ ଜମିରହିଛି। ଫଳରେ ରାସ୍ତାର ପିଚୁ ନଷ୍ଟ ହେବା ସହ କଂକ୍ରିଟ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ପାଣି ଜମି ରହିଥିବାବେଳେ ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲରେ ପଡ଼ି ଗୁରୁତର ହେଉଥିବା ଦେଖିବାକୁ ମିଳିଛି। ସେହିପରି ଦୋବଲ ବଜାର ଦୁଇ ପାର୍ଶ୍ୱ ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି। ଫଳରେ କେଉଁଠି ୨ଫୁଟ ପାଣି ତ କେଉଁଠି ୩ଫୁଟ ଉଚ୍ଚର ପାଣି ରାସ୍ତା ମଝିରେ ଲହଡ଼ି ମାରୁଛି। ନକ୍ସାରେ ରାସ୍ତାର ଚଉଡ଼ା ହାରାହାରି ୪୦ରୁ ୫୦ କଡ଼ି ରହିଛି। ଏପରିକି କିଛି ସ୍ଥାନରେ ୭୫ରୁ ୮୦ କଡ଼ି ଚଉଡ଼ା ଅଛି। ସାଧାରଣ ଭାବେ ରାସ୍ତାର ଚଉଡ଼ା ପ୍ରାୟ ୪୦ ଫୁଟ ଥିଲା ବୋଲି ସ୍ଥାନୀୟ ଲୋକେ କହିନ୍ତି। ଏବେ ରାସ୍ତାର ଚଉଡ଼ା ପ୍ରାୟ ୨୦ ଫୁଟକୁ କମି ଆସିଛି। ଯାହା ଫଳରେ ବିଭିନ୍ନ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅକାରଣରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ବଜାର ମଝାମଝିରେ ବେଳେବେଳେ ୨ଟି ଗାଡ଼ି ପାସ୍ କରିବା କାଠିକର ପାଠ ହୋଇଯାଉଛି। ବିଶେଷ କରି ଦୋବଲ ହାଟ ପାଳି ଦିନ ଟ୍ରାଫିକ ସମସ୍ୟା ସଂଗୀନ ହୋଇପଡୁଛି। ଦୋବଲ ରାସ୍ତାର ସ୍ଥିତି ପୂର୍ବରୁ ସେମିତି ନଥିଲା। ଗତ ୧୦ ବର୍ଷ ଭିତରେ ଦୋବଲ ବଜାରର ଆକାର ବଢ଼ିବା ସାଙ୍ଗକୁ ନୂଆ ଦୋକାନ ସବୁ ହେଲା। ଏତିକି ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦୁଇ ପାର୍ଶ୍ୱରୁ ରାସ୍ତାପଟକୁ ମାଡ଼ି ଆସିଲେ। ଜବରଦଖଲ କରି ଘର, ଦୋକାନ ଘର କରିଦେବାରୁ ରାସ୍ତା ସଂକୁଚିତ ହୋଇଯାଇଛି। ଚନ୍ଦନ ଜୁଏଲର୍ସ ସାମନାରେ ରାସ୍ତା ଏକବାର ଅଣଓସାରିଆ ହୋଇଯାଇଛି। ତା' ସହିତ ଗୋଟିଏ ପଟେ କୋଠା ଓ ଆରପଟେ ଉଚ୍ଚ ପିଣ୍ଡାର ଦୋକାନ ଘର। ଯାହା ଫଳରେ ବର୍ଷା ଦିନେ ପାଣି ପାସ୍ କରିପାରୁନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଛିଡ଼ା ହୋଇଯାଉଛି। ଖାଲି ଏତିକି ନୁହେଁ, ଗାଡ଼ି ଯିବା ଆସିବା କରିବାରେ ବାଧା ଉପୁଜୁଛି। ସେହିପରି ବଡ଼ ବଡ ଦୋକାନୀମାନେ ରାସ୍ତା କଡ଼ରେ ଗୋଦାମ ଘର ରହିଛି। ଏହି ଗୋଦାମକୁ ବଡ଼ ବଡ଼ ଟ୍ରକ ମାଲ୍ ନେଇ ଆସୁଛି। ଯାହାକି ରାସ୍ତା ଉପରେ ଗାଡି ରଖି ଘଣ୍ଟା ଘଣ୍ଟା ଅନ୍‌ଲୋଡ କରାଯାଉଛି। ଏଠାରେ ମାଲ୍ ଅନଲୋଡ଼ ହେଲାବେଳେ ରାସ୍ତା ମାତ୍ର ୧୦ ଫୁଟ ଚଉଡ଼ା ରହୁଛି। ଏଣୁ ଗାଡ଼ି ଯାତାୟାତ କରିବାକୁ ଲାଇନ ଲାଗିଯାଉଛି। ଅନ୍ୟପଟେ ଖାଲଖମା ଭର୍ତ୍ତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ ପାଇଁ ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ଠିକାଦାର ରାସ୍ତା ଖୁଳି କଛି ସ୍ଥାନରେ ଦଷ୍ଟ ମିଶା ବଜୁରି ପକାଇବା ସହ ଅଧା କିଲୋମିଟର ପକା ରାସ୍ତା ନିର୍ମାଣ କରିଦେଇ ୩ରୁ ୪ମାସ ହେବ ଛୁ ମାରିଛି। ତେଣୁ ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।



# ସରକାରୀ ସହାୟତା ଅପେକ୍ଷାରେ ଚାରୁଲତା

**ଅସୁରାଳି,୨୦।୪(ସମିସ):** ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ଝାରଡିଆ ଗାଁର ବିଦ୍ୟାଧର ଜେନାଙ୍କ ପତ୍ନୀ ଚାରୁଲତା ଯେନା(୬୧) ଜଣେ ଅତ୍ୟନ୍ତ ଦୁଃଖ ଓ ଦାରିଦ୍ର୍ୟତା ଭିତରେ ଦିନ ବିତାଉଛନ୍ତି। ବିମ୍ବାଧର ଦୀର୍ଘଦିନ ଧରି ଜଣେ ରିକ୍ସା ଚାଳକ ଭାବରେ ରିକ୍ସା ଟାଣି ପେଟ ପୋଷୁଥିଲେ। ଶାରୀରିକ ଅସୁସ୍ଥତା ପାଇଁ ତାହା ଛାଡ଼ିବାକୁ ପଡ଼ିଲା। ବାଧ୍ୟ ହୋଇ ପରଘରେ ବିଲବାଡିରେ ମଜୁରୀ ଖଟି ନିଜର ପରିବାର ଅଭାବ ଅନଟନ ଭିତରେ ପ୍ରତିପୋଷଣ କରୁଥିଲେ। ରୋଗ ଓ ବୟସାଧିକ୍ୟ ପାଇଁ ତାହା ମଧ୍ୟ ଆଉ ସମ୍ଭବ ହେଇ ପାରୁନି। ଓଳିଏ ଖାଇଲେ ଓଳିଏ ଉପବାସ ରେ ଦିନ କଟୁଚି ତାଙ୍କର। ଝିଅକୁ ବିବାହ ଦେବା ପାଇଁ ଯେଉଁ ଅଳ୍ପ କିଛି ଜମି ଥିଲା ତାକୁ ମଧ୍ୟ ଶାଗ ମାଛ ଦରରେ ବିକ୍ରି କରିବାକୁ ପଡ଼ିଲା। ଆର୍ଥିକ ସମ୍ବଳହନୀ ଏହି ଦରିଦ୍ର ପରିବାର ପ୍ରତି କାହାରି ଦୃଷ୍ଟି ନାହିଁ। ଘର ଖଣ୍ଡିଏ ନାହିଁ ତାଙ୍କର। ଭଙ୍ଗା କୁଡିଆ ରେ ଜରି ପାଲ ଟାଣି ପରିବାର ରହୁଛନ୍ତି। ଝଡ ବାତ୍ୟା ସମୟରେ ଦୁଃଖ କହିଲେ ନସରେ। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ଅଧିକାରୀ ଓ ବ୍ଲକ ପ୍ରଶାସକଙ୍କୁ ଅନେକ ନେହୁରା ହୋଇଥିଲେ ବି କେହି ତାଙ୍କ କଥା ବୁଝି ନାହାନ୍ତି। ପ୍ରତିଶ୍ରୁତି ଆଉ ପ୍ରତାରଣା ଭିତରେ ତାଙ୍କ ଦୁଃଖ ଚାପି ହୋଇ ଯାଇଛି। ସେଥିରେ ପୁଣି ରାସନ୍ କାର୍ଡରୁ ତାଙ୍କ ପରିବାର ଲୋକଙ୍କ ନାମ କଟି ଯାଇଛି। ସରକାରଙ୍କ ଗରିବ କଲ୍ୟାଣ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ପ୍ରଶାସନ ଏହି ଦୁଃଖୀ ପରିବାର ପ୍ରତି ସଦୟ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ମୌଳିକ ସୁବିଧାରୁ ବଞ୍ଚିତ ବାହାଦଲପୁର ଓ ନଳିତାଗଡ଼ିଆବାସୀ

**ବନ୍ତ/ଆଗରପଡ଼ା,୨୦।୪(ସମିସ):** ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ୧୯ନଂ ୱାଡର଼୍ର ଦୁଇ ଗାଁ ବାହାଦଲପୁର ଓ ନଳିତାଗଡ଼ିଆରେ ଗମନାଗମନ, ଶିକ୍ଷା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ସବୁ ବ୍ୟବସ୍ଥା ଲୋକଙ୍କ ପାଇଁ ପାଲଟିଛି ସାତ ସପନ। ଛୋଟିଆ ଗାଁ ବାହାଦଲପୁର ଯାହାର ଲୋକସଂଖ୍ୟା ୧୧୦। ଚାରିପଟେ ଚାଷଜମି ମଧ୍ୟରେ ରହିଯାଇଛି ଏହି ଛୋଟିଆ ଗାଁ। ମାତ୍ର ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆଡ଼ିଆ ଠାରୁ ଜିରିଣାକୁ ଲମ୍ବିଥିବା ମାଟି ରାସ୍ତାରେ ଯିବାପରେ ଚାଷଜମି ହିଡ଼ ରେ ପ୍ରାୟ ୨ଶହ ମିଟର ଗଲାପରେ ଏହି ଗାଁ ପଡ଼େ। ଏହି ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଙ୍କୁଳ। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇ ଆଦୌ ସମ୍ଭବ ନୁହେଁ। ଚାଷଜମି ମଧ୍ୟରେ ୨/୩ ଫୁଟର ଲମ୍ବ ଥିବା ଏହି ମାଟି ରାସ୍ତାଟି ଖାଲ ଢିପରେ ପରିପୂର୍ଣ୍ଣ। ଧାନ ଫସଲ ସମୟରେ ସାପ ତଥା ଅନ୍ୟାନ୍ୟ କୀଟପତଙ୍ଗ ଏଠାରେ ଯାତାୟାତ ସଦାସର୍ବଦା କରିଥାନ୍ତି। ସଂଧ୍ୟାପରେ ଯିବା ଅର୍ଥ ବିପଦକୁ ଡ଼ାକି ଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯାଆଆସ କରିଥାନ୍ତି। ବଜାରକୁ ନ ଗଲେ ରୋଷେଇ ବନ୍ଦ, ପୁଣି କଲେଜକୁ ନ ଗଲେ ପାଠ ପଢା ବନ୍ଦ, ତେଣୁ ସମସ୍ତଙ୍କୁ ସବୁବେଳେ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ହୋଇଥାଏ। ଗାଁ ମଝିରେ ପଞ୍ଚାୟତ ପୋଖରୀଟି ଥିବାରୁ ଗାଁ ମଧ୍ୟରେ ରାସ୍ତା ଆଦୌ ନାହିଁ ବୋଲି କହିଲେ ଚଳେ। ପୋଖରୀ ହୁଡ଼ାରେ ଗାଁ ମଧ୍ୟରେ ଯାଆଆସ କରିବାକୁ ହୋଇଥାଏ। ଆଡ଼ିଆରୁ ଏହି ଗାଁକୁ ଲମ୍ବିଥିବା ରାସ୍ତାଟି ଆସି ଜନୈକ ଗ୍ରାମବାସୀଙ୍କ ନିଜସ୍ୱ ଜାଗାକୁ ସଂଯୋଗ କରିଛି। ସମସ୍ତ ଗ୍ରାମବାସୀ ଏହି ବ୍ୟକ୍ତିଗତ ଜାଗା ଦେଇ ନିଜନିଜ ଘରକୁ ଆସିଥାନ୍ତି। ଅନୁରୂପଭାବେ ନଳିତାଗଡ଼ିଆ ଗ୍ରାମର ଲୋକସଂଖ୍ୟା ପାଖାପାଖି ୬୦। ଏହି ଗାଁର ଅବସ୍ଥା ତଦ୍ରୂପ, କାଦୁଅ ପଚପଚ ରାସ୍ତାଟି ଖାଲଖମାରେ ଭର୍ତ୍ତି। ଏହି ଗାଁ ଓ ବାହାଦଲପୁର ଗାଁ ରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ଅଙ୍ଗନବାଡ଼ି,ସ୍କୁଲ ତଥା କଲେଜକୁଏହି ରାସ୍ତାଦେଇ ପ୍ରତିଦିନ ଅଧ୍ୟୟନ ପାଇଁ ଆସିଥାନ୍ତି। ବର୍ଷା ଋତୁ ରେ ଏହି ଦୁଇ ଗାଁ ବାହ୍ୟ ଜଗତରୁ ବିଛିନ୍ନ ପ୍ରାୟ ହୋଇଯାଇଥାଏ। ଏହି ୨ଟି ଗାଁର ରୋଗୀମାନଙ୍କୁ ଖଟିଆରେ ବୋହା ହୋଇ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥାଏ। ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ, ଏହି ଗାଁର ପ୍ରାୟ ୫କି.ମି. ଦୂରରେ ରହିଥାନ୍ତି କାରଣ ଏହି ସଂକୀର୍ଣ୍ଣ ରାସ୍ତାରେ ଚାରିଚକିଆ ଗାଡ଼ି ଆସିବା ସମ୍ଭବପର ହୁଏ ନାହିଁ। ଏହି ପରି ଅସମ୍ଭବ ପରିସ୍ଥିତମାନ ଏହି ଗାଁ ଲୋକେ ସମ୍ମୁଖୀନ ହେଉଛନ୍ତି। ଗମନାଗମନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ମହଲରୁ ବିଭିନ୍ନ ସମୟରେ ପ୍ରତିଶୃତିମାନ ମିଳୁଥିଲେ ପ୍ରତି ସୁଦ୍ଧା ତାହା ଆଜିଯାଏ କେବଳ ପ୍ରତିଶୃତିରେ ହିଁ ରହିଯାଇଛି ବୋଲି ଗ୍ରାମର ହୃଷିକେଶ ପାତ୍ର କହିଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାଶରଥି ନାୟକ, ଭାବଗ୍ରାହୀ ନାୟକ, ଅଭିରାମ ରାଉତ, ଗୟାଧର ରାଉତ, ସୁଦର୍ଶନ ମଲ୍ଲିକ, କାଳିଆ ମଲ୍ଲିକ, ଉମାକାନ୍ତ ଜେନା, ଅଲେଖ ଜେନା, ବଳରାମ ଜେନା, ପର୍ଶୁରାମ ଯେନା, ବଂଶିଧର ଯେନା.ରମେଶ ନାୟକ ,କାଳନ୍ଦୀ ନାୟକ ଓ ଭାରତୀ ରାଉତଙ୍କ ସମେତ ଶତାଧିକ ମହିଳା ଦୃଢ ଦାବି କରିଛନ୍ତି।





ସକାଳ
THE SAKALA



■ ନୂଆଗଡ଼ରେ ସିରିଜ୍ ଦୁର୍ଘଟଣା

## ୨ ଟ୍ରକ୍ ଡ୍ରାଇଭର ଆହତ

ରଗଡ଼ି, ୨୦।୪(ସମିସ): କୋରେଇ ଥାନା ଅନ୍ତର୍ଗତ ନୂଆଗଡ଼ରେ ସିରିଜ୍ ଦୁର୍ଘଟଣା ହୋଇଛି। ୩ଟି ଟ୍ରକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାବେଳେ ୨ ଜଣ ଡ୍ରାଇଭର ଆହତ ହୋଇଛନ୍ତି। ନୂଆଗଡ଼ ଛକରେ ୨ ଦିନ ଧରି ଏକ ୧୦ଚକିଆ ଟ୍ରକ ବ୍ରେକଡାଉନ ହୋଇ ରାସ୍ତା କଡ଼ରେ ଠିଆ ହୋଇଥିଲା। ଆଜି ୧୦ଟା ସମୟରେ ଏକ ଟ୍ରକ୍ ଏହି ଟ୍ରକକୁ ଧକ୍କା ଦେବା ସହିତ ରାସ୍ତାରେ ଯାଉଥିବା ଅନ୍ୟଏକ ପିଚୁ



ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକ୍‌ଟି ଚୂରମାର ହୋଇଯିବା ସହିତ ପିଚୁ ବୋଝେଇ ଟ୍ରକ୍ ରାସ୍ତାରେ ଓଲଟିପଡ଼ିଥିଲା। ବ୍ରେକଡାଉନ ହୋଇଥିବା ଟ୍ରକ୍ ବିଲ ଭିତରକୁ ଚାଲିଯାଇଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିଲେ ହୋଇ ଡ୍ରାଇଭର ଦୁଇଜଣ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। କୋରେଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହିତ ରାସ୍ତା ଉପରେ ଓଲଟି ପଡ଼ିଥିବା ଟ୍ରକ୍‌କୁ ଉଠାଇଥିଲେ।

■ ଟ୍ରକ୍ ଧକ୍କାରେ ଦମ୍ପତି ଗୁରୁତର ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ପତ୍ନୀ ମୃତ



ସୁକିନ୍ଦା, ୨୦।୪(ସମିସ): ମଙ୍ଗଳପୁର-ଟମକା ରାସ୍ତାର ଦାମୋଦରପୁର ଛକ ନିକଟରେ ଟ୍ରକ୍ ଧକ୍କାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଦମ୍ପତିଙ୍କ ମଧ୍ୟରୁ ପତ୍ନୀ ଭବାନୀ ମହାନ୍ତ(୪୭)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ପିମ୍ପୁଡିଆ ଗ୍ରାମର ଗୌରାଙ୍ଗ ମହାନ୍ତ ଗତ ଗୁରୁବାର ରାତିରେ ପତ୍ନୀ ଭବାନୀ ମହାନ୍ତଙ୍କୁ ବାଇକ୍‌ରେ ନେଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ସମୟରେ ଦାମୋଦରପୁର ଛକ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଗୌରାଙ୍ଗଙ୍କ ହାତ ଭାଙ୍ଗିଯାଇଥିବାବେଳେ ପତ୍ନୀ ଭବାନୀଙ୍କ ମୁହଁ ଓ ଦେହର ବିଭିନ୍ନ ସ୍ଥାନରେ ଗଭିର ଆଘାତ ଲାଗି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପୂର୍ବାହ୍ନରେ ପତ୍ନୀ ଭବାନୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ରେଳ ସୁରକ୍ଷା ବଳ ପକ୍ଷରୁ ଜଳଛତ୍ର

ବ୍ୟାସନଗର, ୨୦।୪(ସମିସ): ଯାଜପୁର କେନ୍ଦୁଝରରୋଡ ରେଳ ସୁରକ୍ଷା ବଳ ଅଧିକାରୀ ପ୍ରବୀଣ କୁମାର ଓ କର୍ମଚାରୀଙ୍କ ଦ୍ୱାରା ଶନିବାର ଯାଜପୁର କେନ୍ଦୁଝରରୋଡ ରେଳଷ୍ଟେସନ ପରିସରରେ ଯାତ୍ରୀଙ୍କୁ ଥଣ୍ଡା ପାନୀୟଜଳ ଯୋଗାଣ ପାଇଁ ଜଳଛତ୍ର କେନ୍ଦ୍ର ଖୋଯାଇଛି। ବର୍ତ୍ତମାନ ବ୍ୟାସନଗରରେ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ରେଳ ଯାତ୍ରୀଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଶନିବାର ଏହି ଜଳଛତ୍ର ବା ଜଳସେବା କେନ୍ଦ୍ରରେ ପ୍ରାୟ ୩୦୦ରୁ ୪୦୦ ରେଳଯାତ୍ରୀଙ୍କୁ ଥଣ୍ଡା ପାନୀୟଜଳ ବଣ୍ଟନ କରାଯାଇଥିଲା।

## ଅଶୋକଝରର ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ

ସୁକିନ୍ଦା, ୨୦।୪(ସମିସ): ସୁକିନ୍ଦା ଖଣି ଅଞ୍ଚଳର ଅଶୋକଝରର ଜଙ୍ଗଲରେ ନିଆଁ ଲଗାଉଥିବା ଅଭିଯୋଗରେ ବନ ବିଭାଗ ମାଧ ପ୍ରଧାନ (୫୦) ଓ ବୋଇସା ପ୍ରଧାନ (୫୪)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗତ ଶୁକ୍ରବାର ଦିନ କାଳିଆପାଣି ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ଗ୍ରାମର ଚକ୍ର ପ୍ରଧାନଙ୍କ ପୁଅ ମାଧ ପ୍ରଧାନ ଓ ରସିଆ ପ୍ରଧାନଙ୍କ ପୁଅ ବୋଇଶା ପ୍ରଧାନ ଖଣି ଅଞ୍ଚଳସ୍ଥ ଅଶୋକଝରର ଜଙ୍ଗଲରେ ନିଆଁ ଲଗାଉଥିବା ବନପାଳ ନରେଶ ଟୁଡୁ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ବନପାଳ ନରେଶ ଟୁଡୁ ଏକ ସ୍ୱତନ୍ତ୍ର ଟିମ୍ ସହ ଅଶୋକଝରର ଜଙ୍ଗଲରେ ପହଞ୍ଚି ନିଆଁ ଲଗାଉଥିବା ଦୁଇ ବ୍ୟକ୍ତି ମାଧ ପ୍ରଧାନ ଓ ବୋଇଶା ପ୍ରଧାନଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ପାଣିକୋଇଲିରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ପାଣିକୋଇଲି, ୨୦।୪(ସମିସ): ସାଧାରଣ ନିର୍ବାଚନ ବିଗୁଲ୍ ବାଜିଛି। ସମସ୍ତ ଦଳର ସମ୍ପୂର୍ଣ୍ଣ ପ୍ରାର୍ଥୀ ତାଲିକା ଘୋଷଣା ହୋଇ ନ ଥିଲେ ହେଁ ଏହାକୁ ଶାନ୍ତିଶୃଙ୍ଖଳାର ଆୟୋଜନ କରିବାକୁ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ପାଣିକେଇଲି ପୁଲିସ ପକ୍ଷରୁ ଆଜି ତୃତୀୟ ଦଫା ଫ୍ଲାଗମାର୍ଚ୍ଚ କରାଯାଇଛି। ମୂଳାପାଳ ପଞ୍ଚାୟତର ଧନତ୍ରୀ ଓ ଗୋବିନ୍ଦପୁର, କରଦା ପଞ୍ଚାୟତର ରାଣୀଗୋଡା ଓ ଭକଣ୍ଡରୀ, ପଥରପଦା ପଞ୍ଚାୟତର ଖସାଗଡ଼ିଆ ଓ ଓଚିନ୍ଦା ଆଦି ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରିଣୀ ଲିଜାରାଣୀ ବିଶ୍ୱାଳ, ଏସଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ ଦାସ ସଦଳବଳେ ଯବାନଙ୍କ ସହ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ।

# ଶ୍ୟାମଦାସପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

ଯାଜପୁର, ୨୦।୪(ସମିସ)





ଯାଜପୁର ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଦଶରଥପୁର ବ୍ଲକର ପୂର୍ବତନ ଅଧକ୍ଷା ତଥା ଜିଲ୍ଲା ମିଶନଶକ୍ତି ସଭାନେତ୍ରୀ ସୁଜାତା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମନୋନୀତ କରିବାରୁ ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତରେ ଖୁସିର ଲହରି ଖେଳିଯାଇଛି। ଆଜି ଅପରାହ୍ନରେ ସୁଜାତାଙ୍କୁ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ପଞ୍ଚାୟତର ସାଧାରଣ ଜନତା। ଏଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରାଇବାକୁ ପରାମର୍ଶ ଦିଆଯାଇଛି।

ଯାଜପୁର ବ୍ଲକ ବିଜୁ ଜନତା ଦଳର ସମ୍ପାଦକ ଅମରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନରେ ସୁଜାତାଙ୍କ ପ୍ରାର୍ଥୀତ୍ୱକୁ ଦୃଢ଼ ସମର୍ଥନ ଜଣାଇବା ସହ ଏହି ପଞ୍ଚାୟତର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଶଙ୍ଖ ଚିହ୍ନରେ ମୋହର ମାରି ସୁଜାତା ସାହୁଙ୍କୁ ଆଶୀର୍ବାଦ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ ବିଧାୟକ ବବି ଭାଇଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ପ୍ରକାଶ ତ୍ରିପାଠୀ ଯୋଗଦେଇ ମହିଳାଙ୍କୁ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାର ଯେଉଁ ସ୍ୱପ୍ନ ନେଇ ମୁଖ୍ୟମନ୍ତ୍ରୀ ଯାଜପୁର ନିର୍ବାଚନ ମଣ୍ଡଳୀରେ ଜଣେ ଦକ୍ଷ ମହିଳାଙ୍କୁ ପ୍ରାର୍ଥୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ସଭାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ପ୍ରାର୍ଥିନୀ ସୁଜାତା ସାହୁ ଶାମଦାସପୁର ପଞ୍ଚାୟତର ସମସ୍ତ ଭୋଟର ଭାଇଭଉଣୀଙ୍କୁ ନିବେଦନ ପୂର୍ବକ ଶଙ୍ଖ ଚିହ୍ନରେ ଶତପ୍ରତିଶତ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ଯୁବ ନେତା ଅଜୟ କୁମାର ମହାନ୍ତି ଉପସ୍ଥିତ ଥିବା ସମସ୍ତଙ୍କୁ ବିଧାୟକ ପ୍ରାର୍ଥିନୀ ସୁଜାତା ସାହୁ ଓ ଲୋକସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଉଭୟଙ୍କୁ ଶଙ୍ଖ ଚିହ୍ନ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତା କରୁଣାକର ବିଶ୍ୱାଳ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ହରେକୃଷ୍ଣ ଦାସ, ରମେଶ ଚନ୍ଦ୍ର ମିଶ୍ର, ଯାଜପୁର ବ୍ଲକ ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକ, ସୁଜିତ ରାୟ, ପରେଶ ବିଶ୍ୱାଳ, ସରସ୍ୱତୀ ବଳ, ଶ୍ୟାମସୁନ୍ଦର ସାହୁ, ରସୁଲ ବକ୍ସ, ଧର୍ମେନ୍ଦ୍ର ନାୟକ, ବଳଦେବ ସାହୁ, ଜିତେନ୍ଦ୍ର ସାହୁ, ସୁବାସ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମଦାସପୁର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ବିଜୁ ଯୁବ ଜନତା ଦଳର ଯୁବନେତା ସିଦ୍ଧାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆରା ପରମ୍ପରା: ନାମଯଜ୍ଞରେ ହୁଏ କାଦୁଅ ଖେଳ



କୋରେଇ, ୨୦।୪(ସମିସ)

ନିଆରା ପରମ୍ପରା। ନାମଯଜ୍ଞରେ ହୁଏ କାଦୁଅ ବୋଳା ଖେଳ। ଯାହାକି ଦେଖିବାକୁ ମିଳୁଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତର ବରୁଣ୍ଡେଇ ଗ୍ରାମର କମାର ସାହିରେ। ଏହି ଖେଳକୁ ଗ୍ରାମର ଯୁବ ଗୋଷ୍ଠୀ ଖେଳିବା ସହିତ ଆଖପାଖ ଗ୍ରାମରୁ ବହୁ ଲୋକେ ଏହି ଖେଳର ମଜା ନେଇଥା'ନ୍ତି।

ଆମ ରାଜ୍ୟ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିଶ୍ୱାସକୁ ନେଇ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାର ପର୍ବପର୍ବାଣୀରେ ସିନ୍ଦୂର ଖେଳ, କଣ୍ଢେଇ ବାହାଘର, ଜଳନ୍ତା ନିଆଁରେ ଚାଲିବା, ଖଣ୍ଡା ଖେଳ, ରଙ୍ଗ ଖେଳ, ତାସ ଖେଳ ସହିତ କବାଡି, ନଟୁ, ଟୁଙ୍ଗିପିଲି, ବୋହୂ ଚୋରି, କିତିକିତି, ଦାଣ୍ଡିଆ ଆଦି ଅନେକ ପ୍ରକାରର ଖେଳ ଖେଳାଯିବା ସହିତ ଏହାର ମଜା ନେଇଥା'ନ୍ତି। ବରୁଣ୍ଡେଇ ଗ୍ରାମର କମାର ସାହିରେ ଖେଳାଯାଉଥିବା କାଦୁଅ ବୋଳା ଖେଳର ମହତ୍ୱ ରହିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବିଗତ ବର୍ଷରେ ଜଣେ ବ୍ୟକ୍ତି ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିଲେ। ଠାକୁରଙ୍କ ସ୍ୱପ୍ନାଦେଶ ପାଇ ଦେହରେ କାଦୁଅ ବୋଳି ହେବା ଫଳରେ ସେ ରୋଗମୁକ୍ତ ହୋଇଥିଲେ। ସେହି ଦିନଠାରୁ ପରମ୍ପରା କ୍ରମେ ପ୍ରତିବର୍ଷ ଅଷ୍ଟପ୍ରହର ନାମଯଜ୍ଞର ଶେଷ ଦିବସରେ ଏହି କାଦୁଅ ବୋଳା ପରମ୍ପରା ଚାଲୁଥିବାବେଳେ ଚଳିତବର୍ଷ ଗତ ୧୬ ତାରିଖରେ ଆରମ୍ଭ ହୋଇଥିବା ନାମଯଜ୍ଞ ଶେଷ ଦିବସର ପରଦିନ ଅର୍ଥାତ ୧୯ ତାରିଖ ଦିନ ଏହି ଖେଳ ଉକ୍ତ ସାହିରେ ଖେଳାଯାଇଛି। ଗ୍ରାମବାସୀ ବିଲ ମାଟିରେ କାଦୁଅ କରି ସାହିର ଛୋଟପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପରସ୍ପର ଦେହରେ କାଦୁଅ ବୋଳି ଖେଳିଥିଲେ। ଏହି କାଦୁଅ ବୋଳା ଖେଳ ପରିଚାଳନାରେ ସ୍ଥାନୀୟ ସରପଞ୍ଚ ଲିପ୍ସା ପରିଡ଼ା, ସମିତି ସଭ୍ୟ ରଶ୍ମୀରଞ୍ଜନ ପରିଡ଼ା, ପୂର୍ବତନ ସରପଞ୍ଚ ସୌଭାଗ୍ୟ ମହାନ୍ତି ଓ ଉଦୟନାଥ ପରିଡ଼ା ପ୍ରମୁଖ ସହଯୋଗ କରିଥିବାବେଳେ ଗଦାଧର ମହାନ୍ତି କର୍ତ୍ତା ଓ ବୃନ୍ଦାବନ ପତି, ବୈଷ୍ଣବ ସୁଦର୍ଶନ ଦାସ ପୂଜକ ଥିଲେ।

## ଠାକୁରପାଟଣା ସରକାରୀ ବିଦ୍ୟାଳୟର ସଫଳତା

**ଶଙ୍ଖଚିଲା, ୨୦।୪(ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତ ଠାକୁରପାଟଣାରେ ଅବସ୍ଥିତ ଠାକୁରପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଜଣାଶୁଣା। ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ ଓ ବନ୍ୟ ସଂରକ୍ଷଣ ବହୁବିଧ କ୍ଷେତ୍ରରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଛି। ଚଳିତବର୍ଷ ନବୋଦୟ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଶଙ୍ଖଚିଲା ନିବାସୀ ଅଜୟ କୁମାର ମହାପାତ୍ର ଓ ଶ୍ରୀମତୀ ବିଳାସିନୀ ମହାପାତ୍ରଙ୍କ କନ୍ୟା ସାଇ ସ୍ୱତେଲିନା ମହାପାତ୍ର ସମଗ୍ର ଯାଜପୁର ଜିଲ୍ଲାରେ ତୃତୀୟ ସ୍ଥାନ କରି ନବୋଦୟ ବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ କୃତିତ୍ୱ ଅର୍ଜନ କରିଛି। ସେହିପରି ଚଳିତ ବର୍ଷ ଏନଏମଏମଏସ ପରୀକ୍ଷାରେ ବିନୋଦିନୀ ମାଝୀ ସଫଳତା ମଧ ପାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପାଢ଼ୀ, ଶିକ୍ଷୟିତ୍ରୀ ରିତାଞ୍ଜଳି ପୃଷ୍ଟି, ପ୍ରତିଭା ମିଶ୍ର, ରାଧାରାଣୀ ଖୁଣ୍ଟିଆ, ପ୍ରଭାସିନୀ ସାହୁ, ପରିଚାଳନା କମିଟି ସଭାପତି ଅଶୋକ କୁମାର ବେହେରା, ସଭ୍ୟ ହରିହର ଦାସ, ଉଦୟ କୁମାର ସାହୁ, ସନ୍ତୋଷ ସାହୁ, ରବୀନ୍ଦ୍ର ସାହୁ, ବିଜୟ ସାହୁ ପ୍ରମୁଖ ସଫଳତା ପାଇଁ ଖୁସିବ୍ୟକ୍ତ କରିଛନ୍ତି।

## ଗୋଡ଼ିପାଟଣାରେ ହରିବଂଶ

**ଶଙ୍ଖଚିଲା, ୨୦।୪(ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲାର ଗୋଡ଼ିପାଟଣା ଗ୍ରାମରେ ୨୫ତମ ହରିବଂଶ ମହାପୁରାଣ ଓ ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ହରିବଂଶ ପୁରାଣ ପାଠ କରାଯାଇଥିଲା। ତତ୍‌ସହିତ ନାମ ସଂକୀର୍ତ୍ତନ କରାଯାଇ ଗ୍ରାମର ମଙ୍ଗଳ ନିମନ୍ତେ ପ୍ରଭୁ ଭିକ୍ଷା କରାଯାଇଥିଲା। ଏହି ଉତ୍ସବରେ ଗୋଡ଼ିପାଟଣା ଗ୍ରାମର ଗ୍ରାମବାସୀ ଓ ଆଞ୍ଚଳିକ କୀର୍ତ୍ତନ ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଧନେଶ୍ୱର ନାଥ, ଗଜେନ୍ଦ୍ର ମହାକୁଡ଼, ଅଶୋକ କୁମାର ନାୟକ, ନନ୍ଦକିଶୋର ମହାକୁଡ଼, ରଘୁନାଥ ସାହୁ, ବିଷ୍ଣୁ ଚରଣ ସାହୁ, କାହ୍ନୁଚରଣ ପୃଷ୍ଟି, ନରେନ୍ଦ୍ର ନାୟକ, ରଙ୍ଗଲତା ପାତ୍ର, ଗାୟତ୍ରୀ ପୃଷ୍ଟି, ସରୋଜିନୀ ସାହୁ, ନୟନି ସାହୁ, ମୁକୁତା ମହାକୁଡ଼, କାଞ୍ଚନ ନାୟକ, ବାସନ୍ତୀ ଦାସ, ଭାରତୀ ନାଥ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଯୁବ ଡାକ୍ତରଙ୍କ ନିଆରା ପ୍ରୟାସ

## ଅଙ୍ଗଦାନ ପାଇଁ ସଚେତନତା ଶିବିର

କବାଟବନ୍ଧ, ୨୦।୪ (ସମିସ): ଅଙ୍ଗଦାନ ପାଇଁ ଲୋକଙ୍କୁ ସଚେତନ କରିବାକୁ ଯୁବ ଡାକ୍ତର ଶିବିର ଆୟୋଜନ କରି ନିଆରା ପ୍ରୟାସ କରିଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ହିଙ୍ଗୁଳା ଯାତ୍ରାରେ ଏକ ଷ୍ଟଲ ଖୋଲି ଲୋକଙ୍କୁ ସଚେତନ କରୁଛନ୍ତି ଯୁବ ଡାକ୍ତର ନିହାର ରଞ୍ଜନ କର। ଏଠାରେ ହିଙ୍ଗୁଳା ଯାତ୍ରା ଚାଲୁ ରହିଛି। ଯୁବ ଡାକ୍ତର ଶ୍ରୀ କର ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଚେତନତା ଓ ଅଙ୍ଗଦାନ ନେଇ ବିଶେଷ ଭାବେ ଲୋକଙ୍କୁ ଅବଗତ କରାଯାଉଛି। ମୃତ୍ୟୁ ପରେ ନିଜ ଶରୀରର ମୂଲ୍ୟବାନ ଅଙ୍ଗ ଆଖି, ହୃତପିଣ୍ଡ, ବୃକକ୍, ଯକୃତ, ଫୁସଫୁସ, ଇଣ୍ଟେଷ୍ଟାଇନ, ଅଗ୍ନାଶୟ, ରକ୍ତ ଆଦି ନିଆଁରେ ଜାଳି କିମ୍ବା ମାଟିରେ ପୋତି ନଷ୍ଟ କରିବା ଅପେକ୍ଷା ଆଉ କାହାର ଆବଶ୍ୟକତା ପୂରଣ କରି ଜୀବନ ବଞ୍ଚାଇ ପାରିଲେ ତାହା ଆମ ପାଇଁ ସର୍ବଶ୍ରେଷ୍ଠ ଦାନ ହେବ ବୋଲି ମେଳାରେ ବୁଲିବାକୁ ଆସୁଥିବା ଲୋକଙ୍କୁ ଅବଗତ କରୁଛନ୍ତି। ଡାକ୍ତର କରଙ୍କ କହିବା ଅନୁଯାୟୀ, ଆମେ ଜୀବିତ ଅବସ୍ଥାରେ ଅର୍ଥଦାନ, ଭୋଜନ ଦାନ, ବସ୍ତ୍ର ଦାନ, ଶ୍ରମଦାନ ଆଦି କରି ଉପକାର କରୁଛନ୍ତି। କିନ୍ତୁ ଆମେ ମୃତ୍ୟୁ ପରେ ବି କିଛି ଦାନ କରି ସବୁଦିନ ପାଇଁ ଅମର ହୋଇପାରିବା। ଆମେ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଓ ସେହି ପରିବାରରେ ଖୁସି ଆଣିବା ଏହା ହିଁ ଆମର ସବୁଠାରୁ ବଡ଼ ପୂଣ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଙ୍ଗଦାତା ଭାବେ ମହିଳା ସାମ୍ବାଦିକା ତଥା ସମାଜସେବୀ ସାଗରିକା ଦଳାଇ ପ୍ରଥମେ ପଞ୍ଜିକରଣ କରିଥିଲେ। ଏହି ଷ୍ଟଲ୍‌ରେ କୁନି କୁନି ପିଲାଙ୍କ ପାଇଁ ମାଗଣାରେ ସାଧାରଣ ଜ୍ଞାନ ବହି ବଣ୍ଟନ କରାଯାଉଛି। ଷ୍ଟଲ୍‌କୁ ଆସୁଥିବା ପ୍ରତ୍ୟେକ ମହିଳାଙ୍କ ପାଇଁ ଉପହାର ସ୍ୱରୂପ ଏକ ମନ୍ଦାର ଫୁଲ ଗଛ ମଧ ପ୍ରଦାନ କରାଯାଉଛି। ମେଳା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଡାକ୍ତର କର ସୂଚନା ଦେଇଛନ୍ତି। ଏହି ଅଭିଯାନରେ ଡାକ୍ତର କରଙ୍କ ସହିତ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକ ସହଯୋଗ କରୁଛନ୍ତି। ଡାକ୍ତରଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରୁଛନ୍ତି।




# କର୍ମଜୀବୀ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର

ଯାଜପୁର ୨୦।୪(ସମିସ)




ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଡଃ ଜୀବନଜ୍ୟୋତି ରଥଙ୍କ ନିର୍ଦ୍ଦେଶ ଓ ଅଧକ୍ଷତାରେ ସିଭିଲ କୋର୍ଟ ଭିଡିଓ କନଫେରସିଂ କକ୍ଷରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉପୀଡ଼ନ ନିସିଦ୍ଧ, ପ୍ରତିରୋଧ ଓ ନ୍ୟାୟ ପ୍ରଦାନ ଆକ୍ଟ-୨୦୧୩ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଶିବିରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ମହିଳାଙ୍କୁ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ଅଧିକାରୀ ଓ ସଂସ୍ଥା ମୁଖ୍ୟ ସମ୍ମାନ ପ୍ରଦର୍ଶନ କରିବା ବିଧେୟ ଅଟେ ବୋଲି କହିଥିଲେ। ଉକ୍ତ ବୈଠକରେ ସ୍ୱତନ୍ତ୍ର ଅଦାଲତ (ପକ୍ସୋ) କୋର୍ଟ ଅତିରିକ୍ତ ଜିଲ୍ଲା ଜଜ୍ ଅଭିଜିତ ପଲେଇ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ମନସ୍ୱନୀ ରଥ, ଦେୱାନୀ ବିଚାରପତି ପାରସ ପାଢ଼ୀ, ଜେଏମଏସସି ସୁନାରାମ ମାଝି ଯୋଗଦେଇ କର୍ମକ୍ଷେତ୍ରରେ ଯୌନ ଉପୀଡ଼ନ ପ୍ରତିରୋଧ, ନିରୋଧ ଓ ସମାଧାନ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ମହିଳାଙ୍କୁ କେତେକ ସ୍ଥାନରେ ଯୌନ ଉପୀଡ଼ନ ପୂର୍ବକ ଖରାପ ଇଙ୍ଗିତ ଦେବା, ଖରାପ ଭାଷା ବ୍ୟବହାର କରିବା ଓ ଖରାପ ଲେଖା ଦେଖାଇ ସେମାନଙ୍କୁ ବିଯୁକ୍ତାତ୍ମକ ପଥ ପ୍ରଦର୍ଶନ କରାଇବା ଦଣ୍ଡନୀୟ ଅପରାଧ ହୋଇଥିବାରୁ ମହିଳାଙ୍କୁ ସୁରକ୍ଷା ଦେବା ଓ ସମୁଚିତ ନ୍ୟାୟ ପ୍ରଦାନ ଦିଗରେ ସରକାରଙ୍କ ପକ୍ଷରୁ ଏହି ଆକ୍ଟ ଲାଗୁ କରାଯାଇଛି ବୋଲି କୁହାଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ଅସମ୍ମାନିତ ଓ କୁତ୍ସିତ କାର୍ଯ୍ୟରେ ଶିକାର ହେଉଥିବା ମହିଳାମାନେ ୨୦୧୩ ଆକ୍ଟ ଅଧୀନରେ ସମସ୍ତ ପ୍ରକାର ନ୍ୟାୟ ପାଇପାରିବେ ବୋଲି ଗୁରୁତ୍ୱରୋପ କରାଯାଇଥିଲା। ମହିଳାମାନଙ୍କୁ ଯୌନ ଉପୀଡ଼ନ ନିସିଦ୍ଧ, ପ୍ରତିରୋଧ ଓ ନ୍ୟାୟ ପ୍ରଦାନ ଆକ୍ଟ-୨୦୧୩ ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ସମସ୍ତ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ମହିଳାଙ୍କୁ ଆଇନଗତ ସମସ୍ତ ସମ୍ମାନ ପ୍ରଦର୍ଶନ କରିବା ଦିଗରେ ଗୁରୁତରୋପ ମଧ୍ୟ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ଆକ୍ଟ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ ପୂର୍ବକ କର୍ମଶାଳାକୁ ପରିଚାଳନା କରିଥିଲେ।

## ବନ୍ଧଡିଅରେ ବିଶ୍ୱଶାନ୍ତି ମହାଯଜ୍ଞ

ବ୍ରହ୍ମବରଦା, ୨୦।୪(ସମିସ): ରସୁଲପୁର ବ୍ଲକ ବନ୍ଧଡିଅ ପଞ୍ଚାୟତର ମାରୁତି କୃପା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ବନ୍ଧଡିଅ ହାଟ ନିକଟରେ ଅବସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋହିତ ବିଷ୍ଣୁ ମୋହନ ତ୍ରିପାଠୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟକର୍ତ୍ତା ରଞ୍ଜିତ ବେହେରା ଓ ସହଧର୍ମିଣୀ ଶ୍ରୀମତୀ ଗୀତାଞ୍ଜଳି ବେହେରାଙ୍କ ସମେତ ୮୪ ଜଣ ଭକ୍ତ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇ ଏକ ବିରାଟ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହେବ। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଶତାଧିକ ଭକ୍ତ ଯୋଗ ଦେଇଛନ୍ତି। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଅର୍ଜୁନ ଚରଣ ମହାନ୍ତି, ସଭାପତି ରଞ୍ଜିତ ବେହେରା, ଉପ-ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧକ୍ଷ କୁଳମଣି ବେହେରାଙ୍କ ସମେତ ଗ୍ରାମର ବହୁ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ସହଯୋଗ କରୁଛନ୍ତି।



ସୃଜନିକା
ସକାଳ THE SAKALA
www.sakalaepaper.com

# ଅଦିନ



ସୁପ୍ରିୟା ମଲିକ୍

ସେମାନେ ସମସ୍ତେ ଅପେକ୍ଷା କରିଥିଲେ, ଛାତରୁପଡ଼ି ଗୋଡ଼ ଆଙ୍ଗୁଠିରେ କ୍ଷତକରିଥିବା ଜେଜେବାପା, ଅଭିଜ୍ଞତା ଓ ଆନନ୍ଦରେ ଭାରି ଦିଶୁଥିବା ଜେଜେମା, ଅଳ୍ପ କଥାକହି ବେଶୀ ଶ୍ରମ କରୁଥିବା ବାପା, ତନ୍ତରେ ଶାଢ଼ି ବୁଣି ନିଜେ ପିନ୍ଧୁଥିବା ମା' ଓ ଅନ୍ୟ ଖୁଡ଼ିମାନେ, ଲୋନ୍‌ରେ ଟ୍ରେକର୍‌ଟିଏ କିଣି ବ୍ୟବସାୟ ଆରମ୍ଭ କରିବାକୁ ସ୍ୱପ୍ନ ଦେଖୁଥିବା ଦାଦା, ପ୍ରାଥମିକ ସ୍କୁଲ୍‌ରେ ପଢୁଥିବା ପରିବାରର ଦୁଇଟି ଝିଅ ଓ ବିଲ୍‌କୁଲ୍ ସ୍କୁଲ୍ ଯିବାକୁ ଆରମ୍ଭ କରିନଥିବା, କେବଳ ଅଙ୍ଗନୱାଡ଼ିର ଖାଦ୍ୟଖାଇ ଘରକୁ ଫେରୁଥିବା ଗୋଟିଏ ଶିଶୁ। ସେମାନେ ସମସ୍ତେ ଅପେକ୍ଷା କରିଥିଲେ।

ଠିକ୍ ଦିନ ବାରଟା ପାଖାପାଖି ଯେଉଁ ଚାରିଜଣ ଆସି ପହଞ୍ଚିଲେ, ସେମାନେ ହେଲେ ଜଣେ ଅବସରପ୍ରାପ୍ତ ସେକ୍‌ସନ୍ ଅଫିସର୍, ଜଣେ ପ୍ରଫେସର୍, ଜଣେ ସରକାରୀ ଅଫିସର୍ ଓ ଆଉ ଜଣେ ଲାଇବ୍ରେରୀରେ କାମ କରୁଥିବା କଣ୍ଟ୍ରାକ୍‌ଚୁଆଲ୍ ଷ୍ଟାଫ୍।

ଅପେକ୍ଷା କରିଥିବା ପରିବାରଟି କହେ, ଆପଣ ଯେ, ଆମ ପୁଅଟିକୁ ପସନ୍ଦ କରିଛନ୍ତି, ଏତେବାଟ ଆମଘରକୁ ଆସିଛନ୍ତି ସେଥିପାଇଁ ଆମେ ଧନ୍ୟ ହୋଇଯାଇଛୁ। ନହେଲେ ଆପଣଙ୍କର ଗାଈ ରହୁଥିବା ଗୁହାଳ ସୁଦ୍ଧା ଆମ ଘରଠାରୁ ଅଧିକ ଭଲ। ଆମେ ସବୁ କ'ଣ ଆପଣଙ୍କ ସହିତ ସମାନ ବନ୍ଧୁ ହୋଇପାରିବୁ।

ଅତିଥି ପରିବାରଟି କହେ, ଆମ ଝିଅ ଓ ଆପଣଙ୍କର ପୁଅ ପରସ୍ପରକୁ ଭଲପାଇଛନ୍ତି। ପସନ୍ଦ କରିଛନ୍ତି। ତ ଆମେ ଆଉ ଅଧିକ କୋଉଠି କ'ଣ ଖୋଜିଥାଆନ୍ତୁ? ପିଲାଙ୍କ ମତ ଯାହା, ଆମ ମତ ସେଇଆ। ପିଲାଙ୍କ ପସନ୍ଦ ଯାହା, ଆମ ପସନ୍ଦ ସେଇଆ।

ଅତିଥି ପରିବାର ସେହିଘରେ ବସିଥିଲେ, ଯେଉଁ ଘରଟି ଏବେ ଅଳ୍ପଦିନ ହେଲା ତିଆରି ହୋଇଛି। ମାତ୍ର ଇଟା ଯୋଡ଼େଇ କୋଠରିଟିଏ। ଯାହାର ତଳ କି କାନ୍ଥ ପଲସ୍ତରା ହୋଇନାହିଁ। ଘରର ସାଇଜ୍ ହେବ ଆଠରେ ଆଠ ଫୁଟ୍। ଘରେ ବାଥ୍‌ରୁମ୍ ପାଇଖାନା ନାହିଁ, କି ସେତିକି କରିବାକୁ ଜାଗାନାହିଁ। କେଇହାତର ନଂଘାରେ ତନ୍ତ ଲାଗିଛି, ଲୁଗାବୁଣା ତନ୍ତ। କେଇହାତର ଅଗଣାରେ ମା'କୁକୁଡ଼ା ପଲେ ଛୁଆଙ୍କୁ ଧରି ବୁଲୁଛି। ରୋଷେଇଘର ଚାଳି ଭିତରକୁ ପଶିବାବେଳେ ମୁଣ୍ଡନୋଇ ପଶିବାକୁ ହେବ, ନହେଲେ ଚାଳରେ ମୁଣ୍ଡ ବାଜିବ। ଅତିଥି ପରିବାରଙ୍କର ଗାଁରେ ଛଅ ବଖରା ଘର, ଦୁଇଟି ରୋଷେଇଘର। ଦୁଇଟି ଟଏଲେଟ୍, ଛଅବଖରା ଘରେ ରହିବ କିଏ? ନାତିନାତୁଣୀ ଦୁହେଁ ବିଦେଶରେ। ବାପା ଦାଦା ଚାକିରିଆ। ଦୁଇଟି ପିଲା ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟରେ ପାଣିପାଇପ୍ କାମ କରନ୍ତି। ଆଉ ଏଇ ଯେଉଁ ଝିଅଟି ଏଇ ଯେଉଁ ପୁଅଟିକୁ ପସନ୍ଦ କରିଛି ବା ଉଭୟେ ଉଭୟଙ୍କୁ ବାହାହେବେ ବୋଲି ସ୍ଥିର କରିଛନ୍ତି, ସେହି ଝିଅଟି ମଧ୍ୟ ବାହାର ରାଜ୍ୟରେ ପ୍ରବାସୀ ଶ୍ରମିକ। ସେ ଗୋଟେ ସୂତାକଳରେ କାମକରେ। ସେହି ସୂତାକଳରେ ପୁଅଟି ସହିତ ତା'ର ସାକ୍ଷାତ ଓ ସେମାନେ ମନସ୍ଥିର କରନ୍ତି ବିବାହ ପାଇଁ।

କୁହାଯାଏ, କାନ୍ଧ ସମାନ ବନ୍ଧୁ କରିବ।

ପିଲା କ'ଣ ତାହା ବୁଝନ୍ତି ?

ଏଇ ଦେଖ ଗୋଟିଏ ପରିବାରରେ କୋଠାଘର ଅଛି, ଘରେ ରହିବାକୁ ଲୋକ ନାହାନ୍ତି ବୋଲି ତାଲା ପଡ଼ିପଡ଼ି ଉଇ ଲାଗୁଛି। ଆଉ ଅନ୍ୟ ପରିବାରରେ ବହୁଲୋକ, ବହୁ ସଦସ୍ୟ, ହେଲେ ରହିବାକୁ ଘରନାହିଁ। ଅଭିଜ୍ଞତା ଓ ଆନନ୍ଦରେ ଭାରି ଜେଜେମା ଭାବନ୍ତି, ପୁଅ ବାହାଘର ଆଗରୁ ଘର କରିବା ନିହାତି ଦରକାର। ନହେଲେ ପୁଅବୋହୂ ଆସି ରହିବେ କେଉଁଠି? ହେଲେ ଘର କରିବାର ଦିନ ସମୟ ନଆସିଲେ, ବେଳା ସେମିତି ନଆସିଲେ ଘରତୋଳା ହୋଇପାରେନାହିଁ।

ଘରତିଆରି ବେଳେ, ଜେଜେବାବା ଛାତରୁ ପଡ଼ି ଗୋଡ଼ ଆଙ୍ଗୁଠି ଭାଙ୍ଗିଛନ୍ତି ସତ, ହେଲେ ଚାଷକାମରୁ ତାଙ୍କୁ ଫୁର୍‌ସତ୍ ନାହିଁ। ଅଳ୍ପ କେଇଗୁଣ୍ଠ ଜମିରେ ଦାଲୁଅ ଧାନର ସବୁଜ ଫସଲ ଖେଳୁଛି। ଅମଳ ଧାନରୁ ବର୍ଷସାରାର ଚାଉଳ ମିଳିବ। ହନୁମାନ ଡର ନଥିଲେ ସେଇ ଜମିରେ ମୁଗବିରି କି ପରିବା ଫସଲ ହୁଅନ୍ତା।

ଅତିଥି ପରିବାରର କେଇ ଏକର ଜମି ଅଛି, ସେଠି ଚାଷ ହୁଏନା। ଫସଲ ହୁଏନା। ପଡ଼ିଆ ପଡ଼ିଥାଏ। କେବେ କେମିତି ଚାଷ ହୁଏ ଯେ, ଅମଳ କାଇଁ? ଭାଗଦିଆ ହେଲାବେଳେ, ଯାହା ଗଣ୍ଡେ ଦିଗଣ୍ଡା ଚାଉଳ ମିଳୁଥିଲା, ଏବେ ସବୁ ବନ୍ଦ। ଏବେ ପାଖ ଗାଁର ଜଣେ ଚାଷୀ ଜୋର୍ ଜବର୍‌ଦସ୍ତ ନିଜର ହିଡ଼କୁ ବଢ଼ାଇ ଆଣି ବାଡ଼ ଉଠାଇ କେତେଜାଗା ନେଇଗଲାଣି ବୋଲି କେଶ୍ ଚାଲିଛି।

ଅତିଥିମାନଙ୍କୁ ଚା' ଓ ଲେମ୍ବୁପାଣି ପରଷାଗଲା ତ, ଗୋଟେ ସମସ୍ୟା ଉଠି ଛିଡ଼ାହୋଇପଡ଼ିଲା। ସବୁ ଗ୍ଲାସ୍, ସବୁ କପ୍ ଭର୍ତ୍ତିଥାଇ ଫେରିଆସିଲା। ଗ୍ଲାସ୍ ଓ କପ୍‌ର ଆକାର ସବୁ ବହୁତ ବଡ଼ଥିଲା। ପାନୀୟରେ ପଡ଼ିଥିଲା ଚିନି। ଅତିଥିମାନେ ଡାଏବେଟିସ୍‌କୁ ରୋକନ୍ତେ କିପରି, ତାଙ୍କର ଦାଦା ଡାଏବେଟିସ୍‌ରେ ମରିଯାଇଥିଲେ, ତାଙ୍କର ବାପା ଓ ଜେଜେବାପା ଉଚ୍ଚ ରକ୍ତଚାପରେ ବ୍ରେନ୍‌ର ଧମନୀ ଫାଟି ରକ୍ତସ୍ରାବରୁ ମରିଥିଲେ। କହିବାକୁ ଗଲେ ପରିବାରର ପୁରୁଷମାନେ ଏଇ ଦୁଇଟି ରୋଗ ଭୋଗି ଚାଲିଛନ୍ତି ଅନେକ କାଳୁ। ଅପେକ୍ଷା କରିଥିବା ପରିବାର ଭାବିଲେ ଓ କହିଦେଲେ, ହଉ ଆଗକୁ ଏହାକୁ ଧ୍ୟାନଦେବୁ। ସବୁ ମିଠା ପାନୀୟ ଓ ମିଠା ଜଳଖିଆ ଫେରିଗଲା।

ଚାଳରେ ବସିଥିବା କାଉ କହେ କା' କା'।

କୁକୁଡ଼ା ତା'ର ଛୁଆମାନଙ୍କୁ ଡାକେ କକ୍ କକ୍ କକ୍- ଏଣିକି ଆସ, ଏଠି ଖାଦ୍ୟ ଅଛି, ସେଣିକି ଯାଅନା। ଶୁଆଶାରୀ ଥିଲେ, ଶୁଆ ପଚାରିଥାଆନ୍ତା, କୁହତ ଏଇଯେଉଁ ପ୍ରେମୀ ଯୁଗଳଙ୍କ ବାହାଘର ପାଇଁ ଦୁଇଟି ପରିବାର ସେଠି ଏକାଠି ବସିଛନ୍ତି, ତାଙ୍କର ଭବିଷ୍ୟତ କ'ଣ?

ଶାରୀ କହେ, 'ମୁଁ ଜ୍ୟୋତିଷ ନୁହେଁ।' ତମଭଳି ମିଛକଥା ମୁଁ କହିପାରେ ନାହିଁ। ତଥାପି ମୋର ଅନୁମାନ, ତାଙ୍କର ପ୍ରେମଜୀବନ ସୁନ୍ଦର ହୋଇପାରେ, ବାସ୍ତବ ଜୀବନ ଭଲ ହେବନାହିଁ।

ଗୋଲ୍ ଗୋଲ୍ ଆଖି କରେ, ଧିକ୍କାର କରେ ଶୁଆ, "କେମିତି ଭଲ ହବ ?

ମାଇପୀଗୁଡ଼ାଙ୍କର କଥା ବୁଝିବା ଶକ୍ତି ଥିଲେ ସିନା? ସେମାନେ କୋଉ ବୁଝନ୍ତିକି? ସେମାନେ ଖାଲି ସ୍ୱପ୍ନ ଦେଖିଦେଖି ମରନ୍ତି।

ଶାରୀ ଥେନ୍ତେରେଇ ହେଲା, କହିଲା, ଡାଇବେଟିସ୍ ଆଉ ରକ୍ତଚାପରେ ମରିବାଠାରୁ ସ୍ୱପ୍ନରେ କି ଦୁଃସ୍ୱପ୍ନରେ ମରିବା ଶହେଗୁଣ ଭଲ। ମୁଁ ସେଦିନ ରାତିରେ ଯଦି ସ୍ୱପ୍ନଦେଖି ତୁମକୁ ଖୋଜିଖୋଜି ଉଡ଼ିନଥାନ୍ତି, ଏତେବେଳକୁ ତୁମେ ରାଜାର ପେଟଭିତରେ ହଜମ ହୋଇସରନ୍ତିଣି।"

ସବୁ ଘଟଣା ସମସ୍ତେ ଜାଣିନଥାଆନ୍ତି, ଏଣୁ ସବୁ ଘଟଣା ଗପ ହୋଇପାରେ ନାହିଁ କି ସତହୋଇ ପାରେନାହିଁ। ଘଟଣାଟି ଏମିତି। ରାଜାଙ୍କ ଫଳ ବଗିଚାରୁ ପ୍ରତିରାତିରେ ଫଳ ଖାଉଥିବା ଶୁଆକୁ ଥରେ ରାଜାଙ୍କ ମାଳି ଧରିନେଇ ରାଜାକୁ ଦେଲା। ରାଜା ତତ୍‌କ୍ଷଣାତ୍ ତାକୁ ଗିଳିଦେଲେ। ପେଟ ଫୁଲାଇ ଶୋଇଗଲେ। ଶାରୀ ଖୋଜିଖୋଜି ଆସିଲା। ରାତିର ଜହ୍ନ ଆଲୁଅରେ ସେ ବହୁତ ଉଡ଼ିଥିଲା, ଘରୁ ବାହାର, ଗଛରୁ ଗଛ, ପାହାଡ଼ରୁ ପାହାଡ଼, ବଗିଚାରୁ ବଗିଚା ପୁଣି ଘର ଝରକାରୁ ଘର ଝରକା, ରାଜାଙ୍କ ଝରକାଦେଇ ଭିତରେ ପଶିଲା। ତାଙ୍କ ନାକରେ ଟିକେ ନିଜ ଲାଞ୍ଜକୁ ଲଗାଇ ଖୁର୍ ଖୁର୍ କରିଦେଲା ଯେ, ରାଜା ଛିଙ୍କିଲେ ଓ ପେଟରୁ ବାହାରି ଆଁ ପାଟିବାଟେ ଶୁଆ ଉଡ଼ିଗଲା ଆକାଶକୁ। ଶାରୀ ବି ଉଡ଼ିଗଲା, ଦୁହେଁ ଖୁସିରେ ରହିଲେ।

ଶୁଆ କହିଲା, ଓଃ ଭାରି ପ୍ରେମରେ ମୋତେ ଖୋଜିବାକୁ ଯାଇଥିଲ?

ଶାରୀ କହିଲା, ପ୍ରେମରେ କାହିଁକି ? ଦୟାରେ, କରୁଣାରେ।

ମା' କୁକୁଡ଼ା ତା'ର ଛୁଆମାନଙ୍କୁ ଚାହିଁଥାଆନ୍ତା। କାଉ କାଉଆଣୀ ଟେରେଇ ଟେରେଇ ଶୁଆ ଶରୀଙ୍କୁ ଚାହିଁଲେ।

ଶୁଆ କହିଲା ଶରୀକୁ, 'ହଉ ଆମକଥା ଛାଡ଼। ଏ ପ୍ରେମୀଯୁଗଳଙ୍କ କଥା କୁହ।'

ମୁହଁ ଛିଞ୍ଚାଡ଼ି ଶାରୀ କହିଲା, କାଇଁ ତମେ କହୁନ? ଭାରି ଜ୍ୟୋତିଷ ହୋଇଥିଲ। କାର୍ଡ଼ ଉଠାଇ ମଣିଷଙ୍କର ଭାଗ୍ୟ ଦୁର୍ଭାଗ୍ୟ ପଢୁଥିଲ। ଏବେ ପୁଣି କ'ଣ ହେଲାକି?

ଗମ୍ଭୀର ହୋଇ ଶୁଆ କିଛି ସମୟ ଆକାଶକୁ ଚାହିଁଲା। ତା'ପରେ ପଚାରିଲା- ଆଚ୍ଛା ଏଥର କହ।

ବାହାହୋଇଗଲେ ପ୍ରେମୀଯୁଗଳ କେଉଁଠି ରହିବେ?

ଯାଙ୍କ ଘରେ ନା, ତାଙ୍କ ଘରେ?

ଶାରୀ ଆହୁରି ବିରକ୍ତିରେ କହିଲା-ଦମ୍ପତି କୁହ। ସେତେବେଳେ ସେମାନେ ପ୍ରେମୀନଥିବେ। କିଏ କାହାକୁ ଦୟା କରୁଣା କରୁଥିବ ଯଦ, ବଡ଼କଥା। କିଏ କେଉଁଠି ଖାପଖୁଆଇ ଚଳିପାରୁଥିବ ଯଦି ବଡ଼କଥା।

ଶୁଆ କହିଲା- ହଉ ହେଲା, ତୋ'ରି କଥା ରହିଲା। ଦୁହେଁ ରହିବେ କେଉଁଠି? ଯେଉଁଠି ଘର ଅଛି, ହେଲେ ମଣିଷ ନାହାନ୍ତି, ନା, ଯେଉଁଠି ମଣିଷ ଅଛନ୍ତି, ହେଲେ ଘରନାହିଁ?

ଶାରୀ ନିରବ ହୋଇଗଲା। ଏ ପ୍ରଶ୍ନ ବଡ଼ ଜଟିଳଥିଲା। ଏ ପ୍ରଶ୍ନ ମଣିଷ ଯେ, ଆଜିଯାଏ ସମାଧାନ କରିପାରିନାହିଁ। ଆଉ ଏ ପକ୍ଷୀ ଜନ୍ମ? ଛାର ପକ୍ଷୀଜନ୍ମରେ ଏତେ ବୁଦ୍ଧି କେଉଁଠୁ ଆସିବ ଯେ, ସେ ଉତ୍ତର ପାଇଯିବ।

ଯେଉଁ ପ୍ରଶ୍ନ ଉପରେ ଶୁଆଶାରୀ ଅଟକିଥିଲେ; ଠିକ୍ ସେହି ପ୍ରଶ୍ନ ଉପରେ ଅତିଥି ପରିବାର ଓ ସତ୍କାରକ ପରିବାର ମଧ୍ୟ ଅଟକି ରହିଥିଲେ। ଦି'ଘଣ୍ଟା ହେଲାଣି ଏତେ ଶବ୍ଦ, ଏତେ ବାକ୍ୟ, ଏତେ କଥାବାର୍ତ୍ତା ତାଳି ଦେଇଥିବା ଦି ପରିବାର ତଳକୁ ଚାହିଁ ନିରବରେ ବସିଥିଲେ। ତଳୁ ଗୋଟେ ଯୋଡ଼େ ଶବ୍ଦ ଗୋଟାଇ ସାଉଁଟି ଆଣି ଖଞ୍ଜିଦେଲେ; ଉତ୍ତର ମିଳିଯିବ କି?

କାଉକାଉଆଣୀ ଗଛ ଡାଳରୁ ଅପେକ୍ଷା କରିଥିଲେ। ଦି/ଚାରି ହାତ ଲମ୍ବା-ଚଉଡ଼ା ଅଗଣାରେ କୁକୁଡ଼ା ତା'ର ଛୁଆଙ୍କୁ ନେଇ ବୁଲୁଥିଲା। ଶୁଆଶାରୀ ଆକାଶସାରା ଖେଦୁଥିଲେ। ତାଙ୍କ ଉଡ଼ାଣରେ ପୁଣି ଡାକରେ।

ପରିବାର ଦୁଇଟା ବନ୍ଧୁ ହେବା ପୂର୍ବରୁ ଶତ୍ରୁ ଭଳି ଜୁଟୁଥିଲେ ନିରବରେ। 'ତମର ଘରନାହିଁ ବୋଲି, ଆଉ ଆମର ପଇସା କମାଉଥିବା ଝୁଅଟାକୁ ତମ ପୁଅ ପାଲରେ ପକାଇ ଦେଇଛି। ଆମ ଝୁଅ ତମଘରର ବୋହୂ ହେବ ଓ ସେଠି ଘର ତୋଳିବ।' ତମର ଘରେ ଲୋକନାହାନ୍ତି, ପୁଅନାତି ପ୍ରବାସରେ କି ବିଦେଶରେ କମ୍ପାନୀ ପାଖରେ ବନ୍ଧାପଡ଼ିଛନ୍ତି ବୋଲି, ତମ ଝିଅ ଆମପୁଅଟାକୁ ପାଲରେ ପକାଇ ଦେଇଛି। ଆମ ପୁଅଟାକୁ ତମେ ଘରଜୋଇଁଆ କରି ରଖିଦେବ?

ଏ ଯୁଦ୍ଧ, ଏ ଶତ୍ରୁତା ଯେତିକି ଘର ଭାଙ୍ଗିବ ଭାଙ୍ଗିବ ହଉଥିଲା, ସେତିକି ସେତିକି ନୂଆ ଘରଟିଏ ଗଢ଼ିବ ଗଢ଼ିବ ହେଉଥିଲା। ସମସ୍ତେ ଅପେକ୍ଷାରେ ଥିଲେ, ବାହାଘର କେବେ ହେବ।

ସେଯାଏ, ଦିନ ସ୍ଥିର ହୋଇନଥିଲା। ସ୍ଥିରହେବା ପୂର୍ବରୁ ସବୁଦିନ ତ ଅଦିନ। ■

malliksupriya3@gmail.com

## ପୁସ୍ତକ ପରିଚୟ

### ସ୍ୱରଚିତ୍ର

ବିପିନ୍ ନାୟକ




ସର୍ଜନା
ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ
ବ୍ରହ୍ମପୁର-୭ ୬୦୦୦୩
ଦ୍ୱିତୀୟ ସଂସ୍କରଣ: ୨୦୨୩
ମୂଲ୍ୟ: ୧୦୦ ଟଙ୍କା

"ପଚାରନା/ ମୋର ଦୁଃଖ କ'ଣ?/ ଦୁଃଖ ମାନେ ତ ମୋର/ ଦିଅଁ ହେଇ ସାରିଲେଣି/ କେଉଁକାଳୁ,/ ସେମାନଙ୍କ ପାଇଁ ଯାହା/ ମୁଁ ଗଢ଼ି ସାରିଚି/ ଗୋଟେ ଦେଉଳ/ ଲୁହର ଦୀପାଳିଟିଏ/ ଜାଳି ଦେଇଚି ଗର୍ଭ ଗୃହରେ/ ନିବିଷ୍ଟ/ ନିଶ୍ଚଳ।" (ପଚାରନା ମୋର ଦୁଃଖ କ'ଣ) ପ୍ରକୃତରେ କବି ହିଁ ଦୁଃଖର ଜ୍ୱାଳାକୁ ଭୋଗିପାରେ ନିର୍ବିକାର ଭାବେ। ତେଣୁ ତ ସବୁ ବେଦନା ଭିତରେ କବି ମୁହଁ ଉଜ୍ଜ୍ୱଳ ଦିଶୁଥାଏ। ଏମିତି ଦୁଃଖକୁ ଛାତିରେ ଚାପିରଖି ଜୀବନକୁ ନେଇ ସ୍ୱପ୍ନ ଦେଖୁଥିବା କବି ହେଉଛନ୍ତି ବିପିନ୍ ନାୟକ। 'ପଚାରନା ମୋର ଦୁଃଖ କ'ଣ' ଏଇ ଗୋଟିଏ କବିତାରୁ କବିଙ୍କ କାବ୍ୟଚେତନାକୁ ହୃଦୟଙ୍ଗମ କରିହୁଏ ନିବିଡ଼ ଭାବରେ। ବିଶିଷ୍ଟ କବି ବିପିନ୍ ନାୟକଙ୍କ କବିତା ପୁସ୍ତକ 'ସ୍ୱରଚିତ୍ର'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏହି ପୁସ୍ତକର କବିତାଗୁଡ଼ିକରେ ଜୀବନାନୁଭବ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ସଜୀବ ଭାବରେ। 'ହାତର ପତଙ୍ଗ ମୋର', 'ଦୂରକୁ ଦୂରକୁ', 'ଖନା ବଚନ', 'ଥିବା ନଥିବା', 'ଆକାଶରୁ ଅନ୍ଧାର ଆଡ଼କୁ', 'କାଠ ଖଣ୍ଡକର କଥା', 'ପକ୍ଷୀ ପକ୍ଷୀ ଲାଗୁଚି', 'ଶବ୍ଦ ନାରୀ', 'ସ୍ୱରଚିତ୍ର', 'ସନାତନର ଗୀତ', 'ଭାବଶିଳା', 'ଅହଲ୍ୟା' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। ଜୀବନାନୁଭବର ନିବିଡ଼ ଚିତ୍ର ପ୍ରତିଫଳିତ ହୋଇଛି ଏହି ପୁସ୍ତକର ଅନେକ କବିତାରେ। ପ୍ରତିଟି କବିତାର ଭାବ, ଭାଷା, ସଂରଚନା ଅତ୍ୟନ୍ତ ମାର୍ମିକ ହୋଇଛି। 'ସ୍ୱରଚିତ୍ର'ର କବିତାଗୁଡ଼ିକ ପାଠକମାନଙ୍କ ଦ୍ୱାରା ନିଶ୍ଚୟ ଆଦୃତି ଲାଭ କରିବ। ■

### କେତେ ପାଖରେ ଆକାଶ

ପ୍ରଭାତୀ ମାଝୀ




ସୋନମ୍ ପ୍ରକାଶନ
ବାଦାମବାଡ଼ି
କଟକ- ୭୫୩୦୧୨
ପ୍ରଥମ ପ୍ରକାଶ: ୨୦୨୪
ମୂଲ୍ୟ: ୧୨୦ ଟଙ୍କା

"ମାଟି , ମଞ୍ଜି ମା' ଦି ଫାଳ ହୁଅନ୍ତି/ ଉକୁଟି ଆସେ ନୀଳ ଅଙ୍କୁର ଜୀବନ/ ମା'ଟିଏ ସୃଜିଥିବାରୁ ପ୍ରଣାମ ନିଅନ୍ତି ଈଶ୍ୱର/ ଏବେ କିନ୍ତୁ ମା' କାନ୍ଦକାନ୍ଦ ଚଉଦିଗ।" (ସ୍ତ୍ରୀ ଲୋକ) ମା' ହେଉଛି ସହନଶୀଳା, ସର୍ବଂସହା। ସନ୍ତାନ ପାଇଁ ସମର୍ପିତ ତା'ର ସାରା ଜୀବନ। ତେବେ ମା' ବି ବେଳେ ବେଳେ ଅସହାୟ ହୋଇପଡ଼େ, ଆଖିରୁ ଲୁହ ଝରାଏ। ନାରୀ ହୃଦୟର କୋମଳ ଅନୁଭବ ପ୍ରକାଶିତ ହୋଇଛି ପ୍ରଭାତୀ ମାଝୀଙ୍କ 'ସ୍ତ୍ରୀ ଲୋକ' କବିତାରେ। ୪୪ଟି କବିତାକୁ ନେଇ ପ୍ରକାଶ ପାଇଛି ପ୍ରଭାତୀ ମାଝୀଙ୍କ 'କେତେ ପାଖରେ ଆକାଶ' ପୁସ୍ତକ। 'ଅଭାଜନର ଶ୍ରୁତଲିଖନ', 'ଦେଶ', 'ବାପା', 'ତମେ ପୁରୁଷ ବୋଲି ତ', 'ମନମନ୍ତ୍ର', 'କୁଜଙ୍ଗ ମାଟି', 'କ୍ଷେତ କଷଣ', 'ଘର ମଣିଷ', 'ବୃକ୍ଷ ବୟାନ', 'ଅଲକା', 'ଅଲକା ସାନ୍ୟାଲ-୧', 'କବିତା ଆତ୍ମକଥା' ଆଦି କବିତା ମନଛୁଆଁ ହୋଇଛି। ପ୍ରଭାତୀଙ୍କ କବିତାର ଭାବଭୂମିରେ ବାରି ହୋଇପଡ଼େ ମାଟି ମା' ପ୍ରତି ଭଲ ପାଇବା ବାସ୍ନା। ସାଧାରଣ ମଣିଷର ସ୍ୱର ଓ ସଂଘର୍ଷକୁ ଅସାଧାରଣ ଭାବେ କାବିତାରେ ରୂପାୟିତ କରିବାରେ ସେ ବେଶ୍ ସଫଳ ହୋଇଛନ୍ତି। ରୂଢ଼ିବାଦୀ ସମାଜର ବିଧିବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଉଠିଛି ତାଙ୍କ କାବ୍ୟସ୍ୱର। ମାନବିକତା, ସାମାଜିକ ବାସ୍ତବତା, ରହସ୍ୟମୟ ଜୀବନ, ସାମାଜିକ ଦାୟିତ୍ୱବୋଧ, ମାଟି ଓ ଆକାଶର ନିବିଡ଼ତାର ଚିତ୍ର ଏହି ପୁସ୍ତକର ଅନେକ କବିତାରେ ପ୍ରତିଫଳିତ ହୋଇଛି। 'କେତେ ପାଖରେ ଆକାଶ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଏ ସପ୍ତାହର କବିତା

### ଗୟସ ଫୁଲର ଝିଅ



ଶୁଭଶ୍ରୀ ଶୁଭସ୍ମିତା ମିଶ୍ର


ଗୟସ ଫୁଲ ମନେ ପଡ଼ିଲେ
ମନେ ପଡ଼େ ପିଲାଦିନ!

ହଂସୁଆ ନଦୀର କୋଳରେ କେତେ ପାଣି ବହିବଣି କୁହ?
କେତେ ଗଛ କଟା ହେଇ କାଠ ପାଲଟି ଯିବେଣି
ଧର୍ତ୍ତଗଂଡ଼ରୁ,

ଏ ଭିତରେ ତିନୋଟି କି ଚାରୋଟି ନବକଳେବର ହେଲେଣି
ପୁରୀରେ ଦିଅଁ,
ବୋଉର ମଥାରେ ଚଉଡ଼ା ହେଲାଣି ସୁନ୍ଥାଣୀ,
ଗର୍ଭିଣୀ ଗାଈ ବାଟ ଛାଡୁଥିବା ନନା ମୋର ଏବେ ବୁଢ଼ା ସିଂହ!

ଗୟସ ଫୁଲ ଆଜିକାଲି ଭାରି ମନେପଡ଼େ ,
ବଡ଼ ପଡ଼ିଆ ଭିତରେ ମନେପଡ଼େ ଗୋଟେ ବରଗଛ
ହଂସୁଆ ନଈର ସୁଅରେ ଭସେଇ ଥିବା ସେ କାର୍ତ୍ତିକ ପୂର୍ଣ୍ଣମୀର ନୌକା କ'ଣ
ପହଁଞ୍ଚିବଣି ଜାଭା ସୁମାତ୍ରା?

ଧର୍ତ୍ତଗଂଡ଼ ଯିବାକୁ ଥିବା କାଠପୋଲ ଏବେ ବ୍ରିଜ୍‌ରେ ରୂପାନ୍ତରିତ,
ବୋଉ ଆଖିରେ ମୋଟା ଫ୍ରେମ୍‌ର ଚଷମା
ନନାଙ୍କ ହାତ ଥରୁଛି ଆଉ ଲେଖି ପାରୁନାହାନ୍ତି ଦରଖାସ୍ତ!



ଗୋଟେ ଛୋଟ ଝିଅଟେ ଥିଲା,
ଗୟସ ଫୁଲର ସହରରେ ଘର କରିବ କହି
ମହୁମାଛିର ଶୁଣ୍ଢରେ ଉଡ଼ି ବୁଲୁଥିଲା,

ସ୍ୱପ୍ନରେ ଦେଖିଥିଲା ଗୋଟେ ଧଳାରଙ୍ଗର ସହର
ଯେଉଁଠି ଗଦା ହେଇଥିବ ଅପରାଜିତା!

ଅନେକ ଦିନ ହେବ ଦେଖିନି ଗୟସ ଫୁଲ
ଏତେ ଟିକେ ମଧୁଥାଏ ଫୁଲର ପଛପଟେ
ଚୋଷିଛନ୍ତି କେବେ?

ଭୁବନେଶ୍ୱରରେ ଗୟସ ଫୁଲ ଫୁଟେନା।

ମୋର କିନ୍ତୁ ଆଜିକାଲି ଖୁବ୍ ମନେପଡ଼େ
ଗୋଟେ ଗୟସ ଫୁଲର କ୍ଷେତ,
ଆଉ ଗୋଟେ ଧଳା ଫ୍ରକପିନ୍ଧା ଝିଅ!

ସେ ଝିଅଟି କିଏ କେଜାଣି?
ମୁଁ ତାକୁ ବିଲ୍‌କୁଲ୍ ଚିହ୍ନେନା! ■

ମୋ: ୯୮୬୧୭୮୮୯୯୯

### ପବନର ଚିତ୍ରସ୍ୱନ



ଡକ୍ଟର ଅଭୟ ନାରାୟଣ ନାୟକ

ଫୁଟୁଥାଏ ଉଦରର ଜ୍ୱାଳା
କ୍ରମଶଃ ଅନ୍ନ ହୋଇ
ଜଳ ହୋଇ
କ୍ଷୁଧା ହୋଇ
ରକ୍ତରେ, ଅସ୍ଥିର ଅସ୍ତିତ୍ୱରେ
କ୍ଷୁଧାର ପ୍ରଶମିତ ଉପପାଦ୍ୟ
ମୁଁ କ୍ରମଶଃ ପଢ଼େ
କ୍ଷତର ସ୍ରାବରୁ
ଯନ୍ତ୍ରଣାର କାତର ଚିତ୍କାରରୁ
ବେଦନାର ଅଶ୍ରୁରୁ
ଅସହାୟତାର ଆର୍ତ୍ତିରୁ
ମୁଁ କ୍ରମଶଃ ବଞ୍ଚୁଥାଏ
ଏକ ଭଗ୍ନାଂଶର କ୍ଷୟିଷ୍ଣୁ ଜୀବନ
ଧ୍ୱଜାଧାରୀ ଅସ୍ମିତାମାନେ
ବୁଣନ୍ତି ପରାଗ, ବୀଜ ଓ ଶୁକ୍ରାଣୁ
ବିକଶିତ ହେଉଥିବା ପରାଗରେଣୁର ଅବୟବ
ଖୁବ୍ ପାଖରୁ ଦେଖିହୁଏ
ଅପହଞ୍ଚ ଜୀବନର
ଦାଉଦାଉ ଅଗ୍ନିର ଶିଖା
ମୁଁ ଲୋଡ଼େ ଶେଷାଂଶରେ ନିଷ୍କର୍ଷରେ

ପବନ ହିଁ ଏକାନ୍ତ ନିଃଶ୍ୱାସର
ଧାରେ ପବନ ପ୍ଲାବନ
ମୋର ସମଗ୍ର ରୁଧିରରୁ
ବିପନ୍ନ ହୁଏ ସ୍ୱର୍ଣାତୁର ପବନ
ଫୁଟୁଥାଏ ଅବଶିଷ୍ଟ ପବନହୀନ
ଶରୀର ହିଁ କେବଳ
ଭାଙ୍ଗୁଥାଏ ବାଲିର ଖଣ୍ଡିଆ ଭୂତ ପରି
ସାୟାହ୍ନର ଯୌବନ
କ୍ରମଶଃ କ୍ଷୁଧା ପାଲଟେ କ୍ଷୀଣରୁ କ୍ଷୀଣ
ଅପେକ୍ଷା ଥାଏ ଅମୃତବେଳାର ପଲକ
ପୁଲକିତ, ଉଲ୍ଲସିତ ଓ ଆହ୍ଲାଦିତ କ୍ଷଣ
ଅନୁକ୍ଷଣ... ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ୍ – ୯, ଜନପଥ, ଭୁବନେଶ୍ୱର -୨୨
ମୋ: ୯୪୩୭୮୯୨୫୪୦

# ଉତ୍ତର ସତୁରି ଓଡ଼ିଆ ଗଳ୍ପରେ ଜୀବନମୟତା



ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ଉତ୍ତର ସତୁରି ଓଡ଼ିଆ ଗଳ୍ପ ସାହିତ୍ୟ ମାନବ ଜୀବନର ଦର୍ଶନ, ଜନଜୀବନର ବହୁମୁଖୀ ରୂପ, ମାନବୀୟ ସଂପର୍କର ଭିନ୍ନ ଭିନ୍ନ ପାହାଚକୁ ବର୍ଣ୍ଣନା କଲାବେଳେ ବିଷୟବସ୍ତୁ ନିର୍ବାଚନ ଓ ରଚନାଶୈଳୀର ପରିବର୍ତ୍ତନକୁ ମଧ୍ୟ ଦୃଷ୍ଟି ସମ୍ମୁଖରେ ରଖି ଗତିଶୀଳ ହୋଇଛି । ଯାହାକି ଓଡ଼ିଆ କଥା ସାହିତ୍ୟରେ ସୃଷ୍ଟି କରିଛି ଏକ ଅଭିନବ ଇମେଜ୍। ଜୀବନମୟତାକୁ ଆପଣେଇ ଏ ସମୟର କଥା ସାହିତ୍ୟ ହୋଇଛି ଜୀବନନିଷ୍ଠ କଥା ସାହିତ୍ୟ। ଛଳନା, ପ୍ରତାରଣା, ମିଳନ, ବିଚ୍ଛେଦ, ହତାଶା, ନିଃସଙ୍ଗତାକୁ ନେଇ ଗଢ଼ିଛି ତା'ର କାହାଣୀଗୁଡ଼ିକର କଳେବର।

ସତୁରି ଦଶକରେ କଥାକାର ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପଦ୍ମଜ ପାଳ, ଅର୍ଚ୍ଚନା ନାୟକ, ଆଦିକନ୍ଦ ସାହୁ, କହ୍ନେଇଲାଲ ଦାସ, ପ୍ରସନ୍ନ ପାଟ୍ଟଶାଣୀ, ଅଧ୍ୟାପକ ବିଶ୍ୱରଞ୍ଜନ, ଗିରି ଦଣ୍ଡସେନା, ଆର୍ଯ୍ୟ ଯଜ୍ଞଦତ୍ତ, ଯଶୋଧାରା ମିଶ୍ର, ଜଗଦୀଶ ମହାନ୍ତି, ରଜନୀକାନ୍ତ ମହାନ୍ତି, ମମତା ଦାଶ, ପ୍ରଦୋଷ ମିଶ୍ର, ଅଶୋକ ଚନ୍ଦନ, ରବି ପୁହାଣ ପ୍ରମୁଖ କଥାକାରମାନଙ୍କର ଗଳ୍ପର ଚରିତ୍ର,ଭାଷା, ଭାବ ଓ କଥାବସ୍ତୁରେ ନୂତନତା ପରିଲକ୍ଷିତ ହେଲା। ଏ ସମୟରେ ଗାଳ୍ପିକ କହ୍ନେଇଲାଲ ଦାସଙ୍କ 'କହ୍ନେଇନାମା', ପଦ୍ମଜ ପାଳଙ୍କ 'ଇଗଲର ନଖଦନ୍ତ', 'ସ୍ୱପ୍ନ', ରାମଚନ୍ଦ୍ର ବେହେରାଙ୍କ 'ଅବଶିଷ୍ଟ ଆୟୁଷ', 'ବଞ୍ଚି ରହିବା' ଗଳ୍ପ ପୁସ୍ତକର ଭାବସାନ୍ଦ୍ରତା, ଗିରି ଦଣ୍ଡସେନାଙ୍କ 'କାଳସୂତ୍ର'ର ଜୀବନନିଷ୍ଠତା ଓଡ଼ିଆ କଥା ସାହିତ୍ୟର ଦିଗ ଓ ବାଗକୁ ସମୃଦ୍ଧ କରିଥିଲା। ଏ ଗଳ୍ପଗୁଡ଼ିକର ଚରିତ୍ରମାନଙ୍କର ବଞ୍ଚିବା ପାଇଁ ଅଦମ୍ୟ ପିପାସା ପ୍ରଗାଢ଼ ଆତ୍ମବିଶ୍ୱାସ ଦେଖି ପାଠକଗଣ ଆକୃଷ୍ଟ ହେଲେ ତାଙ୍କ ଗଳ୍ପଗୁଡ଼ିକ ପ୍ରତି। ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କ 'ବହୁବ୍ରୀହି', 'ନିଃସଂଗତାର ସ୍ୱର', ଶୁଭେନ୍ଦୁ ମୁଣ୍ଡଙ୍କ 'ସୀମାବଦ୍ଧ' ମଧ୍ୟ ବେଶ୍ ରୋଚକପୂର୍ଣ୍ଣ ଥିଲା।

ସେହିପରି କଥାକାର ଜଗଦୀଶ ମହାନ୍ତିଙ୍କ 'ଆଲବମ୍‌ର କେତୋଟି ମୁହଁ', 'ଦକ୍ଷିଣ ଦୁଆରୀ ଘର', 'କନିଷ୍ଠ କନିଷ୍ଠ' ଭଳି ଭିନ୍ନ ସ୍ୱାଦର ଗଳ୍ପସମୂହ ଜୀବନକୁ ପ୍ରଚୁର ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଥାଏ। ଏ ସମୟ ଖଣ୍ଡରେ ଗାଳ୍ପିକ ସତ୍ୟ ମିଶ୍ରଙ୍କ 'ବହୁବଚନ' ଭଳି କେତୋଟି ଗଳ୍ପ ରଚନା କରି ଓଡ଼ିଆ ଗଳ୍ପ ଜଗତରେ ଜୀବନମୟତାକୁ ପରିପୁଷ୍ଟ କରିଥିଲେ। ପୁଣି ରଜନୀକାନ୍ତ ମହାନ୍ତିଙ୍କ 'ଝିପିଝିପି ଅନ୍ଧାର', ପ୍ରଦୋଷ ମିଶ୍ରଙ୍କ 'ପିଞ୍ଜରାବଦ୍ଧ', ଗାୟତ୍ରୀ ସରାଫଙ୍କ 'ଆଇନାର ଜହ୍ନ', ଗୋରା ମହାନ୍ତିଙ୍କ 'ଗୋଟିଏ ଭୁଲ୍ ସଂପର୍କରେ', ମନୋଜ ପଣ୍ଡାଙ୍କ 'ବର୍ଣ୍ଣ ବଗିଚା' ଆଦି ଗଳ୍ପରେ ପାଠକ ଭେଟିଲେ ଭିନ୍ନ ଭିନ୍ନ ମାନବୀୟ ସଂପର୍କକୁ। ପାରିବାରିକ ଝଡ଼ଝଞ୍ଜା, ମାନସିକ ପ୍ରତିକ୍ରିୟା ଉପରେ ବର୍ଣ୍ଣନା ମଧ୍ୟ ବେଶ୍ ରୋଚକ ଥିଲା ।

ସେ ସମୟ ଖଣ୍ଡରେ ପୁଣି ଓଡ଼ିଆ ସାହିତ୍ୟ ଭେଟିଲା ଯଶସ୍ୱୀ ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ରେବତୀ', 'ରାଜପୁତ୍ର', 'ପ୍ରୌଢ଼ ଭାବନା', 'ସାହାବଦେବତା' ଆଦି ଗଳ୍ପର ଚରିତ୍ର,ଭାବ ବସ୍ତୁକୁ, ଯାହାକି ଶୋଷଣ ବିରୁଦ୍ଧରେ ପ୍ରତିବାଦର ସ୍ୱରକୁ ଦର୍ଶେଇ ଦେଉଥିଲା। ଗାଳ୍ପିକା ସରୋଜିନୀ ସାହୁଙ୍କ 'ଚୌକାଠ','ସୁଖର ମୁହାଁମୁହିଁ', ଏ ସମୟର ଉଚ୍ଚକୋଟୀର ଜୀବନନିଷ୍ଠ ଗଳ୍ପ, ଯେଉଁ ଗଳ୍ପଗୁଡ଼ିକ ମଣିଷ ଜୀବନର ବିଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ। ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ 'ନିଜ ନିଜ ନିୟମ', 'ଅପ୍ରିୟ ମଣିଷ ଓ ଅନ୍ୟାନ୍ୟ ଚରିତ୍ର' ଗଳ୍ପସମୂହର ସଂସାର ଓ ପ୍ରେମ ବିଷୟକ ଭାବଭାବନା ପାଠକ ମହଲରେ ଚର୍ଚ୍ଚିତ ହୋଇଥିଲା।

ଗାଳ୍ପିକ ଜ୍ୟୋତି ନନ୍ଦଙ୍କ 'ଅନ୍ଧ କାରିଗର', ପ୍ରକାଶ ମହାପାତ୍ରଙ୍କ 'କୀଟ ଓ ଅନ୍ୟାନ୍ୟ ଗଳ୍ପ', କଇଳାଶ ପଟ୍ଟନାୟକଙ୍କ 'ଏକାନ୍ତ ଅନ୍ତରଙ୍ଗ', 'ଦକ୍ଷିଣା ପବନ', ଦେବବ୍ରତ ମଦନରାୟଙ୍କ 'ଦୁଃଖ ଅରଣ୍ୟ', ଅଜୟ ସ୍ୱାଇଁଙ୍କ 'ମାମୁଘର ଗାଁ', ରାଜକିଶୋର ଦାସଙ୍କ 'ଲୁହରେ ପିରାମିଡ୍', ଭୀମ ପୃଷ୍ଟିଙ୍କ 'ଅଧେ ମଣିଷ' ଆଦି ଗଳ୍ପଗୁଡ଼ିକରେ ଅସ୍ତିତ୍ୱବାଦ, ନୈରାଶ୍ୟବୋଧ, ଦେହ ଦେହାତୀତର କଥାକୁ ପାଇ ଆହୁରି ବୌଦ୍ଧିକ ହେଲା ଓଡ଼ିଆ ଗଳ୍ପ।

କେତେକଙ୍କ ଗଳ୍ପରେ ଶୋଷଣ ବିରୁଦ୍ଧରେ ପ୍ରତିବାଦର ସ୍ୱର ଥିଲା ଅନ୍ୟ ଏକ ଚମତ୍କାର ପରିକଳ୍ପନା। ରାଜନୈତିକ, ସାମାଜିକ ସମସ୍ୟା ଉପରେ ଆଲୋଚନା ମଧ୍ୟ ତାଙ୍କ ଗଳ୍ପଗୁଡ଼ିକୁ କରିଥିଲା ଖୁବ୍ ସୁନ୍ଦର ଓ ଉଚ୍ଚକୋଟୀର। ଆଉ କେତେକ କଥାକାରଙ୍କ ଗଳ୍ପ ଅଶ୍ରୁସିକ୍ତ ଜୀବନର କଥା କହୁଥିଲା। ଦାମ୍ପତ୍ୟ ଜୀବନ, ପୁଅ, ଝିଅଙ୍କୁ ନେଇ ରଚିତ ଗଳ୍ପର କରୁଣ ଆବେଦନ ବେଶ୍ ଚର୍ଚ୍ଚିତ ହୋଇଥିଲା।

ଗାଳ୍ପିକ ପ୍ରକାଶ କୁମାର ପରିଡ଼ାଙ୍କ 'ମାତୃଭୂମି', ଉଦୟ ନାରାୟଣ ଦାସଙ୍କ 'ଶୂନ୍ୟଘଟ', ଗୌରହରି ଦାସଙ୍କ 'ଜୁଆରଭଟ୍ଟା', 'ଭାରତବର୍ଷ', ସୁସ୍ମିତା ବାଗ୍‌ଚୀଙ୍କ 'ଛାଇ ସେପାଖ ମଣିଷ', ଜୟନ୍ତୀ ରଥଙ୍କ 'ଶବ୍ଦଖେଳ' ଗଳ୍ପରେ ଅଭିଜାତ ଜୀବନଶୈଳୀର ମାନସିକତା, ଆଧୁନିକ ନାରୀର ଉଚ୍ଛୃଙ୍ଖଳତା, ସାଂପ୍ରତିକ ମଣିଷର ଜୀବନ ଗାଥା ପଢ଼ି ପାଠକ ଜାଣିଲା ସାଂପ୍ରତିକ ସମାଜର ପରିସ୍ଥିତିକୁ। ଜୀବନବାଦୀ କଥାକାର ଗୌରହରି ଦାସଙ୍କ ଗଳ୍ପର ବୈଶିଷ୍ଟ୍ୟ ଥିଲା ଦାରିଦ୍ର୍ୟ, କଷ୍ଟ କଷଣ ଭୋଗୁଥିବା ଓଡ଼ିଆଙ୍କ ଜୀବନକୁ ବଖାଣିବା। କବିତା ବାରିକଙ୍କ 'ଭିନ୍ନ ସହର' , 'ଛକ' ମଧ୍ୟ ଏସମୟର ଶ୍ରେଷ୍ଠ ଗଳ୍ପ।

ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ 'ତଥାସ୍ତୁ', ଅଭୟ ବାରିକଙ୍କ 'ଆଧାର ଶିଳା', ମୃଣାଳ ଚାଟାର୍ଜୀଙ୍କ 'ବୃତ୍ତ ଓ ଅନ୍ୟାନ୍ୟ ଗଳ୍ପ', ମାୟାଧର ସାହୁଙ୍କ 'ମାଟି', ଗଙ୍ଗାଧର ବିଶ୍ୱାଳଙ୍କ 'ସୁମିଅପା ଓ ଅନ୍ୟମାନେ', ବିଜୟ ମଲ୍ଲଙ୍କ 'ଭ୍ରଷ୍ଟ ବୁମେରାଂ', ପବିତ୍ର ପାଣିଗ୍ରାହୀଙ୍କ 'ପ୍ରେମିକର ଦଶାବତାର' ସତ୍ୟପ୍ରିୟ ମହାଳିକଙ୍କ 'ସତ୍ୟ ବଚନ' ମଣିଷ ଜୀବନକୁ ଫେଣେଇ ଫେଣେଇ ବର୍ଣ୍ଣନା କରି ଚାଲିଥିଲା। ଗାଳ୍ପିକା ପାରମିତା ଶତପଥୀ, ଆଭାସ କୁମାର ବରାଳ, ରବି ପଣ୍ଡା, ସୁସ୍ମିତା ରଥ, ଦେବପ୍ରସାଦ ଦାସ,ଚିରଶ୍ରୀ ଇନ୍ଦ୍ରସିଂ, ହିରଣ୍ମୟୀ ମିଶ୍ର, ସନ୍ତୋଷିନୀ ବାବୁ, ସଂଯୁକ୍ତା ମହାନ୍ତି, ସଂଜିତ ପଟ୍ଟନାୟକ, ଅନୀଲ କୁମାର ପାଢ଼ୀ, ମମତାମୟୀ ଚୌଧୁରୀ, ଅରବିନ୍ଦ ରାୟ, ପ୍ରବୀଣା ମହାନ୍ତି, ସ୍ନେହ ମିଶ୍ର, କ୍ଷୀରୋଦ ଦାସ, ଇତି ସାମନ୍ତ, କୃଷ୍ଣ କୁମାର ମହାନ୍ତି, ଲକ୍ଷ୍ମୀ ଚାନ୍ଦ, ମୌସୁମୀ ଦାସ୍, ବିଜନବାଳା ପାଟଯୋଷୀ, ଚିତ୍ତରଞ୍ଜନ ଚିରଞ୍ଜିତ, ଆଶିଷ ଗଡ଼ନାୟକ, ଦେବାଶିଷ ସାମନ୍ତରାୟ ପ୍ରମୁଖଙ୍କ ଗଳ୍ପରେ ଜୀବନର ବହୁ ଭାବ ବିଭାବକୁ ପଢ଼ି ପାଠକ ଜାଣିଲା ସାଂପ୍ରତିକ ପରିସ୍ଥିତିର ମଣିଷକୁ। ବହୁ ପରୀକ୍ଷାନିରୀକ୍ଷା ପୂର୍ବକ ତାଙ୍କ ଗଳ୍ପଗୁଡ଼ିକୁ ଭେଟିଦେଲେ ଏଇ କଥାକାରଗଣ।

ପରେ ପରେ ନୂତନ ପିଢ଼ିର ଶତାଧିକ ଗାଳ୍ପିକଙ୍କ ଲେଖନୀରେ ଆହୁରି ସମୃଦ୍ଧଶାଳୀ ହେବାରେ ଲାଗିଛି ଓଡ଼ିଆ ଗଳ୍ପ ଜଗତ। ଗଳ୍ପରେ ଜୀବନର ବହୁ ଅନୁଭୂତିକୁ ସାଉଁଟି ନେଲେ ପାଠକ ଏଇ ଗାଳ୍ପିକଗାଳ୍ପିକାଙ୍କ ଗଳ୍ପରେ। ବର୍ତ୍ତମାନ ଏମାନେ ଚେଷ୍ଟିତ ଅଛନ୍ତି ଓଡ଼ିଆ କଥା ସାହିତ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ। କଣ୍ଟକିତ ଜୀବନର କଥା ଶୁଣାଉଛି ଏ ସମୟର ଗାଳ୍ପିକଙ୍କ ଗଳ୍ପଗୁଡ଼ିକ। ଉଚ୍ଚକୋଟୀର ଗାଳ୍ପିକଗଣ ନିତ୍ୟ ପ୍ରବୃତ୍ତ ଓଡ଼ିଆ କଥା ସାହିତ୍ୟରେ ପରୀକ୍ଷାନିରୀକ୍ଷା ପୂର୍ବକ ସୁପରିକଳ୍ପିତ ଗଳ୍ପ ରଚନା କରିଚାଲିଛନ୍ତି ।

ଉତ୍ତର ସତୁରି ଓଡ଼ିଆ କଥା ସାହିତ୍ୟ ପୂର୍ବାପେକ୍ଷା ଯଥେଷ୍ଟ ଭାବଗର୍ଭକ ଓ ମାର୍ମିକ ହୋଇପାରିଛି , ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ■

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର

## ପ୍ରଥମ ପର୍ଯ୍ୟାୟ ମତଦାନରେ ଉଦାସିନତା

# କ'ଣ ସୂଚାଉଛି ଭୋଟରଙ୍କ ମାନସିକତା



**୨୦୨୪ ନିର୍ବାଚନ ପାଇଁ ଗଣମାଧ୍ୟମ ଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପ୍ଲାଟଫର୍ମ ପର୍ଯ୍ୟନ୍ତ ଜୋରଦାର ଚର୍ଚ୍ଚା ଚାଲିଛି। ଏହି ନିର୍ବାଚନରେ ଶାସକ ଏବଂ ବିରୋଧୀ ଦଳଙ୍କ ଭବିଷ୍ୟତକୁ ନେଇ ଆକଳନ କରାଯାଉଛି। ହେଲେ ତୃଣମୂଳ ସ୍ତରରେ ରାଜନୈତିକ ଦଳଙ୍କ ଭବିଷ୍ୟତ ନିର୍ଦ୍ଧାରଣ କ୍ଷେତ୍ରରେ ଭୋଟରଙ୍କ ମାନସିକତା ଯାହା ଦେଖାଯାଇଛି , ତାହା ସବୁ ଚର୍ଚ୍ଚା, ଆକଳନକୁ ଏକପ୍ରକାର ଶିଥିଳ କରିଦେଇଛି। ବିଶେଷକରି ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ୨୦୧୯ ନିର୍ବାଚନ ତୁଳନରେ ଯଥେଷ୍ଟ ଭାବେ ହ୍ରାସ ପାଇବା ଘଟଣା ବିଭିନ୍ନ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ୨୦୧୯ରେ ପ୍ରାୟ ୭୧% ରହିଥିବା ମତଦାନ ହାର ୨୦୨୪ରେ ୬୩%କୁ ହ୍ରାସ ପାଇଛି। ଭୋଟରଙ୍କ ମାନସିକତାକୁ ଦେଖି ଉଭୟ ଶାସକ ଏବଂ ବିରୋଧୀ ଦଳଙ୍କ ମନରେ ଛନକା ପଶିଛି।**

### ୨୦୧୯ରେ ମତଦାନ ହାର ଥିଲା ୭୦.୯ ପ୍ରତିଶତ

### ୨୦୨୪ରେ ମତଦାନ ହାର ୬୩ ପ୍ରତିଶତକୁ ହ୍ରାସ



ଭାରତ ଭଳି ବିଶ୍ୱର ସର୍ବବୃହତ ଗଣତନ୍ତ୍ରରେ ଲୋକସଭା ନିର୍ବାଚନକୁ ନେଇ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱର ନଜର ନିବଦ୍ଧ ରହିଛି। ଗଣମାଧ୍ୟମ ଠାରୁ ଆରମ୍ଭ କରି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଉତ୍ସାହ, ଉଦ୍ଦୀପନା ଲାଗି ରହିଥିବା ବେଳେ ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମରେ କେବଳ ନିର୍ବାଚନକୁ ନେଇ ହିଁ ଚର୍ଚ୍ଚା ଚାଲିଛି। ହେଲେ ନିର୍ବାଚନ ପ୍ରାରମ୍ଭରେ ଭୋଟରଙ୍କ ମାନସିକତାକୁ ନେଇ ଯାହା ଦେଖାଯାଇଛି ତାହା ଏହିସବୁ ଉତ୍ସାହକୁ ଅର୍ଥହୀନ ସାବ୍ୟସ୍ତ କରିଛି। କାରଣ ପ୍ରଥମଥର ଲାଗି କୌଣସି ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନରେ ଭୋଟ ସଂଖ୍ୟା ବହୁ ହାରରେ ହ୍ରାସ ପାଇଛି। ଭୋଟରଙ୍କ ସଂଖ୍ୟା ହ୍ରାସ ପାଇବା ଘଟଣା ଏହି ନିର୍ବାଚନକୁ ଏକ ଉତ୍ସାହହୀନ ନିର୍ବାଚନରେ ପରିଣତ କରିଥିଲା ବେଳେ ଏଭଳି ସ୍ଥିତିକୁ ନେଇ ମତଦାତାଙ୍କ ମାନସିକତା କ'ଣ ରହିଛି ତାହାର ବିଶ୍ଳେଷଣ କରାଯିବାର ଆବଶ୍ୟକତା ରହିଛି।

୨୦୨୪ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭାବେ ଶୁକ୍ରବାର ୨୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା। ତାମିଲନାଡୁର ସମସ୍ତ ୩୯ଟି ଆସନ ସମେତ ଉତ୍ତରାଖଣ୍ଡ ୫,ଅରୁଣାଚଳ ପ୍ରଦେଶ ୨,ମେଘାଳୟ ୧ , ନାଗାଲାଣ୍ଡ ୧, ପୁଦୁଚେରୀ ୧, ସିକିମ୍ ୧, ଲାକ୍ଷାଦ୍ୱୀପ ୧,ରାଜସ୍ଥାନ ୧୨,ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ଏବଂ ଆସାମରେ ପ୍ରତ୍ୟେକ ୫,ବିହାର ୪, ପଶ୍ଚିମବଙ୍ଗ ୩ , ମଣିପୁର ୨ ଏବଂ ତ୍ରିପୁରା,ଜମ୍ମୁ –କାଶ୍ମୀର ଓ ଛତିଶଗଡ଼ରେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆସନରେ ମତଦାନ ହୋଇଥିଲା। କିନ୍ତୁ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟଦାନ ହାର ହ୍ରାସ ପାଇବା ବିଭିନ୍ନ ମହଲକୁ ବିସ୍ମିତ କରିଛି। ମତଦାନ ଶେଷ ସୁଦ୍ଧା ଏବଂ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ତ୍ରିପୁରାରେ ଭୋଟଦାନ ହାର ସର୍ବାଧିକ ୮୦ ପ୍ରତିଶତ ରହିଥିଲା ବେଳେ ଏହାପଛକୁ ପଶ୍ଚିମବଙ୍ଗରେ ୭୭ ପ୍ରତିଶତ,ଆସାମ ୭୨ ପ୍ରତିଶତ,ମେଘାଳୟ ୭୪ ପ୍ରତିଶତ, ମଣିପୁର ୬୯ ପ୍ରତିଶତ,ତାମିଲନାଡୁ ୬୩ ପ୍ରତିଶତ, ମହାରାଷ୍ଟ୍ର ୫୫ ପ୍ରତିଶତ,ମଧ୍ୟପ୍ରଦେଶ ୬୪ ପ୍ରତିଶତ,ଉତ୍ତରପ୍ରଦେଶ ୫୮ ପ୍ରତିଶତ,ରାଜସ୍ଥାନ ୫୪ ପ୍ରତିଶତ,ବିହାର ୪୮ ପ୍ରତିଶତ,ଉତ୍ତରାଖଣ୍ଡ ୫୪ ପ୍ରତିଶତ ଏବଂ ଜମ୍ମୁ-କାଶ୍ମୀରରେ ୬୫ ପ୍ରତିଶତ ମତଦାନ ହୋଇଛି। କିନ୍ତୁ ହାରାହାରି ଭାବେ ୨୦୧୯ ତୁଳନାରେ ଚଳିତ ବର୍ଷ ଭୋଟଦାନ ହାର ୭.୭ ପ୍ରତିଶତ ହ୍ରାସ ପାଇଛି। ୨୦୧୯ରେ ଏହି ସବୁ ଆସନ ପାଇଁ ହୋଇଥିବା ନିର୍ବାଚନରେ ଭୋଟଦାନ ହାର ୭୦.୯ ପ୍ରତିଶତ ରହିଥିଲା ବେଳେ ଚଳିତଥର ଏହା ୬୩,୨ ପ୍ରତିଶତକୁ ହ୍ରାସ ପାଇଛି। ଏହିସବୁ ନିର୍ବାଚନ ମଣ୍ଡଳୀର ମୋଟ ଭୋଟଦାତାଙ୍କ ସଂଖ୍ୟା ୧୬ କୋଟି ୧୨ ଲକ୍ଷ ରହିଛି। ହେଲେ ଏହାର ୩୫ ପ୍ରତିଶତ ଭାବେ ପ୍ରାୟ ୬ କୋଟି ୧୨ ଲକ୍ଷ ଭୋଟର ସେମାନଙ୍କ ମତଦାନ କରିନାହାନ୍ତି। ୨୦୧୯ ତୁଳନାରେ ତାମିଲନାଡୁରେ ଚଳିତଥର ମତଦାନ ହାର ୧୦.୩ ପ୍ରତିଶତ ହ୍ରାସ ପାଇଥିଲା ବେଳେ ଉତ୍ତରପ୍ରଦେଶରେ ୮.୭ ପ୍ରତିଶତ,ମହାରାଷ୍ଟ୍ରରେ ୯.୩ ପ୍ରତିଶତ,ଉତ୍ତରାଖଣ୍ଡରେ ୭.୩ ପ୍ରତିଶତ,ରାଜସ୍ଥାନରେ ୧୧.୫ ପ୍ରତିଶତ, ବିହାରରେ ୬ ପ୍ରତିଶତ ଏବଂ ପଶ୍ଚିମବଙ୍ଗରେ ମତଦାନ ହାର ୭.୨ ପ୍ରତିଶତ ହ୍ରାସ ପାଇଛି। ଏହିସବୁ ବଡ଼ ବଡ଼ ରାଜ୍ୟ ବ୍ୟତୀତ ଅନ୍ୟାନ୍ୟ ଛୋଟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ହାର ୧୫ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିବା କୁହାଯାଇଛି। ସିକିମ ଏବଂ ମଣିପୁର ଭଳି ରାଜ୍ୟରେ ମତଦାନ ହାର ଅନ୍ୟୂନ ୧୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ନାଗାଲାଣ୍ଡରେ ୨୬ ପ୍ରତିଶତ, ଲାକ୍ଷାଦ୍ୱୀପରେ ୨୬ ପ୍ରତିଶତ, ଅରୁଣାଚଳ ପ୍ରଦେଶରେ ୧୬,୫ ପ୍ରତିଶତ ଏବଂ ଆସାମରେ ମତଦାନରେ ୬.୮ ପ୍ରତିଶତ ହ୍ରାସ ଘଟିଛି। ୨୦୧୯ ଲୋକସଭା ନିର୍ବାଚନରେ ଏହି ୧୦୨ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି କେବଳ ୫୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ବେଳେ ୪୦ଟି ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ୬୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୫ଟି ଆସନ ପାଇଥିଲା। ଅନ୍ୟ ଦଳମାନଙ୍କ ମଧ୍ୟରେ ଡିଏମକେ ୨୩,ସମାଜବାଦୀ ପାର୍ଟି ୨, ବିଏସପି ୩, ଜେଡିୟୁ ୧, ଏଲଜେପିକୁ ଦୁଇଟି ଆସନ ମିଳିଥିଲା। ପଶ୍ଚିମବଙ୍ଗରେ ଟିଏମସିକୁ ଗୋଟିଏ ଆସନ ମିଳିନଥିଲା ବେଳେ ଆରଜେଡି ମଧ୍ୟ କୌଣସି ଆସନରେ ବିଜୟୀ ହୋଇ ନଥିଲା। ତେବେ ମତଦାନ ହ୍ରାସ ପାଇବା ଘଟଣା ବିଜେପି ପାଇଁ କାଳ ହୋଇପାରେ ବୋଲି କୁହାଯାଉଛି।

ବିଶେଷକରି ଉତ୍ତର ଭାରତର ବିଜେପିର ଗଡ଼ କୁହାଯାଉଥିବା ରାଜ୍ୟ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ,ରାଜସ୍ଥାନ,ମଧ୍ୟପ୍ରଦେଶରେ ମତଦାନ ହାର ହ୍ରାସ ପାଇବା ଘଟଣା ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି। କେବଳ ବିଜେପି ନୁହେଁ, ୨୦୧୯ରେ କଂଗ୍ରେସ ଏହି ସବୁ ନିର୍ବାଚନ କ୍ଷେତ୍ର ମଧ୍ୟରୁ ଯେଉଁସବୁ ଆସନରେ ବିଜୟୀ ହୋଇଥିଲା ସେଗୁଡିକରେ ମଧ ହାରାହାରି ଭାବେ ମତଦାନ ହାର ୮ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି। ଏଭଳିସ୍ଥଳେ ଚଳିତ ବର୍ଷ ନିର୍ବାଚନକୁ ନେଇ ଭୋଟରଙ୍କ ମାନସିକତା କ'ଣ ରହିଛି ତାହା ଏବେ ରାଜନୈତିକ ମହଲ ଠାରୁ ଆରମ୍ଭ କରି ଗଣମାଧ୍ୟମ ଏବଂ ସାଧାରଣ ଲୋକଙ୍କ ଯାଏଁ ବଡ଼ ପ୍ରଶ୍ନ ଛିଡା କରିଛି। ୨୦୧୪ ନିର୍ବାଚନରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବା ପରେ ଦେଶର ରାଜନୀତିରେ ଏକ ପରିବର୍ତ୍ତନ ଆଣିବାକୁ ଲୋକ ବିଜେପି ସମର୍ଥନରେ ଭୋଟ ଦେଇ ବହୁମତରେ ବିଜୟୀ କରିଥିଲେ। ଏହାପରେ ୫ ବର୍ଷ ମଧ୍ୟରେ ମୋଦୀଙ୍କ କାର୍ଯ୍ୟକଳାପ ଏବଂ ନୀତିଗତିକୁ ଦୃଷ୍ଟିରେ ରଖି ତାଙ୍କୁ ଆଉଥରେ ସୁଯୋଗ ଦେବାକୁ ୨୦୧୯ରେ ମଧ ଭୋଟରଙ୍କ ସମର୍ଥନ ବିଜେପି ଖାତାକୁ ଯାଇଥିଲା। ଏହାବ୍ୟତୀତ ଏହି ନିର୍ବାଚନରେ ପୁଲୱାମା ଘଟଣା ଭୋଟରଙ୍କ ମାସନିକ ସ୍ତରକୁ ଅଧିକ ଭାବେ ପ୍ରଭାବିତ କରିଥିଲା। କିନ୍ତୁ ୨୦୨୪ ନିର୍ବାଚନକୁ ନେଇ ଭୋଟରଙ୍କ ମନରେ ସେଭଳି କିଛି ନୂଆ କଥା ନାହିଁ। ତେଣୁ ଏହି ନିର୍ବାଚନକୁ ନେଇ ଭୋଟରଙ୍କ ମନରେ ସେଭଳି କୌଣସି ଆଗ୍ରହର ବିଷୟ ନଥିବାରୁ ମତଦାନ ହାର ହ୍ରାସ ପାଇଥିବା ଆକଳନ କରାଯାଉଛି। ମତଦାନ ପ୍ରତି ଭୋଟରଙ୍କ ଅନାଗ୍ରହ ନିର୍ବାଚନୀ ବିଜୟ ଗଣିତକୁ ଏପଟ ସେପଟ କରିଦେଇପାରେ ବୋଲି କୁହାଯାଉଛି। ତେବେ ଆଗାମୀ ପର୍ଯ୍ୟାୟ ମତଦାନର ରୂପରେଖ ଉଭୟ ଶାସକ ଏବଂ ବିରୋଧୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

## ଗୁଜରାଟରେ ବିଜେପିର ସବୁଠାରୁ କନିଷ୍ଠ ପ୍ରାର୍ଥୀ ହେମାଙ୍ଗ ଯୋଶୀ

ଗୁଜରାଟର ଭଦୋଦରା ଲୋକସଭା ଆସନରେ ବିଜେପି ହେମାଙ୍ଗ ଯୋଶୀଙ୍କୁ ପ୍ରାର୍ଥୀ କରିଛି। ୩୩ବର୍ଷ ବୟସର ହେମାଙ୍ଗ ହେଉଛନ୍ତି ଗୁଜରାଟର ବିଜେପି ପ୍ରାର୍ଥୀମାନଙ୍କ ମଧ୍ୟରେ ସର୍ବକନିଷ୍ଠ। ପୁଣି ଭଦୋଦରା ହେଉଛି ସେହି ଆସନ ଯେଉଁଠାରୁ ୨୦୧୪ ଲୋକସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିତିଥିଲେ। ହେମାଙ୍ଗ କହିଛନ୍ତି ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ସ୍ୱପ୍ନରେ ବି ଭାବି ନ ଥିଲେ। ଭଦୋଦରା ଆସରୁ ବିଜେପିର ପ୍ରାର୍ଥୀ ଭାବେ ତାଙ୍କ ନାମ ବିଚାର କରାଯାଉଛି ବୋଲି କେହି ତାଙ୍କୁ ଫୋନ୍ ବି କରି ନଥିଲେ। ରଞ୍ଜନ ଭଟ୍ଟ ହେଉଛନ୍ତି ଭଦୋଦରାରେ ବିଜେପିର ସିଟିଂ ସାଂସଦ। ତାଙ୍କୁ ଏଥର ବି ଟିକେଟ୍ ମିଳିଥିଲା ଓ ସେ ପ୍ରାର୍ଥୀପତ୍ର ଦାଖଲ ମଧ୍ୟ କରିଥିଲେ। କିନ୍ତୁ ପରେ ସେ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ହେମାଙ୍ଗଙ୍କୁ ସୁଯୋଗ ମିଳିଛି। ହେମାଙ୍ଗ ହେଉଛନ୍ତି ଜଣେ ପୂର୍ବତନ ଛାତ୍ରନେତା। ୧୦ ଲକ୍ଷ ଭୋଟ ପାଇ ଜିତିବାକୁ ସେ ଟାର୍ଗେଟ୍ ରଖିଛନ୍ତି। ତାଙ୍କୁ ସେ ଟାର୍ଗେଟ୍ ଦେଇଛନ୍ତି ବିଜେପି ଗୁଜରାଟ ରାଜ୍ୟ ଶାଖା ସଭାପତି ସିଆର ପାଟିଲ। ଭଦୋଦରା ହେଉଛି ପାରମ୍ପାରିକ ଭାବେ ବିଜେପିର ଗଡ଼। ପୁଣି ଭଦୋଦରା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କର୍ମଭୂମୀ। ମେ' ୭ତାରିଖରେ ଗୁଜରାଟର ସମସ୍ତ ୨୬ ଲୋକସଭା ଆସନରେ ମତଦାନ ହେବ। ଗୁଜରାଟରେ ୧୯୯୫ରୁ ବିଜେପି ସରକାର ଅଛି। ୨୦୧୪ ଓ ୨୦୧୯ ଲୋକସଭା ନିର୍ବାଚନରେ ବିଜେପିର ସଫଳତା ହାର ଥିଲା ୧୦୦%। ଅର୍ଥାତ୍ ସମସ୍ତ ଆସନରେ ବିଜେପି ପ୍ରାର୍ଥୀ ଜିତିଥିଲେ।



## ତାମିଲନାଡୁର ୧୨ ଗ୍ରାମର ବାସିନ୍ଦା ଭୋଟ ବର୍ଜନ କରିଛନ୍ତି

ତାମିଲନାଡୁର ସମସ୍ତ ୩୯ ଲୋକସଭା ଆସନରେ ଗତକାଲି ମତଦାନ ସରିଛି। ଅନ୍ୟୂନ ୧୨ଟି ଗ୍ରାମର ବାସିନ୍ଦାମାନେ ଭୋଟ ବର୍ଜନ କରିଥିବା ଖବର ମିଳିଛି। କାଞ୍ଚିପୁରମ୍ ଜିଲ୍ଲାର ଏକନାପୁରମ ଗ୍ରାମରେ ୧୪୦୦ ଭୋଟର ଥିବା ବେଳେ ସେଠାରେ ମାତ୍ର ୨୧ଜଣ ଭୋଟ ଦେଇଛନ୍ତି ଯେଉଁମାନେ ହେଉଛନ୍ତି ସରକାରୀ କର୍ମଚାରୀ। କୌଣସି ସ୍ଥାୟୀ ବାସିନ୍ଦା ବା ଚାଷୀ ଭୋଟ ଦେଇନାହାନ୍ତି। ପାରାନ୍ଦୁରରେ ଦ୍ୱିତୀୟ ବିମାନବନ୍ଦର ନିର୍ମାଣକୁ ଓ ବିମାନବନ୍ଦର ପାଇଁ ଚାଷଜମି ଅଧିଗ୍ରହଣକୁ ଏକନାପୁରମ ଗ୍ରାମବାସୀମାନେ ବିରୋଧ କରି ଗତ ୬୦୦ରୁ ଅଧିକ ଦିନ ଧରି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି। ଡିଏମକେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରିନଥିବାରୁ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ପୁଡୁକୋଟାଇ ଜିଲ୍ଲାର ଭେଙ୍ଗାଇଭାୟାଲ ଗ୍ରାମର ୬୦ ଦଳିତ ପରିବାର ପୁଲିସ୍ ନିଷ୍କ୍ରିୟତାର ପ୍ରତିବାଦରେ ଭୋଟ ବର୍ଜନ କରିଛନ୍ତି। ସେହି ପରିବାରଗୁଡ଼ିକୁ ପାନୀୟ ଜଳ ଯୋଗାଉଥିବା ଏକ ଓଭରହେଡ୍ ଟ୍ୟାଙ୍କରେ ୨୦୨୨ ଡିସେମ୍ବରରେ ଦୁଷ୍ଟମାନେ ମନୁଷ୍ୟ ମଳ ପକାଇଥିଲେ। ଏପରି ଅପକର୍ମ କରିଥିବା ବ୍ୟକ୍ତିମାନଙ୍କୁ ପୁଲିସ୍ ଏଯାଏଁ ଚିହ୍ନଟ କରିନାହିଁ। ତେଣୁ ୬୦ ଦଳିତ ପରିବାର ଗତକାଲି ନିଜନିଜ ଘର ଉପରେ କଳା ପତାକା ଝୁଲାଇ ଭୋଟ ଦେବାକୁ ଗଲେନାହିଁ। କୁଡାଲୋର ଜିଲ୍ଲାର ଏକ ପଞ୍ଚାୟତର ୪ଟି ଗ୍ରାମର ବାସିନ୍ଦାମାନେ ପାନୀୟ ଜଳ ଯୋଗାଣ ନହେବାରୁ ଓ ପିଚୁ ସଡ଼କ ନଥିବାରୁ ଭୋଟ ବର୍ଜନ କରିଛନ୍ତି। ନାଗପଟ୍ଟିନାମ ଜିଲ୍ଲାର ଗୋଟି ଗ୍ରାମର ଲୋକେ ପାଣି ସମସ୍ୟାର ସମାଧାନ କରାଯାଇ ନ ଥିବାରୁ ଭୋଟ ଦେଇନାହାନ୍ତି। ତିରୁଭନ୍ନାମଲାଇ ଜିଲ୍ଲାର ମୋଥାକ୍କାଲ ଗ୍ରାମର ୬୦୦ ଦଳିତ ପରିବାର ପାଣି, ସଡ଼କ, ବିଜୁଳି ସମସ୍ୟା ଥିବାରୁ ଭୋଟ ବର୍ଜନ କରିଛନ୍ତି। ତିରୁଭାଲୁର ଜିଲ୍ଲାର ଏକ ଗ୍ରାମରେ ଏକ ସରକାରୀ ପ୍ରକଳ୍ପ ପାଇଁ ଦୁଇଟି ମନ୍ଦିର ଭଙ୍ଗାଯାଇଥିବାରୁ ଲୋକେ ଭୋଟ ବର୍ଜନ କରିଛନ୍ତି।



## ଚନ୍ଦ୍ରବାବୁ ନାଇଡୁଙ୍କ ପରିବାରର ସମ୍ପତ୍ତି ମୂଲ୍ୟ ୯୩୨ କୋଟି ଟଙ୍କା



ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ତାଙ୍କ ପତ୍ନୀ ନାରା ଭୁବନେଶ୍ୱରୀଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୯୩୧ କୋଟି ୮୩ ଲକ୍ଷ ଟଙ୍କା। ଗତକାଲି ଚନ୍ଦ୍ରବାବୁ ନାଇଡୁ ଚିତ୍ତୁର ଜିଲ୍ଲାର କୁପମ୍ ଲୋକସଭା ନିର୍ବାଚନମଣ୍ଡଳୀରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ କମିସନଙ୍କୁ ସେ ଦେଇଥିବା ସତ୍ୟପାଠରେ ତାଙ୍କ ସମ୍ପତ୍ତି ବିବରଣୀ ରହିଛି। ସେଥିରେ ଦର୍ଶାଯାଇଛି ଯେ ଚନ୍ଦ୍ରବାବୁଙ୍କ ପାଖରେ ନଗଦ ୧୧ ହଜାର ୫୬୦ ଟଙ୍କା ରହିଛି। ଏହାକୁ ମିଶାଇ ତାଙ୍କ ବ୍ୟାଙ୍କ ଜମାଦି ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୪ଲକ୍ଷ ୮୦ ହଜାର ୪୩୮ ଟଙ୍କା। ତାଙ୍କର ଏକ ପୁରୁଣା ଆମ୍ବାସଡାର କାର୍ ରହିଛି ଯାହାର ମୂଲ୍ୟ ୨ ଲକ୍ଷ ୨୫ ହଜାର ଟଙ୍କା। ଚନ୍ଦ୍ରବାବୁଙ୍କ ଜମି, କୋଠାବାଡ଼ି ଆଦି ସ୍ଥାବର ସମ୍ପତ୍ତିସବୁର ମୋଟ ମୂଲ୍ୟ ହେଉଛି ୩୬କୋଟି ୩୧ଲକ୍ଷ ଟଙ୍କା। ତାଙ୍କ ପତ୍ନୀ ଭୁବନେଶ୍ୱରୀଙ୍କର ସମ୍ପତ୍ତି ମୂଲ୍ୟ ହେଉଛି ୮୧୦ କୋଟି ୩୭ ଲକ୍ଷ ଟଙ୍କା। ଭୁବନେଶ୍ୱରୀଙ୍କର ହେରିଟେଜ୍ ଫୁଡସ୍ ଲିଃ'ର ୨କୋଟି ୨୬ଲକ୍ଷ ୧୧ହଜାର ୫୨୫ଟି ଅଂଶଧନ ପତ୍ର ବା ସେୟାର୍ ରହିଛି। ବର୍ତ୍ତମାନ ଗୋଟିଏ ସେୟାରର ମୂଲ୍ୟ ରହିଛି ୩୩୭ ଟଙ୍କା ୮୫ପଇସା। ଏସବୁ ସେୟାରର ମୋଟ ମୂଲ୍ୟ ଏବେ ୭୬୩ କୋଟି ୯୩ଲକ୍ଷ ଟଙ୍କା । ଏହା ବାଦ୍ ଭୁବନେଶ୍ୱରୀଙ୍କର ୩ କିଲୋ ୪୩୫ ଗ୍ରାମ୍ ସୁନା ଓ ୪୧ କିଲୋ ୪୯୦ ଗ୍ରାମ ରୁପା, ୧ କୋଟି ୯ ଲକ୍ଷ ଟଙ୍କାର ମୋତିମାଣିକ୍ୟ ଓ ଅନ୍ୟ ମୂଲ୍ୟବାନ ପଥର ରହିଛି ରହିଛି। ହାଇଦ୍ରାବାଦରେ ଭୁବନେଶ୍ୱରୀଙ୍କର ୫ ଏକର ଜମି ଅଛି ଯାହାର ମୂଲ୍ୟ ୫୫ କୋଟି ଟଙ୍କା। ତାଙ୍କର ଚେନ୍ନାଇରେ ଏକ ବ୍ୟବସାୟିକ ବିଲ୍ଡିଂ ରହିଛି ଯାହାର ମୂଲ୍ୟ ୩୦ କୋଟି ୧୦ଲକ୍ଷ ଟଙ୍କା। ଚନ୍ଦ୍ରବାବୁ ନାଇଡୁଙ୍କ ନାମରେ ୨୪ଟି ମାମଲା ରହିଛି ଓ ସେଗୁଡ଼ିକ ବିଭିନ୍ନ ଅଦାଲତରେ ବିଚାରାଧୀନ ଅଛି।

## ଗୋଆ ନିର୍ବାଚନ

# ବିଜୟ ପାଇଁ ଟଙ୍କା, ମଦ, ଡ୍ରଗ୍‌ସର ବର୍ଷା




ଦେଶର କ୍ଷୁଦ୍ରତମ ରାଜ୍ୟ ଗୋଆର ଲୋକସଭା ଆସନ ସଂଖ୍ୟା ହେଉଛି ୨। ମେ' ୭ତାରିଖରେ ଉତ୍ତର ଗୋଆ ଓ ଦକ୍ଷିଣ ଗୋଆ- ଏହି ଦୁଇ ଲୋକସଭା ଆସନରେ ମତଦାନ ହେବ। ମାର୍ଚ୍ଚ ପହିଲାରୁ ଏପ୍ରିଲ ୧୩ ଭିତରେ ଏଠାରେ ୧୫କୋଟି ୬୪ଲକ୍ଷ ନଗଦ ଟଙ୍କା, ୧ଲକ୍ଷ ୧ ହଜାର ୪୪୬ ଲିଟର ମଦ, ୩କୋଟି ୨୩ଲକ୍ଷ ଟଙ୍କାର ଡ୍ରଗସ୍ ଓ ୧କୋଟି ୧୮ ଲକ୍ଷ ଟଙ୍କା ମୂଲ୍ୟର ପ୍ରଲୁବ୍ଧକ ସାମଗ୍ରୀ(ଫ୍ରିବିସ୍) ଜବତ ହୋଇଛି। ରାଜ୍ୟର ଆକାର ଓ ଲୋକସଭା ଆସନ ସଂଖ୍ୟା ଦୃଷ୍ଟିରୁ ଏହି ଜବତ ପରିମାଣ ଅନ୍ୟ ରାଜ୍ୟଙ୍କ ତୁଳନାରେ ବହୁତ ଅଧିକ। ମାର୍ଚ୍ଚ ପହିଲାରୁ ଏପ୍ରିଲ ୧୩ ଭିତରେ ଗୁଜରାଟରେ ୬କୋଟି ୫୦ଲକ୍ଷ, ଦିଲ୍ଲୀରେ ୧୧କୋଟି ୨୮ ଲକ୍ଷ, ଉତ୍ତରାଖଣ୍ଡରେ ୬କୋଟି ୧୦ ଲକ୍ଷ, ଓଡ଼ିଶାରେ ୧କୋଟି ୪୭ ଲକ୍ଷ ଟଙ୍କା ନଗଦ ବା କ୍ୟାସ୍ ଆକାରରେ ଜବତ ହୋଇଥିଲା ବେଳେ ନାଗାଲ୍ୟାଣ୍ଡ, ଲାଦାଖ, ଲାକ୍ଷାଦ୍ୱୀପ ଓ ପୁଡୁଚେରୀରେ ଟଙ୍କାଟିଏ ବି ଜବତ ହୋଇନାହିଁ। ଗୁଜରାଟ ଓ ବିହାର ହେଉଛି ଦୁଇଟି ରାଜ୍ୟ ଯେଉଁଠାରେ ମଦର ବିକ୍ରି ଓ ଭଣ୍ଡାରଣ ଉପରେ ବାରଣ ରହିଛି। ତେବେ ନିର୍ବାଚନ କମିଶନଙ୍କ ଏନଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ଏବଂ ସ୍ଥାନୀୟ ପୁଲିସ ଗୁଜରାଟରୁ ୭ଲକ୍ଷ ୬୦ହଜାର ୬୨ ଲିଟର ଓ ବିହାରରୁ ୮ଲକ୍ଷ ୪୫ହଜାର ୭୫୮ ଲିଟର ମଦ ଜବତ କରିଛନ୍ତି। କିଛି ଦିନ ତଳେ ନିର୍ବାଚନ କମିଶନ ଏକ ପ୍ରେସ୍ ରିଲିଜରେ ଜଣାଇଥିଲେ ଯେ ଲୋକସଭା ନିର୍ବାଚନରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପଠାଯାଉଥିବା ଟଙ୍କା, ମଦ, ଡ୍ରଗସ୍ ଆଦି ନିଶାଦ୍ରବ୍ୟ, ଦାମୀ ଉପହାର/ସାମଗ୍ରୀ ଆଦି ଜବତ କରିବାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ନହେଉଣୁ ବିଭିନ୍ନ ଯାଞ୍ଚ ସଂସ୍ଥାମାନେ ୪୬୫୦ କୋଟି ଟଙ୍କା ମୂଲ୍ୟର ନଗଦ ଓ ସାମଗ୍ରୀ ଜବତ କରିଲେଣି। ୨୦୧୯ ଲୋକସଭା ନିର୍ବାଚନ ମୂଳରୁ ଶେଷ ଯାଏ ଜବତ କରାଯାଇଥିଲା ୩୪୭୫ କୋଟି ଟଙ୍କା ମୂଲ୍ୟର ନଗଦ ଓ ସାମଗ୍ରୀ। ମୋଟ ଜବତର ୪୫% ହେଉଛି ଡ୍ରଗସ୍ ଓ ନାର୍କୋଟିକ୍ସ। କେଉଁ ରାଜ୍ୟରୁ କେତେ ଓ କ'ଣ ଜବତ ହୋଇଛି ତାହାର ତାଲିକା ଦେଇଛନ୍ତି ନିର୍ବାଚନ କମିଶନ। ତଦନୁଯାୟୀ ରାଜସ୍ଥାନରୁ ୭୭୮ କୋଟି ଟଙ୍କା, ଗୁଜରାଟରୁ ୬୦୫ କୋଟି ଟଙ୍କା, ମହାରାଷ୍ଟ୍ରରୁ ୪୩୧ କୋଟି ଟଙ୍କା ମୂଲ୍ୟର ନଗଦ ଓ ସାମଗ୍ରୀ ଜବତ ହୋଇଛି। ଅର୍ଥ ବଳ, ବାହୁ ବଳ, ଅସତ୍ୟସୂଚନା ଓ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ-ଏହି ୪ଟିକୁ ନିୟନ୍ତ୍ରଣ କରାଯାଇପାରିଲେ ଅବାଧ ଓ ମୁକ୍ତ ନିର୍ବାଚନ ସମ୍ଭବ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଥିଲେ।

### ଦକ୍ଷିଣ ଗୋଆ ବିଜେପି ପ୍ରାର୍ଥୀଙ୍କ ସମ୍ପତ୍ତି ମୂଲ୍ୟ ୧୪୦୦ କୋଟି ଟଙ୍କା

ଦକ୍ଷିଣ ଗୋଆ ଲୋକସଭା ଆସନରେ ବିଜେପି ପଲ୍ଲବୀ ଡେମ୍ପୋଙ୍କୁ ପ୍ରାର୍ଥୀ କରିଛି। ସେ ନିର୍ବାଚନ କମିଶନଙ୍କୁ ଦେଇଥିବା ୧୧୯ ପୃଷ୍ଠାର ସତ୍ୟପାଠରେ ଦର୍ଶାଇଛନ୍ତି ଯେ ତାଙ୍କର ଓ ତାଙ୍କ ସ୍ୱାମୀ ଶ୍ରୀନିବାସଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୧୪୦୦ କୋଟି ଟଙ୍କା। ଗୋଆରେ ଆଜିଯାଏଁ ଯେତେ ନିର୍ବାଚନ ହୋଇଛି, ସେଥିରେ ପଲ୍ଲବୀ ହେଉଛନ୍ତି ସବୁଠାରୁ ଧନୀ ପ୍ରାର୍ଥୀ। ତାଙ୍କ ନେଟୱର୍ଥ ହେଉଛି ୨୫୫ କୋଟି ୪୪ ଲକ୍ଷ ଟଙ୍କା ଯେଉଁଥିରେ ରହିଛି ୨୧୭ କୋଟି ୧୧ଲକ୍ଷ ଟଙ୍କର ବଣ୍ଡସ୍, ୧୨କୋଟି ୯୨ଲକ୍ଷ ଟଙ୍କାର ସଞ୍ଚୟ, ୨କୋଟି ୫୪ଲକ୍ଷ ଟଙ୍କାର ଗାଡ଼ି, ୫କୋଟି ୬୯ ଲକ୍ଷ ଟଙ୍କାର ସୁନା ଓ ୯ କୋଟି ୭୫ଲକ୍ଷ ଟଙ୍କାର ଅନ୍ୟ ମୂଲ୍ୟବାନ ସାମଗ୍ରୀ।



# ‘କଷ୍ଟମାଇଜ୍ଡ ଏମ୍ବ୍ରୋଡୋରୀ ଆର୍ଟକୁ ଲୋକାଦୃତ କରିବା ମୋର ଲକ୍ଷ୍ୟ’







**ତାଙ୍କର ସ୍ୱପ୍ନ ଥିଲା ଫ୍ୟାସନ ଡିଜାଇନିଂ। କିନ୍ତୁ, ଘରର ଆର୍ଥିକ ପରିସ୍ଥିତି ପାଇଁ ସେ ଏ ଦିଗରେ ଆଗେଇ ପାରି ନ ଥିଲେ । ତଥାପି ସେ ହାରି ନଥିଲେ। ଏ ସଂକ୍ରାନ୍ତୀୟ ଶିକ୍ଷାଗତ ଡିଗ୍ରୀ ନ ମିଳିଲେ ବି ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମରୁ ନୂଆ ନୂଆ ଜିନିଷ ଶିଖିଲେ। ନିଜର ଆଗ୍ରହ ତଥା ଇଚ୍ଛାଶକ୍ତି ତାଙ୍କୁ ଏ ଦିଗରେ କିଛି ନୂଆ କରିବାକୁ ବାଟ ଦେଖାଇଲା। ଫଳରେ ବିଦ୍ୟାଳୟରେ ପଢ଼ିବା ସମୟରେ ଶିଖିଥିବା ସିଲେଇ ଓ ଏମ୍ବ୍ରୋଡୋରୀ କଳାକୁ କାର୍ଯ୍ୟରେ ଲଗାଇଲେ। ରଙ୍ଗିନ୍ ସୂତାରେ ବିଭିନ୍ନ ଏମ୍ବ୍ରୋଡୋରୀ ଆର୍ଟ କରି ବ୍ୟବସାୟ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ଭୁବନେଶ୍ୱର ସ୍ଥିତ ୟୁନିଟ-୯ ଅଞ୍ଚଳର ସ୍ୱର୍ଣ୍ଣମୁଦ୍ରା ଦାସ।**

### ଏମ୍ବ୍ରୋଡୋରୀ କଳା ପ୍ରତି ରୁଚି

ଛୋଟବେଳୁ ଫ୍ୟାସନ ସହ ଜଡ଼ିତ ଜିନିଷ ତିଆରି କରିବାକୁ ଖୁବ୍ ପସନ୍ଦ କରୁଥିଲେ ସେ। ତେଣୁ ସ୍କୁଲରେ ପଢୁଥିବା ସମୟରେ ବିଦ୍ୟାଳୟକୁ ସିଲେଇ ଶିକ୍ଷା ଦେବାକୁ ଆସୁଥିବା ମ୍ୟାଡାମ୍‌ଙ୍କ ପାଖରୁ କିଛି ମାସ ସିଲେଇ ଶିଖିବା ସହ ଏମ୍ବ୍ରୋଡୋରୀ କାମ ଶିଖିଥିଲେ। ଏହା ପରେ ନିଜର କଣ୍ଢେଇ ପାଇଁ ଡିଜାଇନର ଡ୍ରେସ୍ ତିଆରି କରିବା ଆରମ୍ଭ କରିଥିଲେ। ସମୟ ଗଡ଼ିବା ସହ ରୁଚି ବଢ଼ିଲା। ଯୁକ୍ତ ତିନିରେ ପାଠ ପଢ଼ିବା ସମୟରେ ସେ କିଛି ସାଇଡ୍ ବ୍ୟବସାୟ କରିବାକୁ ଇଚ୍ଛା କରିଥିଲେ। ଧୀରେ ଧୀରେ ଡିଜାଇନର ଡ୍ରେସ୍ ସହିତ ଏମ୍ବ୍ରୋଡୋରୀ କରିବା ଆରମ୍ଭ କରିଥିଲେ। ଯଦିଓ ଇଚ୍ଛାଥିଲା ପାଠପଢ଼ା ସହ ଏମ୍ବ୍ରୋଡୋରୀ କଳା ପ୍ରଶିକ୍ଷଣ ନେବା, କିନ୍ତୁ ତାହା ସମ୍ଭବ ହୋଇପାରି ନ ଥିଲା। କିଛି ବର୍ଷ ବ୍ୟବଧାନ ପରେ ସେ କରୋନା ସମୟରେ ଇନ୍‌ଷ୍ଟାଗ୍ରାମ୍ ତଥା ୟୁଟ୍ୟୁବ୍ ଭିଡିଓ ଦେଖି ବିଭିନ୍ନ ଡିଜାଇନର ଏମ୍ବ୍ରୋଡୋରୀ ଆର୍ଟ ଆରମ୍ଭ କରିଥିଲେ।

### ଶୁଖିଲା ପତ୍ର, ହେୟାରବ୍ୟାଣ୍ଡ ଓ ହୁପ୍‌ରେ ଏମ୍ବ୍ରୋଡୋରୀ

ଏମ୍ବ୍ରୋଡୋରୀ କଥା କହିଲେ ଲୋକମାନେ ଶାଢ଼ି, ଡ୍ରେସ୍ ବିଷୟରେ ଭାବନ୍ତି। କିନ୍ତୁ, ଏମ୍ବ୍ରୋଡୋରୀରେ ବିଭିନ୍ନ ପ୍ରକାର କଷ୍ଟମାଇଜ୍ଡ ଆର୍ଟ ତିଆରି ହୋଇପାରିବ ବୋଲି କେହି ଏତେଟା ଜାଣନ୍ତିନି। ତେଣୁ ଟ୍ରେଣ୍ଡ ଅନୁଯାୟୀ ଫେସନ୍‌କୁ ଅନୁକରଣ କରି ବିଭିନ୍ନ ପ୍ରକାର ହେୟାର୍ କ୍ଲିପ୍, ହୁପ୍, ଫଟୋଫ୍ରେମ୍, କୃଞ୍ଚିଜ୍, ଶୁଖିଲା ପତ୍ର ଆଦିରେ ଏମ୍ବ୍ରୋଡୋରୀ ଆର୍ଟ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ରଙ୍ଗବେରଙ୍ଗର ସୂତା ସହ ଅଠା, ରବର, ପତ୍ର ବ୍ୟବହାର କରି ସେ ଏହି ଆର୍ଟ କରନ୍ତି।



### ପାଠପଢ଼ା ସହ ବ୍ୟବସାୟ

ସେ ବିଏଡ୍ - ଦ୍ୱିତୀୟ ବର୍ଷରେ ପାଠ ପଢ଼ିବା ସହ ଏହି ବ୍ୟବସାୟ ଜାରି ରଖିଛନ୍ତି। ଦୈନିକ ୩- ୪ ଘଣ୍ଟା ସେ ଏ ଲାଗି ସମୟ ଦେଇଥାନ୍ତି। ବାକି ସମୟରେ ପଢ଼ାପଢ଼ି କରନ୍ତି। ପ୍ରଥମେ ଛୋଟପିଲାଙ୍କ ଡିଜାଇନର ଡ୍ରେସ୍ ତିଆରି କରି ତାକୁ ଫ୍ଲିପ୍‌କାର୍ଟ, ମିଶୋ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ଅନ୍‌ଲାଇନ୍ ପ୍ଲାର୍ଟଫର୍ମରେ ବିକ୍ରି କରୁଥିଲେ। କିନ୍ତୁ ଆୟ ତୁଳନାରେ ବ୍ୟୟ ଅଧିକ ହେବାରୁ ସେ କେବଳ, ଏମ୍ବ୍ରୋଡୋରୀ ଆର୍ଟ କରିବାର ନିଷ୍ପତ୍ତି ନେଇ ଥିଲେ। ବିଭିନ୍ନ ପ୍ରକାର ଏମ୍ବ୍ରୋଡୋରୀ ଜିନିଷ ତିଆରି କରି ସେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ବିକ୍ରି କରିଥାନ୍ତି ।

### ପାରିବାରିକ ସହଯୋଗ

ଘରେ ସମସ୍ତଙ୍କର ସହଯୋଗ ରହିଛି। ତଥାପି ପରିବାର ଲୋକ ଚାହାନ୍ତି, ସେ ପାଠ ପଢ଼ି ଚାକିରି କରନ୍ତୁ। କିନ୍ତୁ, ବ୍ୟବସାୟରୁ ଆଶା ଅନୁଯାୟୀ ଅର୍ଥ ରୋଜଗାର ହୋଇପାରିଲେ ଚାକିରି ନ କରି ଏ ଦିଗରେ ଆଗେଇବେ ବୋଲି ସ୍ୱର୍ଣ୍ଣ ଆଶା ରଖିଛନ୍ତି।



### ଲୋକଙ୍କ ପସନ୍ଦ ବୋ– କ୍ଲିପ୍

ଧୀରେ ଧୀରେ ଲୋକମାନେ ଏହି ନିଆରା ଜିନିଷକୁ ପସନ୍ଦ କରୁଛନ୍ତି। ଲୋକଙ୍କ ଅର୍ଡର ଅନୁଯାୟୀ ସେ ବିଭିନ୍ନ ପ୍ରକାର ଏମ୍ବ୍ରୋଡୋରୀ ଆର୍ଟ ଯଥା – ଗିଫ୍ଟ ଆଇଟମ୍, ଫଟୋଫ୍ରେମ୍‌ରେ ଏମ୍ବ୍ରୋଡୋରୀ ଓ ପତ୍ରରେ ବାର୍ତ୍ତା ଲେଖିବା, ମା’ ଦୁର୍ଗାଙ୍କ ଚିତ୍ରରେ ମଧ୍ୟ ଏମ୍ବ୍ରୋଡୋରୀ କରିଥାନ୍ତି। କିନ୍ତୁ, ବର୍ତ୍ତମାନର ଟ୍ରେଣ୍ଡ ଅନୁସାରେ ଲୋକମାନେ ବୋ- କ୍ଲିପ୍‌କୁ ବେଶୀ ପସନ୍ଦ କରୁଛନ୍ତି। ବୋ – କ୍ଲିପ୍ ପାଇଁ ଅଧିକ ଅର୍ଡର ଆସେ। ଏହି ବୋ- କ୍ଲିପ୍‌ର ସର୍ବନିମ୍ନ ମୂଲ୍ୟ ୫୦ ଟଙ୍କା ରହିଥିବାବେଳେ, ଆର୍ଟ ଅନୁସାରେ ମୂଲ୍ୟ ରହିଥିବା ସେ କହିଛନ୍ତି।

### ଆଗାମୀ ଲକ୍ଷ୍ୟ

ଭାରତ ବାହାରେ କଷ୍ଟମାଇଜ୍ଡ ଏମ୍ବ୍ରୋଡୋରୀ ଆର୍ଟର ଖୁବ୍ ଲୋକପ୍ରିୟତା ଥିବା ବେଳେ ଏହା କେବଳ ଶାଢ଼ି, ପୋଷାକରେ ଏଠାରେ ସୀମିତ ରହିଛି। ଆଗାମୀ ଦିନରେ ନିଜର ଏକ ସ୍ୱତନ୍ତ୍ର ଦୋକାନ ଖୋଲି ହାତତିଆରି ଏମ୍ବ୍ରୋଡୋରିର ସମସ୍ତ ଜିନିଷ ବିକ୍ରି କରିବା ଲକ୍ଷ୍ୟ ରଖିଛନ୍ତି । ତା’ସହ ଅନ୍ୟ ପିଲାମାନଙ୍କୁ ଏହି କଳା ଶିଖାଇ ରୋଜଗାରକ୍ଷମ କରାଇବାକୁ ତାଙ୍କର ଇଚ୍ଛା ରହିଛି।

# ଘରେ ବନାନ୍ତୁ ହେୟାର୍ ସ୍କ୍ରବ୍




**ଖରାଦିନେ କେଶର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। କେବଳ ସାମ୍ପୁ କେଶ ପାଇଁ ଯଥେଷ୍ଟ ହୋଇ ନ ଥାଏ, ତେଣୁ କେଶ ମୂଳକୁ ଏକ୍ସଫ୍ଲୋଏଟ୍ କରିବା ଆବଶ୍ୟକ। ଟାଣଖରା ଯୋଗୁ କେଶ ମୂଳରୁ ଅଧିକ ଝାଳ ବାହାରି ଥାଏ। ଫଳରେ ଧୂଳି, ମାଟି ଜମି କେଶ ନଷ୍ଟ ହୁଏ। ତେଣୁ ଖରାଦିନେ ପ୍ରାକୃତିକ ଉପାୟରେ ସ୍କ୍ରବ୍ ତିଆରି କରି କେଶର ଯତ୍ନ ନେଇପାରିବେ। ଜାଣିବା ସେ ବିଷୟରେ...**

### ଚିନି ସ୍କ୍ରବ୍

ଏହି ସ୍କ୍ରବ୍ ପ୍ରସ୍ତୁତ କରିବା ପାଇଁ ଚିନିକୁ ଖଦଡ଼ିଆ ରଖି ଗ୍ରାଇଣ୍ଡିଂ କରନ୍ତୁ। ସେଥିରେ ୨ ଚାମଚ ମହୁ ମିଶାନ୍ତୁ । ଏହାକୁ ମୁଣ୍ଡ ଧୋଇବା ପୂର୍ବରୁ ସ୍କାଲପ୍‌ରେ ଲଗାଇ ମସାଜ୍ କରନ୍ତୁ। କିଛି ସମୟ ପରେ ମାଇଲ୍ଡ ଶାମ୍ପୁ ଲଗାଇ କେଶ ଧୋଇ ଦିଅନ୍ତୁ। ଏହାକୁ କେଶରେ ବେଶୀ ସମୟ ଲଗାଇ ରଖନ୍ତୁ ନାହିଁ। ଏହି ସ୍କ୍ରବ୍‌କୁ ସପ୍ତାହରେ ଥରେ ଲଗାନ୍ତୁ।

### କମଳା ଚୋପା, ଆଲୋଭେରା

ପ୍ରଥମେ କମଳା ଚୋପାକୁ ଶୁଖାଇ ପାଉଡର୍ ପ୍ରସ୍ତୁତ କରନ୍ତୁ। ସେଥିରେ ଆଲୋଭେରା ଜେଲ୍ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ସେହି ପେଷ୍ଟକୁ ସ୍କାଲପ୍‌ରେ ଲଗାଇ ମସାଜ କରନ୍ତୁ। କିଛି ସମୟ ପରେ କେଶକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହି ସ୍କ୍ରବ୍‌କୁ ବେଶୀ ସମୟ ଲଗାଇ ରଖିଲେ ସଂକ୍ରମଣ ଆଶଙ୍କା ଥାଏ ।



# ଖରା ପାଇଁ ପାରମ୍ପରିକ ପୋଷାକ



**ଖରାଦିନେ ସମସ୍ତେ ହାଲୁକା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଯାହା ଷ୍ଟାଇଲିସ୍ ସାଙ୍ଗକୁ କୁଲ୍ ଲୁକ୍ ଦେଇଥାଏ। ତେଣୁ ହାଲୁକା ରଙ୍ଗର ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଡିଜାଇନ୍...**

### ଫ୍ଲୋରାଲ୍ କୋ – ଅର୍ଡ ସେଟ

ବର୍ତ୍ତମାନ ଫ୍ଲୋରାଲ କୋ – ଅର୍ଡ ସେଟ୍ ଟ୍ରେଣ୍ଡରେ ରହିଛି। ଯାହା ହୋଲ୍ ନେକ୍ ଡିଜାଇନର ଉପଲବ୍ଧ ହୋଇଥାଏ । ଏହାର ବଜାର ଦର ମଧ୍ୟ ଶସ୍ତା ରହିଛି । ଏହା ୧୦୦୦ରୁ ୧୫୦୦ ଟଙ୍କା ମଧ୍ୟରେ ଆସିଥାଏ ।

### ବ୍ଲାକ୍ ପ୍ରିଣ୍ଟ ଅନାରକଲି

ବେକ ଓ ହାତରେ କାମ ରହିଥିବା ଏହି ଅନାକରଲି ଡିଜାଇନ ଦେଖିବାକୁ ଖୁବ୍ ସୁନ୍ଦର। ଏହି ଅନାରକଲିକୁ ଅକ୍ସିଡାଇଜ୍ ଅଳଙ୍କାର ଓ କଳା ଟିକିଲି ଖୁବ୍ ସୁନ୍ଦର ମାନିଥାଏ ।



### ଷ୍ଟ୍ରାଇପ୍‌ଡ କୁର୍ତ୍ତା, ପ୍ଲାଜୋ ସେଟ୍

ଷ୍ଟ୍ରାଇପ୍‌ଡ ଡିଜାଇନର ଏହି କୁର୍ତ୍ତା ସହ ପ୍ଲୋଜୋ ସେଟ୍ ଖୁବ୍ ସୁନ୍ଦର ଲାଗିଥାଏ। ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଆରାମଦାୟକ ହୋଇଥାଏ। ଏହା ସହ ଅକ୍ସିଡାଇଜ୍ ନେକ୍‌ପିସ୍ ଖୁବ୍ ସୁନ୍ଦର ମାନିଥାଏ ।

### ସ୍ଲିଭ୍‌ଲେସ୍ କୁର୍ତ୍ତା ପ୍ଲାଜୋ ସେଟ୍

ଫ୍ଲୋରାଲ ଡିଜାଇନର ସ୍ଲିଭ୍‌ଲେସ୍ କୁର୍ତ୍ତା ସହ ପ୍ଲାଜୋ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ ।

# ଘର ସଜାଇବା ପାଇଁ

**ସାଧାରଣତଃ ମହିଳାମାନେ ଘର ସଜାଇବାକୁ ବେଶୀ ଭଲପାଆନ୍ତି। ଏବେ ଖରାଦିନ ହେତୁ ଘର ପରିବେଶକୁ ଥଣ୍ଡା ରଖିବା ସହ ସୁନ୍ଦର କରି ସଜାଇବାକୁ ଚାହୁଁଥିଲେ, ଋତୁ ଅନୁସାରେ ସରଳ ଉପାୟ ଆପଣାନ୍ତୁ।**

### ବଡ଼ କାନ୍ଥ ଘଣ୍ଟା ଲଗାନ୍ତୁ

ସାଧାରଣତଃ ଘର କାନ୍ଥରେ ବଡ଼ କାନ୍ଥ ଘଡ଼ି ଲାଗିଥିବା ଦେଖିବାକୁ ମିଳିଥାଏ । ଯାହା ଘରକୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେଣୁ ଘରକୁ ସଜାଇବାକୁ ଚାହୁଁଥିଲେ ଲିଭିଙ୍ଗ୍ ରୁମ୍‌ରେ ବଡ଼ କାନ୍ଥ ଘଣ୍ଟା ଲଗାଇ ସଜାଇପାରିବେ ।

### ରଙ୍ଗିନ୍ କୁଶନ

ଖରାଦିନେ ବିଭିନ୍ନ ପ୍ରକାର ରଙ୍ଗ ମନକୁ ଆନନ୍ଦ ଦେବା ସହ ଓ ଶାନ୍ତି ପ୍ରଦାନ କରିଥାଏ। ତେଣୁ ଲିଭିଙ୍ଗ୍ ରୁମରେ ଥିବା ସୋଫାରେ ବିଭିନ୍ନ ରଙ୍ଗବେରଙ୍ଗର କୁଶନ ବ୍ୟବହାର କରିପାରିବେ। ଏହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଅତିଥିଙ୍କୁ ଆକର୍ଷିତ କରିଥାଏ।

### ଘରେ ଗଛ ଲଗାନ୍ତୁ



ବର୍ତ୍ତମାନ ସମୟରେ ଘର ସାଜସଜ୍ଜାରେ ଗଛର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ତେଣୁ ଖରାଦିନେ ଏପରି ବୃକ୍ଷ ଲଗାନ୍ତୁ ଯାହା ଘରକୁ ଥଣ୍ଡା ସହ ଶାନ୍ତିବଜାୟ ରଖିବାରେ ସହାୟକ ହୋଇପାରିବ। ସେଥିପାଇଁ ଆପଣ ଚାହିଁଲେ ପିସ୍ ଲିଲି, ସ୍ପାଇଡର୍ ପ୍ଲାଣ୍ଟ ଲଗାଇପାରିବେ।

# କୁଲିଙ୍ଗ୍ ଫେସ୍‌ପ୍ୟାକ୍

**ଖରାଦିନେ ତ୍ୱଚାର ଯତ୍ନ ନେବା ଖୁବ୍ କଷ୍ଟକର ହୋଇପଡ଼େ। ଟାଣଖରା ଓ ଗରମ ଯୋଗୁଁ ତ୍ୱଚାରେ ଟ୍ୟାନିଙ୍ଗ୍ ସମସ୍ୟା ଦେଖାଯାଏ। ତେଣୁ ଖରାଦିନେ ତ୍ୱଚାର ଉପଯୁକ୍ତ ଯତ୍ନ ନ ନେଲେ ମୁହଁର ଚମକ ହଜିଯାଏ। ଏପରିସ୍ଥଳେ ମୁହଁରେ ପ୍ରାକୃତିକ ଉପାୟରେ କୁଲିଙ୍ଗ୍ ମାସ୍କ ଲଗାଇ ତ୍ୱଚାରେ ଚମକ ଆଣିପାରିବେ। ଜାଣିବା ସେ ବିଷୟରେ...**

### କାକୁଡ଼ି, ଟମାଟୋ ଓ ମହୁ ଫେସ୍‌ପ୍ୟାକ୍

ସାଧାରଣତଃ କାକୁଡ଼ିରେ ଡିହାଇଡ୍ରେଟିଂ ଉପାଦାନ ଅଧିକ ମାତ୍ରାରେ ରହିଥାଏ। ଏହା କଳା ଦାଗ ଦୂର କରିବାରେ ସହାୟକ ହୋଇଥାଏ। କୁଲିଙ୍ଗ୍ ମାସ୍କ ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ି ନିଅନ୍ତୁ। କାକୁଡ଼ି ଚୋପାକୁ ଛଡ଼ାଇ ଟମାଟୋ ପକାଇ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ । ସେଥିରେ ଦୁଇ ଚାମଚ ମହୁ ଦିଅନ୍ତୁ । ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁରେ ଲଗାନ୍ତୁ । ଏହାକୁ ତ୍ୱଚାରେ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚାର ରୁକ୍ଷପଣ ଦୂର କରିଥାଏ।



### ଗ୍ରୀନ ଟି’ ମହୁ ଫେସ୍‌ପ୍ୟାକ୍

ଗୋଟିଏ ଗ୍ଲାସ୍ ପାଣିରେ ଦୁଇ ଚାମଚ ଗ୍ରୀନ ଟି’ ପକାଇ ଫୁଟାନ୍ତୁ। ପାଣିଫୁଟି ଅଧା ହୋଇଗଲେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପାଣି ଥଣ୍ଡା ହେବା ପରେ ସେଥିରେ ଏକ ଚାମଚ ମହୁ ମିଶାଇ ଗୋଳାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ପୋଦିନା ପତ୍ର ଓ ଦହି

ସାଧାରଣତଃ ପୋଦିନା ପତ୍ରରେ ବହୁ ଔଷଧୀୟ ଗୁଣ ରହିଥାଏ। ଏହା ତ୍ୱଚାକୁ ପୋଷଣ ଦେବା ସହ ହାଇଡ୍ରେଟ୍ ରଖିଥାଏ । ଏହି ପେଷ୍ଟ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ପୋଦିନା ପତ୍ରକୁ ଗ୍ରାଇଣ୍ଡିଂ କରି ରଖନ୍ତୁ । ସେଥିରେ ଦୁଇ ଚାମଚ ଦହି ଦେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ।




### ଆବଶ୍ୟକ ସାମଗ୍ରୀ

ପୋଟଳ - ୨୫୦ ଗ୍ରାମ୍, ଦହି - ଅଧା କପ୍, କଟା ଟମାଟୋ – ଏକ କପ୍, ଲଙ୍କା ଗୁଣ୍ଡ - ଅଧା ଚାମଚ, ହଳଦୀ ଗୁଣ୍ଡ - ଅଧା ଚାମଚ, ଧନିଆଗୁଣ୍ଡ - ଏକ ଚାମଚ, ଗରମମସଲା- ଏକ ଚାମଚ, ଜୀରା ଗୁଣ୍ଡ - ଏକ ଚାମଚ, ଅଦା କଞ୍ଚାଲଙ୍କା ପେଷ୍ଟ - ଏକ ଚାମଚ, ତେଜପତ୍ର - ଗୋଟିଏ, ଶୁଖିଲା ଲଙ୍କା - ଗୋଟିଏ, ଗୋଟା - ଜିରା ଅଧା ଚାମଚ, ହେଙ୍ଗୁ - ଅଧା ଚାମଚ, ଧନିଆପତ୍ର - ଅଳ୍ପ, ତେଲ - ଆବଶ୍ୟକତା ଅନୁସାରେ, ଲୁଣ - ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପୋଟଳରୁ ହାଲୁକା ଚୋପା ଛଡ଼ାଇ ଧୋଇ ଦିଅନ୍ତୁ । ଏହାକୁ ମଝିରୁ ଟିକେ ଟିକେ ଦାଗ ଦେଇ ରଖନ୍ତୁ। ଗୋଟିଏ ପାତ୍ରରେ ଦହି ନେଇ ସେଥିରେ ଲୁଣ, ଧନିଆ ଗୁଣ୍ଡ, କାଶ୍ମୀର ଲଙ୍କା ଗୁଣ୍ଡ, କସୁରୀ ମେଥି ପକାଇ ଭଲ ଭାବେ ଗୋଳାଇ ରଖନ୍ତୁ। ଏହା ପରେ ଚୁଲି ଲଗାଇ କଡ଼େଇ ବସାନ୍ତୁ, ସେଥିରେ ସୋରିଷ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ପୋଟଳ ପକାଇ ସାମାନ୍ୟ ଲୁଣ ଦେଇ ଭାଜନ୍ତୁ। ଭାଜି ହୋଇଗଲା ପରେ ପୋଟଳକୁ କାଢ଼ି ଏକ ପାତ୍ରରେ ରଖନ୍ତୁ। ସେହି କଡ଼େଇରେ ଅଳ୍ପ ତେଲ ଦେଇ ଜୀରା, ତେଜପତ୍ର, ଶୁଖିଲା ଲଙ୍କା ଓ ହେଙ୍ଗୁ ପକାନ୍ତୁ। ଏହାପରେ ଅଦା କଞ୍ଚାଲଙ୍କା ପେଷ୍ଟ ପକାଇ କଷନ୍ତୁ। କଷି ହୋଇଯିବା ପରେ ସେଥିରେ କଟା ଟମୋଟୋ, ଲୁଣ, ହଳଦୀ, ଲଙ୍କାଗୁଣ୍ଡ ଦେଇ କଷନ୍ତୁ। ଏହା ପରେ ଅଳ୍ପ ପାଣି ଦିଅନ୍ତୁ। ସେଥିରେ ପୂର୍ବରୁ ମିଶ୍ରଣ କରି ରଖିଥିବା ଦହିକୁ ପକାନ୍ତୁ । ମସଲାରୁ ତେଲ ଛାଡ଼ିବା ଯାଏଁ ଭଲ ଭାବେ କଷନ୍ତୁ। ଏହାପରେ ସେଥିରେ ପୋଟଳ ପକାଇ ଏପଟସେପଟ କରନ୍ତୁ। ସ୍ୱାଦ ପାଇଁ ସାମାନ୍ୟ ଚିନି ସହ ଅଳ୍ପ ପାଣି ଦେଇ ଫୁଟାନ୍ତୁ। ଏହାପରେ ଗରମ ମସଲା ଓ ଧନିଆ ପତ୍ର ପକାଇ ପରଷି ଦିଅନ୍ତୁ ‘ଦହି ପୋଟଳ।’



# ସମର୍ ଆଇ ମେକ୍‌ଅପ୍



**ମହିଳାମାନେ ମେକ୍‌ଅପ୍ ପ୍ରିୟ ହୋଇଥାନ୍ତି। କିନ୍ତୁ, ଖରାଦିନେ ମେକ୍‌ଅପ୍ ନେବା ଖୁବ୍ କଷ୍ଟକର ବ୍ୟାପାର। କାରଣ ଗରମ ଓ ଝାଳ ଯୋଗୁଁ କାଜଲ ବହି ଯାଇ ଆଖି ମେକ୍‌ଅପ୍‌କୁ ଖରାପ କରିଥାଏ। ତେଣୁ ଖରାଦିନେ ଆଖି ମେକ୍‌ଅପ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଉପାୟ...**

- ଆଖି ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ଆଇ ପ୍ରାଇମର୍ ଲଗାନ୍ତୁ । ଏହା ଆଖି ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ ।
- ଖରାଦିନେ ସର୍ବଦା ହାଲୁକା ରଙ୍ଗର ଆଇସ୍ୟାଡୋ ଲଗାନ୍ତୁ। ଝାଳରେ ମେକ୍‌ଅପ୍ ବୋହିବାର ସମ୍ଭାବନା ଥିବାରୁ ହାଲୁକା ଆଇସ୍ୟାଡୋ ଲଗାଇବା ଭଲ ।
- ବିଶେଷକରି ଖରାଦିନେ ରଙ୍ଗିନ ଆଇ ମେକ୍‌ଅପ୍ ଖୁବ୍ ସୁନ୍ଦର ଲାଗିଥାଏ । ଏଥିପାଇଁ ଆଖିର ୱାଟର ଲାଇନ୍‌ରେ ରଙ୍ଗିନ୍ କଳା ଲଗାଇପାରିବେ।

ଇଣ୍ଡିଆନ୍ ସୁପର୍ ଲିଗ୍-୧୦

# ସେମିରେ ଓଡ଼ିଶା ଏଫ୍‌ସି-ମୋହନ ବାଗାନ ଲଢ଼େଇ

ଭୁବନେଶ୍ୱର, ୨୦।୪ (ସମିସ)



ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ପ୍ଲେ-ଅଫ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଲିଗ୍ ପର୍ଯ୍ୟାୟରେ ଟେବଲ ସାରଣୀର ପ୍ରଥମ ଦୁଇ ସ୍ଥାନରେ ରହି ଏଟିକେ ମୋହନ ବାଗାନ (୪୮ ପଏଣ୍ଟ) ଓ ମୁମ୍ବାଇ ସିଟି (୪୭ ପଏଣ୍ଟ) ସିଧାସଳଖ ସେମିଫାଇନାଲ ଟିକଟ୍ ହାସଲ କରିଥିଲେ। ଏହାପରେ ପ୍ରଥମ ପ୍ଲେ-ଅଫ୍‌ରେ ଅତିରିକ୍ତ ସମୟରେ ୨-୧ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରି ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ତୃତୀୟ ଦଳ ଭାବେ ଶୁକ୍ରବାର ସେମିଫାଇନାଲରେ ପହଞ୍ଚିଥିଲା। ଓଡ଼ିଶା ଏଫ୍‌ସି ଆଇଏସ୍ଏଲ୍ ଇତିହାସରେ ପ୍ରଥମଥର ସେମିଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ସେହିଭଳି ଅନ୍ତିମ ତଥା ୨ୟ ପ୍ଲେ-ଅଫ୍‌ରେ ଏଫ୍‌ସି ଗୋଆ ୨-୧ ଗୋଲରେ ଚେନ୍ନାଇନ ଏଫ୍‌ସିକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି।

ଆସନ୍ତା ୨୩ରୁ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲ ମୁକାବିଲା ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ମୋହନ ବାଗାନ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଏହି ଦୁଇ ଦଳ ମଧ୍ୟରେ ସେମିଫାଇନାଲର ୨ୟ ଲେଗ୍ ୨୮ ତାରିଖରେ କୋଲକାତାରେ ଅନୁଷ୍ଠିତ ହେବ। ଅପରପକ୍ଷରେ ଲିଗ୍ ସିଲ୍ଡ ବିଜେତା ମୁମ୍ବାଇ ସିଟି ଓ ଏଫ୍‌ସି ଗୋଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲର ପ୍ରଥମ ଲେଗ୍ ଏପ୍ରିଲ ୨୪ରେ ଏବଂ ୨ୟ ଲେଗ୍ ଏପ୍ରିଲ ୨୯ରେ ଅନୁଷ୍ଠିତ ହେବ। ଦୁଇ ସେମିଫାଇନାଲରେ ଏଗ୍ରିଗେଟ୍ ସ୍କୋରକୁ ବିଚାରକୁ ନେଇ ଫାଇନାଲ ଦଳ ଚୂଡ଼ାନ୍ତ ହେବ। ମେ ୪ରେ ଆଇଏସ୍ଏଲ୍-୧୦ର ମେଗା ଫାଇନାଲ ଖେଳାଯିବ।



## ଓଡ଼ିଶା ଏଫ୍‌ସିର ସେମିଫାଇନାଲ ଯାତ୍ରା

ଭୁବନେଶ୍ୱରଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସି ଆଇଏସ୍ଏଲ୍ ଇତିହାସରେ ପ୍ରଥମଥର ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ସ୍ପାନିଶ ପ୍ରଶିକ୍ଷକ ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ଏହି ସଫଳତା ପାଇଛି। ୪୭ ବର୍ଷୀୟ ଲୋବେରା ଚଳିତ ସିଜନରେ ପ୍ରଥମଥର ଓଡ଼ିଶା ଏଫ୍‌ସିର ଦାୟିତ୍ୱ ନେଇ କ୍ଲବକୁ ଏହି ଐତିହାସିକ ସଫଳତା ଦେଇଛନ୍ତି। ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ପ୍ଲେ-ଅଫ୍‌ରେ ଓଡ଼ିଶା ଏଫ୍‌ସି ଅତିରିକ୍ତ ସମୟରେ ୨-୧ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରି ସେମିଫାଇନାଲ ଟିକଟ୍ ଅର୍ଜନ କରିଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟରେ ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଆଉ ଏକ ଗୋଲ୍ ଦେଇ ୨-୧ରେ ମ୍ୟାଚକୁ ହାତେଇନେଇଥିଲା।

## ଲିଗ୍‌ରେ ୨୨ରୁ ୧୧ ମ୍ୟାଚ୍ ବିଜୟୀ

ରଏ କ୍ରିଷ୍ଣା, ଡିଏଗୋ ମୌରିସିଓ, ଅହମ୍ମଦ ଜାହୋଉଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଓଡ଼ିଶା ଏଫ୍‌ସି ଚଳିତ ଆଇଏସ୍ଏଲ୍‌ର ଲିଗ୍ ପର୍ଯ୍ୟାୟରେ ଆଖିଦୃଶିଆ ପ୍ରଦର୍ଶନ କରିଥିଲା। ମୋଟ୍ ୨୨ ମ୍ୟାଚରୁ ଓଡ଼ିଶା ଏଫ୍‌ସି ୧୧ ବିଜୟ, ୬ ଡ୍ର ଓ ୫ ପରାଜୟ ସହ ୩୯ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହି ପ୍ଲେ-ଅଫ୍‌ରେ ପହଞ୍ଚିଥିଲା। ଏପରିକି ଓଡ଼ିଶା ଏଫ୍‌ସି ଘରୋଇ କଳିଙ୍ଗ ଷ୍ଟାଡିୟମରେ ଲିଗ୍ ଓ ପ୍ଲେ-ଅଫ୍‌କୁ ମିଶାଇ ଅପରାଜେୟ ଧାରା ବଜାୟ ରଖିଛି।

## ରୟ-୧୨; ମୌରିସିଓ- ୧୧ ଗୋଲ୍

ଓଡ଼ିଶା ଏଫ୍‌ସିକୁ ସେମିଫାଇନାଲରେ ପହଞ୍ଚାଇବାରେ ଫିଜିର ଷ୍ଟ୍ରାଇକର୍ ରୟ କ୍ରିଷ୍ଣା ଓ ବ୍ରାଜିଲର ଡିଏଗୋ ମୌରିସିଓଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ବର୍ତ୍ତମାନ ସୁଦ୍ଧା ଆଇଏସ୍ଏଲ୍-୧୦ରେ ସର୍ବାଧିକ ଗୋଲ୍‌ସ୍କୋରର ତାଲିକାରେ ରୟ ଓ ମୌରିସିଓ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। କ୍ରିଷ୍ଣା ୧୨ଟି ଓ ମୌରିସିଓ ୧୧ଟି ଗୋଲ୍ ଦେଇଛନ୍ତି। କେରଳାର ଦିମିତ୍ରିଅସ୍ ଡାଏମାନଟାକୋସ ୧୩ ଗୋଲ୍ ସହ ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ଓଡ଼ିଶା ଏଫ୍‌ସିର ଅହମ୍ମଦ ଜାହୋଉ ଚଳିତ ଲିଗ୍‌ରେ ସର୍ବାଧିକ ୧୨୯୫ ପାସ୍ ଦେଇଛନ୍ତି।

# ଟି-୨୦ ବିଶ୍ୱକପ୍ ଖେଳିବାକୁ ଶତ ପ୍ରତିଶତ ପ୍ରସ୍ତୁତ: କାର୍ତ୍ତିକ

**ନୂଆଦିଲ୍ଲୀ,୨୦।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦମଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଭାରତୀୟ ଅଭିଜ୍ଞ ୱିକେଟରକ୍ଷକ ବ୍ୟାଟର ଦୀନେଶ କାର୍ତ୍ତିକ ଆଗାମୀ ଟି-୨୦ ବିଶ୍ୱକପ୍ ଖେଳିବା ନେଇ ମୁହଁ ଖୋଲିଛନ୍ତି। ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହି ବୟସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗୌରବର ବିଷୟ। ବିଶ୍ୱକପ୍ ପାଇଁ ଶତ ପ୍ରତିଶତ ପ୍ରସ୍ତୁତ ରହିଛି ଓ ବିଶ୍ୱକପ୍ ଦଳରେ ସାମିଲ ହେବାକୁ ସବୁ ପ୍ରକାର ପ୍ରୟାସ କରିବି ବୋଲି ସେ କହିଛନ୍ତି। ଗତ ୨୦୨୨ ଟି-୨୦ ବିଶ୍ୱକପ୍‌ରେ କାର୍ତ୍ତିକ ଶେଷଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେବେଠାରୁ ସେ ଭାରତ ପାଇଁ କୌଣସି ମ୍ୟାଚ୍ ଖେଳିନାହାନ୍ତି ଓ ସେ ଭାଷ୍ୟକାର ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଆଇପିଏଲରେ ଦମ୍‌ଦାର ପ୍ରଦର୍ଶନ

ଚଳିତ ଆଇପିଏଲରେ ୩୮ ବର୍ଷୀୟ କାର୍ତ୍ତିକ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ସେ ୭ଟି ମ୍ୟାଚ୍ ଖେଳି ୨୦୫.୪୫ ଷ୍ଟ୍ରାଇକ୍‌ରେଟ୍‌ରେ ସେ ୨୨୬ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କୁ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି। ଚଳିତ ସଂସ୍କରଣରେ ସେ ତୃତୀୟ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୬୦ଟି ଟି-୨୦ ମ୍ୟାଚ୍ ଖେଳି ୧୪୨.୬୨ ଷ୍ଟ୍ରାଇକ୍‌ରେଟ୍‌ରେ ୬୮୬ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି।

## ଖେଳିଛନ୍ତି ୩ଟି ଟି-୨୦ ବିଶ୍ୱକପ୍

କାର୍ତ୍ତିକ ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ୩ଟି ଟି-୨୦ ବିଶ୍ୱକପ୍ ଖେଳିଛନ୍ତି। ଭାରତ ପାଇଁ ସେ ୨୦୦୭, ୨୦୨୦ ଓ ୨୦୨୨ ବିଶ୍ୱକପ୍ ଖେଳିଛନ୍ତି। ସେ ମୋଟ୍ ଉପରେ ୧୦ଟି ବିଶ୍ୱକପ୍ ମ୍ୟାଚ୍ ଖେଳି ୯୭.୨୬ ଷ୍ଟ୍ରାଇକ୍‌ରେଟ୍‌ରେ ମାତ୍ର ୭୧ ରନ ସଂଗ୍ରହ କରିଛନ୍ତି।



ଏଆଇଏଫ୍ଏଫ୍ ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର

# ହମାଦ ପ୍ରଥମ ଜାମ୍ମୁ-କାଶ୍ମୀର ଖେଳାଳି

**ଶ୍ରୀନଗର, ୨୦।୪ (ଏଜେନ୍ସି):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଆଇ-ଲିଗ୍‌ର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଜାମ୍ମୁ-କାଶ୍ମୀରର ମହମ୍ମଦ ହମାଦ ଏହି ସମ୍ମାନଜନକ ପୁରସ୍କାର ଜିତିବାରେ ସଫଳ ହୋଇଛନ୍ତି। ଏଥିସହ ଜାମ୍ମୁ-କାଶ୍ମୀରର ପ୍ରଥମ ଖେଳାଳି ଭାବେ ସେ ଏଆଇଏଫ୍ଏଫ୍‌ର ଏହି ପୁରସ୍କାର ହାସଲ କରି ଇତିହାସ ରଚିଛନ୍ତି। ପୁରସ୍କାର ବାବଦକୁ ହମାଦଙ୍କୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ହମାଦ କ୍ରମାଗତ ଭାବେ ଜାତୀୟସ୍ତରରେ ନିଜ ଅତୁଳନୀୟ ଦକ୍ଷତା ପ୍ରଦର୍ଶିତ କରିଆସୁଛନ୍ତି। ସେ ଏହି ପୁରସ୍କାର ଜିତିବା ଫଳରେ ଜାମ୍ମୁ-କାଶ୍ମୀରର ଅଗଣିତ ଯୁବ ଫୁଟ୍‌ବଲରଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି।



# ଭଦ୍ରକରେ ଓସିଏର ଦକ୍ଷତା ବିକାଶ ଶିବିର

ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଯାଜପୁରରୁ ଆରମ୍ଭ ହୋଇଥିବା ଦକ୍ଷତା ବିକାଶ ଶିବିର ଏବେ ଭଦ୍ରକରେ ପହଞ୍ଚିଛି। ଶନିବାର ଭଦ୍ରକ କ୍ରିକେଟ୍ ଏକାଡେମୀରେ ଅନୁଷ୍ଠିତ ଏହି ଶିବିରରେ ୮୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କ୍ରିକେଟର୍ ଅଂଶଗ୍ରହଣ କରିଥିଲେ। ଓସିଏର ଟେକନିକାଲ ଡିରେକ୍ଟର ଭି. ଭେଙ୍କଟରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ଖେଳାଳିଙ୍କ ବାଦ୍ ଭଦ୍ରକ ଜିଲ୍ଲା କ୍ରିକେଟ୍ ସଂଘ (ବିଡିସିଏ) ପକ୍ଷରୁ ମଧ୍ୟ ପ୍ରଶିକ୍ଷକଙ୍କ ଲାଗି ଏକ ପ୍ରଶିକ୍ଷଣ ଶୈକ୍ଷିକ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜିତ ହୋଇଛି। ବିଡିସିଏ ସଭାପତି ଉପେନ୍ଦ୍ର ବାରିକ, ସମ୍ପାଦକ ଧୀରେନ ପଲାଇ, ଓସିଏ ପ୍ରଶିକ୍ଷକ କେଭି ପ୍ରସାଦ, ଭଦ୍ରକ କ୍ରିକେଟ୍ ଏକାଡେମୀର ପ୍ରଶିକ୍ଷକ ଚନ୍ଦନ ନାୟକ ପ୍ରମୁଖ ଏହି ଶିବିରକୁ ପରିଚାଳନାରେ ସହଯୋଗ କରିଛନ୍ତି।



ଏଟିପି ମାନ୍ୟତା

# ଶ୍ରେଷ୍ଠ-୧୦୦ରେ ସ୍ଥାନିତ ୧୦ ଭାରତୀୟ

ଯଶଜିତ୍‌ଙ୍କଠାରୁ ନାଗଲଙ୍କ ପର୍ଯ୍ୟନ୍ତ

ଭାରତୀୟ ଶ୍ରେଷ୍ଠ ଏକକ ଟେନିସ ତାରକା ସୁମିତ ନାଗଲ ନିକଟରେ ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ପ୍ରବେଶ କରି ନିଜ ପ୍ରତିଭା ଓ ଦକ୍ଷତାର ପରିଚୟ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ମଣ୍ଟେକାର୍ଲୋ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ ରାଉଣ୍ଡ ମୁକାବିଲାରେ ଇଟାଲୀର ମାଟେଓ ଅର୍ଣ୍ଣାଲ୍ଡିଙ୍କୁ ୫-୭, ୬-୨, ୬-୪ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଥିଲେ। ତେବେ ସେ ଦ୍ୱିତୀୟ ରାଉଣ୍ଡରେ ଡେନମାର୍କର ହୋଲଗାର ରୁନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ୧୩ଟି ସ୍ଥାନ ଉପରକୁ ଉଠି ଏଟିପି ମାନ୍ୟତାର ୮୦ତମ ସ୍ଥାନ ଅଧିକାର କରିଥିଲେ। ସେ ଭାରତୀୟ ଟେନିସ ଇତିହାସର ୧୦ମ ଖେଳାଳି ଭାବେ ଶ୍ରେଷ୍ଠ-୧୦୦ରେ ସ୍ଥାନିତ ହୋଇଛନ୍ତି। ପ୍ରଥମ ଭାରତୀୟ ଖେଳାଳି ଭାବେ ଯଶଜିତ ସିଂ ୧୯୭୪ରେ ଏଟିପି ଏକକ ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନିତ ହୋଇଥିଲେ। ଯଶଜିତ୍‌ଙ୍କଠାରୁ ନାଗଲଙ୍କ ପର୍ଯ୍ୟନ୍ତ ଏହି ସଫଳତା ହାସଲ କରିଥିବା ୧୦ ଜଣ ଭାରତୀୟ ପୁରୁଷ ଖେଳାଳିଙ୍କୁ ନେଇ ଆମର ଏହି ଉପସ୍ଥାପନା.....



## ଯଶଜିତ ସିଂ (ଉଚ୍ଚତମ ମାନ୍ୟତା ୮୯, ୧୯୭୪)

ଭାରତର ପ୍ରଥମ ଶିଖ ଟେନିସ ଖେଳାଳି ଭାବେ ଯଶଜିତ ସିଂ ଭାରତୀୟ ଡେଭିସ୍ କପ୍ ଦଳରେ ସାମିଲ ହୋଇଥିଲେ। ସେ ୧୯୭୪ ଜୁନ୍‌ରେ ଏକକ ମାନ୍ୟତାରେ ୮୯ତମ ସ୍ଥାନ ଅଧିକାର କରି ଶ୍ରେଷ୍ଠ-୧୦୦ରେ ସ୍ଥାନିତ ହୋଇଥିଲେ। ଅବଶ୍ୟ ସେ କୌଣସି ଟାଇଟଲ ଜିତିବାକୁ ସକ୍ଷମ ହୋଇ ନଥିଲେ।

## ଆନନ୍ଦ ଅମ୍ରିତରାଜ (୭୪, ୧୯୭୪)

ଆନନ୍ଦ ଅମ୍ରିତରାଜ ମଧ୍ୟ ନିଜ ସମୟରେ ଭାରତର ଅନ୍ୟତମ ଶ୍ରେଷ୍ଠ ଟେନିସ ଖେଳାଳି ବିବେଚିତ ହେଉଥିଲେ। ୧୯୭୪ ନଭେମ୍ବରରେ ସେ ଏକକ ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ୭୪ତମ ସ୍ଥାନ ଅଧିକାର କରିଥିଲେ। ୧୯୮୪ ଜାନୁଆରୀରେ ସେ ଯୁଗଳ ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ୮୦ତମ ସ୍ଥାନ ଅଧିକାର କରିଥିଲେ। ସେ ୧୨ଟି ଯୁଗଳ ଓ ୭ଟି ଏକକ ଟାଇଟଲ ହାସଲ କରିଥିଲେ। ସେ ୧୯୭୪ ଓ ୧୯୮୭ରେ ଡେଭିସ୍ କପ୍ ଯୁଗଳ ଫାଇନାଲରେ ପ୍ରବେଶ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ଶଶି ମେନନ୍ (୭୧, ୧୯୭୫)

୧୯୭୦ରୁ ୧୯୮୪ ମଧ୍ୟରେ ଭାରତ ପାଇଁ ପେସାଦାର ଟେନିସ ଖେଳିଥିବା ଶଶି ମେନନ୍ ୧୯୭୫ ଅକ୍ଟୋବର ୨୧ରେ ଏଟିପି ଏକକ ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ୭୧ତମ ସ୍ଥାନ ଅଧିକାର କରିଥିଲେ। ୩ୟ ଭାରତୀୟ ଖେଳାଳି ଭାବେ ସେ ଶ୍ରେଷ୍ଠ-୧୦୦ରେ ସ୍ଥାନିତ ହୋଇଥିଲେ। ସେ ଏକକ ୪ ଓ ଯୁଗଳରେ ୩ଟି ଟାଇଟଲ ହାସଲ କରିଥିଲେ।

## ବିଜୟ ଅମ୍ରିତରାଜ (୧୮, ୧୯୮୦)

୧୯୭୦ରେ ପେସାଦର ଟେନିସରେ ପାଦ ଦେଇଥିବା ଆନନ୍ଦଙ୍କ ସାନ ଭାଇ ବିଜୟ ଅମ୍ରିତ ରାଜ ଜୁଲାଇ ୧୯୮୦ରେ ଏଟିପି ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ୧୮ତମ ସ୍ଥାନ ଅଧିକାର କରିଥିଲେ। ଦୀର୍ଘ ୨୩ ବର୍ଷର କ୍ୟାରିୟରରେ ସେ ମୋଟ୍ ୧୬ଟି ଏକକ ଓ ୧୪ଟି ଯୁଗଳ ଟାଇଟଲ ଜିତିଥିଲେ। ୧୯୮୦ ମାର୍ଚ୍ଚରେ ସେ ଯୁଗଳ ମାନ୍ୟତାର ୨୩ତମ ସ୍ଥାନ ଅଧିକାର କରିଥିଲେ।

## ରମେଶ କ୍ରିଷ୍ଣନ (୨୩, ୧୯୮୫)

ଭାରତର ଅନ୍ୟତମ ଶ୍ରେଷ୍ଠ ଟେନିସ ଖେଳାଳି ବିବେଚିତ ହେଉଥିବା ରମେଶ କ୍ରିଷ୍ଣନ୍ ଦୀର୍ଘ ୧୫ ବର୍ଷର କ୍ୟାରିୟରରେ ଏକକରେ ୮ ଓ ଯୁଗଳରେ ଗୋଟିଏ ଟାଇଟଲ ଜିତିଥିଲେ। ସେ ୧୯୮୫ ଜାନୁଆରୀରେ ଏକକ ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ୨୩ତମ ସ୍ଥାନ ଅଧିକାର କରିଥିଲେ।

## ଲିଆଣ୍ଡର ପେସ୍ (୭୩, ୧୯୯୮)

ଲିଆଣ୍ଡର ପେସ୍ ଏକମାତ୍ର ଭାରତୀୟ ଟେନିସ ଖେଳାଳି ଭାବେ ଅଲିମ୍ପିକ୍ସ ପଦକ ହାସଲ କରିଥିଲେ। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଦୀର୍ଘ ୩ ଦଶନ୍ଧିର କ୍ୟାରିୟରରେ ଗୋଟିଏ ଏକକ ଓ ୫୫ଟି ଯୁଗଳ ଟାଇଟଲ ଜିତିଥିବା ପେସ୍ ୧୯୯୮ ଅଗଷ୍ଟ ୨୪ରେ କ୍ୟାରିୟର ଶ୍ରେଷ୍ଠ ୭୩ତମ ସ୍ଥାନ ଅଧିକାର କରିଥିଲେ।

## ସୋମଦେବ ଦେବବର୍ମନ (୬୨, ୨୦୧୧)

ଭାରତର ଅନ୍ୟତମ ଶ୍ରେଷ୍ଠ ଏକକ ଖେଳାଳି ବିବେଚିତ ହେଉଥିବା ସୋମଦେବ ଦେବବର୍ମନ ୯ ବର୍ଷର କ୍ୟାରିୟରରେ ଏକକ କିମ୍ବା ଯୁଗଳରେ କୌଣସି ଟାଇଟଲ ହାସଲ କରିପାରି ନଥିଲେ। ତେବେ ସେ ୨୦୧୧ରେ ଜୁଲାଇରେ କ୍ୟାରିୟର ଶ୍ରେଷ୍ଠ ୬୨ତମ ସ୍ଥାନ ଅଧିକାର କରି ୭ମ ଭାରତୀୟ ଖେଳାଳି ଭାବେ ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନ ପାଇଥିଲେ।

## ୟୁକି ଭାମ୍ବ୍ରୀ (୮୩, ୨୦୧୮)

୨୦୦୮ରେ ପେସାଦାର ଟେନିସରେ ପାଦ ଦେଇଥିବା ୟୁକି ଭାମ୍ବ୍ରୀ ୨୦୧୫ରେ ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନ ହାସଲ କରିଥିଲେ। କିନ୍ତୁ ସେ ୨୦୧୮ରେ କ୍ୟାରିୟର ଶ୍ରେଷ୍ଠ ୮୩ତମ ସ୍ଥାନ ଅଧିକାର କରିଥିଲେ। ଯୁଗଳରେ ସେ ଗୋଟିଏ ଟାଇଟଲ ଜିତିଥିଲେ ମଧ୍ୟ ଏକକରେ କୌଣସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇପାରି ନଥିଲେ।

## ପ୍ରଜନେଶ ଗୁଣେଶ୍ୱରନ (୭୫, ୨୦୧୯)

ପ୍ରଜନେଶ୍ ଗୁଣେଶ୍ୱରନ ୨୦୧୦ରେ ପେସାଦର ଟେନିସରେ ପାଦ ଦେଇଥିଲେ। କ୍ୟାରିୟରରେ ଏପର୍ଯ୍ୟନ୍ତ ଏକକ କିମ୍ବା ଯୁଗଳ ଟାଇଟଲ ଜିତିପାରି ନଥିବା ଗୁଣେଶ୍ୱରନ କିନ୍ତୁ ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନ ପାଇଥିଲେ। ସେ ୨୦୧୯ ଏପ୍ରିଲ୍‌ରେ କ୍ୟାରିୟର ଶ୍ରେଷ୍ଠ ୭୫ତମ ସ୍ଥାନ ଅଧିକାର କରିଥିଲେ।

## ସୁମିତ ନାଗଲ (୮୦, ୨୦୨୪)

ବର୍ତ୍ତମାନ ସୁମିତ ନାଗଲ ଭାରତ ଶ୍ରେଷ୍ଠ ଏକକ ଟେନିସ ଖେଳାଳି ବିବେଚିତ ହେଉଛନ୍ତି। ଏଟିପି ମାନ୍ୟତାରେ ସେ ବର୍ତ୍ତମାନ କ୍ୟାରିୟର ଶ୍ରେଷ୍ଠ ୮୦ତମ ସ୍ଥାନରେ ରହିଥିଲେ ମଧ୍ୟ ଚଳିତ ବର୍ଷ ୯୮ତମ ସ୍ଥାନକୁ ଉଠି ୧୦ମ ଭାରତୀୟ ଖେଳାଳି ଭାବେ ଶ୍ରେଷ୍ଠ-୧୦୦ରେ ସ୍ଥାନିତ ହୋଇଥିଲେ। ଗତ ୧୫ ତାରିଖରେ ସେ କ୍ୟାରିୟର ଶ୍ରେଷ୍ଠ ୮୦ତମ ସ୍ଥାନ ଅଧିକାର କରିଥିଲେ। ଏପର୍ଯ୍ୟନ୍ତ ସେ କୌଣସି ଏକକ କିମ୍ବା ଯୁଗଳ ଟାଇଟଲ ଜିତିନାହାନ୍ତି।

### ହେଡ୍-ଅଭିଷେକଙ୍କ ବିଧ୍ୱଂସୀ ବ୍ୟାଟିଂ

# ଦିଲ୍ଲୀକୁ ହରାଇଲା ସନ୍‌ରାଇଜର୍ସ

**ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି)**

ଚଳିତ ଆଇପିଏଲ୍ ଶନିବାର ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ୍ ୬୭ ରନରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଲିଗ୍‌ର ଏହି ୩୫ତମ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ୍ ଦୁଇ ଓପନର୍ ଟ୍ରାଭିସ୍ ହେଡ୍ (୩୨ ବଲରେ ୮୯ ରନ) ଓ ଅଭିଷେକ ଶର୍ମା (୧୨ ବଲରେ ୪୬ ରନ)ଙ୍କ ବିଧ୍ୱଂସୀ ପାଳି ସହାୟତାରେ ୭ ୱିକେଟ୍‌ରେ ୨୬୬ ରନ କରିଥିଲା। ଏହି ବିଶାଳ ସ୍କୋରକୁ ପିଛା କରିଥିବା ଦିଲ୍ଲୀ ୧୯.୧ ଓଭରରେ ୧୯୯ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅଷ୍ଟ୍ରେଲୀୟ ଯୁବ ବ୍ୟାଟର୍ ଜ୍ୟାକ୍ ଫ୍ରେଜର-ମ୍ୟାକ୍‌ଗର୍କ ୬୫, ଅଧିନାୟକ ଋଷଭ ପନ୍ତ ୪୪, ଅଭିଷେକ ପୋରେଲ ୪୨ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ୍ ୱାର୍ଣ୍ଣର (୧), ଅକ୍ଷର ପଟେଲ (୬), ପୃଥ୍ୱୀ ଶ (୧୬ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୧୦) ନିରାଶ କରିଥିଲେ। ବୋଲିଂରେ ସନରାଇଜର୍ସ ପକ୍ଷରୁ ଟି ନଟରାଜନ (୪-୧-୧୯-୪) ସୁନ୍ଦର ବୋଲିଂ ଫିଗର ପାଇଥିଲେ।



ଟ୍ରାଭିସ୍ ହେଡ୍
ରନ୍-୮୯
ବଲ୍-୩୨
ଚୌକା-୧୧
ଛକା-୬



ଅଭିଷେକ ଶର୍ମା
ରନ୍-୪୬
ବଲ୍-୧୨
ଚୌକା-୨
ଛକା-୬

### ୫ ଓଭରରେ ଶହେ; ପାୱାର ପ୍ଲେ'ରେ ୧୨୫

ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତିବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଋଷଭ ପନ୍ତ ବୋଲିଂ ନିଷ୍ପତ୍ତି ନେଇଥିଲେ। ପନ୍ତଙ୍କ ଏହି ନିଷ୍ପତ୍ତି ହିଁ ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସର ଦୁଇ ବାମହାତୀ ଓପନର୍ ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ଓଭର ବୋଲିଂ କରିଥିବା ଖଲିଲ ଅହମ୍ମଦଙ୍କଠାରୁ ୧୯ ରନ ସଂଗ୍ରହ କରି ଉଦ୍ଦେଶ୍ୟ ଜାହିର କରିଥିଲେ। ଏହାପରେ ପରବର୍ତ୍ତୀ ୪ ଓଭରରେ ଯଥାକ୍ରମେ ୨୧, ୨୨, ୨୧ ଓ ୨୦ ରନ ସଂଗୃହିତ ହୋଇଥିଲା। ଫଳରେ ହାଇଦ୍ରାବାଦ୍‌ର ଦଳୀୟ ସ୍କୋର ପ୍ରଥମ ୫ ଓଭରରେ ହିଁ ୧୦୩ ରନ କରିସାରିଥିଲା। ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ସନରାଇଜର୍ସ ୫ ଓଭରରେ ୧୦୦ ରନ ଅତିକ୍ରମ କରିବାର ରେକର୍ଡ କରିଥିଲା। ଏହି ସମୟରେ ହେଡ୍ ୨୦ ବଲରେ ୬୨ ଓ ଅଭିଷେକ ୧୦ ବଲରେ ୪୦ ରନ କରିଥିଲେ। ଏହାପରେ ୬ଷ୍ଠ ଓଭରରେ ୨୨ ରନ ସଂଗ୍ରହ ହେବା ଫଳରେ ହାଇଦ୍ରାବାଦ୍ ପାୱାର ପ୍ଲେ'ରେ କୌଣସି ୱିକେଟ୍ ନ ହରାଇ ୧୨୫ ରନ ଉଠାଇ ଏକ ଦୃଢ଼ ମୂଳଦୁଆ ପକାଇଥିଲା। ଆଇପିଏଲ୍ ଇତିହାସରେ ଏହା ମଧ୍ୟ ପାୱାର ପ୍ଲେ'ରେ ସଂଗୃହିତ ହୋଇଥିବା ସର୍ବାଧିକ ରନର ରେକର୍ଡ ହୋଇଛି। ଏହାପରେ ୭ମ ଓଭର ବୋଲିଂ କରିବାକୁ ଆସିଥିବା ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ଦୁଇଟି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରତୀକ୍ଷିତ ବ୍ରେକ-ଥ୍ରୁ ଦେଇଥିଲେ। ସେ ଅଭିଷେକ ଶର୍ମାଙ୍କୁ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ। ଅଭିଷେକ ମାତ୍ର ୧୨ଟି ବଲର ସମ୍ମୁଖୀନ ହୋଇ ୬ ଛକା ଓ ୨ ଚୌକା ସହାୟତାରେ ୪୬ ରନ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ହେଡ୍‌ଙ୍କ ସହ ଓପନିଂ ଯୋଡ଼ିରେ ମାତ୍ର ୩୮ ବଲରେ ୧୩୧ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ଆସିଥିବା ଆଇଡେନ ମାର୍କରାମ (୧ ରନ) ସେହି ଓଭରରେ କୁଳଦୀପଙ୍କ ୨ୟ ଶିକାର ବନିଥିଲେ।

### ୩୨ ବଲରେ ହେଡ୍‌ଙ୍କ ୮୯ ରନ

ସେହିଭଳି ୯ମ ଓଭରରେ କୁଳଦୀପ ଦିଲ୍ଲୀକୁ ହେଡ୍‌ଙ୍କ ୱିକେଟ ସହ ଆଉ ଏକ ବଡ଼ ସଫଳତା ଦେଇଥିଲେ। ହେଡ୍ ୧୧ ଚୌକା ଓ ୬ ଛକା ସହାୟତାରେ ୩୨ ବଲରେ ୮୯ ରନ କରି ସିଜନରେ ୨ୟ ଶତକରୁ ବଞ୍ଚିତ ହୋଇଥିଲେ। ତେବେ ଏହି ବିଧ୍ୱଂସୀ ପାଳିରେ ସେ ଏକାଧିକ ରେକର୍ଡ କରିଛନ୍ତି। ଆଇପିଏଲ୍ ଇତିହାସରେ ପାୱାର ପ୍ଲେ'ରେ ଦ୍ୱିତୀୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର (୮୪ ରନ) ହେଡ୍‌ଙ୍କ ନାମରେ ଲିପିବଦ୍ଧ ହୋଇଛି। ପାୱାର ପ୍ଲେ'ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ସୁରେଶ ରାଇନା (୮୭ ବନାମ ପଞ୍ଜାବ) କରିଛନ୍ତି।

### ଟି-୨୦ରେ ସର୍ବାଧିକଥର ୨୫୦ରୁ ଊର୍ଦ୍ଧ୍ୱ ସ୍କୋର

ହେଡ୍ ଆଉଟ୍ ହେବାପରେ ମଧ୍ୟକ୍ରମରେ ନୀତୀଶ ରେଡ୍ଡୀ ଓ ଶାହବାଜ ଅହମ୍ମଦ ଉପଯୋଗୀ ବ୍ୟାଟିଂ କରିବା ଯୋଗୁ ହାଇଦ୍ରାବାଦ୍ ୨୦ ଓଭରରେ ୭ ୱିକେଟ୍ ହରାଇ ୨୬୬ ରନ କରିଥିଲା। ନୀତୀଶ ୨୭ ବଲରେ ୩୭ ରନ ଓ ଶାହବାଜ ୫ ଛକା ଓ ୨ ଚୌକା ବଳରେ ୨୯ ବଲରୁ ଅପରାଜିତ ୫୯ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେନରିଚ କ୍ଲାସେନ ୧୫, ଅବଦୁଲ୍ ସାମାଦ ୧୩ ଓ ଅଧିନାୟକ ପ୍ୟାଟ୍ କମିନ୍ସ ୧ ରନ କରିଥିଲେ। ଏଥିସହ ସନରାଇଜର୍ସ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଇତିହାସରେ ସର୍ବାଧିକ ୩ୟଥର ଲାଗି ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରି ଇଂଲଣ୍ଡର କାଉଣ୍ଟି ଦଳ ସରେ ସହ ସମକକ୍ଷ ହୋଇଛି।

### ୩ବୋଲର ବ୍ୟୟ କଲେ ୫୦ରୁ ଊର୍ଦ୍ଧ୍ୱ ରନ

ଘରୋଇ ଦିଲ୍ଲୀ ପକ୍ଷରୁ ସଫଳ ବୋଲର ଭାବେ କୁଳଦୀପ ଯାଦବ ୫୫ ରନରେ ୪ଟି ୱିକେଟ୍ ନେଇଥିଲେ। ସେହିଭଳି ମୁକେଶ କୁମାର ୫୭ ରନରେ ଗୋଟିଏ ୱିକେଟ୍ ନେଇଥିଲେ। ଖଲିଲ ୩ ଓଭରରେ ୫୧ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍‌ଶୂନ୍ୟ ରହିଥିଲେ। ଦିଲ୍ଲୀ ବୋଲିଂରେ ୩ଜଣ ବୋଲର ୫୦ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ପୂର୍ବରୁ ଚଳିତ ସିଜନରେ ସମାନ ହାଇଦ୍ରାବାଦ୍ ବିପକ୍ଷ ମୁକାବିଲାରେ ବେଙ୍ଗାଲୁରୁର ୪ଜଣ ବୋଲର ୫୦ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

### ଆଇପିଏଲ୍-୧୭
## ଆଜିର ମ୍ୟାଚ୍

**କୋଲକାତା- ବେଙ୍ଗାଲୁରୁ**
ସ୍ଥାନ- କୋଲକାତା, ସମୟ- ଅପରାହ୍ଣ ୩.୩୦

**ପଞ୍ଜାବ- ଗୁଜରାଟ**
ସ୍ଥାନ- ମୋହାଲି, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +0.୬୭୭ |
| ହାଇଦ୍ରାବାଦ | ୭ | ୫ | ୨ | ୧୦ | +0.୯୧୪ |
| କୋଲକାତା | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ | ୭ | ୪ | ୩ | ୮ | +0.୫୨୯ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +0.୧୨୩ |
| ମୁମ୍ବାଇ | ୭ | ୩ | ୪ | ୬ | -0.୧୩୩ |
| ଦିଲ୍ଲୀ | ୮ | ୩ | ୫ | ୬ | -0.୪୭୭ |
| ଗୁଜରାଟ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ | ୭ | ୨ | ୫ | ୪ | -0.୨୫୧ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

## ଆଇପିଏଲ୍‌ରେ ରେକର୍ଡ

### ପାୱାର ପ୍ଲେ'ରେ ସର୍ବାଧିକ ଦଳଗତ ସ୍କୋର

୧୨୫/୦: ହାଇଦ୍ରାବାଦ୍ ବନାମ ଦିଲ୍ଲୀ, ୨୦୨୪
୧୦୫/୦: କୋଲକାତା ବନାମ ବେଙ୍ଗାଲୁରୁ, ୨୦୧୭
୧୦୦/୨: ଚେନ୍ନାଇ ବନାମ ପଞ୍ଜାବ, ୨୦୧୪
୯୦/୦: ଚେନ୍ନାଇ ବନାମ ମୁମ୍ବାଇ, ୨୦୧୫
୮୮/୧: କୋଲକାତା ବନାମ ଦିଲ୍ଲୀ, ୨୦୨୪

### ପାୱାର ପ୍ଲେ'ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର

୮୭: ସୁରେଶ ରାଇନା ବନାମ ପଞ୍ଜାବ, ୨୦୧୫
୮୪: ଟ୍ରାଭିସ୍ ହେଡ୍ ବନାମ ଦିଲ୍ଲୀ, ୨୦୨୪
୬୨*: ଡେଭିଡ୍ ୱାର୍ଣ୍ଣର ବନାମ କୋଲକାତା, ୨୦୧୯
୫୯*: ଟ୍ରାଭିସ ହେଡ୍ ବନାମ ମୁମ୍ବାଇ, ୨୦୨୪

### ଦ୍ରୁତତମ ଦଳଗତ ୧୦୦ ରନ

ହାଇଦ୍ରାବାଦ୍ ୫ ଓଭରରେ ବନାମ ଦିଲ୍ଲୀ, ୨୦୨୪
ଚେନ୍ନାଇ ୬ ଓଭରରେ ବନାମ ପଞ୍ଜାବ, ୨୦୧୪
କୋଲକାତା ୬ ଓଭରରେ ବନାମ ବାଙ୍ଗାଲୋର, ୨୦୧୭
ଚେନ୍ନାଇ ୬.୫ ଓଭରରେ ବନାମ ମୁମ୍ବାଇ, ୨୦୧୫
ହାଇଦ୍ରାବାଦ୍ ୭ ଓଭରରେ ବନାମ ମୁମ୍ବାଇ, ୨୦୨୪

### ଗୋଟିଏ ପାଳିରେ ସର୍ବାଧିକ ଛକା

ହାଇଦ୍ରାବାଦ୍ ୨୨ଟି: ବନାମ ବେଙ୍ଗାଲୁରୁ, ୨୦୨୪
ହାଇଦ୍ରାବାଦ୍ ୨୨ଟି: ବନାମ ଦିଲ୍ଲୀ, ୨୦୨୪
ବାଙ୍ଗାଲୋର ୨୧ଟି: ବନାମ ପୁଣେ, ୨୦୧୩
ବାଙ୍ଗାଲୋର ୨୦ଟି: ବନାମ ଗୁଜରାଟ, ୨୦୧୬

## ଡେଭିଡ୍, ପୋଲାର୍ଡଙ୍କ ଉପରେ ଜରିମାନା

**ମୁମ୍ବାଇ,୨୦।୪(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର ଟିମ୍ ଡେଭିଡ୍ ଓ ବ୍ୟାଟିଂ କୋଚ୍ କାଇରନ ପୋଲାର୍ଡଙ୍କ ଉପରେ ଆଇପିଏଲ ଆଚରଣ ବିଧି ଉଲ୍ଲଂଘନ ପାଇଁ ଜରିମାନା ଲାଗୁ କରାଯାଇଛି। ଉଭୟଙ୍କର ମ୍ୟାଚ୍ ପାଉଣାର ୨୦ ପ୍ରତିଶତ କଟାଯାଇଛି। ଗତ ୧୮ ତାରିଖରେ ମୁଲାନପୁରରେ ଅନୁଷ୍ଠିତ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମୁକାବିଲାରେ ଦୁହେଁ ଆଇପିଏଲ ଆଚରଣ ବିଧିର ୨.୨୦ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇଛି। ଦୁହେଁ ଦୋଷ ସ୍ୱୀକାର କରିଛନ୍ତି। କିନ୍ତୁ ଦୁହେଁ କେଉଁ ତ୍ରୁଟି କରିଛନ୍ତି ସେ ନେଇ ଆଇପିଏଲ୍ ତରଫରୁ କିଛି କୁହାଯାଇନାହିଁ। ମ୍ୟାଚ୍ ଅବସରରେ କିନ୍ତୁ ଡେଭିଡ୍ ଓ ପୋଲାର୍ଡଙ୍କ ଏକ ଭିଡିଓ ବେଶ୍ ଭାଇରାଲ ହୋଇଛି। ୧୫ତମ ଓଭରରେ ଅର୍ଶଦୀପ ସିଂଙ୍କ ଏକ ବଲ୍ ଷ୍ଟମ୍ପର ଯଥେଷ୍ଟ ବାହାରେ ଥିଲା। ସେତେବେଳେ ସୂର୍ଯ୍ୟକୁମାର ଯାଦବ ୬୭ ରନକରି ବ୍ୟାଟିଂ ଜାରି ରଖିଥିଲେ। ଅମ୍ପାୟାର ଏହାକୁ ୱାଇଡ୍ ଦେଇ ନଥିଲେ। ଫଳରେ ପୋଲାର୍ଡ ଓ ଟିମ୍ ଡେଭିଡ୍ ୱାଇଡ୍ ପାଇଁ ରିଭ୍ୟୁ ନେବାକୁ ସୂର୍ଯ୍ୟଙ୍କୁ ଇଶାରା କରୁଥିବାର ଦେଖାଯାଇଥିଲା। ଏହି କାରଣ ପାଇଁ ଦୁହିଁଙ୍କ ଉପରେ ଜରିମାନ ଲାଗୁ କରାଯାଇଛି ବୋଲି କୁହାଯାଉଛି।

## ଦ୍ୱିତୀୟ ଟି-୨୦ ଜିତିଲା ପାକିସ୍ତାନ

**ରାୱଲପିଣ୍ଡି,୨୦।୪(ଏଜେନ୍ସି):** ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ୪୭ ବଲ ବାକି ଥାଇ ୭ ୱିକେଟରେ ବିଜୟୀ ହୋଇଛି। ଟସ୍ ହାରି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮.୧ ଓଭରରେ ୯୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୧୨.୧ ଓଭରରେ ୩ ୱିକେଟ ହରାଇ ୯୨ ରନକରି ବିଜୟୀ ହୋଇଛି। ଏଥିସହ ପାକିସ୍ତାନ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ରବିବାର ତୃତୀୟ ଟି-୨୦ ମ୍ୟାଚ୍ ଏହି ଗ୍ରାଉଣ୍ଡରେ ଖେଳାଯିବ।


**ଇଣ୍ଡିଆନ ସୁପର ଲିଗ୍**

## ଚେନ୍ନାଇନ୍‌କୁ ହରାଇ ସେମିରେ ଏଫ୍‌ସି ଗୋଆ

**ମାର୍ଗାଓ,୨୦।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ୧୦ମ ସଂସ୍କରଣର ସେମି ଫାଇନାଲ ଲାଇନ୍ ଅପ୍ ସ୍ପଷ୍ଟ ହୋଇଛି। ଶନିବାର ସ୍ଥାନୀୟ ଫଟୋର୍ଡା ଷ୍ଟାଡିୟମରେ ଦ୍ୱିତୀୟ ପ୍ଲେଅଫ୍‌ରେ ଏଫ୍‌ସି ଗୋଆ ୨-୧ ଗୋଲରେ ଭ୍ରମଣକାରୀ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଗୋଆ ତରଫରୁ ନୋହ ସାଦାଉଇ ୩୬ ଓ ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ ୪୫ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମର ଚତୁର୍ଥ ମିନିଟ୍‌ରେ ଲାଜର ସିରକୋଭିକ୍ ଚେନ୍ନାଇନ ତରଫରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ କୌଣସି ଗୋଲ ସ୍କୋର ହୋଇ ନଥିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ଶେଷରେ ଗୋଆ ବାଜି ମାରିଥିଲା। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ପ୍ଲେ-ଅଫ୍‌ରେ ଓଡ଼ିଶା ଏଫ୍‌ସି ଅତିରିକ୍ତ ସମୟରେ ୨-୧ ଗୋଲରେ କେରଳା ବ୍ଲାଷ୍ଟର୍ସ ଏଫ୍‌ସିକୁ ହରାଇ ସେମିକୁ ଉଠିଥିଲେ। ପୂର୍ବରୁ ମୋହନ ବାଗାନ ଓ ମୁମ୍ବାଇ ସିଟି ଏଫ୍‌ସି ଅଙ୍କ ଟେବଲ ସାରଣୀରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ସିଧାସଳଖ ସେମି ଟିକଟ ହାସଲ କରିଥିଲେ। ମୋହନ ବାଗାନ ଶୀର୍ଷରେ ରହିବା ସହ ପ୍ରଥମଥର ପାଇଁ ଲିଗ୍ ଶିଲ୍ଡ ହାସଲ କରିଥିଲା।

### ସେମି ଲାଇନ୍ ଅପ୍ ସ୍ପଷ୍ଟ

ଆଇଏସଏଲ୍‌ର ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଛି। ଓଡ଼ିଶା ଏଫ୍‌ସି ସେମିରେ ମୋହନବାଗାନକୁ ଭେଟିବ। ସେହିପରି ଗୋଆ ଓ ମୁମ୍ବାଇ ସିଟି ସେମିରେ ପରସ୍ପରକୁ ଭେଟିବେ। ସେମିଫାଇନାଲ ଦୁଇ ଲେଗ୍ ଅର୍ଥାତ୍ ପର୍ଯ୍ୟାୟ ବିଶିଷ୍ଟ ହେବ। ଓଡ଼ିଶା ଓ ମୋହନବାଗାନ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲର ପ୍ରଥମ ଲେଗ୍ ଆସନ୍ତା ୨୩ ତାରିଖରେ କଳିଙ୍ଗରେ ଓ ଦ୍ୱିତୀୟ ଲେଗ୍ ଆସନ୍ତା ୨୮ରେ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯିବ। ସେହିପରି ମୁମ୍ବାଇ ଓ ଗୋଆ ମଧ୍ୟରେ ଖେଳାଯିବାକୁ ଥିବା ସେମିର ପ୍ରଥମ ଲେଗ୍ ଗୋଆରେ ୨୪ ଓ ଦ୍ୱିତୀୟ ଲେଗ୍ ମୁମ୍ବଇରେ ୨୯ ତାରିଖରେ ଖେଳାଯିବ। ଫାଇନାଲ ମ୍ୟାଚ୍ ମେ ୪ ରବିବାର ଆୟୋଜନ ହେବ।



● ପୋଲ୍ ଭଲ୍ଟରେ ନୂଆ ବିଶ୍ୱ କୀର୍ତ୍ତିମାନ

## ନିଜ ରେକର୍ଡ ଭାଙ୍ଗିଲେ ଆର୍ମଣ୍ଡ

**ନୂଆଦିଲ୍ଲୀ, ୨୦।୪ (ଏଜେନ୍ସି):** ସ୍ୱିଡେନର ଆର୍ମଣ୍ଡ ଡୁପ୍ଲେଣ୍ଟିସ ନିଜ ନାମରେ ରହିଥିବା ପୋଲ୍ ଭଲ୍ଟ ବିଶ୍ୱରେକର୍ଡକୁ ଭଙ୍ଗ କରିଛନ୍ତି। ଚାଇନାର ଜିଆମେନଠାରେ ଅନୁଷ୍ଠିତ ଡାଏମଣ୍ଡ ଲିଗ୍‌ରେ ଶନିବାର ଆର୍ମଣ୍ଡ ୬.୨୪ ମିଟର ଉଚ୍ଚକୁ ଲମ୍ଫ ପ୍ରଦାନ କରି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଡିଫେଣ୍ଡିଂ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ ୨୪ ବର୍ଷୀୟ ଆର୍ମଣ୍ଡ ଏଥିସହ ୮ମଥର ଲାଗି ପୁରୁଷ ପୋଲ୍ ଭଲ୍ଟ ବିଶ୍ୱ ରେକର୍ଡକୁ ଭଙ୍ଗ କରିଛନ୍ତି। ଆମେରିକା ଜନ୍ମିତ ଏହି ଆଥ୍‌ଲେଟ୍ ୨୦୨୩ ସେପ୍ଟେମ୍ବରରେ ଅନୁଷ୍ଠିତ ଡାଏମଣ୍ଡ ଲିଗ୍ ଫାଇନାଲରେ ୬.୨୩ ମିଟର ଉଚ୍ଚକୁ ଲମ୍ଫ ପ୍ରଦାନ କରି ବିଶ୍ୱ ରେକର୍ଡ କରିଥିଲେ। ଯାହାକୁ ଏବେ ସେ ନିଜେ ୭ ମାସ ପରେ ଭଙ୍ଗ କରିଛନ୍ତି। ଶନିବାର ଚାଇନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ପୋଲ୍ ଭଲ୍ଟରେ ଆର୍ମଣ୍ଡ ଏକମାତ୍ର ପ୍ରତିଯୋଗୀ ଭାବେ ୬ ମିଟରରୁ ଊର୍ଦ୍ଧ୍ୱକୁ ଲମ୍ଫ ପ୍ରଦାନ କରିଥିଲେ। ଆମେରିକାର ସାମ୍ ହେଣ୍ଡ୍ରିକ୍ସ (୫.୮୨ ମିଟର) ଓ ଚାଇନାର ବୋକାଇ ହୁଆଙ୍ଗ (୫.୭୨ମି) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଏହି ସଫଳତା ବଳରେ ଆର୍ମଣ୍ଡ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ନିଜ ଟାଇଟଲ୍‌କୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି।

### ଭାରତ- ବାଂଲାଦେଶ ମହିଳା ଟି-୨୦ ସିରିଜ

## ମ୍ୟାଚ୍ ପରିଚାଳନା କରିବେନି ତନବୀର




**ଢାକା,୨୦।୪(ଏଜେନ୍ସି):** ଭାରତ ବିପକ୍ଷ ଘରୋଇ ମହିଳା ଟି-୨୦ ସିରିଜରେ ପାକିସ୍ତାନ ଅମ୍ପାୟର ତନବୀର ଅହମ୍ମଦ ମ୍ୟାଚ୍ ପରିଚାଳନା କରିବେ ନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ସୂଚନା ଦିଆଯାଇଛି। ଏହି ସିରିଜରେ ୫ଟି ମ୍ୟାଚ୍ ଖେଳାଯିବ। ୨୦୨୩ରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜରେ ହୋଇଥିବା ବିବାଦରେ ତନବୀରଙ୍କ ଭୂମିକା ଅଧିକ ରହିଥିଲା। ଅନ୍ତିମ ଦିନିକିଆରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌରଙ୍କୁ ତନବୀର ବିବାଦୀୟ ଢଙ୍ଗରେ ଏଲ୍‌ବିଡବ୍ଲ୍ୟୁ ଆଉଟ ଘୋଷଣା କରିଥିଲେ। ଫଳରେ ହରମନପ୍ରୀତ ଅମ୍ପାୟର ତନବୀରଙ୍କ ସହ ଯୁକ୍ତି କରିଥିଲେ ଓ ଅସନ୍ତୋଷ ଜାହିର କରି ଷ୍ଟମ୍ପକୁ ବ୍ୟାଟ୍‌ରେ ବାଡେଇଥିଲେ। ଏଥିପାଇଁ ହରମନପ୍ରୀତଙ୍କୁ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଯଦି ତନବୀର ପୁଣି ମ୍ୟାଚ୍ ପରିଚାଳନା କରନ୍ତି ତେବେ ଭାରତୀୟ ମହିଳା କ୍ରିକେଟରମାନେ ତାଙ୍କୁ ପୁଣିଥରେ ଆକ୍ରୋଶମୂଳକ ବ୍ୟବହାର କରିପାରିନ୍ତି। ତେଣୁ ଏହି ସିରିଜରେ ସବୁ ପ୍ରକାର ସମ୍ଭାବ୍ୟ ବିବାଦକୁ ଏଡାଇବା ପାଇଁ ବିସିବି ଏହି ତନବୀରଙ୍କୁ ସିରିଜରେ ମ୍ୟାଚ୍ ପରିଚାଳନା କରିବାକୁ ଦେବ ନାହିଁ ବୋଲି ସ୍ପଷ୍ଟ କରିଛି।

## ଭିନେସ, ଅଂଶୁ, ରିତିକାଙ୍କୁ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ,୨୦।୪(ଏଜେନ୍ସି)**

ଭାରତୀୟ ମହିଳା କୁସ୍ତି ଯୋଦ୍ଧା ଭିନେସ ଫୋଗଟଙ୍କ ସମେତ ୩ ଜଣ ଭାରତୀୟ ମହିଳା କୁସ୍ତିଯୋଦ୍ଧା ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। କିରଗିଜସ୍ଥାନ ରାଜଧାନୀ ବିଶ୍‌କେକ୍‌ଠାରେ ଚାଲିଥିବା ଏସିଆନ ଅଲିମ୍ପିକ୍ସ କ୍ୱାଲିଫାୟରରେ ସେ ୫୦ କେଜି ବର୍ଗ ପ୍ରତିଯୋଗିତାରେ ଏହି ସଫଳତା ପାଇଛନ୍ତି। ଭିନେଶଙ୍କୁ ବାଦ୍ ଦେଲେ ଅଂଶୁ ମଲିକ ୫୭ କେଜି ଓ ରିତିକା ୭୬ କେଜି ବର୍ଗ ଫାଇନାଲରେ ପ୍ରବେଶ କରି ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ପୂର୍ବରୁ ଅନ୍ତିମ ପଙ୍ଘାଲ ୨୦୨୩ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିବା ସହ ୫୩ କେଜିରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏଥିସହ ମୋଟ ଉପରେ ୪ ଜଣ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଅଲିମ୍ପିକ୍ସ କୋଟା ହାସଲ କରିବାରେ ସଫଳ ହୋଇଛନ୍ତି।



୨୯ ବର୍ଷୀୟ ଭିନେସ ପୂର୍ବରୁ ୨୦୧୬ ରିଓ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେମି ଫାଇନାଲ ମୁକାବିଲାରେ ସେ କାଜାଖସ୍ତାନର ୧୯ ବର୍ଷୀୟ ମହିଳା କୁସ୍ତିଯୋଦ୍ଧା ଲଉରା ଗାନିକିଜିଙ୍କୁ ନିଜ ଅଭିଜ୍ଞତା ବଳରେ ୪: ୧୮ ମିନିଟ୍‌ରେ ଟେକ୍‌ନିକାଲ ସୁପରିୟରିଟିରେ ୧୦-୦ରେ ପରାସ୍ତ କରି ଫାଇନାଲକୁ ଉଠିବା ସହ ଏହି ସଫଳତା ପାଇଛନ୍ତି। ଫାଇନାଲରେ ସେ ଉଜବେକିସ୍ତାନର ଆକଟେଙ୍ଗ୍ କେଉନିମିଜାଏଭାଙ୍କୁ ଭେଟିବେ। ସେହିପରି ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜୟିନୀ ଅଂଶୁ ଉଜବେକିସ୍ତାନର ଲେଲୋଖୋନ ସୋବିରୋଭାଙ୍କୁ ଟେକନିକାଲ ସୁପରିୟରିଟିରେ ୧୧-୦ରେ ମାତ୍ର ୨.୪୮ ମିନିଟ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଚୀନ୍‌ର କେଜିଙ୍ଗ ହଙ୍ଗଙ୍କୁ ଭେଟିବେ। ଅନ୍ୟପଟେ ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିଅନ ରିତିକା ୭-୦ରେ ଚାଇନିଜ ତାଇପେର ହୁଇ ଟି ଚାଙ୍ଗଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ମାନସୀ ଅହଲାୱତ ୬୨ କେଜି ସେମିରେ ଉତ୍ତର କୋରିଆର ହିଅନ ଜି ମୁନ୍‌ଙ୍କଠାରୁ ୦-୬ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA